# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ସେପ୍ଟେମ୍ବର ୨୯/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Berhampur, Sunday, September 29/2019 | ★★★

୧୫ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍**

ସୈଫ୍ ଅଲି ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ସୈଫ୍, ଦୀପକ ଓ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଛି। ୦୭

୧୮ **ଫାଇନାଲରେ ପ୍ରମୋଦ**

ଓଡ଼ିଶାର ପ୍ରମୋଦ ଭଗତ ଚାଇନାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରି ୨ଟି ପଦକ ନିଶ୍ଚିତ କରିଛନ୍ତି।



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

■ ଛାତ୍ରୀଛାତ୍ରଙ୍କ ବୋଝ ବଢ଼ାଇଲା ଆଇଆଇଟି କାଉନ୍‌ସିଲ

# ଏମ୍‌ଟେକ୍ ଫି ୯୦୦% ବୃଦ୍ଧି



■ ବିଟେକ୍ ଭଳି ବର୍ଷକୁ ଗଣିବେ ୨ ଲକ୍ଷ
■ ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡ ବନ୍ଦ
■ ନୂଆ ପ୍ରଫେସରଙ୍କ ପ୍ରଦର୍ଶନର ସମୀକ୍ଷା ହେବ
■ ୨୦୨୦ ଶିକ୍ଷାବର୍ଷରୁ ଲାଗୁ ହେବ

ନୂଆଦିଲ୍ଲୀ,୨୮।୯

ଏମ୍‌ଟେକ୍ ପାଠ୍ୟକ୍ରମ ଫି ପାଖାପାଖି ୯୦୦ ପ୍ରତିଶତ ବୃଦ୍ଧି କରି ଏହାକୁ ବିଟେକ୍ ଦେୟ ସହ ସମାନ କରିବାକୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) କାଉନସିଲ ନିଷ୍ପତ୍ତି ନେଇଛି। ୨୦୨୦ ଶିକ୍ଷାବର୍ଷରୁ ଏହି ବର୍ଦ୍ଧିତ ଦେୟ ଲାଗୁ ହେବ। ଫଳରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ପାଖାପାଖି ୨ ଲକ୍ଷ ଟଙ୍କା ପୈଠ କରିବାକୁ ପଡିବ। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ଆଇଆଇଟିଗୁଡ଼ିକରେ ଏମ୍‌ଟେକ୍ ପାଠ୍ୟକ୍ରମରେ ନାମଲେଖା ଓ ସେମିଷ୍ଟର ପ୍ରତି ଟ୍ୟୁଶନ୍ ଫି ୫ ହଜାରରୁ ୧୦ ହଜାର ଟଙ୍କା ମଧ୍ୟରେ ପଡୁଛି। ଏହାକୁ ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଲାଗି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଗେଟ୍ (ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ) ସ୍କୋର ଆଧାରରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ପ୍ରତି ମାସରେ ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡକୁ ମଧ୍ୟ ଆଇଆଇଟି କାଉନସିଲ ବନ୍ଦ କରିଦେଇଛି। ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲଙ୍କ ଅଧ୍ୟକ୍ଷତାରେ କାଉନସିଲ୍ ବୈଠକ ବସିଥିଲା। ନୂଆ ପ୍ରଫେସରମାନଙ୍କ ପଞ୍ଚମ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରିବା ପରେ ସେମାନଙ୍କୁ ପଦୋନ୍ନତି ଦିଆଯିବ କି ବିଦା କରାଯିବ ସେ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି 'ଟେନ୍ୟୁର ଟ୍ରାକ୍ ପାଥ୍‌ୱେ'କୁ କାଉନସିଲ୍ ଅନୁମୋଦନ କରିଛି।

ସମ୍ପ୍ରତି ଆଇଆଇଟି ମୁମ୍ବାଇରେ ଏମ୍‌ଟେକ୍ ଟ୍ୟୁଶନ ଫି ସେମିଷ୍ଟର ପ୍ରତି ୫୦୦୦ ଟଙ୍କା ପଡୁଥିବାବେଳେ ଆଇଆଇଟି ଦିଲ୍ଲୀ ୧୦ ହଜାର, ଆଇଆଇଟି ମାଡ୍ରାସ ୫୦୦୦ ଟଙ୍କା ସହ ଏକକାଳୀନ ୩୭୫୦ ଟଙ୍କା ନେଉଛି। ଆଇଆଇଟି ଖଡଗପୁର ପ୍ରଥମ ସେମିଷ୍ଟରରେ ୨୫,୯୫୦ ଟଙ୍କା ନେଉଥିବାବେଳେ ସେଥିରୁ ୬୦୦୦ ଟଙ୍କା ଫେରସ୍ତ କରୁଛି ଏବଂ ୧୦,୫୫୦ ଟଙ୍କା ପରବର୍ତ୍ତୀ ସେମିଷ୍ଟର ପାଇଁ ରଖୁଛି। ଦେୟ ବୃଦ୍ଧି ସହ ଗରିବ ଛାତ୍ରୀଛାତ୍ରଙ୍କୁ ସରକାର ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ) ମାଧ୍ୟମରେ ସହାୟତା କିମ୍ବା ଶିକ୍ଷା ଋଣ ସୁବିଧା ଯୋଗାଇଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିସହିତ ଦେୟର ଏକ ବଡ଼ ଭାଗ ୟୁଜି ଲାବ୍ ଓ ପାଠ୍ୟକ୍ରମ ପାଇଁ ଅଧ୍ୟାପନା ସହାୟତା ଯୋଗାଇଦେବା ଉଚିତ। ଏହା ବ୍ୟତୀତ ଉକ୍ତ ପାଣ୍ଠିକୁ ଅନ୍ୟ ପେସାଗତ କାର୍ଯ୍ୟରେ ମଧ୍ୟ ବିନିଯୋଗ କରାଯାଇପାରିବ ବୋଲି କାଉନସିଲ୍ ପ୍ରସ୍ତାବ ଦେଇଛି। ସୂଚନାଯୋଗ୍ୟ, ତିନିଜଣିଆ ସଂସ୍କାର କମିଟିର ସୁପାରିସକ୍ରମେ ଏମ୍‌ଟେକ୍ ଫି ବୃଦ୍ଧି କରାଯାଇଛି। ଆଇଆଇଟିଗୁଡ଼ିକରେ ଏମ୍‌ଟେକ୍ ପାଠ୍ୟକ୍ରମରେ ସଂସ୍କାର ସମ୍ପର୍କିତ ସୁପାରିସ ଲାଗି ଉକ୍ତ କମିଟି ଗଠନ କରାଯାଇଥିଲା। ଦେୟ ବୃଦ୍ଧି ଓ ଷ୍ଟାଇପେଣ୍ଡ ବନ୍ଦ କରିବା ଦ୍ୱାରା ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି କମିଟି ବିଚାର କରୁଛି। କାରଣ ଏମ୍‌ବିଏ ଭଳି ଅଧିକ ଦେୟ ନିଆଯାଉଥିବା ପାଠ୍ୟକ୍ରମରେ କ୍ୱଚିତ୍ ଅଧାରୁ ପାଠ ଛାଡ଼ିଥାନ୍ତି। ସେହିପରି ଟେନ୍ୟୁର ଟ୍ରାକ୍ ସିଷ୍ଟମ ନୂଆ ପ୍ରଫେସରମାନଙ୍କ ପ୍ରଦର୍ଶନ ବଢ଼ାଇବାରେ ସହାୟକ ହେବ। ଶିକ୍ଷାନୁଷ୍ଠାନରେ ଯୋଗଦେବାର ୫.୫ ବର୍ଷ ପରେ ଏକ୍ସଟର୍ନାଲ କମିଟି ଦ୍ୱାରା ଉକ୍ତ ପ୍ରଫେସରମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯିବ। ଏହାର ମୂଲ୍ୟାୟନ ଆଧାରରେ ସେମାନଙ୍କୁ ପଦୋନ୍ନତି ଦିଆଯିବ କିମ୍ବା ଶିକ୍ଷାନୁଷ୍ଠାନ ଛାଡ଼ିବାକୁ କୁହାଯିବ ବୋଲି ଜଣାପଡିଛି।



ଲ୍ୟୁଟ୍‌ନାଣ୍ଟ ଜେନେରାଲ ବିବେକ ବିଜୟ ମୋରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ କଲର୍ସ ସମ୍ମାନ ଗ୍ରହଣ କରୁଛନ୍ତି।

■ ବ୍ରାଉନ୍‌ସୁଗାର ବେପାରୀଙ୍କ ଘରେ ଚଢ଼ାଉ

## ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଜବତ

ବାଲେଶ୍ୱର ଅଫିସ/ଜଳେଶ୍ୱର, ୨୮।୯:ବାଲେଶ୍ୱର ଅରଡ଼ବଜାରସ୍ଥିତ ମସଜିଦ୍ ଗଳିର ବ୍ରାଉନ୍‌ସୁଗାର ମୁଖ୍ୟ ବ୍ୟବସାୟୀ ସେକ୍ ରାଜା ଗିରଫ ହେବା ପରେ ଆନ୍ତଃ ରାଜ୍ୟ ଏବଂ ଜାତୀୟ ସ୍ତରରେ ବ୍ରାଉନ୍‌ସୁଗାର ବ୍ୟବସାୟ ସମ୍ପର୍କରେ ବହୁ ତଥ୍ୟ ଏସଟିଏଫ୍ ଓ ଜିଲା ପୋଲିସ ହାତରେ ଲାଗିଛି। ବିଭିନ୍ନ ସମୟରେ ରାଜାଙ୍କ ସହଯୋଗୀମାନଙ୍କ ଘର ଉପରେ ଚଢ଼ାଉ କରାଯାଇ ସେମାନଙ୍କୁ ଗିରଫ କରାଯାଉଛି। ଏହାସହ ତାଙ୍କର କାରବାର ସମ୍ପର୍କରେ ପୋଲିସ ତଥ୍ୟ ସଂଗ୍ରହରେ ଲାଗିପଡ଼ିଛି। ଜଳେଶ୍ୱର ପାଲଟିଛି ବ୍ରାଉନ୍‌ସୁଗାର କାରବାରର ପେଣ୍ଠସ୍ଥଳୀ। ଶନିବାର ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ଜଳେଶ୍ୱର ପୌରପରିଷଦର ଝାଡ଼େଶ୍ୱରପୁର ଓ ରାଜପୁର ଗ୍ରାମର ବ୍ୟବସାୟୀ ସେକ୍ ତୈରୁଦ୍ଦିନ ଓ ତାଙ୍କ ଭାଇ ସେକ୍ ନାସିରୁଦ୍ଦିନଙ୍କ ଘରରେ ଚଢ଼ାଉ କରି ତାଙ୍କ ପୁତୁରା ଜାହିରଙ୍କୁ ପୋଲିସ ଥାନାକୁ ନେଇଛି। ଚଢ଼ାଉ ବେଳେ ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ନଗଦ ୩ଲକ୍ଷ ୭୯ହଜାର ୪୪୦ ଟଙ୍କା, ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା, ୫ଟି ମୋବାଇଲ ଫୋନ୍, ଗୋଟିଏ ବୁଲେଟ୍ ଗାଡ଼ି, ସିସି କ୍ୟାମେରା ଓ ହାର୍ଡ଼ଡିସ୍କ ଜବତ କରାଯାଇଛି। ଡିଏସ୍‌ପି ମନୋଜ ରାଉତଙ୍କ ସ୍ୱତନ୍ତ୍ର ଟିମ୍‌ରେ ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ, ଜଳେଶ୍ୱର ଆଇଆଇସି ପ୍ରଦୀପ ମାଝି, ସହଦେବଖୁଣ୍ଟା ମଡ଼େଲ ଥାନାର ସବଇନ୍‌ସପେକ୍ଟର ବିରଞ୍ଚି ସାହୁଙ୍କ ସହ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ନିୟୋଜିତ ଥିଲେ। ସେହିପରି ଜଳେଶ୍ୱର ଥାନା ରାଜପୁର ଗ୍ରାମର ସେକ୍ ରଫିକୁଲ ନାମକ ବ୍ରାଉନ୍‌ସୁଗାର ବେପାରୀ ପଶ୍ଚିମବଙ୍ଗର ହାଓଡ଼ାରୁ ଟ୍ରେନ୍ ଯୋଗେ ଜଳେଶ୍ୱର ଆସୁଥିବାବେଳେ ଖଡ଼ଗପୁର ରେଲଷ୍ଟେଶନରେ ରେଳବାଇ ପୋଲିସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ୩ଶହ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ।

■ ମହାନଦୀ ଜଳ ବିବାଦ: ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ

# ନଭେମ୍ବର ୩୦ ସୁଦ୍ଧା ରିପୋର୍ଟ ଦିଅ



■ ଅକ୍ଟୋବର ୩୦ରେ ଛତିଶଗଡ଼ ବ୍ୟାରେଜ ପରିଦର୍ଶନ କରିବ ଓଡ଼ିଶା ବୈଷୟିକ ଟିମ୍
■ ନଭେମ୍ବର ୧୭ରେ ଆସିବ ଛତିଶଗଡ଼ ଟିମ୍

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଓଡ଼ିଶାର ଏକ ଅଭିଜ୍ଞ ବୈଷୟିକ ଟିମ୍ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ବ୍ୟାରେଜଗୁଡ଼ିକ ପରିଦର୍ଶନ କରିବ । ବ୍ୟାରେଜଗୁଡିକ ଯୋଗୁ ଜଳ ପ୍ରବାହରେ ବାଧା ଉପୁଜୁଛି କି ନାହିଁ। କେଉଁ ସମୟରେ କେତେ ଜଳ ବ୍ୟାରେଜକୁ ପ୍ରବେଶ କରୁଛି ଓ କେତେ ଜଳ କେଉଁ ସମୟରେ ଛଡ଼ାଯାଉଛି। ବ୍ୟାରେଜ ନିର୍ମାଣ ଦ୍ୱାରା ଓଡ଼ିଶାକୁ ଜଳ ପ୍ରବାହ ଉପରେ କି ପ୍ରଭାବ ପଡୁଛି। ଏ ନେଇ ବୈଷୟିକ ଟିମ୍ କ୍ଷେତ୍ର ପରିଦର୍ଶନ କରିବା ସହ ଛତିଶଗଡ଼ ବ୍ୟାରେଜ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିବ । ଏହି ବୈଷୟିକ ଟିମ୍ ଆସନ୍ତା ଅକ୍ଟୋବର ୩୦ରୁ ନଭେମ୍ବର ୨ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ବୁଲି ସ୍ଥିତି ଅନୁଧ୍ୟାନ କରିବେ। ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠନ ହୋଇଥିବା ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ମଧ୍ୟ ଏକ ବୈଷୟିକ ଟିମ୍ ଓଡ଼ିଶା ଯାଇ ମହାନଦୀ ଜଳ ପ୍ରବାହକୁ ନିରୀକ୍ଷଣ କରିବ। ଏହି ଟିମ୍ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରିବ। ନଭେମ୍ବର ୩୦ ତାରିଖ ଅର୍ଥାତ୍ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଉଭୟ ରାଜ୍ୟ ଏ ନେଇ ସ୍ଥିତି ଅନୁଧ୍ୟାନ ରିପୋର୍ଟ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ଦାଖଲ କରିବେ। ଶନିବାର ଜଷ୍ଟିସ ଏଏମ୍ ଖାନଓ୍ୱାଲିକରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ମହାନଦୀ ଟ୍ରିବ୍ୟୁନାଲର ୩ ଜଣିଆ ବେଞ୍ଚ ଉଭୟ ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷ ଶୁଣାଣି ପରେ ଓଡ଼ିଶା ଆବେଦନ ଉପରେ ଇସ୍ୟୁ ଫ୍ରେମ୍ କରାଯିବ ବୋଲି କୋର୍ଟ କହିଛନ୍ତି।

ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଖଣ୍ଡପୀଠଙ୍କୁ କହିଛନ୍ତି, ଶୁକ୍ରବାର ଏକ ବୈଠକ କରି କ୍ଷେତ୍ର ପରିଦର୍ଶନ ତାରିଖ ଧାର୍ଯ୍ୟ କରାଯାଇଛି। ଏହାସହ ଛତିଶଗଡ଼ ଆବେଦନ ଉପରେ ଓଡ଼ିଶା ତା'ର ଜବାବ ରଖିଛି । ସୂଚନାଯୋଗ୍ୟ, ଉଭୟ ରାଜ୍ୟ ପରସ୍ପର ଅଞ୍ଚଳ ପରିଦର୍ଶନ କରିବାକୁ ଟ୍ରିବ୍ୟୁନାଲ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ମୌସୁମୀ ବର୍ଷା ପରେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲଙ୍କୁ ଜଣାଇଥିଲେ। ଉପରମୁଣ୍ଡରେ ଛତିଶଗଡ଼ ୬ଟି ବୃହତ୍ ବ୍ୟାରେଜ ନିର୍ମାଣକୁ ନେଇ ଓଡ଼ିଶା ଆପତ୍ତି ଉଠାଇଥିଲା। ଏହି ବ୍ୟାରେଜ ଯୋଗୁ ଅଣମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ ପ୍ରଭାବିତ ହେବା ସହ ଚାଷ, ପିଇବା ପାଣି ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବିରାଟ ସଙ୍କଟ ଦେଖାଦେବ ବୋଲି ଓଡ଼ିଶା ଅଭିଯୋଗ କରିଥିଲା। କେନ୍ଦ୍ର ଏଥିରେ ହସ୍ତକ୍ଷେପ କରି ବ୍ୟାରେଜ ନିର୍ମାଣକୁ ବନ୍ଦ କରିବାକୁ ଓଡ଼ିଶା ସରକାର ବହୁବାର ଦାବି କରିଥିଲେ। ଏ ନେଇ ଉଭୟ ରାଜ୍ୟ ମଧ୍ୟରେ କେନ୍ଦ୍ର ଜଳ ସମ୍ପଦମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ରାଜ୍ୟ ସରକାର ନିର୍ମାଣାଧୀନ ବ୍ୟାରେଜ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇଛି।

■ ଗୋପାଳପୁର ଆର୍ମି ଏୟାର ଡିଫେନ୍ସକୁ ରାଷ୍ଟ୍ରପତି କଲର୍ସ ସମ୍ମାନ

# 'ଦେଶ ସୁରକ୍ଷାରେ ସେନା ଭୂମିକା ପ୍ରଶଂସନୀୟ'

ବ୍ରହ୍ମପୁର ଅଫିସ୍,୨୮।୯

ଗଞ୍ଜାମ ଜିଲା ଗୋପାଳପୁର ଗୋଳାବନ୍ଧ ସେନା ଷ୍ଟେଶନ୍‌ସ୍ଥିତ ସେନା ବାୟୁ ପ୍ରତିରକ୍ଷା ବାହିନୀ(ଆର୍ମି ଏୟାର୍ ଡିଫେନ୍ସ)କୁ ଶନିବାର ରାଷ୍ଟ୍ରପତି କଲର୍ସ ସମ୍ମାନରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଏହି ସମ୍ମାନ ପ୍ରଦାନ କରିଛନ୍ତି । ନିଜ ଅଭିଭାଷଣରେ ରାଷ୍ଟ୍ରପତି କୋବିନ୍ଦ ଦେଶ ସୁରକ୍ଷାରେ ସେନା ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ସେହିପରି ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ଦିଗରେ ଭାରତୀୟ ସଶସ୍ତ୍ର ସେନା ବାହିନୀ ଓ ସେନା ବାୟୁ ପ୍ରତିରକ୍ଷା ବାହିନୀର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ ।

ଭାରତୀୟ ସ୍ଥଳସେନାର ଗୌରବପୂର୍ଣ୍ଣ ସମ୍ମାନ ମଧ୍ୟରେ ରାଷ୍ଟ୍ରପତି କଲର୍ସ ସମ୍ମାନ ହେଉଛି ସର୍ବୋଚ୍ଚ ସମ୍ମାନ । ଆର୍ମି ଏୟାର ଡିଫେନ୍ସକୁ ଏହି ସମ୍ମାନ ପ୍ରଦାନ କରାଯାଉଥିବାରୁ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଶନିବାର ସକାଳ ସାଢ଼େ ୮ଟାରେ ରାଷ୍ଟ୍ରପତି ସମାରୋହ ସ୍ଥଳରେ ପହଞ୍ଚିଥିଲେ। ବ୍ରିଗେଡିୟର୍ ରାଜୀବ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ରାଷ୍ଟ୍ରପତି କୋବିନ୍ଦଙ୍କୁ ଏକ ଭବ୍ୟ ପରେଡ୍ ମାଧ୍ୟମରେ ରାଷ୍ଟ୍ରୀୟ ଅଭିବାଦନ ଦିଆଯାଇଥିଲା। ପରେ ଲ୍ୟୁଟ୍‌ନାଣ୍ଟ ବିବେକ ବିଜୟ ମୋରେ ସେନା ବାୟୁ ପ୍ରତିରକ୍ଷା ବାହିନୀ ତରଫରୁ ରାଷ୍ଟ୍ରପତିଙ୍କଠାରୁ କଲର୍ସ ସମ୍ମାନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣରେ ଏହି ସମ୍ମାନ ପ୍ରଦାନ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ରାଷ୍ଟ୍ରପତି କୋବିନ୍ଦ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେନା ବାୟୁ ପ୍ରତିରକ୍ଷାର ବହୁ ସୈନ୍ୟ ଦଳ ବିଭିନ୍ନ ଅଭିଯାନରେ ଭାଗ ନେଇଥିଲେ। ଏଥି ମଧ୍ୟରେ ବର୍ମା ଅଭିଯାନ, ଇମ୍ଫାଲ ଓ କୋହିମା ଘେରାବନ୍ଦୀ, ରେଙ୍ଗୁନ୍ ପୁନଃଦଖଲ, ଆରାକାନ୍ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଆତଙ୍କବାଦର ସଂଜ୍ଞା

**ଆଜିର ମନ୍ତବ୍ୟ**

"ପାକିସ୍ତାନ ପ୍ରଧାନମନ୍ତ୍ରୀ ବୁଲିବୁଲି ବିଶ୍ୱ ନେତାଙ୍କୁ ଭେଟିବା କାର୍ଟୁନିଷ୍ଟଙ୍କ ଲାଗି ଖୋରାକ ଯୋଗାଇଛି।
-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଖରିଫ ଋତୁରେ ୧୦୦ ନିୟୁତ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ହୋଇଛି।
– କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 28.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 65 | 113 | 123 |
| BHM | 58 | 103 | 113 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ବ୍ୟାଣ୍ଡ ପିନ୍ଧିବେ ଆର୍‌ଟିଓ କର୍ମଚାରୀ

**ଆରଟିଓଙ୍କୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ**



■ କାର୍ଯ୍ୟାଳୟକୁ ମଧ୍ୟସ୍ଥ ମୁକ୍ତ କର
■ ସରକାରୀ କର୍ମଚାରୀ ପିନ୍ଧିବେ ନୀଳ ବ୍ୟାଣ୍ଡ
■ ଆଉଟ୍‌ସୋର୍ସ କର୍ମଚାରୀ ସବୁଜ
■ ସ୍ମାର୍ଟ ଚିପ୍ କର୍ମଚାରୀ ହଳଦିଆ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ଗୁଡିକୁ ମଧ୍ୟସ୍ଥ ମୁକ୍ତ କରିବାକୁ ରାଜ୍ୟ ପରିବହନ ବିଭାଗ ପଦକ୍ଷେପ ନେବା ଆରମ୍ଭ କରିଛି। ଆରଟିଓଗୁଡ଼ିକୁ ମଧ୍ୟସ୍ଥମାନେ ନିଜ କବ୍‌ଜାରେ ରଖିବା ସହ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ଏଥିରେ ଆର୍‌ଟିଓ, ଏମ୍‌ଭିଆଇ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନଙ୍କ ମଧ୍ୟ ପରୋକ୍ଷ ପ୍ରୋତ୍ସାହନ ରହୁଛି। ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟକୁ ଲୋକାଭିମୁଖୀ ଏବଂ ମଧ୍ୟସ୍ଥ ମୁକ୍ତ କରିବାକୁ ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା ଶନିବାର ସମସ୍ତ ଆର୍‌ଟିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। ଯଦି କୌଣସି ମଧ୍ୟସ୍ଥ ଆର୍‌ଟିଓ କାର୍ଯ୍ୟାଳୟ ପରିସରରେ ପ୍ରବେଶ କରିବେ ତେବେ ତାଙ୍କ ବିରୋଧରେ ଆଇପିସି ଦଫା ୧୮୮ ଅନୁଯାୟୀ ନିକଟସ୍ଥ ଥାନାରେ ଏଫ୍‌ଆଇଆର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି କି କାର୍ଯ୍ୟାଳୟ ବାହାରେ ଯଦି କୌଣସି ବ୍ୟକ୍ତି ମଧ୍ୟସ୍ଥ କାର୍ଯ୍ୟରେ ଲିପ୍ତ ରୁହନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। କୌଣସି ମଧ୍ୟସ୍ଥ କାର୍ଯ୍ୟାଳୟ କିମ୍ବା ଯାନବାହନ ପରୀକ୍ଷା କେନ୍ଦ୍ରକୁ ଯେପରି ପ୍ରବେଶ ନ କରିବେ ସେ ନେଇ ବିଜ୍ଞାପନ ପ୍ରକାଶ କରିବାକୁ କୁହାଯାଇଛି। ଆରଟିଓ କାର୍ଯ୍ୟାଳୟ ନିକଟରେ କୌଣସି ଅସ୍ଥାୟୀ କୁଡ଼ିଆ କିମ୍ବା ଟେଣ୍ଟ ଯେପରି ନ ରହିବ ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ କର୍ମଚାରୀ, ଘରୋଇ ସଂସ୍ଥା (ଆଉଟ୍ ସୋର୍ସ) ଏବଂ ଲାଇସେନ୍ସ ଦେବା କାର୍ଯ୍ୟରେ ନିୟୋଜିତ ଥିବା ସ୍ମାର୍ଟ ଚିପ୍ ଲିମିଟେଡର କର୍ମଚାରୀମାନେ ଯେପରି କୌଣସି ମଧ୍ୟସ୍ଥ ସହିତ କାରବାର ନ କରିବେ ସେ ନେଇ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ଚିହ୍ନଟ କରିବାକୁ ପରିଚୟ ପତ୍ର ଇସ୍ୟୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କର୍ମଚାରୀମାନେ ନୀଳ (ବ୍ଲୁ) ରଙ୍ଗର ବ୍ୟାଣ୍ଡ ପିନ୍ଧିବେ। ସେହିପରି ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ଅସ୍ଥାୟୀ କର୍ମଚାରୀମାନେ ସବୁଜ(ଗ୍ରୀନ୍) ଓ ସ୍ମାର୍ଟ ଚିପ୍ କର୍ମଚାରୀମାନେ ହଳଦିଆ(ଏଲୋ) ରଙ୍ଗର ବ୍ୟାଣ୍ଡ ପିନ୍ଧିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ପରିଚୟ ପତ୍ର ଲୋକଙ୍କୁ ଦେଖାଗଲା ଭଳି ଝୁଲାଇବାକୁ ପଡ଼ିବ। ଆରଟିଓ ଦ୍ୱାରା ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ଓ ମୂଲ୍ୟ ବିଷୟରେ କାନ୍ଥରେ ଲେଖିବା ସହ ବଡ଼ ବଡ଼ ବୋର୍ଡ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏହାଛଡା ଇ–କିୟୋସ୍କ ସ୍ଥାପନ କରିବାକୁ କୁହାଯାଇଛି। ଏହି କାର୍ଯ୍ୟପାଇଁ ଲୋକମାନଙ୍କୁ ସହାୟତା କରିବାକୁ ଛାତ୍ର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ମଧ୍ୟସ୍ଥ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରିବେ ଏସ୍‌ପିଙ୍କୁ ଜଣାଇ ସେଠାରେ ପୋଲିସ ମୁତୟନ କରାଯିବ। ମଧ୍ୟସ୍ଥ ଜରିଆରେ ନ ଆସି ସରକାରୀ କାର୍ଯ୍ୟାଳୟରେ ସିଧା ସଳଖ ନିଜର ସମସ୍ତ କାର୍ଯ୍ୟ କରିବାକୁ ସଚେତନତା ସୃଷ୍ଟି କରିବା ଲାଗି ପଦକ୍ଷେପ ନେବାକୁ ଚିଠିରେ ଜଣାଇ ଦିଆଯାଇଛି। ଲୋକମାନେ ମଧ୍ୟସ୍ଥଙ୍କ ବିଷୟରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ଟୁଇଟର ହ୍ୟାଣ୍ଡଲ STAodisha, ଫେସ୍‌ବୁକ ପେଜ 'ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି ଓଡ଼ିଶା ଏବଂ ହେଲ୍‌ପ ଡେସ୍କ ନଂ ୧୮୦୦୩୪୫୧୦୭୩ରେ ଜଣାଇ ପାରିବେ।

## ମଧ୍ୟସ୍ଥଙ୍କ ସହ ସମ୍ପର୍କ ଥିବା ଅଧିକାରୀ ଚାକିରିରୁ ବିଦା ହେବେ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ରାଜ୍ୟର ବିଭିନ୍ନ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ମଧ୍ୟସ୍ଥଙ୍କ ସହ କେଉଁ ଅଧିକାରୀ ସମ୍ପୃକ୍ତ ଅଛନ୍ତି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ। ଯେଉଁ ମଧ୍ୟସ୍ଥମାନଙ୍କୁ ଗିରଫ କରାଯାଇଛି ସେମାନଙ୍କ ଜରିଆରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚିହ୍ନଟ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶନିବାର କହିଛନ୍ତି।

ଗଣମାଧ୍ୟକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ମଧ୍ୟସ୍ଥଙ୍କ ସହ ଯେଉଁ କର୍ମଚାରୀମାନଙ୍କ ସମ୍ପର୍କ ରହିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଚାକିରିରୁ ମଧ୍ୟ ବିଦା କରାଯିବ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରିବାକୁ ତାଲିକା ପ୍ରସ୍ତୁତ କରାଯାଉଛି। ଆସନ୍ତା ଅକ୍ଟୋବରରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । କାଗଜପତ୍ର ପ୍ରସ୍ତୁତ କରିବାକୁ ଲୋକମାନଙ୍କୁ ଆସନ୍ତା ଡିସେମ୍ବର ୩୧ ଯାଏ ସମୟ ଦିଆଯାଇଛି। ଏହି ସମୟରେ କଡ଼ାକଡ଼ି ଯାଞ୍ଚ ହେବ ନାହିଁ। ତେବେ ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଦ୍ୱିପାକ୍ଷିକ ଆଲୋଚନା ଅସମ୍ଭବ ।

-ଅର୍ଜୁନରାମ ମେଘୱାଲ, କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

## ■ ଜାତିସଂଘରେ କଶ୍ମୀର ପ୍ରସଙ୍ଗରେ ଇମ୍ରାନ୍ଙ୍କ ଭାଷଣ

# ଦୃଢ଼ ଜବାବ ରଖିଲା ଭାରତ

ଜାତିସଂଘ,୨୮।୯ (ପି.ଟି.)

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ଦେଇଥିବା ଉଦ୍‌ବୋଧନର କଡ଼ା ଜବାବ ରଖିଛି ଭାରତ। ଇମ୍ରାନ ତାଙ୍କର ୫୦ ମିନିଟ ଭାଷଣର ଅର୍ଦ୍ଧାଧିକ ସମୟ ଭାରତ ଓ କଶ୍ମୀର ପ୍ରସଙ୍ଗରେ କହିବା ସହ ଆଣବିକ ଯୁଦ୍ଧର ଭୟ ଦେଖାଇଥିଲେ। ଉତ୍ତର ରଖିବା ଅଧିକାରର ଉପଯୋଗ କରି ଭାରତ ଏହାର ରୋକ୍‌ଠୋକ୍ ଜବାବ ରଖିବା ସହ ପାକିସ୍ତାନର ଅସଲ ମୁଖା ଖୋଲିଦେଇଛି। ଭାରତୀୟ ପ୍ରତିନିଧି ଜାତିସଂଘରେ ଇମ୍ରାନକୁ ପ୍ରଶ୍ନବାଣରେ ଯେପରି ଜର୍ଜରିତ କରିଛନ୍ତି, ତାହାର ଉତ୍ତର ଇସ୍‌ଲାମାବାଦ ପାଖରେ ନାହିଁ। ଘୃଣାନୀତିରୁ ଆତଙ୍କବାଦର କାରଖାନା ଖୋଲିଥିବା କୌଣସି ରାଷ୍ଟ୍ର ଭାରତୀୟ ନାଗରିକଙ୍କ ତରଫରୁ କହିବା ସେମାନେ ଚାହାନ୍ତି ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଦେଇଛି।

ଜାତିସଂଘ ସାଧାରଣ ସଭାରେ କୁହାଯାଉଥିବା ପ୍ରତିଟି ଶବ୍ଦ ଐତିହାସିକ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆମେ ବନାମ ସେମାନେ, ଉତ୍ତର ବନାମ ଦକ୍ଷିଣ, ବିକଶିତ–ବିକାଶଶୀଳ, ମୁସଲମାନ ବନାମ ଅନ୍ୟମାନେ ଆଦି ଶବ୍ଦ ମାଧ୍ୟମରେ ବିଭାଜନର ମଞ୍ଜି ବୁଣିଛନ୍ତି। ସେ ବିଭେଦତାକୁ ତୀକ୍ଷ୍ଣ କରିବା ସହ ଘୃଣା ବୃଦ୍ଧି ଲାଗି ଉଦ୍ୟମ କରିଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ବିଦିଶା ମୈତ୍ର କହିଛନ୍ତି। ଇମ୍ରାନ କଶ୍ମୀର ପ୍ରସଙ୍ଗରେ କହିଲାବେଳେ ତାଣ୍ଡବ ରଚିବା, ରକ୍ତସ୍ନାନ, ବନ୍ଧୁକ ଉଠାଇବା, ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବା ଆଦି କଥା କହିଥିଲେ। ଏହା ତାଙ୍କର ଏକବିଂଶ ଶତାବ୍ଦୀର ଦୃଷ୍ଟିକୋଣ ନୁହେଁ ମଧ୍ୟଯୁଗୀୟ ମାନସିକତା ବୋଲି ବିଦିଶା କହିଛନ୍ତି। ସେ ଇମ୍ରାନଙ୍କ ପ୍ରତି ଅଭିଯୋଗର ଜବାବ ରଖିବା ସହ ପାକିସ୍ତାନ ଆତଙ୍କବାଦର ମୂଳ ଉତ୍ସ ବୋଲି ଅଭିହିତ କରିଥିଲେ। ଆଣବିକ ଯୁଦ୍ଧର ପରିଣାମ ସମ୍ପର୍କରେ ଧମକ ଦେବା ଇମ୍ରାନଙ୍କୁ ରାଷ୍ଟ୍ରନାୟକ ନୁହେଁ ଜଣେ ଅସ୍ଥିରତାବାଦୀରେ ପରିଣତ କରିଛି। ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଇମ୍ରାନ ଖାନ୍ ନିଆଜି ସମ୍ବୋଧନ କରି ୧୯୭୧ର ଗଣହତ୍ୟାକୁ ସେ ଭୁଲିଯିବା ଉଚିତ ନୁହେଁ ବୋଲି ବିଦିଶା କହିଛନ୍ତି।



ବିଦିଶା ମୈତ୍ର

■ଆଣବିକ ଯୁଦ୍ଧ ଧମକ ଇମ୍ରାନଙ୍କୁ ଅସ୍ଥିରତାବାଦୀରେ ପରିଣତ କରିଛି

■ଜାତିସଂଘ ଘୋଷିତ ୧୩୦ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଛି ପାକ୍

■ସଂଖ୍ୟାଲଘୁ ୨୩ ପ୍ରତିଶତରୁ ୩ ପ୍ରତିଶତକୁ ହ୍ରାସ ପାଇଛନ୍ତି

୧୯୭୧ ଯୁଦ୍ଧ ବେଳେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.ଏ.କେ. ନିଆଜିଙ୍କ ନେତୃତ୍ୱରେ ପାକିସ୍ତାନୀ ସେନା ନିଜ ଲୋକମାନଙ୍କୁ ହତ୍ୟା କରିଥିଲା। ଆତଙ୍କବାଦ ସମ୍ପର୍କରେ ଇମ୍ରାନ୍‌ଙ୍କ ଓକିଲାତି ନିର୍ଲଜ୍ଜତା ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି ଜାତିସଂଘରେ ଭାରତୀୟ ପ୍ରତିନିଧି ଉତ୍ତର ରଖିଛନ୍ତି।

ଜାତିସଂଘ ୧୩୦ ଜଣ ଆତଙ୍କବାଦୀ ଓ ୨୫ଟି ଆତଙ୍କବାଦୀ ସଂଗଠନ ଘୋଷଣା କରିଥିବା ବେଳେ ପାକିସ୍ତାନ ସେମାନଙ୍କୁ ଆଶ୍ରୟ ଦେଇଛି। ଏହାର ସତ୍ୟତା ପାକିସ୍ତାନ ସ୍ପଷ୍ଟ କରୁ ବୋଲି ବିଦିଶା ପ୍ରଶ୍ନ କରିଥିଲେ। ବିଶ୍ୱରେ ପାକିସ୍ତାନ ଏକମାତ୍ର ସରକାର ଯିଏ ଜାତିସଂଘ ତାଲିକାରେ ଥିବା ଆତଙ୍କବାଦୀମାନଙ୍କୁ ପେନ୍‌ସନ ଯୋଗାଇଦେଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଅଭିଯୋଗରେ ନ୍ୟୁୟର୍କର ହବିବ୍ ବ୍ୟାଙ୍କକୁ ନିୟୁତ ଡଲାର ଅର୍ଥଦଣ୍ଡରେ ଦଣ୍ଡିତ କରାଯିବା ପରେ ଏହି ପ୍ରମୁଖ ବ୍ୟାଙ୍କ ବନ୍ଦ ହୋଇଗଲା। ଏହାର କାରଣ ସମ୍ପର୍କରେ ଇସ୍‌ଲାମାବାଦ ସ୍ପଷ୍ଟୀକରଣ ଦେଇପାରିବ କି ବୋଲି ଭାରତୀୟ ପ୍ରତିନିଧି ପ୍ରଶ୍ନ କରିଥିଲେ। ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ ଧାର୍ଯ୍ୟ କରିଥିବା ୨୭ ନିୟମାବଳୀରୁ ପାକିସ୍ତାନ ୨୦ରୁ ଊର୍ଦ୍ଧ୍ୱ ନିୟମ ଉଲ୍ଲଂଘନ କରିଛି। ଇମ୍ରାନ ଜଣେ କ୍ରିକେଟର। କ୍ରିକେଟକୁ ଭଦ୍ରଲୋକର ଖେଳ କୁହାଯାଏ। ତେବେ ସେ ଜାତିସଂଘରେ ଯେଉଁଳି ଢଙ୍ଗରେ ଭାଷଣ ଦେଲେ ତାହା ଅସଭ୍ୟତାର ସୀମା ଟପିଗଲା। ୧୯୪୭ରେ ପାକିସ୍ତାନରେ ୨୩ ପ୍ରତିଶତ ସଂଖ୍ୟାଲଘୁ ଥିଲାବେଳେ ଆଜି ତାହା ୩ ପ୍ରତିଶତକୁ ହ୍ରାସ ପାଇଛି। ସେଠାରେ ସଂଖ୍ୟାଲଘୁମାନଙ୍କୁ ଜୋରଜବରଦସ୍ତ ଧର୍ମାନ୍ତର କରାଯାଉଥିବା ସ୍ପଷ୍ଟ ହୋଇଛି। ଇସ୍‌ଲାମାବାଦ ଏହାର ଜବାବ ଦେଇପାରିବ କି ବୋଲି ବିଦିଶା ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ପାକ୍‌ରେ ଆଖିବୁଜା ଗୁଳିମାଡ଼: ୬ ନିହତ

**ପେଶାୱର,୨୮।୯(ପି.ଟି.):** ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଶନିବାର କେତେକ ଅଜ୍ଞାତ ଆତତାୟୀମାନେ ଚଳନ୍ତା ଭ୍ୟାନ୍ ଉପରକୁ ଆଖିବୁଜା ଗୁଳିମାଡ଼ କରିବା ଫଳରେ ୬ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ପୁରୁଣା ଶତ୍ରୁତାକୁ ନେଇ ଏଭଳି ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ମୃତାହତଙ୍କୁ ହଙ୍ଗୁସ୍ଥିତ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ପ୍ରକାଶ।

### ସନ୍ଦିଗ୍ଧ ଜେଇଏମ୍ ଆତଙ୍କବାଦୀ ଗିରଫ

**ଅମ୍ବାଲା,୨୮।୯(ପି.ଟି.):** ହରିୟାଣାର ଅମ୍ବାଲା କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରୁ ଜଣେ ସନ୍ଦିଗ୍ଧ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ସଦସ୍ୟଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥରେ ଛିଡ଼ାହୋଇଥିବା ଏକ ଟ୍ରକ୍ ଭିତରୁ ଧରାପଡ଼ିଥିବା ଏହି ଆତଙ୍କବାଦୀଙ୍କ ନାମ ମହମ୍ମଦ ଇସ୍‌ମାଇଲ ଓ ଘର ଜମ୍ମୁ-କଶ୍ମୀରରେ ବୋଲି ଏସ୍‌ପି ଅଭିଷେକ ଜୋର୍‌ୱାଲ ପ୍ରକାଶ କରିଛନ୍ତି। ପଞ୍ଜାବ ପୋଲିସ ଓ ଜମ୍ମୁ-କଶ୍ମୀର ସେନା ଗୋଇନ୍ଦାଠାରୁ ଏନେଇ ଖବର ମିଳିବା ପରେ ଚଢ଼ାଉ କରାଯାଇଥିବା ସେ କହିଛନ୍ତି। ଅମ୍ବାଲା-ଦିଲ୍ଲୀ ଜାତୀୟ ରାଜପଥରେ ଯାଉଥିବା ଗାଡ଼ିକୁ ଯାଞ୍ଚ କରାଯିବା ସହ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଧରାଯାଇଥିଲା। ନିଜ ପରିଚୟ ଠିକ୍ ଭାବେ ସେ ଦେଇପାରି ନଥିଲେ। ଗିରଫ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପରେ ଜମ୍ମୁ-କଶ୍ମୀର ପୋଲିସକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

### ଆମେରିକାରେ ଶିଖ୍ ପୋଲିସ ଅଫିସରଙ୍କୁ ହତ୍ୟା



**ହ୍ୟୁଷ୍ଟନ,୨୮।୯(ପି.ଟି.):** ଆମେରିକାର ଟେକ୍ସାସରେ ଜଣେ ଭାରତୀୟ-ଆମେରିକୀୟ ଶିଖ୍ ପୋଲିସ ଅଫିସରଙ୍କୁ ହତ୍ୟା କରାଯାଇଛି। ଆମେରିକା ପୋଲିସ ବିଭାଗରେ ସନ୍ଦିପ୍ ସିଂ ଧଲିୱାଲଙ୍କୁ ଦାଢ଼ି ରଖିବା ଓ ପଗଡି ବାନ୍ଧିବାକୁ ଅନୁମତି ମିଳିଲାବେଳେ ସବୁ ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା। ଏହି ହତ୍ୟାକାଣ୍ଡକୁ ଭାରତ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଶୁକ୍ରବାର ହ୍ୟୁଷ୍ଟନର ଏକ ଟ୍ରାଫିକ ଷ୍ଟପ୍‌ରେ ସେ ଏକ ଗାଡ଼ିକୁ ସନ୍ଦେହ କରି ଅଟକାଇଥିଲେ। ସେଥିରେ ଜଣେ ପୁରୁଷ ଓ ଜଣେ ମହିଳା ଥିଲେ। ପୁରୁଷ ଜଣକ ହଠାତ୍ ଗାଡ଼ିରୁ ଓହ୍ଲାଇ ସନ୍ଦିପ୍‌ଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଏହି ଘଟଣାରେ ରବର୍ଟ ସୋଲିସ୍ ନାମକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେବା ସହ ତାଙ୍କଠାରୁ ବନ୍ଧୁକ ଜବତ ହୋଇଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୯ର ପ୍ରମୁଖ ଘଟଣା

୨୦୧୬ ସେପ୍ଟେମ୍ବର ୨୯ରେ ଭାରତ ପକ୍ଷରୁ ଉରି ଆତଙ୍କବାଦୀ ଆକ୍ରମଣ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା। ପିଓକେ'ରେ ଥିବା ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଆକ୍ରମଣ କରିଥିଲା। ପ୍ରାୟ ୭୦ ଆତଙ୍କବାଦୀ ଏଥିରେ ନିହତ ହୋଇଥିବାବେଳେ ସେଠାରେ ଥିବା ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଭାରତ ଧ୍ୱଂସ କରିଥିଲା। ହେଲେ ପାକିସ୍ତାନ ଏହାକୁ ଅଗ୍ରାହ୍ୟ କରିବା ପରେ ୨୦୧୮ରେ ଏହାର ଭିଡିଓ ଜାରି କରାଯାଇଥିଲା।

୨୦୦୯ ସେପ୍ଟେମ୍ବର ୨୯ରେ ଆମେରିକାର ସମୋଆ ଓ ଟୋଙ୍ଗାରେ ଭୟଙ୍କର ଭୂକମ୍ପ ଦେଖାଦେଇଥିଲା। ଅନେକ ଘର ଭାଙ୍ଗିଯାଇଥିବାବେଳେ ଏଥିରେ ପ୍ରାୟ ୧୯୦ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୮.୧ ଥିଲା। ଭୂକମ୍ପ ପରେ ୧୪ ଫୁଟର ସୁନାମି ଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ■ ଜମ୍ମୁ-କଶ୍ମୀରରେ ୯ ଘଣ୍ଟାର ସେନା ଅପରେଶନ

# ଯବାନ ଶହୀଦ, ୩ ଆତଙ୍କବାଦୀ ନିହତ



ଜମ୍ମୁ,୨୮।୯(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ନିକଟ ରମ୍ବନର ବାଟୋଟେ ଅଞ୍ଚଳରେ ଶନିବାର ସେନାର ଦୀର୍ଘ ୯ ଘଣ୍ଟା ଅପରେଶନ ପରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଥିବା ଜଣାପଡ଼ିଛି। ଏକ ଘରେ ଲୁଚିଥିବା ଏହି ଆତଙ୍କବାଦୀଙ୍କୁ ସେନା ପକ୍ଷରୁ ଘେରାବନ୍ଦୀ କରାଯାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ସେନା ଉପରକୁ ଗୁଳିମାଡ଼ କରିବା ପରେ ଏହାର କଡ଼ା ଜବାବ୍ ଦିଆଯାଇଥିଲା। ଖସିବାକୁ ଉଦ୍ୟମ କରୁଥିବାବେଳେ ଆତଙ୍କବାଦୀମାନେ ସେନା ଗୁଳିର ଶିକାର ହୋଇଥିଲେ ବୋଲି ଜମ୍ମୁସ୍ଥିତ ସେନା ଅଧିକାରୀ ଦେବେନ୍ଦ୍ର ଆନନ୍ଦ ପ୍ରକାଶ କରିଛନ୍ତି। ଏବେ ବି ସମ୍ପୃକ୍ତ ଅଞ୍ଚଳରେ ସେନାର ସର୍ଚ୍ଚ ଅପରେଶନ ଜାରି ରହିଥିବା ସେ କହିଛନ୍ତି। ଶନିବାର ୩ ଏନ୍‌କାଉଣ୍ଟର କରାଯିବା ସହ ସେନା କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରାଯାଇଥିଲା। ପ୍ରଥମେ ବାଟୋଟେ ଓ ଧରମୁଣ୍ଡରେ ଏନ୍‌କାଉଣ୍ଟର କରାଯାଇଥିଲା।

ଶନିବାର ସକାଳେ ଏକ ଗାଡ଼ିକୁ ୨ ସନ୍ଦିଗ୍ଧ ଅଟକାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଗାଡ଼ି ଡ୍ରାଇଭର ସେନା ପୋଷ୍ଟକୁ ଏନେଇ ଅବଗତ କରାଇବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏକ ଘରେ କେତେକ ଆତଙ୍କବାଦୀଙ୍କୁ ଭାରତୀୟ ସେନା ଘେରାବନ୍ଦୀ କରିଥିଲେ। ସେନାର କ୍ୟୁଆର୍‌ଟି ଉପରକୁ ସେମାନେ ଗ୍ରେନେଡ୍ ମାଡ଼ କରିବା ସହ ଗୁଳିମାଡ଼ କରି ଫେରାର୍ ହେବା ଲାଗି ପ୍ରୟାସ କରିଥିଲେ। ଘର ମାଲିକ ଓ ପରିବାରବର୍ଗଙ୍କୁ ସେନା ପକ୍ଷରୁ ସୁରକ୍ଷାର ସହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସେନା କାର୍ଯ୍ୟାନୁଷ୍ଠାନ ଲାଗି ସୁରକ୍ଷା ଦୃଷ୍ଟିରୁ କେତେକ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା।

## ■ ଆଇଏନ୍‌ଏକ୍ସ ମିଡିଆ ମାମଲା: ସିବିଆଇକୁ କେନ୍ଦ୍ରର ଅନୁମତି

# ୪ ଅଧିକାରୀଙ୍କ ବିରୋଧରେ ତଦନ୍ତ ଚାଲିବ

ନୂଆଦିଲ୍ଲୀ,୨୮।୯

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ନୀତି ଆୟୋଗର ପୂର୍ବତନ ସିଇଓଙ୍କ ସମେତ ୪ ବରିଷ୍ଠ ପୂର୍ବତନ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବା ଲାଗି ସିବିଆଇକୁ ସରକାର ଅନୁମତି ଦେଇଛନ୍ତି। ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆରେ ବିଦେଶୀ ପୁଞ୍ଜିନିବେଶ ଲାଗି ଅନୁମତି ପ୍ରଦାନରେ ଅନିୟମିତା ହୋଇଥିବା ଅଭିଯୋଗରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ସମେତ ଏହି ଅଧିକାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଚିଦାମ୍ବରମ ଏବେ ତିହାର ଜେଲ୍‌ରେ ଅଛନ୍ତି। ସେତେବେଳେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଏବଂ ପରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ହୋଇଥିବା ସିନ୍ଧୁଶ୍ରୀ ଖୁଲ୍ଲର, ଅର୍ଥ ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ ତଥା ଓଡ଼ିଆ ଅଫିସର ଅନୁପ କୁମାର ପୂଜାରୀ, ପୂର୍ବତନ ନିର୍ଦ୍ଦେଶକ ପ୍ରବୋଧ ସାକ୍ସେନା ଏବଂ ପୂର୍ବତନ ଅନୁସଚିବ ରବୀନ୍ଦ୍ର ପ୍ରସାଦଙ୍କ ବିରୋଧରେ ମାମଲା ଚଳାଇବା ଲାଗି ସିବିଆଇ ସରକାରଙ୍କଠାରୁ ଅନୁମତି ଲୋଡିଥିଲା। ଫେବୃଆରୀରେ ସରକାର କେବଳ ଚିଦାମ୍ବରମଙ୍କ ବିରୋଧରେ ତଦନ୍ତ ଲାଗି ଅନୁମତି ଦେଇଥିଲେ। ଜୁନ୍ ମାସରେ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ପୁଣି ଥରେ କେନ୍ଦ୍ରର ଅନୁମତି ଚାହିଁଥିଲେ। ୨୦୦୭ରେ ଉପରୋକ୍ତ ୪ ଅଧିକାରୀ ଚିଦାମ୍ବରମଙ୍କ ଅଧୀନରେ କାମ କରୁଥିଲେ। ଗତ ମାସରେ ଚିଦାମ୍ବରମ ସିବିଆଇ ହାଜତରେ ଥିବାବେଳେ ଉକ୍ତ ଅଧିକାରୀମାନଙ୍କ ସହ ତାଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା।

## ■ ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନ୍

# ଗଠନ ହେଲା ସାମ୍ବିଧାନିକ ପୀଠ

**ନୂଆଦିଲ୍ଲୀ,୨୮।୯(ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ବିଚାର ନିମନ୍ତେ ଶନିବାର ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯାଇଛି। ଜଷ୍ଟିସ୍ ଏନ୍.ଭି. ରାମାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସାମ୍ବିଧାନିକ ପୀଠ ୩୭୦ ଉଚ୍ଛେଦ ବିରୋଧରେ ଆସିଥିବା ଏକାଧିକ ପିଟିଶନର ଶୁଣାଣି ଅକ୍ଟୋବର ପ୍ରଥମ ସପ୍ତାହରୁ ଆରମ୍ଭ କରିବେ। ୩୭୦ ଉଚ୍ଛେଦ ନିମନ୍ତେ କେନ୍ଦ୍ରର ନିଷ୍ପତ୍ତି ଓ ତତ୍‌ପରବର୍ତ୍ତୀ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମାର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ସାଜଦ ଲୋନ୍‌ଙ୍କ ନେତୃତ୍ୱାଧୀନ ପିପୁଲ୍ସ କନ୍‌ଫରେନ୍ସ, ଆଇନଜୀବୀ ଏମ୍.ଏଲ୍. ଶର୍ମାଙ୍କ ସମେତ ଏକାଧିକ ବ୍ୟକ୍ତି ପିଟିଶନ ଦାଏର କରିଥିଲେ। ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ନିଷ୍ପତ୍ତିକୁ ମଧ୍ୟ ପିଟିଶନରେ ଚ୍ୟାଲେଞ୍ଜ୍ କରାଯାଇଛି।

## ବିହାର କୋର୍ଟରେ ଇମ୍ରାନ୍‌ଙ୍କ ବିରୋଧରେ ମାମଲା

**ପାଟନା,୨୮।୯ (ଆଇଏଏନ୍‌ଏସ୍)** ବିହାର ମୁଜାଫରପୁର ଜିଲାର ଏକ ଅଦାଲତରେ ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜାତିସଂଘରେ ଇମ୍ରାନ ଭାରତକୁ ଆଣବିକ ଯୁଦ୍ଧ ଧମକ ଦେବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଏହା ବିରୋଧରେ ଆଇନଜୀବୀ ସୁଧୀର କୁମାର ଓଝା ମୁଜାଫରପୁରର ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପିଟିଶନ୍ ଦାଏର କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି।

## ଚାଇନାର 'କଶ୍ମୀର' ମନ୍ତବ୍ୟକୁ ଭାରତର ବିରୋଧ

ନୂଆଦିଲ୍ଲୀ,୨୮।୯(ପି.ଟି.)

ଜାତିସଂଘରେ ଚାଇନା କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ଭାରତ ଏହାର ଦୃଢ଼ ବିରୋଧ କରିଛି। ୟୁଏନ୍‌ଜିଏରେ ଉଦ୍‌ବୋଧନ ଦେଇ ଚାଇନା କହିଥିଲା, ଜାତିସଂଘ ନିୟମାବଳୀ, ସୁରକ୍ଷା ପରିଷଦର ସଂକଳ୍ପନାମା ଓ ଦ୍ୱିପାକ୍ଷିକ ଚୁକ୍ତିନାମା ଆଧାରରେ ଏହି ବିବାଦର ଶାନ୍ତିପୂର୍ଣ୍ଣ ଓ ଉପଯୁକ୍ତଭାବେ ସମାଧାନ ହେବା ଉଚିତ। କଶ୍ମୀର ସ୍ଥିତିରେ ପରିବର୍ତ୍ତନ ଲାଗି ଏକପାଖିଆ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ନୁହେଁ ବୋଲି ବେଜିଂ କହିଥିଲା। ଶନିବାର ଭାରତ ଏହାର ପ୍ରତିବାଦ କରିଛି। କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାର ସାର୍ବଭୌମତ୍ୱକୁ ସବୁ ଦେଶ ସମ୍ମାନ ଦେବା ଉଚିତ ବୋଲି ନୂଆଦିଲ୍ଲୀ କହିଛି।



ମୁମ୍ବାଇ ଡକ୍‌ୟାର୍ଡରେ ନୂତନ ବୁଡ଼ାଜାହାଜ ଆଇଏନ୍‌ଏସ୍ ଖଣ୍ଡେରୀକୁ ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୌସେନାରେ ସାମିଲ କରାଉଛନ୍ତି।

## ସ୍କୁଲ କାନ୍ଥ ଭୁଶୁଡ଼ି ୩ ଛାତ୍ର ମୃତ

**ଜୟପୁର,୨୮।୯(ପି.ଟି.):** ରାଜସ୍ଥାନର ଉଦୟପୁର ଜିଲାରେ ପ୍ରବଳ ବର୍ଷା ଯୋଗୁ ଏକ ସରକାରୀ ସ୍କୁଲ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୩ ଛାତ୍ରୀଛାତ୍ରଙ୍କ ଶନିବାର ମୃତ୍ୟୁ ଘଟିଛି। ପାହାଡ଼ ପାଦଦେଶରେ ଥିବା ଥୋବ୍‌ୱାରା ସରକାରୀ ମାଧ୍ୟମ ସ୍କୁଲରେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ଶନିବାର ପୂର୍ବାହ୍ନରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭାଙ୍ଗି ପିଲାଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ୩ ପିଲାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁବରଣ କରିଥିବା ସ୍କୁଲ ଛାତ୍ରୀଛାତ୍ରମାନେ ହେଲେ ମନୀଷା ମୀନା(୧୦), ଅବିନାଶ(୮) ଓ ଆୟୁଷ(୫)। ମୃତଦେହ ଗୁଡ଼ିକୁ ପୋଷ୍ଟମର୍ଟମ କରାଯିବା ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୨୨.୬ |
| ଚାନ୍ଦବାଲି | ୩୧.୦ | ୨୪.୬ |
| କଟକ | ୨୯.୪ | ୨୨.୦ |
| ପାରାଦ୍ୱୀପ | ୩୧.୩ | ୨୫.୨ |
| ଭୁବନେଶ୍ୱର | ୩୦.୫ | ୨୪.୦ |
| ଗୋପାଳପୁର | ୨୯.୦ | ୨୫.୯ |
| ପୁରୀ | ୩୦.୬ | ୨୬.୦ |
| ଅନୁଗୋଳ | ୨୯.୭ | ୧୯.୦ |
| ବାରିପଦା | ୨୮.୦ | ୨୩.୫ |
| ଝାରସୁଗୁଡ଼ା | ୨୮.୨ | ୨୪.୨ |
| କେନ୍ଦୁଝର | ୨୮.୯ | ୨୨.୨ |
| ସମ୍ବଲପୁର | ୩୦.୭ | ୨୪.୨ |
| ସୁନ୍ଦରଗଡ଼ | ୨୮.୦ | ୨୨.୦ |
| ହୀରାକୁଦ | ୩୦.୧ | ୨୪.୯ |
| ତାଳଚେର | ୩୦.୩ | ୨୪.୧ |
| ଭବାନୀପାଟଣା | ୩୩.୫ | ୨୪.୦ |
| ବଲାଙ୍ଗୀର | ୩୨.୭ | ୨୪.୫ |
| କୋରାପୁଟ | ୨୯.୬ | ୧୯.୬ |
| ଫୁଲବାଣୀ | ୩୦.୫ | ୨୦.୨ |
| ଟିଟିଲାଗଡ଼ | ୩୪.୦ | ୨୧.୧ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୧.୬ | ୨୧.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ■ ପ୍ରଦୂଷଣ ବିରୋଧରେ ଲଢ଼େଇ

# ଖାଦ୍ୟ ନଷ୍ଟ ରୋକିବାକୁ ଫ୍ରାନ୍ସର ବୈପ୍ଳବିକ ପ୍ରୟାସ

ପ୍ୟାରିସ୍,୨୮।୯



ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଏହାର ସମାଧାନ ଦିଗରେ ଫ୍ରାନ୍ସ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ସାରା ବିଶ୍ୱରେ ପ୍ରତିଦିନ ପ୍ରଚୁର ଖାଦ୍ୟ ନଷ୍ଟ ହୋଇଥାଏ। ପରିବେଶ ପ୍ରଦୂଷଣର ଏହା ଅନ୍ୟତମ କାରଣ। ତେବେ ଖାଦ୍ୟ ନଷ୍ଟ ହେବାରୁ ରକ୍ଷା କରିବାରେ ଫ୍ରାନ୍ସ ବିପ୍ଳବ ଆଣିବା ସହ ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ୨୦୨୫ ସୁଦ୍ଧା ଦେଶକୁ ଖାଦ୍ୟ ନଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ଲାଗି ଲକ୍ଷ୍ୟ ରଖିଛି।

ଫ୍ରାନ୍ସ ବିଶ୍ୱର ବିଭିନ୍ନ ଦେଶକୁ ଖାଦ୍ୟ ରପ୍ତାନି କରିଥାଏ। ଜାତୀୟ ସ୍ତରରେ ଏହା କେବଳ କମ୍ ଖାଦ୍ୟ ନଷ୍ଟ କରେ ତାହା ନୁହେଁ, ସମସ୍ତେ ଯେପରି ଖାଦ୍ୟ ପାଇପାରିବେ ତାହା ପ୍ରତି ମଧ୍ୟ ଦୃଷ୍ଟି ଦେଇଥାଏ। ଏଥିପାଇଁ ସେଠାକାର ଲୋକଙ୍କ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ଘଟିଛି। ୨୦୧୨ରୁ ଫ୍ରାନ୍ସ କେତେଗୁଡ଼ିଏ ଖାଦ୍ୟନୀତି କାର୍ଯ୍ୟକାରୀ କରିଆସୁଛି। ଏହାର ବର୍ଜ୍ୟ ପରିଚାଳନା କାର୍ଯ୍ୟକାରିତା ଆଇନ ଜୈବ ବର୍ଜ୍ୟ କମାଇବାରେ ସହାୟକ ହୋଇଛି। ପୂର୍ବରୁ ସେଠାରେ ବର୍ଷକୁ ୧୨୦ ଟନ୍‌ରୁ ଊର୍ଦ୍ଧ୍ୱ ଜୈବ ବର୍ଜ୍ୟକୁ ରିସାଇକ୍ଲିଂ କରିବାକୁ ପଡୁଥିଲା, ଯେଉଁଥିରେ ଘରୋଇ କମ୍ପାନୀଗୁଡ଼ିକୁ ନିୟୋଜିତ କରାଯାଉଥିଲା। ଏବେ ତାହାକୁ ୧୦ ଟନ୍‌କୁ ହ୍ରାସ କରାଯାଇଛି,ଅର୍ଥାତ୍ ଦିନକୁ ୩୦ କିଲୋଗ୍ରାମର କମ୍ ଜୈବ ବର୍ଜ୍ୟ ବାହାରୁଛି। ବର୍ଜ୍ୟ ନିଷ୍କାସନ କରୁଥିବା ସୁପରମାର୍କେଟ୍, କୃଷି କମ୍ପାନୀ ସମେତ ସମୁଦାୟ ହସ୍ପିଟାଲିଟି ସେକ୍ଟର ଲାଗି ୭୫ ହଜାର ୟୁରୋ ଜରିମାନା ବ୍ୟବସ୍ଥା କରାଯାଇଛି।




# ପ୍ରେମିକାଙ୍କ ଆତ୍ମହତ୍ୟା, ପ୍ରେମିକ ଅଟକ

**ମନମୁଣ୍ଡା, ୨୮।୯ (ଡି.ଏନ.ଏ.):** ମନମୁଣ୍ଡା ଥାନା ବିଳାସପୁର ପଞ୍ଚାୟତ ଥାଟିପାଲି ଅଞ୍ଚଳରେ ପ୍ରେମ ସମ୍ପର୍କ ଧରାପଡିବା ପରେ ଜଣେ ଯୁବତୀ ବିଷପିଇ ଆତ୍ମହତ୍ୟା କରିଛନ୍ତି । ପୋଲିସ ତାଙ୍କ ପ୍ରେମିକଙ୍କ ବିରୋଧରେ ପୋଲିସ ବଳାତ୍କାର ମାମଲା ରୁଜୁ କରିବା ସହ ପଚରାଉଚରା ଚଳାଇଛି । ଉକ୍ତ ଯୁବତୀ ଓ ଜାମଲାପଦର ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ଗତ ୨୫ ଅପରାହ୍ନରେ ଉଭୟ ଅସଂଯତ ଅବସ୍ଥାରେ ଥିବା ଜଣାପଡ଼ିବା ପରେ ଲୋକଲଜ୍ଜା ସହି ନ ପାରି ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଯୁବତୀଙ୍କୁ ସୋନପୁର ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ମନମୁଣ୍ଡା ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଯୁବକ ବଳାତ୍କାର ଘଟଣାକୁ ଅସ୍ୱୀକାର କରିଛନ୍ତି।




**Berhampur: Authorised Main Dealers:** BERHAMPUR: Arya TVS, Ph.: 9692492412; PHULBANI: Sai Sree TVS, Ph : 918860747708.

**Authorised Dealers:** Bhanjnagar, Palo Motors, Ph.: 9437325159; Purushottampur, Dakhinakali Motors, Ph.: 9337662970; Gunupur, Jaya Motors, Ph.: 9437338450; Aska, Sang Motors, Ph.: 9040446837; Chikiti, Maa Bala Kumari Motors, Ph.: 9437626215; Paralakhemundi, Ujwaleswar Motors, Ph : 06815-223055, 8895876466; Polosara, Palo Automobiles, Ph : 9861838393, 06810-282488; Chatrapur: Sairam Motors, Ph : 9438054346; Digapahandi, Maa Balakumari Motors, Ph : 9437626215; Hinjilikatu, Maa Bhubaneswari Motors, Ph: 9937296473; Sheragada, Hrushikesh Motors, Ph : 9777093397, 9938077720; Maa Mangala Auto, G Udayagiri, Ph : 9437107664; Baliguda, Maa Lalita Motors, Ph : 7657016100 ; Rambha, Shan Motors, Ph : 7978721993.

# 'ରାଉରକେଲା ହେବ ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର'

**ଭୁବନେଶ୍ୱର, ୨୮।୯ (ବ୍ୟୁରୋ)**


ଧର୍ମେନ୍ଦ୍ର ପ୍ରଧାନ

ରାଉରକେଲାକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଆଗାମୀ ଦିନରେ ଏଠାକୁ କିପରି ଅଧିକ ପ୍ରକଳ୍ପ ଆସିବା ସହ ଏହା ଦେଶର ପ୍ରମୁଖ ଶିଳ୍ପକେନ୍ଦ୍ର ହେବ, ସେନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବେ। ତିନିଦିନିଆ ରାଉରକେଲା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଗଣମାଧ୍ୟମକୁ ଏହା କହିଛନ୍ତି। ଇସ୍ପାତ ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କର ଏହା ପ୍ରଥମ ରାଉରକେଲା ଗସ୍ତ। ୩ ଦିନର ରହଣି ମଧ୍ୟରେ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଦେଖିବା ସହ ଖଣି ଅଞ୍ଚଳ ପରିଦର୍ଶନ କରିବେ ବୋଲି ଜଣାପଡିଛି। ଇସ୍ପାତ ଶିଳ୍ପର ବିକାଶ ପାଇଁ ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନକୁ ଭେଟି ରାଉରକେଲା ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।







World leading brands from the House of Hero

Splendor+ | Super Splendor | iSmart+ | Passion | Glamour | HF Deluxe | Maestro Edge | Pleasure | Destini 125 | Xpulse 200 | Xtreme 200S | Duet

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ˆOffer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ˆAs per cumulative dispatch numbers till 15th September 2019. T&C: ***For Government Employees and their blood relatives only.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ – 7799766350. **ଜୟପୁର:** ସୁପ୍ରିମ ହୀରୋ – 7799766340. **ଫୁଲବାଣୀ:** ନାରାୟଣୀ ହୀରୋ – 7799766373. **ରାୟଗଡ଼ା:** ଅଜୀତ ହୀରୋ – 7799766358. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ – 8895667200. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ – 9437438068. **ମାଲକାନଗିରି:** କନିଷ୍ଠ ଅଟୋମୋବାଇଲ୍ସ – 9437181980. **ନବରଙ୍ଗପୁର:** ଅରୁଣ ସେଲ୍ସ ଆଣ୍ଡ ସର୍ଭିସ – 9437174795. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ – 9437070065. **ଦେବଗଡ଼ :** ଜିନ୍ଦଲ ମୋଟର୍ସ – 8327793865. **ଭଞ୍ଜନଗର:** ରେବତି ମୋଟର୍ସ – 7737015509.

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ସୁଦର୍ଶନ
ପରିବାରବର୍ଗ


ମନୋଜ
ପରିବାରବର୍ଗ


ନିଧୁ
ପରିବାରବର୍ଗ


ପ୍ରିୟାଂଶୀ
ପରିବାରବର୍ଗ


ରୁପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଚନ୍ଦ୍ରଭାଗାରେ ଜଳ କ୍ରୀଡ଼ାର ମଜାନେବେ ପର୍ଯ୍ୟଟକ

ପୁରୀ ଅଫିସ, ୨୮।୯

ଆସୁଛି ପର୍ଯ୍ୟଟନ ଋତୁ। ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପୁରୀ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେବାକୁ ଯୋଜନା କରୁଛି। ଚନ୍ଦ୍ରଭାଗାରେ ପର୍ଯ୍ୟଟକଙ୍କୁ ୱାର୍ଟର ସ୍ପୋର୍ଟ୍ସ (ଜଳ କ୍ରୀଡ଼ାର) ମଜା ମିଳିବ। ଏ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କର ଅକେଲା ଆଡ୍‌ଭେଞ୍ଚର ସଂସ୍ଥାର ପଦାଧିକାରୀ ଯୋଗଦେଇ ସରକାରଙ୍କଠାରୁ ପାଇଥିବା ଅନୁମତି ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।
ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ସମ୍ପୃକ୍ତ ସଂସ୍ଥା ପ୍ରଥମେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତୀୟ ଅଣ୍ଡରଟେକିଂ ଲେଖିଦେବ। ଏଥିସହ ନିୟମକାନୁନ ମାନିବା ନେଇ ସମ୍ମତି ଜଣାଇବା ପରେ ପ୍ରଶାସନ ଅନୁଧ୍ୟାନ କରି ସଂସ୍ଥାକୁ ଅନୁମତି ଦେବ। ଏହି ସଂସ୍ଥା ସ୍ପିଡ୍ ବୋଟ, ଜେଟ୍ ସ୍କି, ବାନାନା ବୋଟ ସହିତ ବାଲିରେ ଏଟିଭି (ଅଲ୍-ଟେରେନ ଭେଇକ୍ଲ) ଚଳାଇବ ବୋଲି ଜଣାପଡ଼ିଛି। ଚନ୍ଦ୍ରଭାଗାଠାରୁ ୫୦୦ ମିଟର ପରେ ନୋଳିଆସାହି ପଟକୁ ଏହା ଚଳାଚଳ କରିବ ବୋଲି ସ୍ଥିର ହୋଇଛି। ଅକ୍ଟୋବର ୨ରୁ ଏହା ଚଳାଚଳ କରିବାର ସମ୍ଭାବନା ରହିଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, କୋଣାର୍କ ଟୁରିଷ୍ଟ ଅଫିସର ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନ୍‌ଏସି ଏକ୍‌ଜିକ୍ୟୁଟିଭ ଅଫିସର ଏବଂ ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଯଶୋମତୀ ମହାପାତ୍ର


ଅଶ୍ୱିନୀ ଗୌତମ ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ପ୍ରଥମ ପୃଷ୍ଠାରୁ...

### 'ଦେଶ ସୁରକ୍ଷାରେ ...

ମାୟିତକିୟିନା, ହଙ୍କଂ, ସିଙ୍ଗାପୁର, ମାଳୟ , ବାହାରିନ୍, ଇରାକ୍ ଏବଂ ପାରସ୍ୟ ଅଭିଯାନ ଅନ୍ତର୍ଭୁକ୍ତ । ଏଥିପାଇଁ ବହୁ ବୀରତ୍ୱ ସମ୍ମାନ ଯଥା ୪ ମିଲିଟାରୀ କ୍ରସ୍, ବ୍ରିଟିଶ୍ ସାମାଜ୍ୟର ଏକ ପଦକ, ୭ ଭାରତୀୟ ବିଶିଷ୍ଟ ସେନା ପଦକ ଏବଂ ବ୍ରିଟ୍ରିଶ୍ ସାମ୍ରାଜ୍ୟର ଦୁଇଟି ସମ୍ମାନପତ୍ର ରହିଛି। ସେନା ବାୟୁ ପ୍ରତିରକ୍ଷା ବାହିନୀ ୧୯୪୦ ପରଠୁ ଆର୍ଟିଲାରୀର ଏକ ଅଂଶବିଶେଷ ଭାବେ କାର୍ଯ୍ୟ କରିଆସୁଛି । ଏହାକୁ ୧୯୯୪ ରେ ଏକ ସ୍ୱତନ୍ତ୍ର ସଶସ୍ତ୍ର ସୈନ୍ୟ ବାହିନୀର ମାନ୍ୟତା ମିଳିଥିଲା । ସେନା ବାୟୁ ପ୍ରତିରକ୍ଷା ବାହିନୀକୁ ୨ ଅଶୋକ ଚକ୍ର, ୨ କୀର୍ତ୍ତି ଚକ୍ର, ୨୦ ବୀର ଚକ୍ର, ୯ ଶୌର୍ଯ୍ୟ ଚକ୍ର, ୧୧୩ ସେନା ପଦକ ଏବଂ ୫୫ ମାନ୍‌ସନ୍ ଇନ୍ ଡେସ୍ପ୍ୟାଚ୍ ସହିତ ୧୯୭୧ର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ୪ ସମ୍ମାନଜନକ ଉପାଧିରେ ମଧ୍ୟ ସମ୍ମାନିତ କରାଯାଇଛି । ଏହା ଯୁବପିଢ଼ିଙ୍କୁ ରାଷ୍ଟ୍ରସେନା ପ୍ରତି ଅନୁପ୍ରାଣିତ କରିବ ବୋଲି ରାଷ୍ଟ୍ରପତି କୋବିନ୍ଦ ପ୍ରକାଶ କରିଥିଲେ । ଏଥିସହ ସେ ଉପସ୍ଥିତ ସମସ୍ତ ସେନା ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ, ସ୍ୱାଧୀନ ବାହିନୀ ଭାବେ ୨୫ବର୍ଷରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଏବଂ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି କଲର୍ସ ସମ୍ମାନ ପ୍ରଦାନ କରାଯାଇଥାଏ । କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥଳସେନା ମୁଖ୍ୟ ତଥା ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ୍ ବିପିନ ରାୱତ, ସେନା ବାୟୁ ପ୍ରତିରକ୍ଷା ବାହିନୀ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଆଶ୍ୱିନୀ କୁମାର, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିରୋଧୀ ଦଳ ନେତା ପ୍ରଦୀପ ନାୟକଙ୍କ ସମେତ ସେନା ବାହିନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ସକାଳୁଆ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ । ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ। ଯାନବାହନ ଚଳାଇବା ସମୟରେ ଅନ୍ୟମନସ୍କତା ଅସୁବିଧାର କାରଣ ହେବାର ସମ୍ଭାବନା ରହିଛି।

**ବୃଷ**
ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନସିପ୍ରୁ ଖୁସି ରହିବେ।

**ମିଥୁନ**
ଆପଣଙ୍କର ସହନଶୀଳତା ଓ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ, ନତୁବା ପରେ ଅନୁତାପ କରିବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ବିନା କାରଣରେ କ୍ରୋଧ ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ।

**କର୍କଟ**
ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ**
ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମଧ୍ୟ ମନ ବଳିପାରେ।

**କନ୍ୟା**
କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ଯାହା କାମକୁ ଆସିବନାହିଁ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି,କଳା,ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା**
ଆଜି ଆପଣ ନିଜ ଲୋକମାନଙ୍କ ଉପରେ ଭରସା କରି ପାରିବେ ନାହିଁ। ଫଳରେ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବାକୁ ବାଧ୍ୟ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଚିତ୍ରାର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ ।

**ବିଛା**
ସହକର୍ମୀଙ୍କ ପ୍ରାୟୋଜିତ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆଲୋଚନା ପରିସରରେ ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ**
କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଚିନ୍ତା ବୃଦ୍ଧି କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର**
କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷଶତ୍ରୁତା କାରଣରୁ କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ଏହା ସାଙ୍ଗକୁ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି।

**କୁମ୍ଭ**
ଆକସ୍ମିକ ଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**
ପରିବାରରେ ସମସ୍ୟା ସମାଧାନ ନ ହେବା କାରଣରୁ ଟେନସନ୍ ବଢ଼ିଯାଇପାରେ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ସୂଚନା ରହିଛି।

ଆଜି ଆଶ୍ୱିନ ଶୁକ୍ଳ ପ୍ରତିପଦା ରବିବାର, ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ, ଶ୍ରୀଦୁର୍ଗାମାଧବ ବାହାର ବିଜେ, ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃତ୍‌ପିଣ୍ଡ ଦିବସ, ବିଶ୍ୱ ମୂକବଧିର ଦିବସ (ସେପ୍ଟେମ୍ବର ଶେଷ ରବିବାର), ରାଶିନକ୍ଷତ୍ର-ହସ୍ତା/କନ୍ୟା, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୯ମି. ଗତେ ଘ୮।୫୦ମି. ମଧ୍ୟେ, ଘ୧୧।୫୮ମି. ଗତେ ଘ୩।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୫ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୪ମି. ଗତେ ଘ୫।୩୩ମି. ମଧ୍ୟେ ରାହୁକାଳ।

## ନକଲି ସାର୍ଟିଫିକେଟ୍ ଦେଇ କାର୍ଯ୍ୟ କରୁଛନ୍ତି କର୍ମଚାରୀ
# ଯାଞ୍ଚ କରିବାକୁ ଓସେପାର ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)- ନକଲି ସାର୍ଟିଫିକେଟ୍ ଦେଇ କାର୍ଯ୍ୟ କରୁଛନ୍ତି ସରକାରୀ ଅଧିକାରୀ। ଓଡ଼ିଶା ପ୍ରାଇମେରି ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓପେପା)/ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା) ଅଧୀନରେ ଅନେକ କର୍ମଚାରୀ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରୁଛନ୍ତି। ଏଭଳି ଅଭିଯୋଗ ହେବା ପରେ ବିଭାଗ ତତ୍ପର ହୋଇପଡ଼ିଛି। ନକଲି ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଓସେପା ପକ୍ଷରୁ ସମସ୍ତ ଜିଲାପାଳ ତଥା ଆର୍‌ଟିଇ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଓପେପା କିମ୍ବା ଓସେପା ଅଧୀନରେ ଏସ୍‌ପିଓ, ଡିପିଓ, ବ୍ଲକ୍‌ସ୍ତରୀୟ କର୍ମଚାରୀମାନେ ନିଯୁକ୍ତି ପାଇଥିବା ସମୟରେ ଦେଇଥିବା ସାର୍ଟିଫିକେଟ୍‌କୁ ଅତି ସାବଧାନତା ସହ ଯାଞ୍ଚ କରିବାକୁ କୁହାଯାଇଛି। ଯଦି କିଏ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ଜଣାପଡ଼େ, ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରିବାକୁ ମଧ୍ୟ କୁହାଯାଇଛି। ଉକ୍ତ କର୍ମଚାରୀଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍‌ର ଅଧିକ ଯାଞ୍ଚ ପାଇଁ ରାଜ୍ୟ କିମ୍ବା ରାଜ୍ୟ ବାହାର ବୋର୍ଡ, କାଉନ୍‌ସିଲ, ବିଶ୍ୱବିଦ୍ୟାଳୟ, ଶିକ୍ଷାନୁଷ୍ଠାନ କିମ୍ବା କୌଣସି ଅନୁଷ୍ଠାନକୁ ପଠାଯାଇପାରିବ। ସାର୍ଟିଫିକେଟ୍ ଯାଞ୍ଚ ହେବା ପରେ ଡିପିସି କର୍ମଚାରୀଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍ ଠିକ୍ ଅଛି କିମ୍ବା ଭୁଲ ସେନେଇ ଏସ୍‌ପିଓଙ୍କୁ ଦୁଇମାସ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଜେପୁର ଉପନିର୍ବାଚନ | ରୀତାଙ୍କୁ ଭରସିଲେ ନବୀନ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟିକା ରୀତା ସାହୁଙ୍କୁ ବିଜେପୁର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ନବୀନ ନିବାସରେ ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଜେଡି ସଭାପତି କହିଥିଲେ ଯେ, ବିଜେପୁରବାସୀଙ୍କ ଆଶୀର୍ବାଦ ପାଇଁ ସେ ଋଣୀ। ବିଜେପୁର ସବୁବେଳେ ତାଙ୍କ ଧ୍ୟାନକେନ୍ଦ୍ରିତ(ଫୋକସ୍) ନିର୍ବାଚନମଣ୍ଡଳୀ ରହିବ। ଉପନିର୍ବାଚନରେ ରୀତା ସାହୁ ହିଁ ବିଜେଡି ପ୍ରାର୍ଥିନୀ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।
ରୀତା ଚଳିତ ମାସ ୩୦ରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଗତ ସପ୍ତାହରେ ବିଜେପୁର ଉପନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପରେ ଶାସକ ଦଳରୁ କିଏ ପ୍ରାର୍ଥୀ ହେବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ରୀତାଙ୍କ ନାଁ ସମେତ ବରଗଡର ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଏବଂ ଏପିକଲ୍ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ବିଜେପୁର ଉପନିର୍ବାଚନ ଲାଗି ଦଳୀୟ ବ୍ୟାପାର ପରିଚାଳନା ପାଇଁ ବିଜେଡି ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯିଏ ବି ଦଳର ପ୍ରାର୍ଥୀ ହୁଅନ୍ତୁ ନା କାହିଁକି, ତାଙ୍କୁ ବିପୁଳ ବ୍ୟବଧାନରେ ବିଜୟୀ କରିବା ପାଇଁ ପ୍ରଚେଷ୍ଟା କରିବାକୁ ନିର୍ଦ୍ଦେଶ ରହିଥିଲା। ସେହିଦିନ ପ୍ରାର୍ଥୀଙ୍କୁ ନେଇ ଦଳର ମୁଖ୍ୟ କୌଣସି ସଙ୍କେତ ଦେଇ ନ ଥିଲେ।



ତେଣୁ ରୀତାଙ୍କ ଉପରେ ପୁନର୍ବାର ଭରସା କରାଯିବ ଅଥବା ନୂଆ ମୁହଁ ଦିଆଯିବ, ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ହେଲେ ରୀତାଙ୍କ ନାଁ ଘୋଷଣା ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଦଳ ପକ୍ଷରୁ ତାଙ୍କ ନାଁ ଘୋଷଣା ହେବା ପରେ ରୀତା ବିଜେଡି ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରୀତା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ପୁନର୍ବାର ଭରସା କରିଥିବାରୁ ସେ କୃତଜ୍ଞ। ବିଜେପୁର ପାଇଁ ଅତୀତରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଏହି ଧାରା ବଜାୟ ରହିବ। ପ୍ରାର୍ଥିତ୍ୱକୁ ନେଇ ବର୍ତ୍ତମାନ କୌଣସି ଅସହମତି ନାହିଁ ବୋଲି ରୀତା କହିଛନ୍ତି। ଅପରପକ୍ଷରେ ଗତ ୨ ନିର୍ବାଚନରେ ସେହି ଆସନରେ ଦ୍ୱିତୀୟ ସ୍ଥାନରେ ଥିବା ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ରବିବାର ନୂଆଦିଲ୍ଲୀରେ ହେବାକୁ ଥିବା ସଂସଦୀୟ ଦଳ ବୈଠକରେ ବିଜେପୁର ପ୍ରାର୍ଥୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି

### ଆଜି ପ୍ରାର୍ଥୀ ଘୋଷଣା କରିବ ଭାଜପା

ଶନିବାର ଏହି ସୂଚନା ଦେଇଛନ୍ତି। ସନତ ଗଡତିଆ ଏବଂ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରାଯିବାର ସମ୍ଭାବନା ରହିଥିବା କୁହାଯାଇଛି। ହେଲେ କଂଗ୍ରେସ ଦିଲୀପ ପଣ୍ଡାଙ୍କୁ ନିଜର ପ୍ରାର୍ଥୀଭାବେ ଘୋଷଣା କରିସାରିଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପ୍ରାର୍ଥିନୀ ରୀତା ପୂର୍ବରୁ କଂଗ୍ରେସ ପରିବାରର ବୋହୂ ଥିଲେ। ଏବେ ବିଜେଡିକୁ ଯାଇଛନ୍ତି, ତେଣୁ ତାଙ୍କ ବିଷୟରେ କିଛି କହିବାକୁ ଚାହୁଁନି। ହେଲେ ସବୁବେଳେ ହାୱା(ସିମ୍ପାଥି) କାମ କରେନା। ବିଜେପୁରବାସୀଙ୍କୁ ବିଜେଡି କେତେଥର ପ୍ରତାରିତ କରିବ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।
ଉଲ୍ଲେଖଯୋଗ୍ୟ, ବିଜେପୁର ନିର୍ବାଚନୀମଣ୍ଡଳୀରେ ଆସନ୍ତା ଅକ୍ଟୋବର ୨୧ରେ ଭୋଟ ଗ୍ରହଣ ଓ ୨୪ରେ ଭୋଟ ଗଣତି କରାଯିବ। ଏଥିପାଇଁ ଗତ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଆସନ୍ତା ୩୦ (ସୋମବାର)ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୧ (ମଙ୍ଗଳବାର) ନାମାଙ୍କନପତ୍ର ଯାଞ୍ଚ କରାଯିବ। ସେହିଭଳି ଅକ୍ଟୋବର ୩ (ଗୁରୁବାର)ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି।

## ଜିଲା ଚିଠି
### ଗଜପତି



## ଆରଟିଓ ସେବା

୧୯୯୨ ମସିହା, ଅବିଭକ୍ତ ଗଞ୍ଜାମ ଜିଲାରୁ ପୃଥକ୍ ହୋଇ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା ଗଜପତି। ଏହାର ୧୧ ବର୍ଷ ପରେ ଅର୍ଥାତ୍ ୨୦୦୩ରେ ଜିଲାର ପାରଳାଖେମୁଣ୍ଡିରେ ଏକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିଥିଲା। ଆଶା ଥିଲା ଜନସାଧାରଣଙ୍କ ମୋଟରଯାନ ସମ୍ପର୍କୀତ ସମସ୍ୟାର ସମାଧାନ ହେବ। ହେଲେ ସେହି ବିଶ୍ୱାସ ଭୁଲ ସାବ୍ୟସ୍ତ ହୋଇଛି। ଜିଲାବାସୀ ସେବା ପାଇବା ପାଇଁ ଉକ୍ତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ନୂତନ ମୋଟରଯାନ ନିୟମ ଲାଗୁ ହେବା ପରେ ଏବେ ସେହି କାର୍ଯ୍ୟାଳୟରେ ଭିଡ଼ ଜମୁଛି। ହେଲେ ଗାଡ଼ି ଚାଳକଙ୍କ ସୁବିଧା ପାଇଁ କୌଣସି ତତ୍ପରତା ସୃଷ୍ଟି ହେଉନାହିଁ। ନୂତନ ନିୟମ ଅନୁଯାୟୀ ପ୍ରଦୂଷଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଅକ୍ଟୋବର ୧ରୁ ଏହି ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ପ୍ରଥମେ ଘୋଷଣା କରାଯାଇଥିଲା। ପରେ ଏହାକୁ କୋହଳ କରାଯାଇଛି। ଅକ୍ଟୋବର ବଦଳରେ ଜାନୁୟାରୀରୁ ଏହା କଡ଼ାକଡ଼ି ହେବ। ନୂତନ ନିୟମ ଅନୁଯାୟୀ ଗାଡ଼ି ଚାଳକଙ୍କୁ ମୋଟାଅଙ୍କରେ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ତେଣୁ ପ୍ରଥମ ଘୋଷଣା ଅନୁସାରେ ହାତରେ ଆଉ ମାତ୍ର ୩ଦିନ ରହିଥିବାରୁ ପ୍ରଦୂଷଣ ପ୍ରମାଣପତ୍ର ଯୋଗାଡ଼ ପାଇଁ ଚାଳକମାନେ ତତ୍ପର ହୋଇପଡ଼ିଛନ୍ତି। ହେଲେ ଗଜପତି ଜିଲାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଜିଲାର ଗାଡ଼ି ଚାଳକମାନେ ପାରଳାଖେମୁଣ୍ଡି ସହର ସୀମାନ୍ତବର୍ତ୍ତୀ ତଥା ପଡ଼ୋଶୀ ଆନ୍ଧ୍ରର ପୁରୁଣାପାଟଣା ଗ୍ରାମକୁ ଯାଇ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ସଂଗ୍ରହ କରୁଛନ୍ତି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କିଛି ବର୍ଷ ତଳେ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ତାହା ବହୁ ଦିନରୁ ବନ୍ଦ ରହିଛି। ସେହିପରି ଗାଡ଼ି ଚାଳକଙ୍କ ନାମ ପଞ୍ଜୀକରଣ ପାଇଁ ବହୁ ଦିନ ଅପେକ୍ଷା କରିବାକୁ ପଡୁଛି। ଏପରି କି ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସ୍ଥଳ ବି ଉପଯୁକ୍ତ ନୁହେଁ। ଜିଲାର କୋଣ ଅନୁକୋଣ ତଥା ଦୁର୍ଗମ ଅଞ୍ଚଳରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଲୋକେ ନିଜର ଗାଡ଼ି ପଞ୍ଜୀକରଣ ଏବଂ ଲାଇସେନ୍ସ ପାଇଁ ଆର୍‌ଟିଓ ଅଫିସ୍‌କୁ ଦୌଡୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କୁ ଜନସେବା କେନ୍ଦ୍ର ଏବଂ ଅନ୍ୟସ୍ଥାନକୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ଆରଟିଓ କାର୍ଯ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ପଲ୍ୟୁସନ୍ ସାର୍ଟିଫିକେଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିକଟରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ। ହେଲେ ଏ ଯାବତ ତାହା ହୋଇନାହିଁ। କୁଆଡ଼େ ଗଜପତି ଜିଲା ଆର୍‌ଟିଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ଆର୍‌ଟିଓଙ୍କ ସମେତ ଜଣେ ଏମ୍‌ଭିଆଇ, ଜଣେ ଟ୍ରାଫିକ୍ ସବ୍-ଇନ୍ସପେକ୍ଟର, ଜଣେ ବରିଷ୍ଠ କିରାଣି, ଜଣେ କନିଷ୍ଠ କିରାଣି ଓ ଜଣେ କନ୍‌ଷ୍ଟେବଳ ସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ୩ ସୁରକ୍ଷା କର୍ମୀ, ଜଣେ ସହକାରୀ ପ୍ରୋଗ୍ରାମର୍, ଜଣେ ପିଅନ, ଇଣ୍ଟର୍‌ସେପ୍ଟର ଚାଳକ ଓ ଜଣେ ଅପରେଟର୍ ଅସ୍ଥାୟୀ ଭାବେ ରହିଛନ୍ତି। ଏଥିଯୋଗୁ ସେବା ପ୍ରଦାନ ପାଇଁ ବିଳମ୍ବ ଘଟୁଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି। - ରଶ୍ମିରଞ୍ଜନ ମିଶ୍ର

## ପିଣ୍ଡଦାନ ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼

ପୁରୀ ଅଫିସ,୨୮।୯

ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା ବୋଲି କୁହାଯାଏ। ଶନିବାର ଏହି ପବିତ୍ର ତିଥିରେ ଶହ ଶହ ଶ୍ରଦ୍ଧାଳୁ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ବାଇଶି ପାହାଚ ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିଛନ୍ତି। ବିଶ୍ୱାସ ରହିଛି, ବାଇଶି ପାହାଚରେ ଶ୍ରଦ୍ଧାର ସହ ପିଣ୍ଡଦାନ କଲେ ପିତୃଗଣ ସନ୍ତୁଷ୍ଟ ହୋଇଥାନ୍ତି। ଏଥିଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା କୁହାଯାଏ। ୧୫ ଦିନ ଧରି ଚାଲିଥିବା ପିତୃପକ୍ଷର ଏହା ଅନ୍ତିମ ଦିବସ। ଏହି ଅନ୍ତିମ ଦିବସରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ଏହି ମହାଳୟା ଶ୍ରାଦ୍ଧର ବିଶେଷତ୍ୱ ହେଲା ପିତୃ କୁଳର ତିନିପୁରୁଷଙ୍କ ସହିତ ମାତୃ କୁଳର ତିନି ପୁରୁଷଙ୍କୁ ମଧ୍ୟ ପିଣ୍ଡ ଦାନ କରାଯାଇଥାଏ। ତେଣୁ ଏହି ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଇଥାଏ। ପିତୃ କୁଳର ପିତା, ପିତାମହ, ପ୍ରପିତାମହ ଓ ମାତୃ କୁଳର ମାତାମହ, ପ୍ରମାତାମହ, ବୃଦ୍ଧ ପ୍ରମାତାମହଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଏଥିପାଇଁ ଶ୍ରୀକ୍ଷେତ୍ରକୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ବାଇଶିପାହାଚରେ ପିଣ୍ଡଦାନ କଲେ ପିତୃପୁରୁଷ ମୁକ୍ତିଲାଭ କରନ୍ତି ବୋଲି ବିଶ୍ୱାସ ରହିଛି। ସେହି ବିଶ୍ୱାସକୁ ଆଧାର କରି ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ, ଗହମ ଛତୁଆ, ଅଟା, ପଞ୍ଚାମୃତରେ ପିଣ୍ଡ ପ୍ରସ୍ତୁତି କରି ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥାନ୍ତି।


ମହାଳୟା ଉପଲକ୍ଷେ ଶ୍ରଦ୍ଧାଳୁମାନେ ମାର୍କଣ୍ଡ ପୁଷ୍କରିଣୀରେ ତିଳତର୍ପଣ ଓ ପିଣ୍ଡଦାନ କରୁଛନ୍ତି।



# ଜୀବନଶୈଳୀ ସୁଧାରିବାକୁ ପଡ଼ିବ

ବିଶ୍ୱ ହୃତ୍ପିଣ୍ଡ ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ୨୯ରେ ପାଳନ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହୃତ୍ପିଣ୍ଡ ସମ୍ବନ୍ଧୀୟ ରୋଗ ତଥା ଏହାକୁ ସୁସ୍ଥ ରଖିବା ପାଇଁ ସଚେତନତା ଆଣିବା। ୨୦୦୦ ମସିହାରୁ ଏହି ଦିବସ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ରବିବାରରେ ପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୯ ରେ ଏହା ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ) ସହଯୋଗରେ ୱାର୍ଲ୍ଡ ହାର୍ଟ ଫେଡେରେଶନ ପ୍ରତିବର୍ଷ ଏହି ଦିବସକୁ ପାଳନ କରୁଛି। ଚଳିତ ବର୍ଷ ଏହି ଦିବସରେ 'ନିଜେ ସୁସ୍ଥ ହୃତ୍ପିଣ୍ଡର ଅଧିକାରୀ ହେବା ସହ ପ୍ରିୟ ପରିଜନଙ୍କୁ ଏ ଦିଗରେ ସଚେତନ ଲାଗି ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି'। ହୃଦ୍‌ରୋଗ ସମଗ୍ର ବିଶ୍ୱରେ ଏବେ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଏଣୁ ଏହି ଦିବସ ମାଧ୍ୟମରେ ଲୋକମାନଙ୍କୁ ହୃଦ୍‌ରୋଗକୁ କିପରି ଦୂର କରାଯାଇପାରିବ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରାଯାଉଛି। ଅବ୍ୟବସ୍ଥିତ ତଥା ନିଷ୍କ୍ରିୟ ଜୀବନଶୈଳୀ, ଅତ୍ୟଧିକ ମାନସିକ ଚାପ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଧୂମପାନ, ମେଦ ବହୁଳତା, ଚର୍ବିଜାତୀୟ ଖାଦ୍ୟ ଗ୍ରହଣ କରୁଥିବା ଲୋକେ ହୃଦ୍‌ରୋଗରେ ପୀଡିତ ହେବା ଆଶଙ୍କା ଅଧିକ। ଯେଉଁମାନଙ୍କର କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ୍ ଓବିଏଲ୍‌ଡିଏଲ ଏବଂ ଏଲ୍‌ଡିଏଲ ଅଧିକ ରହିଥାଏ ସେମାନଙ୍କୁ ଏହି ରୋଗର ଶିକାର ହେବାକୁ ପଡ଼େ। ଏହି ସବୁ ଦିଗ ପ୍ରତି ଲୋକମାନେ ସଚେତନ ନ ହେବା ଯୋଗୁ ବିଶ୍ୱରେ ହୃଦ୍‌ରୋଗ ବୃଦ୍ଧି ପାଇବାରେ ଲାଗିଛି। ବ୍ୟସ୍ତବହୁଳ ଜୀବନରେ ସମୟ ଅଭାବରୁ ବ୍ୟାୟାମ କରିବା ସମ୍ଭବ ନ ହେବା ହୃଦ୍‌ରୋଗକୁ ମଧ୍ୟ ଆମନ୍ତ୍ରଣ କରୁଛି। ଏହି ରୋଗ ଯେକୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ପୁରୁଷଙ୍କ ତୁଳନାରେ ମହିଳାମାନଠାରେ ଏହି ରୋଗର ଆଶଙ୍କା ବେଶି। ଏବେ ପ୍ରଦୂଷଣର ପ୍ରଭାବ ହୃତ୍ପିଣ୍ଡ ଉପରେ ପରିଲକ୍ଷିତ ହେଉଛି ବୋଲି ଏକ ଗବେଷଣା ତଥ୍ୟରୁ ଜଣାପଡିଛି। ଏଣୁ ବିଶ୍ୱ ହୃତ୍ପିଣ୍ଡ ଦିବସରେ ଲୋକମାନଙ୍କ ମଧ୍ୟରେ ଏହି ଭାବନା ଜାଗ୍ରତ କରିବା ଜରୁରୀ ମନେହୁଏ।

## ମାନସିକ ଚାପ ଅନ୍ୟତମ କାରଣ



ବିଶ୍ୱରେ ପ୍ରତିବର୍ଷ ଯେତେଲୋକ ହୃଦ୍‌ରୋଗରେ ମୃତ୍ୟୁବରଣ କରନ୍ତି, ସେମାନଙ୍କ ମଧ୍ୟରୁ ୨୯ ପ୍ରତିଶତ ହୃଦ୍‌ରୋଗ କାରଣରୁ। ବିଶ୍ୱରେ ଏହି ଗମ୍ଭୀର ସମସ୍ୟାର ଏକ ବଡ଼ କାରଣ ହେଉଛି ମାନସିକ ଚାପ। ବ୍ୟସ୍ତବହୁଳ ଜୀବନରେ ଏଥିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ସମ୍ଭବ ନହେଲେ ବି ଯଥାସମ୍ଭବ ଏହାଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ଜରୁରୀ। ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ଯୋଗ ଓ ବ୍ୟାୟାମର ଆବଶ୍ୟକତା ରହିଛି।

## ଭୟଙ୍କର ହେଉଛି ...

ଏବେ ହୃଦ୍‌ରୋଗ ଜନିତ ସମସ୍ୟା ସାଂଘାତିକ ହେବାରେ ଲାଗିଛି। ଏହାର କାରଣ ଯୁବପିଢ଼ି ଏଥିରେ ବେଶି ଆକ୍ରାନ୍ତ ହେଉଛନ୍ତି। ଏହା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ୩୦-୪୦ ବର୍ଷ ବୟସ ମଧ୍ୟରେ ଏହି ରୋଗର ପ୍ରାବଲ୍ୟ ସବୁଠୁ ବେଶି। ଏକ ଆକଳନରୁ ଜଣାପଡିଛି ଯେ, ଭାରତରେ ଏବେ ୧୦.୨ କୋଟି ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ। ବିଶ୍ୱରେ ପ୍ରତିବର୍ଷ ୧.୭ କୋଟି ଲୋକ ଉକ୍ତ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଯଦି ଏହା ଉପରେ ଏବେଠୁ ଅଙ୍କୁଶ ଅଣା ନ ଯାଏ, ତେବେ ୨୦୨୦ ସୁଦ୍ଧା ଏହା ଭୟଙ୍କର ରୂପ ନେବ। ଯୁବକମାନେ ଅଫିସ୍‌ରେ ବେଶି ସମୟ ବସିରହିବା ଯୋଗୁ ଶାରୀରିକ ଶ୍ରମରୁ ବଞ୍ଚିତ ହେବା ଦ୍ୱାରା ହୃଦ୍‌ରୋଗର ଶିକାର ହେଉଛନ୍ତି। ବୟସ ବୃଦ୍ଧି ସହ ହୃତ୍ପିଣ୍ଡ ଦୁର୍ବଳ ହେବାରେ ଲାଗେ। ଏଣୁ ହୃତ୍ପିଣ୍ଡ ସମ୍ବନ୍ଧରେ ଆମକୁ କିଛି କଥା ଜାଣିବାକୁ ପଡିବ। ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ। ଆମ ଦେଶରେ ବିଶେଷକରି ଖାଦ୍ୟପେୟରେ ଅସନ୍ତୁଳନ ଓ ଅବ୍ୟବସ୍ଥିତ ଜୀବନଶୈଳୀ ଏହି ରୋଗକୁ ରାସ୍ତା କଢ଼ାଇ ଦେଉଛି। ଅଧିକ ଚର୍ବିଜାତୀୟ ଖାଦ୍ୟ, ଲୁଣ, ଅଣ୍ଡା, ମାଂସ ଖାଇବା କାରଣରୁ ହୃଦ୍‌ଘାତର ଆଶଙ୍କା ୩୫ ପ୍ରତିଶତ ବୃଦ୍ଧିପାଉଛି ବୋଲି ସର୍କ୍ୟୁଲେଶନ ଜର୍ନାଲରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି।

## ହୃତ୍ପିଣ୍ଡକୁ ସୁସ୍ଥ ରଖିବା ପାଇଁ ଜାଣନ୍ତୁ କେତୋଟି କଥା ...

- ମଦ୍ୟପାନ ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନ ବୃଦ୍ଧି କରାଇଥାଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ। ଏହା ଯୋଗୁ ହାର୍ଟକୁ ଉପଯୁକ୍ତ ପରିମାଣର ରକ୍ତ ପହଞ୍ଚିପାରି ନ ଥାଏ ଓ ହାର୍ଟରେ ଫାଟ ସୃଷ୍ଟି ହୋଇଥାଏ। ତେଣୁ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ଯୋଗାଣରେ ବାଧା ପହଞ୍ଚିଥାଏ। ୭୨ଘଣ୍ଟା ମଧ୍ୟରେ ରୋଗୀଙ୍କର ମୃତ୍ୟୁ ଘଟିବା ଆଶଙ୍କା ବଢ଼ିଯାଏ।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତ ଚାପକୁ ଡାକି ଆଣିଥାଉ। ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ହିଁ ପାଲଟିଯାଏ।
- ଚର୍ବି ଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ ସ୍ତର ବଢ଼ିଥାଏ।
- କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପଟାସିୟମ୍ ରକ୍ତଚାପ କମ କରିଥାଏ। ଫଳରେ ହାର୍ଟ ଉପରେ ଅଧିକ ଚାପ ପଡ଼ି ନ ଥାଏ।
- ଗ୍ରୀନ୍ ଟି, ବ୍ଲାକ୍ ଟି, କଫି ଏବଂ ଫଳ ରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ହାର୍ଟ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥାଏ।

## ହାର୍ଟ ଆଟାକ୍‌ର ଲକ୍ଷଣ

ହାର୍ଟ ଆଟାକ୍‌ର କେତେକ ସ୍ୱତନ୍ତ୍ର ଲକ୍ଷଣ ରହିଥାଏ। ଏହା ହେଲେ ଛାତିରେ ପ୍ରବଳ ଯନ୍ତ୍ରଣା ହୁଏ। ଯନ୍ତ୍ରଣା କାନ୍ଧ, ବାହୁ, ପିଠି, ବେକ ଓ ମୁହଁର ନିମ୍ନ ଭାଗ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଥାଏ। ବେଳେ ବେଳେ ଅମ୍ଳ ବା ଏସିଡିଟି ଥିବାପରି ଛାତିରେ ଜ୍ୱଳନ ହୁଏ। ଏହା ଅଳ୍ପ କେତେ ମିନିଟ ପର୍ଯ୍ୟନ୍ତ ରୁହେ ଓ ବିଶ୍ରାମ ନେଲେ ଭଲ ଲାଗେ। ବେଳେବେଳେ ଛୋଟ ଶ୍ୱାସକ୍ରିୟା ଦ୍ୱାରା ହାର୍ଟ ଆଟାକ୍‌ର ଲକ୍ଷଣ ପ୍ରକାଶ ପାଇଥାଏ। ଏଥିରେ ଲୋକ ଧଇଁସଇଁ ହେବା ଆରମ୍ଭ କରିଥାନ୍ତି।






ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡ଼ାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ଆତଙ୍କବାଦର ସଂଜ୍ଞା



ଆକାର ପଟେଲ

ଚେ ଗେଭାରା ଥିଲେ ଜଣେ ସୀମାପାର ଆତଙ୍କବାଦୀ। ସେ ଜଣେ ଡାକ୍ତର ଥିଲେ ଏବଂ ବର୍ତ୍ତମାନ ତାଙ୍କୁ ସାରା ବିଶ୍ୱରେ ବହୁ ଲୋକ ଜଣେ ମାର୍କ୍ସବାଦୀ ବିପ୍ଳବୀ ଭାବେ ଅଭିହିତ କରୁଛନ୍ତି। ୧୯୫୯ ମସିହାରେ ୩୧ ବର୍ଷ ବୟସରେ ଚେ ଭାରତ ଆସିଥିଲେ ଏବଂ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ସହ ଭୋଜନ କରିଥିଲେ। ସେ ଦୁଇଟି ପୁସ୍ତକ ଲେଖିଛନ୍ତି: 'ଦ ବଲିଭିଆନ ଡାଏରୀ' ଓ 'ଦ ମୋଟରସାଇକେଲ ଡାଏରିଜ୍'। ଦ୍ୱିତୀୟ ପୁସ୍ତକର କଥାବସ୍ତୁକୁ ନେଇ ୨୦୦୪ରେ ଏକ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ଚେ ହେଉଛନ୍ତି ଜଣେ ଆର୍ଜେଣ୍ଟିନାବାସୀ କିନ୍ତୁ ଫିଡେଲ କାଷ୍ଟ୍ରୋଙ୍କ ଗୃହଯୁଦ୍ଧରେ ବାଟିସ୍ତା ସରକାରଙ୍କ ବିରୋଧରେ ଲଢ଼ିବା ପାଇଁ ସେ କ୍ୟୁବା ଯାଇଥିଲେ। ତା'ପରେ ସେ ବାରିଏଣ୍ଟୋଙ୍କ ସରକାର ବିରୋଧରେ ଗେରିଲା ଯୁଦ୍ଧ ଲଢ଼ିବା ପାଇଁ ବଲିଭିଆ ଯାଇଥିଲେ। ଚେ'ଙ୍କ ନିଜ ଲେଖା ଅନୁସାରେ ସେ ଓ ତାଙ୍କ ଲୋକମାନେ ଲୁଚିଛପି ଅନେକ ସୈନିକଙ୍କୁ ମାରିଛନ୍ତି। ୧୯୬୭ ମସିହାରେ ୩୯ ବର୍ଷ ବୟସରେ ଚେ ଗେଭାରା ସେନା ଦ୍ୱାରା ଧରା ହୋଇ ମୃତ୍ୟୁଦଣ୍ଡ ପାଇଲେ।

ଜର୍ଜ ଅର୍ୱେଲ ମଧ୍ୟ ଥିଲେ ଜଣେ ସୀମାପାର ଆତଙ୍କବାଦୀ। ସେ ଜଣେ ପୋଲିସ ଅଫିସର ଥିଲେ ଯିଏ ବିହାରର ମୋତିହାରୀରେ ଜନ୍ମଗ୍ରହଣ କରିଥିଲେ। ସରକାରୀ ଚାକିରି ପରେ ସେ ଅନେକ ପୁସ୍ତକ ଲେଖିଲେ ଯାହା ତାଙ୍କୁ ଇତିହାସରେ ଜଣେ ପ୍ରଭାବଶାଳୀ ଲେଖକର ମର୍ଯ୍ୟାଦା ଦେଲା। ତାଙ୍କ ପୁସ୍ତକଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ୧୯୮୪ ଆଣ୍ଡ୍ ଆନିମଲ ଫାର୍ମ। କାର୍ଗିଲ ଯୁଦ୍ଧ ସମୟରେ ବାଜପେୟୀଙ୍କ ସରକାର ତାଙ୍କ ପୁସ୍ତକକୁ ପ୍ରଶଂସା କରିଥିଲେ। ଅନେକ ଆଧୁନିକ ଲେଖକ ସମୟକ୍ରମେ ଅପ୍ରାସଙ୍ଗିକ ହୋଇପଡୁଛନ୍ତି କିନ୍ତୁ ଅର୍ୱେଲଙ୍କ ପୁସ୍ତକଗୁଡ଼ିକର ଲୋକପ୍ରିୟତା ଅନେକ ଦଶନ୍ଧି ପରେ ବି ଅତୁଟ ରହିଛି।

କିନ୍ତୁ ହିଂସାତ୍ମକ ପଥକୁ ଆପଣେଇବାରେ ଅର୍ୱେଲଙ୍କର କୌଣସି ଆପତ୍ତି ନ ଥିଲା। ସେ ଜଣେ ବ୍ରିଟିଶ ନାଗରିକ ଥିଲେ କିନ୍ତୁ ୧୯୩୭ ମସିହାରେ ଜେନେରାଲ ଫ୍ରାଙ୍କୋଙ୍କ ବିରୋଧରେ ଗୃହଯୁଦ୍ଧରେ ଭାଗନେବା ପାଇଁ ସେ ସ୍ପେନ ଯାଇଥିଲେ। ସେ ତାଙ୍କ ଅନୁଭୂତିକୁ ନେଇ ଏକ ପୁସ୍ତକ ଲେଖିଛନ୍ତି ଯାହାର ନାମ 'ହୋମେଜ୍ ଟୁ କାଟାଲୋନିଆ'। ଏଥିରେ ସେ ଲୋକଙ୍କୁ ବୋମାମାଡ଼ କରି ମାରିଥିବା କଥା ପ୍ରକାଶ କରିବା ସହ ତାଙ୍କ ନିଜ ଗଳାକୁ ଗୁଳିବିଦ୍ଧ କରାଯାଇଥିବା କଥା ଲେଖିଛନ୍ତି।

ଏବେ ମୁଁ ଏହି ଉଦାହରଣଗୁଡ଼ିକ ଦେବାର କାରଣ କ'ଣ ଲେଖୁଛି। ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ୟୁନାଇଟେଡ୍ ଜେନେରାଲ ଆସେମ୍ବ୍ଲିରେ ଉଦ୍‌ବୋଧନ ଦେବା ଅବସରରେ କହିଥିଲେ: ''ଜାତିସଂଘ ଶାନ୍ତିରକ୍ଷା ମିଶନ ପାଇଁ ଲଢ଼େଇ କରି ଆତ୍ମବଳି ଦେଇଥିବା ସବୁଠାରୁ ଅଧିକ ସୈନିକ ହେଉଛନ୍ତି ଭାରତର। ଆମେ ବିଶ୍ୱକୁ ଯୁଦ୍ଧ ଦେଇ ନାହୁଁ ବରଂ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା ଦେଇଛୁ। ସେଥିପାଇଁ ଆମେ ସାରା ବିଶ୍ୱରେ ଶାନ୍ତିଭଙ୍ଗ କରୁଥିବା ଆତଙ୍କବାଦ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରୁଛୁ। ଆତଙ୍କବାଦ ଏକ ବିରାଟ ଆହ୍ୱାନ ଯାହା ବିରୋଧରେ କୌଣସି ଗୋଟିଏ ଦେଶ ଲଢ଼ିପାରିବ ନାହିଁ ଏବଂ ସମଗ୍ର ବିଶ୍ୱ ଏହା ବିରୋଧରେ ଏକଜୁଟ ହେବା ଆବଶ୍ୟକ।'' ପ୍ରଧାନମନ୍ତ୍ରୀ ଠିକ୍ କଥା କହିଛନ୍ତି ଯେ ଆତଙ୍କବାଦ ପ୍ରସଙ୍ଗ ଉପରେ ସାରା ବିଶ୍ୱରେ ଐକମତ୍ୟ ନାହିଁ। କିନ୍ତୁ ଏହାର କାରଣ କ'ଣ ? ତାହାର ଉତ୍ତର ହେଉଛି ଆତଙ୍କବାଦ ଓ ଆତଙ୍କବାଦୀର ଏକ ସର୍ବଗ୍ରାହ୍ୟ ସଂଜ୍ଞା ନାହିଁ।

କଂଗ୍ରେସ ଅମଳରେ ତିଆରି ହୋଇଥିବା ଆତଙ୍କବାଦ ବିରୋଧୀ ଆଇନ ଟାଡାରେ କୁହାଯାଇଛି: ''ଯଦି କୌଣସି ବ୍ୟକ୍ତି ସରକାରଙ୍କ ଆଇନ ବିରୋଧରେ ଯାଇ କାର୍ଯ୍ୟ କରେ, ଲୋକମାନଙ୍କୁ ଆତଙ୍କିତ କରେ, ବୋମା, ଡିନାମାଇଟ ବା ଅନ୍ୟ ବିସ୍ଫୋରକ ଦ୍ରବ୍ୟ, ବିଷାକ୍ତ ଗ୍ୟାସ୍ ବା ରାସାୟନିକ ବ୍ୟବହାର କରି ଲୋକଙ୍କ ଜୀବନ ବା ସର୍ବସାଧାରଣ ସମ୍ପଦ ନଷ୍ଟର କାରଣ ହୁଏ ବା ସର୍ବସାଧାରଣଙ୍କ ବଞ୍ଚିବା ପାଇଁ ଆବଶ୍ୟକ ଯୋଗାଣ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଏ, ତେବେ ଏହି କାର୍ଯ୍ୟକୁ ଆତଙ୍କବାଦ ବୋଲି କୁହାଯିବ।'' ଆମର ଦ୍ୱିତୀୟ ଆତଙ୍କବାଦ ବିରୋଧୀ ଆଇନ ହେଉଛି ପୋଟା ଯାହା ଭାଜପା ସରକାର ଅମଳରେ ତିଆରି ହୋଇଛି। ଏହି ଆଇନରେ ପ୍ରଦତ୍ତ ସଂଜ୍ଞା ଅନୁସାରେ ଦେଶର ଏକତା, ଅଖଣ୍ଡତା, ସୁରକ୍ଷା ବା ସାର୍ବଭୌମତ୍ୱକୁ ବିପନ୍ନ କରୁଥିବା କାର୍ଯ୍ୟ ବା ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରୁଥିବା କାର୍ଯ୍ୟକୁ ଆତଙ୍କବାଦ କୁହାଯିବ। ଏହି ସଂକ୍ଷିପ୍ତ ଓ ଅସ୍ପଷ୍ଟ ସଂଜ୍ଞା ଯୋଗୁ ବିଭ୍ରାନ୍ତି ସୃଷ୍ଟି ହେଉଛି ଏବଂ ଆମ ଦେଶରେ ଦୋଷୀ ସାବ୍ୟସ୍ତ ହେବାର ହାର ସବୁଠାରୁ କମ୍ ରହୁଛି। ଟାଡା ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ ହାର ୧ ପ୍ରତିଶତ ଥିବା ବେଳେ ପୋଟା ଆଇନ ଅନୁସାରେ ୧ ପ୍ରତିଶତରୁ କମ୍ ରହୁଛି। ତେଣୁ ଭାରତୀୟ ଆଇନରେ ସଂଜ୍ଞାକୁ ଅଧିକ ସ୍ପଷ୍ଟ କରାଯିବା ଆବଶ୍ୟକ ଥିବାବେଳେ ଭଲ ଆଇନ ତିଆରି କରିବାକୁ ଆମ ଆଇନ ନିର୍ମାତାମାନେ ଗୁରୁତ୍ୱ ଦେଉନାହାନ୍ତି। ଭାରତରେ ଜଣେ ସଶସ୍ତ୍ର ଲୋକ ନିରସ୍ତ୍ର ଜନତାଙ୍କୁ ଆକ୍ରମଣ କରିବାକୁ ଆତଙ୍କବାଦ କୁହାଯାଉଛି। ସଶସ୍ତ୍ର ଲୋକ ଅନ୍ୟ ସଶସ୍ତ୍ର ଲୋକଙ୍କ ଉପରେ ଆକ୍ରମଣ କରିବାକୁ ବି ଆତଙ୍କବାଦ କୁହାଯାଉଛି। ସେନା ଶିବିର ଉପରେ ଉଗ୍ରବାଦୀଙ୍କ ଆକ୍ରମଣ ବି ଆତଙ୍କବାଦ। ତା'ହେଲେ ଆକ୍ରମଣକାରୀ କିଏ ? ଦଳେ ଲୋକ ସଂଖ୍ୟାଲଘୁ ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରିବା ପାଇଁ ତାଙ୍କୁ ଆକ୍ରମଣ କଲେ ତାଙ୍କୁ ଦଙ୍ଗାକାରୀ ବୋଲି କୁହାଯାଉଛି। ଏକା ଅପରାଧ ଏକା ପ୍ରକାର ଉପାୟରେ କରାଗଲେ ମଧ୍ୟ ତାକୁ ଭିନ୍ନ ଭିନ୍ନ ନାଁ ଦିଆଯାଉଛି। ତେବେ ଭାରତ ଏକମାତ୍ର ଦେଶ ନୁହେଁ, ଯେଉଁଠି ଏପରି ଘଟୁଛି।

ଦୁଇ ପ୍ରକାର ଘଟଣାରେ ଯେଉଁଠି ଜଣେ ବନ୍ଧୁକଧାରୀ ବହୁ ନିରସ୍ତ୍ର ସାଧାରଣ ଲୋକଙ୍କୁ ହତ୍ୟାକଲେ ଆମେରିକା ରାଷ୍ଟ୍ରପତି ଜଣଙ୍କୁ କହିବେ ଆତଙ୍କବାଦୀ ଏବଂ ଅନ୍ୟ ଜଣଙ୍କୁ କହିବେ ମାନସିକ ବିକୃତ- ତାହା ନିର୍ଭର କରୁଛି ଉକ୍ତ ବନ୍ଧୁକଧାରୀଙ୍କ ଧର୍ମ ଉପରେ। ଭାରତରେ ବର୍ତ୍ତମାନ ଯେଉଁ ସଂଜ୍ଞା ପ୍ରଚଳିତ ସେହି ଅନୁସାରେ ଚେ ଓ ଅର୍ୱେଲ ଆତଙ୍କବାଦୀ ବିବେଚିତ ହେବେ। ସାରା ପୃଥିବୀରେ ଆତଙ୍କବାଦର ସଂଜ୍ଞାକୁ ନେଇ ଐକମତ୍ୟ ନ ଥିବା ବେଳେ ଭାରତ ଉକ୍ତ ବିଭ୍ରାନ୍ତିକୁ ଆହୁରି ବୃଦ୍ଧି କରିବାରେ ସାହାଯ୍ୟ କରିଛି।

Email: aakar.patel@gmail.com

# ବିଦାୟ ଗୋଧୂଳି



ଡ. ରମେଶ ଚନ୍ଦ୍ର ପରିଡ଼ା

ସନ୍ଧ୍ୟା କାଳକୁ ଆମେ ଗୋଧୂଳି ସମୟ ବୋଲି କହୁ। କାରଣ ଆଗେ ଏହି ସମୟରେ ଗ୍ରାମାଞ୍ଚଳରେ ଗୋରୁଗାଈ ଗୋଠରୁ ଫେରୁଥିଲେ ଏବଂ ତାଙ୍କ ଖୁରାଘାତରେ ଉଡୁଥିବା ଧୂଳି ଆକାଶକୁ ଆଚ୍ଛାଦିତ କରୁଥିଲା। ସେଥିପାଇଁ କବି ସନ୍ଧ୍ୟାକାଳର ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲେ, 'ଧୂଳି ଉଡ଼ାଇଣ ଦାଣ୍ଡେ ଦେଇ ହମ୍ବାରଡ଼ି, ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି।' ତେବେ ଆଜିକାଲି ଏ ଦୃଶ୍ୟ ବିରଳ ହେଲାଣି। ଦିନକୁଦିନ ହ୍ରାସ ପାଇ ଚାଲିଥିବା ଗୋସମ୍ପଦ ଏହାର କାରଣ। ଏକ ଆକଳନ ଅନୁସାରେ ୧୯୫୧ ମସିହା ବେଳକୁ ଆମ ଦେଶରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ଗୋରୁଗାଈ ସଂଖ୍ୟା ୪୩୦ ଥିଲାବେଳେ, ୧୯୬୧ରେ ତାହା ୪୦୦, ୧୯୭୧ରେ ୩୨୬, ୧୯୮୧ରେ ୨୭୮, ୧୯୯୧ରେ ୨୦୨, ୨୦୦୧ରେ ୧୧୦ ଏବଂ ୨୦୧୧ରେ ମାତ୍ର ୨୦କୁ ଖସି ଆସିଥିଲା। ଏବେ ଏ ଧାରା ଅବ୍ୟାହତ ରହିଛି। ମୁଣ୍ଡ ପିଛା ଚାଷ ଜମି ହ୍ରାସ ଏବଂ ଯାନ୍ତ୍ରିକ କୃଷିର ପ୍ରସାର ଫଳରେ ବଳଦଙ୍କ ସଂଖ୍ୟା ଦ୍ରୁତ କମିଯିବା ଏହାର ଅନ୍ୟତମ ମୁଖ୍ୟ କାରଣ।

ସମୟ ଥିଲା, ଯେତେବେଳେ ଖେତକୁ ହଳ କରିବା, ମଇ ଦେବା, କାଦୁଅ କରିବାଠାରୁ ଆରମ୍ଭକରି ବେଙ୍ଗଳା ପକାଇ ଫସଲ ଅମଳ କରିବା, ବୋଝ ବୋହିବା, ଗାଡ଼ି ଟାଣିବା ଆଦି ବିଭିନ୍ନ କାର୍ଯ୍ୟରେ ବଳଦଙ୍କୁ ବ୍ୟବହାର କରାଯାଉଥିଲା। ସେଥିପାଇଁ ବଜାରରେ ଗାଈ ତୁଳନାରେ ତାଙ୍କର ଦାମ୍ ଥିଲା ଅଧିକ। କିନ୍ତୁ ଏସବୁ କ୍ଷେତ୍ରରେ ଏବେ ଅନୁସୃତ ହେଲାଣି ବିବିଧ ଯାନ୍ତ୍ରିକ ବ୍ୟବସ୍ଥା। ଏଣୁ ଆଗେ ଯେପରି ଘରେ ଘରେ ଗୋପାଳନ କରାଯାଉଥିଲା ତାହା ଏବେ ଆଉ ନାହିଁ। ଅନ୍ୟପକ୍ଷରେ ବଳଦଗୁଡିକୁ ଅସମୟରେ ପଠାଇ ଦିଆଯାଉଛି କଂସେଇଖାନାକୁ। ୨୦୦୩ରେ ଆମ ଦେଶରେ ଗୋରୁ ସଂଖ୍ୟା ପ୍ରାୟ ୭.୭୫ କୋଟି ଥିଲା ବେଳେ ୨୦୧୨ରେ ତାହା ପହଞ୍ଚିଥିଲା ୬.୧୯ କୋଟିରେ। ଏବେ ଏହି ସଂଖ୍ୟା ଆହୁରି ତଳକୁ ଖସି ସାରିବଣି। ପୁନଶ୍ଚ ମଇଁଷି ସମେତ ଅନ୍ୟାନ୍ୟ ପ୍ରାଣୀସମ୍ପଦର ଅବସ୍ଥା ମଧ୍ୟ ଏଥିରୁ ଭିନ୍ନ ନୁହେଁ।

ବିଗତ ୨୦୧୪ ମସିହାରେ ଆମ ରାଜ୍ୟରେ ଅନୁଷ୍ଠିତ ୧୯ତମ ଲାଇଭଷ୍ଟକ୍ ସେନ୍‌ସସ୍ ବା ଗୋ-ମହିଷାଦି ପଶୁ ଗଣନାର ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଅନୁସାରେ ଓଡ଼ିଶା ସମଗ୍ର ଦେଶର ୬.୦୯ ଶତାଂଶ ଗୋ-ସମ୍ପଦର ଅଧିକାରୀ ହୋଇଥିଲା ବେଳେ ୨୦୦୭ରୁ ୨୦୧୨ ମସିହା ମଧ୍ୟରେ ଏହା ୫.୫୯ ଶତାଂଶକୁ ହ୍ରାସ ପାଇଛି। ବିଶେଷକରି ବଳଦ ଓ ମଇଁଷିଙ୍କ କ୍ଷେତ୍ରରେ ଏହା ଅଧିକ ଘଟିଛି। ଅନ୍ୟପକ୍ଷରେ ବିଦେଶୀ ବା ସଙ୍କର ଜାତୀୟ ଗାଈ ଓ ବଳଦଙ୍କ ସଂଖ୍ୟା ୧.୭ ନିୟୁତରୁ ୧.୩ ନିୟୁତକୁ ଖସି ଆସିଥିଲାବେଳେ (୨୩ ଶତାଂଶ ହ୍ରାସ), କେବଳ ଗାଈମାନଙ୍କ ସଂଖ୍ୟା ୧୯ ଶତାଂଶ ବୃଦ୍ଧିପାଇଛି। ଅତଏବ ଆମ ଗୋ-ସମ୍ପଦ ଯାହା କମିଛି ତାହା କେବଳ ବଳଦମାନଙ୍କ ସଂଖ୍ୟା ହ୍ରାସ ଯୋଗୁ। ଅନୁରୂପ ଘଟିଛି ମଇଁଷିମାନଙ୍କ କ୍ଷେତ୍ରରେ। ଉଭୟ ମାଈ ଓ ଅଣ୍ଡିରା କଥା ବିଚାରକୁ ନେଲେ ୨୦୦୭ ତୁଳନାରେ ୨୦୧୨ ମସିହା ବେଳକୁ ଏମାନଙ୍କ ସମୁଦାୟ ସଂଖ୍ୟା ୩୯ ଶତାଂଶ ହ୍ରାସ ପାଇଛି। କିନ୍ତୁ ମାଈମାନଙ୍କ କ୍ଷେତ୍ରରେ ଏହା ୩୩ ଶତାଂଶ। ସେହିପରି ଛେଳି ଓ ମେଣ୍ଢାଙ୍କ ସଂଖ୍ୟାର ଏ ଅଧୋଗତି ଯଥାକ୍ରମେ ୮.୬୧ ଓ ୧୩.୦୪ ଶତାଂଶ (ସମୁଦାୟ ପ୍ରାୟ ୧.୩୫ କୋଟିରୁ ୧.୨ କୋଟି) ହେଲାବେଳେ କୁକୁଡା ଓ ଘୁଷୁରି କ୍ଷେତ୍ରରେ ତାହା ଯଥାକ୍ରମେ ୩.୪ ଓ ୫୪.୧୪ ଶତାଂଶ। ଅତଏବ ଆମ ରାଜ୍ୟର ଗ୍ରାମାଞ୍ଚଳରେ ୧୦୦ ପରିବାର ପ୍ରତି ଗାଈ-ବଳଦ, ମଇଁଷି, ମେଣ୍ଢା ଓ ଛେଳିଙ୍କ ସଂଖ୍ୟା ଏବେ ଯଥାକ୍ରମେ ୧୧୫୨, ୭୧, ୧୫୮ ଓ ୬୪୮ ଏବଂ ସହରାଞ୍ଚଳରେ ଏହା ୨୪୧, ୧୯, ୨୦ ଏବଂ ୧୧୫। କେବଳ ଗୁଜରାଟ ଭଳି କେତୋଟି ରାଜ୍ୟକୁ ଛାଡିଦେଲେ ସମଗ୍ର ଦେଶର ଦୃଶ୍ୟପଟ ଏହାଠାରୁ ଭିନ୍ନ ନୁହେଁ।

ଏହିସବୁ ପରିସଂଖ୍ୟାନ ପ୍ରତି ଦୃଷ୍ଟିଦେଲେ ମନେହୁଏ, ଆମ ଦେଶରେ ଅଧିକ ଦୁଗ୍ଧ ଉତ୍ପାଦନକାରୀ ବିଦେଶୀ ବା ସଙ୍କର ଗାଈଙ୍କ ସଂଖ୍ୟା କିଛିଟା ବଢୁଥିଲେ ହେଁ ଦେଶୀ ଗାଈ ଓ ବଳଦ, ମଇଁଷି ଆଦିଙ୍କ ସଂଖ୍ୟା ବହୁମାତ୍ରାରେ କମି ଚାଲିଛି। ଏପରି ଚାଲିଲେ ଆଗାମୀ ବର୍ଷଗୁଡ଼ିକରେ ଅନେକ ଦେଶୀ ପ୍ରଜାତି ବିଲୁପ୍ତ ହୋଇଯିବେ। ଏହା ଉଦ୍ଭବ ଘଟାଇବ ଏକ ଜଟିଳ ପରିସଂସ୍ଥୀୟ ସମସ୍ୟାର। କାରଣ ଏହାଦ୍ୱାରା ଜୈବବିବିଧତା ଗଭୀରଭାବେ ପ୍ରଭାବିତ ହେବ। ଦୁନିଆରେ ବିଗତ ଶତାବ୍ଦୀ ମଧ୍ୟରେ ବିଲୁପ୍ତ ହୋଇ ସାରିଛନ୍ତି ପ୍ରାୟ ୬ ଶତାଂଶ ପ୍ରଜାତିର ସ୍ତନ୍ୟପାୟୀ ଏବଂ ବର୍ତ୍ତମାନ ଆହୁରି ପ୍ରାୟ ୯ ଶତାଂଶ ଲୁପ୍ତପ୍ରାୟ। ପରିସଂସ୍ଥାକୁ ଏହା ଯେ କି ପ୍ରକାର କ୍ଷତି ପହଞ୍ଚାଇବ ତାହା ଏବେ ଆକଳନ କରିବା କଷ୍ଟକର। ଆମର ଅତି ନିକଟତର ହୋଇଥିବା ଗୋ-ଜାତିର ଦେଶୀ ପ୍ରଜାତିମାନଙ୍କ ଅବକ୍ଷୟର ପରିଣାମ ଅଧିକ ଭୟାବହ ହୋଇପାରେ। ପୁନଶ୍ଚ ଏହା ଫଳରେ ଜିନୀୟ ବିଭିନ୍ନତାର ମଧ୍ୟ ଅବକ୍ଷୟ ଘଟିବ। କାରଣ ଦେଶୀ ଗୋରୁଗାଈଙ୍କ ଭିତରେ ଅଛନ୍ତି ବହୁ ଅଲଗା ଅଲଗା ଜିନ୍‌ଧାରୀ। ବିଭିନ୍ନ ଜଳବାୟୁ ଓ ପରିବେଶ ସହିତ ଖାପ ଖୁଆଇବାକୁ ଏହା ତାଙ୍କୁ ସାମର୍ଥ୍ୟ ଦିଏ। ଅପରପକ୍ଷରେ ଏହି ପ୍ରଜାତିଗୁଡ଼ିକର ସ୍ଥାନ ଅଧିକାର କରୁଥିବା ବିଦେଶୀ ଓ ସଙ୍କର ପ୍ରଜାତିଗୁଡ଼ିକର ଏ ପ୍ରକାର ବିଭିନ୍ନତା କମ୍ ଏବଂ ସେମାନଙ୍କର ଏହା ସହ୍ୟ କରିବା ଶକ୍ତି ମଧ୍ୟ କମ୍। ଏଣୁ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କିମ୍ବା ରୋଗବ୍ୟାଧି ବ୍ୟାପିଲେ ଏଗୁଡ଼ିକର ବଂଶ ହଠାତ୍ ବୁଡ଼ିଯିବାର ସମ୍ଭାବନା ଅଧିକ।

ପରିବେଶର ସୁରକ୍ଷା ଦିଗରେ ଦେଶୀ ଗୋରୁଗାଈ, ମଇଁଷିଙ୍କର, ବିଶେଷକରି ସେମାନଙ୍କ ଅଣ୍ଡିରା ପ୍ରଜାତିର ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଉପଯୋଗ ରହିଛି। ସେଗୁଡ଼ିକ ହେଲା ପରିବହନ, ଗମନାଗମନ, ଜୈବିକ କୃଷି, ଶକ୍ତି ଉତ୍ପାଦନ ଏବଂ ଶିଳ୍ପ କ୍ଷେତ୍ରରେ ସେମାନଙ୍କ ଚର୍ମ ଓ ହାଡ଼ ବିନିଯୋଗ। କୃଷି, ପରିବହନ ଓ ଗମନାଗମନରେ ଯାନ୍ତ୍ରିକ ବ୍ୟବସ୍ଥାର ଦ୍ରୁତ ବର୍ଦ୍ଧିଷ୍ଣୁ ବ୍ୟବହାର ବାୟୁ ପ୍ରଦୂଷଣଠାରୁ ଆରମ୍ଭକରି ନାନାପ୍ରକାର ପରିବେଶୀୟ ସମସ୍ୟା ଉତ୍ପନ୍ନ କରୁଛି। ଏଣୁ ଏସବୁରେ ବଳଦ ଓ ମଇଁଷିଙ୍କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦରକାର। ସେହିପରି କୃଷିକ୍ଷେତ୍ରରେ ରାସାୟନିକ ସାର ଓ କୀଟାଣୁନାଶକ ବ୍ୟବହାର ହ୍ରାସ ଦିଗରେ ଗୋବର ଓ ଗୋମୂତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। ଉଦାହରଣ ସ୍ୱରୂପ ଗୋଟିଏ ଗାଈ ବା ବଳଦ ବର୍ଷକୁ ହାରାହାରି ୩୫୦୦ କିଲୋଗ୍ରାମ ଗୋବର ଦେଇଥାଏ। ଯାହାକି ୮୦ରୁ ୧୦୦ ଟନ୍ କମ୍ପୋଷ୍ଟ ସାର ସହିତ ସମାନ। ଏଣୁ ଜୈବିକ କୃଷି ପାଇଁ ଏହାର ଦାନ ଅତୁଳନୀୟ ହୋଇପାରିବ। ପୁନଶ୍ଚ ଏହି ଗୋବରରୁ ପରିବେଶ ସହାୟକ ଜୈବ ଇନ୍ଧନ ଗୋବର ବାଷ୍ପ ମଧ୍ୟ ଉତ୍ପନ୍ନ କରାଯାଇପାରିବ। ଏହା ବ୍ୟତୀତ ମୃତ ଗୋରୁଗାଈଙ୍କ ହାଡ଼କୁ କ୍ଷେତରେ ଜୈବିକ ସାର ରୂପେ କିମ୍ବା ତହିଁରୁ କ୍ୟାଲସିୟମ୍ ନିର୍ଯ୍ୟାସ କାଢ଼ି ତାହାକୁ ଔଷଧ ରୂପେ ଏବଂ ଚର୍ମକୁ ଚମଡ଼ା ଶିଳ୍ପରେ ଉପଯୋଗ କରିହେବ। ଏହିଭଳି ଗୋଟି ଗୋଟି କରି ବିଚାରକୁ ନେଲେ ସ୍ପଷ୍ଟ ଅନୁମିତ ହୁଏ ଯେ, ଗୋସମ୍ପଦର ଅବକ୍ଷୟ ଆଦୌ ଶୁଭ ସୂଚନା ନୁହେଁ। ଅଧିକ ଦୁଗ୍ଧ ଉତ୍ପାଦନକାରୀ ବିଦେଶୀ ଓ ସଙ୍କର ଜାତୀୟ ଗାଈଙ୍କ ସହିତ କମ୍ ଯତ୍ନ ଆବଶ୍ୟକ କରୁଥିବା ଗାଈ, ବଳଦ ଓ ମଇଁଷି ପାଳନ ଆମ ଦେଶ ପାଇଁ ବିଶେଷକରି ପରିବେଶ ଓ ପରିସଂସ୍ଥା ଏବଂ ସହନୀୟ କୃଷି ପାଇଁ ଏକାନ୍ତ ଆବଶ୍ୟକ। ପୁନଶ୍ଚ ଏଠାରେ ଏ କଥା ମଧ୍ୟ ସୂଚାଇ ଦିଆଯାଇପାରେ ଯେ ଆମ ଦେଶରେ ଏଇ କେଇବର୍ଷ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ ସମସ୍ତଙ୍କୁ ଏହା ଯଥେଷ୍ଟ ମିଳିପାରେ ନାହିଁ। ଏ ଅଭାବ ବ୍ୟବସାୟିକ ଭିତ୍ତିରେ ବିଦେଶୀ ବା ସଙ୍କର ଗାଈମାନଙ୍କ ପାଳନ ଦ୍ୱାରା ପୂରଣ ହେବା ସମ୍ଭବ ନୁହେଁ, ସେଥିପାଇଁ ବ୍ୟକ୍ତିଗତ ପାଳନ କରାଯାଇ ପାରୁଥିବା ଦେଶୀ ଗାଈ ଓ ମଇଁଷିଙ୍କର ମଧ୍ୟ ଆବଶ୍ୟକତା ରହିଛି।

ତେବେ ଏମାନଙ୍କ ବଂଶବୃଦ୍ଧି ମଧ୍ୟ ଆଉ ଗୋଧୂଳିକୁ ଫେରାଇ ଆଣି ପାରିବନି। କାରଣ ଏବେ ଚାରଣଭୂମି ଖୁବ୍ ସଂକୁଚିତ ହୋଇସାରିଲାଣି। ଏଣୁ ଦେଶୀ ଗାଈ, ବଳଦ କିମ୍ବା ମଇଁଷିଙ୍କୁ ମଧ୍ୟ ଦେବାକୁ ପଡିବ କ୍ଷେତରୁ ଉତ୍ପାଦିତ ଦାନା ନତୁବା ଘାସ, ଫଳରେ ତାଙ୍କୁ ଆଉ ଗୋଠକୁ ନେବାର ଅବକାଶ ରହିବ ନାହିଁ। ଅନ୍ୟପକ୍ଷରେ ଏବେ ଏପରିକି ଗ୍ରାମାଞ୍ଚଳର ଅଧିକାଂଶ ରାସ୍ତାଘାଟ ପକ୍କା ହୋଇ ସାରିଲାଣି। ଏଣୁ ସେଥିରୁ ତାଙ୍କ ଖୁରାଘାତରେ ଧୂଳି ଉଡ଼ିବାର ମଧ୍ୟ ସମ୍ଭାବନା ନାହିଁ। ଏପରିସ୍ଥଳେ ଧରିନେବା ଯେ, ଗୋଧୂଳି ଏବେ ଆମଠୁ ବିଦାୟ ନେଇସାରିଛି ଚିରଦିନ ଲାଗି।

ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ନୂଆ ଆଇଏମ୍‌ଏଫ୍ ମୁଖ୍ୟ

ବ୍ୟକ୍ତିତ୍ୱ



କ୍ରିଷ୍ଟାଲିନା ଜର୍ଜିଭା

ବିଶ୍ୱ ମୁଦ୍ରା ସହଯୋଗ, ଆର୍ଥିକ ସ୍ଥିରତା, ବିଶ୍ୱ ବାଣିଜ୍ୟକୁ ସୁଗମ, ନିଯୁକ୍ତିର ପ୍ରସାର ଓ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ ଦିଗରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅହରହ କାର୍ଯ୍ୟ କରିଆସୁଛି। ୧୯୪୪ରେ ପ୍ରତିଷ୍ଠିତ ଏହି ବୃହତ୍ ଆର୍ଥିକ ସଂସ୍ଥାର ମୁଖ୍ୟାଳୟ ଆମେରିକା ରାଜଧାନୀ ୱାଶିଂଟନ ଡିସିଠାରେ ଅବସ୍ଥିତ। ୧୮୯ ରାଷ୍ଟ୍ର ଏହା ସହ ଅନୁବନ୍ଧିତ। ଏଭଳି ଏକ ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାକୁ ସୁପରିଚାଳନା କରୁଥିବା ମୁଖ୍ୟଙ୍କ କାର୍ଯ୍ୟଧାରା ଓ ନିଷ୍ପତ୍ତି ସର୍ବଦା ଚର୍ଚ୍ଚାରେ ରହିଥାଏ। ବୁଲଗେରୀୟ ଅର୍ଥନୀତିଜ୍ଞ କ୍ରିଷ୍ଟାଲିନା ଜର୍ଜିଭା ନିକଟରେ ଆଇଏମ୍‌ଏଫ୍ ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେ ଅକ୍ଟୋବର ପହିଲାରେ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ ନିଯୁକ୍ତି ନେଇ ଖବର ପ୍ରସାର ହେବା ପରେ ସେ କହିଛନ୍ତି, ବର୍ତ୍ତମାନ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ହତାଶଭାବ ସୃଷ୍ଟି କରିଥିବା ବେଳେ ବାଣିଜ୍ୟିକ ଉତ୍ତେଜନା ଓ ଋଣଭାର ଯୋଗୁ ବହୁ ରାଷ୍ଟ୍ର ଚାପଗ୍ରସ୍ତ। ତେଣୁ ବିଶ୍ୱସ୍ତରରେ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ପଡ଼ିବ। ସେ କହିଛନ୍ତି, ଏଥିପାଇଁ ଏହାର ପାଣ୍ଠିକୁ ଅଧିକ ଓଜନିଆ କରିବା ସହ ସଦସ୍ୟ ରାଷ୍ଟ୍ରଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବେ।

କ୍ରିଷ୍ଟାଲିନା ବୁଲଗେରିଆର ସୋଫିଆଠାରେ ୧୩ ଅଗଷ୍ଟ ୧୯୫୩ରେ ଜନ୍ମଗ୍ରହଣ କରିଥିଲେ। ସିଭିଲ୍ ଇଞ୍ଜିନିୟରଙ୍କ କନ୍ୟା ଭାବେ ସେ ଖ୍ୟାତନାମ ଶିକ୍ଷାନୁଷ୍ଠାନରେ ପଢ଼ିବାର ସୁଯୋଗ ପାଇଥିଲେ। ସୋଫିଆସ୍ଥିତ କାର୍ଲ ମାର୍କ୍ସ ହାୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନମିକ୍ସରୁ ରାଜନୈତିକ ଅର୍ଥନୀତି (ପଲିଟିକାଲ ଇକୋନୋମି) ଓ ସମାଜବିଜ୍ଞାନ ବିଷୟରେ ପାଠ ପଢ଼ିଥିଲେ। ୧୯୭୬ରେ ଡିଗ୍ରୀ ଶେଷ କରିବା ପରେ ସେ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଅଧ୍ୟୟନ କରି ବ୍ରିଟିଶ କାଉନ୍‌ସିଲ ସ୍କଲାର ଭାବେ ପରିଚିତ ହୋଇଥିଲେ। ପୁଞ୍ଜିବାଦ ଉପରେ ତାଙ୍କ ପରୀକ୍ଷାନିରୀକ୍ଷା ଗବେଷଣା ସନ୍ଦର୍ଭ ପ୍ରସ୍ତୁତିରେ ସହାୟକ ହୋଇଥିଲା। ନିଜର ପ୍ରତିଭା ବଳରେ କ୍ରିଷ୍ଟାଲିନା ବିଶ୍ୱ ବ୍ୟାଙ୍କ ଓ ୟୁରୋପୀୟ ସଂଘ (ଇୟୁ)ର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୧୯୯୩ରୁ ୨୦୧୦ ଯାଏ ବିଶ୍ୱବ୍ୟାଙ୍କ ଗ୍ରୁପ୍‌ରେ ଅନ୍ୟତମ ପ୍ରଭାବୀ ବ୍ୟକ୍ତି ହୋଇପାରିଥିବା କ୍ରିଷ୍ଟାଲିନା ୨୦୦୮ରେ ଏହାର ଭାଇସ୍ ପ୍ରେସିଡେଣ୍ଟ ଓ କର୍ପୋରେଟ୍ ସେକ୍ରେଟାରୀ ଭଳି ପଦବୀକୁ ଉନ୍ନୀତ ହୋଇଥିଲେ। ଏଥିସହିତ ସେ ବୁଲଗେରିଆସ୍ଥିତ ୟୁନିଭର୍ସିଟି ଅଫ୍ ନ୍ୟାଶନାଲ ଆଣ୍ଡ୍ ୱାର୍ଲଡ୍ ଇକୋନୋମିରେ ଅର୍ଥନୀତି ବିଭାଗର ଆସୋସିଏଟ୍ ପ୍ରଫେସର ଭାବେ ଅଧ୍ୟାପନା କରିଥିଲେ। ୨୭ ସେପ୍ଟେମ୍ବର ୨୦୧୬ରେ ବୁଲଗେରିଆ ସରକାର କ୍ରିଷ୍ଟାଲିନାଙ୍କୁ ଜାତିସଂଘର ମହାସଚିବ ଲାଗି ମନୋନୀତ କରିଥିଲା। ହେଲେ ତାହା ଫଳପ୍ରଦ ହୋଇ ନ ଥିଲା। ତେବେ ଭାଗ୍ୟ ତାଙ୍କ ପାଇଁ ଅନ୍ୟ ଏକ ଉତ୍ତମ ପଦବୀ ସାଇତି ରଖିଥିଲା। ଜାନୁୟାରୀ ୨୦୧୭ରେ ସେ ଇୟୁର ବଜେଟ ପ୍ରସ୍ତୁତିର କମିଶନର୍ ଦାୟିତ୍ୱ ଛାଡ଼ି ବିଶ୍ୱବ୍ୟାଙ୍କର ସିଇଓ ଭାବେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ, ଅର୍ଥନୀତି ଉପରେ ପ୍ରଗାଢ଼ ଜ୍ଞାନ ଯୋଗୁ କ୍ରିଷ୍ଟାଲିନାଙ୍କ ପାଇଁ ଆଇଏମ୍‌ଏଫ୍ ତା'ର ନିୟମାବଳୀରେ ପରିବର୍ତ୍ତନ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଇଏମ୍‌ଏଫ୍‌ର ମୁଖ୍ୟ ଜଣେ ୟୁରୋପୀୟ ରହିଆସିଛନ୍ତି ଓ ଏହାର ସର୍ବୋଚ୍ଚ ପଦବୀ ଲାଗି ଆବେଦନାକରୀଙ୍କ ବୟସସୀମା ୬୫ ରହିଥିଲା। ହେଲେ କ୍ରିଷ୍ଟାଲିନାଙ୍କ ନିମନ୍ତେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ବିଶେଷକରି ଆଇଏମ୍‌ଏଫ୍ ଉପରେ ଫ୍ରାନ୍ସ ଚାପ ପକାଇଥିଲା। ଖ୍ରୀଷ୍ଟିନ ଲାଗାର୍ଡଙ୍କ ସ୍ଥାନରେ କ୍ରିଷ୍ଟାଲିନା ଆଇଏମ୍‌ଏଫ୍ ମୁଖ୍ୟ ପଦବୀରେ ବସିବାରେ ଏକ ବିକାଶୋନ୍ମୁଖୀ ଅର୍ଥନୀତିର ବ୍ୟକ୍ତି ହେବାକୁ ଯାଉଛନ୍ତି।

ଅର୍ଥନୀତି ସହ ରାଜନୀତିରେ ମଧ୍ୟ କ୍ରିଷ୍ଟାଲିନାଙ୍କ ପହୁଞ୍ଚ ରହିଆସିଛି। ୟୁରୋପୀୟ ସଂଘର କେତେକ ପଦବୀ ମଣ୍ଡନ ବେଳେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ସେ ଅଂଶବିଶେଷ ପାଲଟିଥିଲେ। ଆଇଏମ୍‌ଏଫ୍ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅର୍ଥନୈତିକ ବୈଷମ୍ୟ, ଜଳବାୟୁ ସଂକ୍ରାନ୍ତ ବିପଦ ସହ ଦ୍ରୁତ ବୈଷୟିକ ପରିବର୍ତ୍ତନକୁ ଆଖିଆଗରେ ରଖି ତାଙ୍କୁ ବିଭିନ୍ନ ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ସେ କହିଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ କିନୋ କିନୋଭ ଓ ଏକ ସନ୍ତାନକୁ ନେଇ କ୍ରିଷ୍ଟାଲିନାଙ୍କ ସଂସାର।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଣେ ସାଧାରଣ ରିକ୍ସାଚାଳକ ଅବହେଳିତ, ଗରିବ ଏବଂ ଅନାଥ ପିଲାଙ୍କ ଜୀବନ ଗଢିବାରେ ସବୁ ଉତ୍ସର୍ଗ କରିଦେବା କିଛି କମ୍ କଥା ନୁହେଁ। ଦୃଢ଼ ସଙ୍କଳ୍ପ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଏଭଳି କାର୍ଯ୍ୟ କରୁଛନ୍ତି ପଶ୍ଚିମବଙ୍ଗ ସିଲିଗୁଡିନିବାସୀ ଶିବ କଟ୍‌ୱାଲ। ସେ ଇ-ରିକ୍ସା ଚଲାଇ ୧୯ ବର୍ଷ ହେବ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ସାକ୍ଷରତା ଅଭିଯାନରେ ତାଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ। ତାଙ୍କୁ ଲୋକମାନେ ଲେକ ବାହାଦୁର ନାମରେ ବି ଜାଣନ୍ତି। ପିଲାମାନେ ବି ତାଙ୍କୁ ମାଷ୍ଟରଜୀ ବୋଲି ସମ୍ବୋଧନ କରନ୍ତି। କଟ୍‌ୱାଲ ୯ମ ଯାଏ ପଢିଛନ୍ତି। ପରିବାରର ସ୍ଥିତି ଭଲ ନ ଥିବାରୁ ସେ ପାଠପଢା ଛାଡିଦେଇ ଚାକିରି ପାଇଁ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ଏକ ହୋଟେଲରେ ପରିବା କାଟିବା ଏବଂ ବାସନ ମାଜିବା କାର୍ଯ୍ୟ କରୁଥିଲେ। ବେଙ୍ଗାଲୁରୁରେ ନିର୍ଯାତନାର ଶିକାର ହେବାପରେ ସେଠାରୁ ଫେରିବା ସମୟରେ ଏକ ଚା' ବଗିଚା ପାଖରେ ସେ ଚାରିପାଞ୍ଚ ଜଣ ଗରିବ ପିଲା ବୁଲୁଥିବା ଦେଖିବାକୁ ପାଇଥିଲେ। ଏମାନେ ବଡ଼ ହେଲେ ତାଙ୍କ ଭଳି ଦୁର୍ଦ୍ଦଶା ଯେମିତି ନ ଭୋଗିବେ ଓ ଭଲ ଶିକ୍ଷା ପାଇବେ, ଏହି ସଙ୍କଳ୍ପ ନେଇ ସେ ୨୦୦୦ ମସିହାରେ ଏକ କ୍ଲବ୍ ଘରେ ୭ ଜଣ ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ କରିଥିଲେ। ପରେ ସେହି ପାଠଶାଳାର ନାମ 'ଖୁସି ପାଠଶାଳା' ରଖିଥିଲେ। ଏବେ କଟ୍‌ୱାଲ ସେଠାରେ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କୁ ପଢାଉଛନ୍ତି। ରିକ୍ସା ଚଲାଇ ପିଲାମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରୁଛନ୍ତି। ସରକାରୀ କିମ୍ବା ବେସରକାରୀ ସ୍ତରରୁ କିଛି ବି ସାହାଯ୍ୟ ପାଇନାହାନ୍ତି। ଏବେ ତାଙ୍କ ପାଠଶାଳାରେ ୩୭ ଜଣ ପିଲା ପଢୁଛନ୍ତି। କେବଳ ଶିକ୍ଷା ନୁହେଁ, ସମର କଳା, ଜୁଡୋ, କରାଟେ ବି ଶିକ୍ଷା ଦିଆଯାଉଛି ଏହି ପାଠଶାଳାରେ। ଗରିବ ପିଲାମାନଙ୍କୁ ଶିକ୍ଷା ସହ ବ୍ୟକ୍ତିତ୍ୱ ଓ ଆଚରଣ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ ଦେଉଛନ୍ତି। ସମାଜର ଦୁଃଖକୁ ଅନୁଭବ କରିବା ପାଇଁ ପ୍ରତି ବର୍ଷ ପିଲାମାନଙ୍କୁ ବୃଦ୍ଧାଶ୍ରମ ଓ ଅନାଥାଶ୍ରମକୁ ବୁଲାଇବାକୁ ନେଉଛନ୍ତି।

## su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ର୍‍ୟାଗିଂ ପାଇଁ ଅନୁଷ୍ଠାନର କର୍ତ୍ତୃପକ୍ଷ ଦାୟୀ ରୁହନ୍ତୁ

ମହାଶୟ,

ବରିଷ୍ଠ ଛାତ୍ରମାନେ କନିଷ୍ଠ ନବାଗତ ଛାତ୍ରମାନଙ୍କୁ ସ୍ନେହଶ୍ରଦ୍ଧା ଦେଇ ସ୍ୱାଗତ କରିବା ପରିବର୍ତ୍ତେ ସେମାନଙ୍କ ପ୍ରତି ଅସଭ୍ୟ, ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା କେତେଦୂର ନ୍ୟାୟସଙ୍ଗତ ? କ୍ୟାମ୍ପସ ଭିତରେ ଓ ହଷ୍ଟେଲରେ ର୍‍ୟାଗିଂ ହେଉଥିବା ଖବର କର୍ତ୍ତୃପକ୍ଷ କିପରି ଜାଣିପାରୁନାହାନ୍ତି। ନା ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି। ନା ନିଜେ ର୍‍ୟାଗିଂର ଶିକାର ହୋଇପାରନ୍ତି ବୋଲି ଭୟ କରୁଛନ୍ତି ? ଆଇନଗତ କଡା କଟକଣା ଥିବା ସତ୍ତ୍ୱେ ଛାତ୍ରମାନେ କାହିଁକି କର୍ତ୍ତୃପକ୍ଷଙ୍କୁ ଅବଜ୍ଞା କରୁଛନ୍ତି। ମାତ୍ର ଦୁଇ ହଜାର ଟଙ୍କା ଜରିମାନା କିମ୍ବା ଗୋଟିଏ ବର୍ଷ ପାଇଁ ପରୀକ୍ଷା ବାତିଲ କରିଦେଲେ ର୍‍ୟାଗିଂ କ'ଣ ନିୟନ୍ତ୍ରଣ ହୋଇପାରିବ ? ନିର୍ଯାତିତ ହେଉଥିବା ଛାତ୍ର ଯଥାଶୀଘ୍ର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ସହ ଥାନାରେ ଅଭିଯୋଗ କରନ୍ତୁ ଏବଂ ଏହାକୁ ସାହସର ସହିତ ସାମ୍ନା କରିବା ଶିଖନ୍ତୁ। ର୍‍ୟାଗିଂ କରୁଥିବା ଛାତ୍ର ଭବିଷ୍ୟତରେ ଯେ ଜଣେ ମାଓବାଦୀ କିମ୍ବା ଆତଙ୍କବାଦୀ ନ ହେବ ସେ କଥା କିଏ କହିବ ? ଏମାନେ ଛାତ୍ର ନୁହନ୍ତି ଅପରାଧୀ ଏବଂ ଏମାନଙ୍କୁ ଅପରାଧୀଙ୍କ ପରି କଠୋର ଦଣ୍ଡ ଦିଆଯିବା ଉଚିତ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଶ୍ରାଦ୍ଧ ଓ ମୂର୍ତ୍ତିପୂଜା

ଶ୍ରାଦ୍ଧ ଓ ମୂର୍ତ୍ତିପୂଜା ବେଦରେ ଲେଖା ନାହିଁ। ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦ ବେଦ ଆଧାରିତ କର୍ମ ମଧ୍ୟରେ ମୂର୍ତ୍ତିପୂଜା, ଶ୍ରାଦ୍ଧକର୍ମ, ଜନ୍ମଗତ ଜାତିଭେଦ, ନାରୀ ପ୍ରତି ଅସମ୍ମାନ, ବାଲ୍ୟବିବାହ ଆଦିକୁ ଗ୍ରହଣ କରିନାହାନ୍ତି। ସମ୍ପ୍ରଦାୟବାଦୀମାନେ ବ୍ୟାସଦେବଙ୍କ ନାମରେ ଅନେକ ପୁରାଣ ରଚନା କରିଛନ୍ତି। ସତ୍‌ସଙ୍ଗ, ସ୍ୱାଧ୍ୟାୟ ଓ ପରୋପକାରକୁ ତୀର୍ଥ ବୋଲି ନ ବୁଝି ନଦୀସ୍ନାନ, ମୃତ୍ୟୁ ପରେ ଶୁଦ୍ଧି କର୍ମ, ପିଣ୍ଡଦାନ ଆଦିକୁ ବେଦ ଆଧାରିତ କର୍ମ ବୋଲି ମାନୁଛନ୍ତି।

ବାବାଜୀ ଚରଣ ସେଠୀ, ପ୍ରାକ୍ତନ ଅଧକ୍ଷ, ଭୁବନେଶ୍ୱର-୨

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାଶେ ଆସି ତା'ର ପୁଚ୍ଛିଲଇଁ ପରିଚୟ,
ନିରେଖି ସେ ମୁଖ ଉପୁଜିଲା ଘୋର ଭୟ-
ଦଶନବିହୀନ ଅଧରେ ଉଠିଲା ହସି
କପୋଳୁଁ ରକତ ଶୁଖିଛି, ରହିଛି ମସୀ !
ପଉଷ-ଶୀତଳ କର୍କଶ କରେ ଛୁଇଁ
ମୋ ଦେହ, କହିଲା,- ଜୀବନ ! ଜୀବନ ମୁହିଁ !
କାହିଁକି ଜୀବନ-ପୁଛିଲି, ଏ ଧରାତଳେ ?
ଚଉଦିଶେ ଏ ଯେ ମୃତ୍ୟୁର ଚିତା ଜଳେ !

(ଜୀବନର ସ୍ପର୍ଶ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୪

- ଫିନ୍‌ଲାଣ୍ଡର ଦକ୍ଷିଣ-ପଶ୍ଚିମ ଉପକୂଳରେ ଏକ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବାରୁ ୮୦୦ ଜଣଙ୍କ ମୃତ୍ୟୁ।
- ଓମାନରୁ ଭାରତକୁ ଗ୍ୟାସ୍ ଚାଲାଣ ପାଇଁ ଗଭୀର ସମୁଦ୍ରରେ ପାଇପଲାଇନ ବିଛାଇବା ସକାଶେ ଭାରତ-ଓମାନ ମଧ୍ୟରେ ଏକ ବ୍ୟୟବହୁଳ ରାଜିନାମା ସ୍ୱାକ୍ଷରିତ।
- ବଲ୍ଲଭ ଦାସ ଆଜୋନ ମୋହତାଙ୍କ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ।



“ କ୍ରିକେଟର୍ ଏମ୍.ଏସ୍. ଧୋନିଙ୍କ ଅବସର ନେବାର ନିଷ୍ପତ୍ତି ଅନ୍ୟ କେହିନୁହେଁ, କେବଳ ସେ ହିଁ ନେଇପାରିବେ।

-ସୁଶାନ୍ତ ସିଂ ରାଜପୁତ,
ବଲିଉଡ୍ ଅଭିନେତା

# ଭାରତର ଗ୍ରେଟା 'ରିଧିମା'



**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ବିଶ୍ୱ ଲାଗି ଏକ ସତର୍କଘଣ୍ଟି। ଏଥିଲାଗି ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଉଥିବାବେଳେ ସେଭଳି ସୁଫଳ ମିଳୁନାହିଁ। ଏଥିଲାଗି ବିଭିନ୍ନ ଦେଶ କଡ଼ା ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଭାଷଣବାଜିରେ ସୀମିତ ରହିବା ଲଜ୍ଜାର ବିଷୟ। ଜଳବାୟୁ କର୍ମୀ ସ୍ୱେଡ଼େନ୍‌ର ଗ୍ରେଟା ଥନ୍‌ବର୍ଗ(୧୬)ଙ୍କ ଉତ୍ତେଜିତ ଭାଷଣ ବିଶ୍ୱନେତାଙ୍କୁ ଅଡୁଆରେ ପକାଇଥିବାବେଳେ ଭାରତୀୟ ଜଳବାୟୁ କର୍ମୀ ହରିଦ୍ୱାରନିବାସୀ ରିଧିମା ପାଣ୍ଡେ(୧୧) ମଧ୍ୟ ପରିବେଶ ସନ୍ତୁଳନ ରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି। ଗ୍ରେଟା ଓ ରିଧିମାଙ୍କ ସହିତ ବିଶ୍ୱର ୧୬ଜଣ ଏନେଇ ଜାତିସଂଘ ଜଳବାୟୁ କାର୍ଯ୍ୟକାରୀ କମିଟିରେ ପିଟିଶନ ଦାଖଲ କରି ସରକାରଙ୍କ ଅବହେଳାକୁ ଦାୟୀ କରିବା ସହ ବିକ୍ଷୋଭ ଜାରି ରଖିବାକୁ କହିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସରକାର କଠୋର ପଦକ୍ଷେପ ନେବାର ସମୟ ଆସିଛି ବୋଲି ରିଧିମା କହିଛନ୍ତି।

ରିଧିମା ଏବେ ଅଷ୍ଟମ ଶ୍ରେଣୀର ଛାତ୍ରୀ। ୨୦୧୭ରେ ସେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ପ୍ରକଟ କରିବା ସହ ସରକାରଙ୍କ ବିରୋଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ପିଟିଶନ ଫାଇଲ କରି ଚର୍ଚ୍ଚାକୁ ଆସିଥିଲେ। ଦେଶରେ ବୃଦ୍ଧି ପାଉଥିବା ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସେ ସରକାରୀ ପଦକ୍ଷେପକୁ ଦୋଷ ଦେଇଥିଲେ। ଖାଲି କାଗଜ କଲମରେ ନୁହେଁ, ପ୍ରତ୍ୟକ୍ଷଭାବେ ଦୃଢ ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିଛିମାସ ତଳେ ସେ ବାପାଙ୍କ ସହ ଓସ୍‌ଲୋ ଓ ପରେ ନ୍ୟୁୟର୍କ ଗସ୍ତକରି ଜଳବାୟୁ କର୍ମୀଙ୍କ ସହ ମିଶିଥିଲେ। ପରେ ନ୍ୟୁୟର୍କ ସମିଟ୍‌ରେ ଭାଗ ନେଇଥିଲେ। ଥନ୍‌ବର୍ଗ, ଆଲେକ୍‌ଜାଣ୍ଡ୍ରିଆ ଭିଲ୍ଲାସେନର,ଚିଆରା ସଚ୍ଚି, କାଟାରିନା ଲୋରେଞ୍ଜୋ, ଇରିଶ୍ ଡୁକ୍ସେନ୍ସ ପ୍ରମୁଖଙ୍କ ସହ ରିଧିମା ଜଳବାୟୁ ପରିବର୍ତ୍ତନ ନେଇ ଅଭିଯାନ ଚଳାଇଥିଲେ। ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜଳବାୟୁ କର୍ମୀ ରିଧିମା କହିଛନ୍ତି। ଗଙ୍ଗା ସଫେଇ ନେଇ ଡିଣ୍ଡିମ ପିଟାଯାଉଥିଲେ ହେଁ ଏଥିରେ ସେଭଳି ଅଗ୍ରଗତି ପରିଲକ୍ଷିତ ହୋଇନାହିଁ। ପଡ଼ିଥିବା ମାଳମାଳ ପଲିଥିନ୍, କଳକାରଖାନାର ବର୍ଜ୍ୟବସ୍ତୁ, ଅଳିଆ ଆବର୍ଜନାକୁ ଦେଖିଲେ ଯେ କେହି ଅନୁଭବ କରିପାରିବ ବୋଲି ରିଧିମା କହିଛନ୍ତି। ମା' ବୋଲି କୁହାଯାଉଥିବା ଗଙ୍ଗା ଏବେ ପୂତିଗନ୍ଧମୟ, ଦୂଷିତ ଜଳପୂର୍ଣ୍ଣ ହୋଇ ରହିଛି। ସେହିଭଳି ଧାର୍ମିକ ପୀଠ ହରିଦ୍ୱାର ଭୟଙ୍କର ବାୟୁ ପ୍ରଦୂଷଣର ଶିକାର ହୋଇଛି। ପଲିଥିନ ନିଷିଦ୍ଧ କରାଯାଇଥିଲେ ହେଁ ସରକାରୀ ଉଦାସୀନତାରୁ ଏହା ସଫଳ ରୂପ ନେଇପାରୁ ନାହିଁ। ଆମ ଆଡୁ ପ୍ଲାଷ୍ଟିକ୍ ବନ୍ଦ ହେଲେ କମ୍ପାନୀ ତିଆରି କରିବା ବନ୍ଦ କରିଦେବ ବୋଲି ସେ ମତ ଦେଇଛନ୍ତି। ପରିବେଶକୁ ସନ୍ତୁଳିତ କରିବା ଲାଗି ଲୋକ ସଚେତନ ହେବା ସହ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ରିଧିମା ପରାମର୍ଶ ଦେଇଛନ୍ତି।

**ଜଳବାୟୁ ପରିବର୍ତ୍ତନ ଲାଗି ସରକାରଙ୍କୁ ଦୋଷାରୋପ**




## ବାବୁ ମହଲ: ପ୍ଲାଷ୍ଟିକ ବର୍ଜନ

ଦେଖନ୍ତୁ ଭିଡିଓ

YouTube /dharitrilive

# କୁକୁର କାନ୍ଦିଲେ ଦଣ୍ଡ



କାନ୍‌ବେରା: ବିଶ୍ୱସ୍ତ ପ୍ରାଣୀ ତାଲିକାରେ ଶୀର୍ଷରେ ରହିଛି କୁକୁର। ହେଲେ ଭାରତରେ କୁକୁରଙ୍କ ଦୟନୀୟ ଅବସ୍ଥା ନ କହିବା ବରଂ ଭଲ। କେବଳ ବୁଲା କୁକୁର ନୁହନ୍ତି, ବୟସ ଗଡ଼ିଗଲା ପରେ ସାରା ଜୀବନ ସେବା ଯୋଗାଇ ଆସୁଥିବା ଅତି ଆପଣାର ପୋଷା କୁକୁରଟିକୁ ବି ମାଲିକ ଘରୁ ବାହାର କରିଦେବାକୁ ସାମାନ୍ୟ ସଙ୍କୋଚ କରନ୍ତିନି। ଦେଶରେ ଏପରି ଘଟଣା ଅତି ସାଧାରଣ। ସହର ହେଉ କି ଗ୍ରାମାଞ୍ଚଳ, ଖୋଜି ବୁଲିଲେ ଗଳିକନ୍ଦିରେ ଏପରି ହଜାରେ ଦୃଶ୍ୟ ଅତି ସହଜରେ ଦେଖିବାକୁ ମିଳିଯିବ। ଏହାର କାରଣ ଏଠାରେ ପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ କାମକରୁନି କଡ଼ା ଆଇନ।

ହେଲେ ସମାନ ଘଟଣା ଯଦି ଅଷ୍ଟ୍ରେଲିଆରେ ଘଟେ, ତେବେ କୁକୁର ମାଲିକଙ୍କୁ ଗଣିବାକୁ ପଡ଼ିବ ମୋଟା ଅଙ୍କର ଜରିମାନା। କେବଳ ଏତିକି ନୁହେଁ, ଦୈନିକ ପୋଷା କୁକୁରକୁ ୨ ଘଣ୍ଟା ପଦାରେ ବୁଲାଇବା ମଧ୍ୟ ବାଧ୍ୟତାମୂଳକ। କୁକୁରକୁ ୨୪ ଘଣ୍ଟା ଘରେ ବାନ୍ଧି ରଖିବା କିମ୍ବା ନିର୍ଯାତନା ଦେଉଥିବା ଅଭିଯୋଗ ଯଦି ଆସେ ତେବେ କଥା ସରିଲା। ଏଥିଲାଗି ଜଣକୁ ୨୭୦୦ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ହାରାହାରି ୧ଲକ୍ଷ ୯୦ ହଜାର ଟଙ୍କା) ଦଣ୍ଡ ଗଣିବାକୁ ପଡ଼ିବ।

ଦ୍ୱୀପ ମହାଦେଶ ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାରେ ସରକାର ପୋଷାଜନ୍ତୁଙ୍କ ସୁରକ୍ଷା ଲାଗି ଆନିମଲ ୱେଲଫେୟାର ରିଜୋଲ୍ୟୁଶନ ଆମେଣ୍ଡମେଣ୍ଟ ବିଲ୍‌କୁ ସଂଶୋଧନ କରିଛନ୍ତି। ଏଥିରେ ପାଳିତ ପ୍ରାଣୀଙ୍କ ସୁରକ୍ଷା ଲାଗି କଡ଼ା ନିୟମ ଲାଗୁ କରାଯାଇଛି। ଜଣେ ମାଲିକ ନିଜର ପୋଷା କୁକୁର ପାଇଁ ଖାଇବା, ପିଇବା, ରହିବା ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ କଲେ ତୁରନ୍ତ ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଗୃହପାଳିତ ପ୍ରାଣୀଙ୍କ ପ୍ରତି ଦାୟିତ୍ୱବୋଧ ବଢ଼ିବ ଏବଂ ସେମାନେ ଅବହେଳିତ ହୋଇ ରହିବେ ନାହିଁ। କୁକୁରକୁ କନ୍ଦାଇଲେ କେହି ନିସ୍ତାର ପାଇବେ ନାହିଁ। ଏପରି ମହତ୍ ଉଦ୍ଦେଶ୍ୟ ରଖି କାନ୍‌ବେରାରେ ଏହି ଆଇନ ଲାଗୁ କରାଯାଇଛି।

### 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍

# ଦୀପକ ଡୋବରିୟାଲ ଓ ସୋନାକ୍ଷୀ ସିହ୍ନାଙ୍କ ପ୍ରଥମ ଲୁକ୍



ନୂଆଦିଲ୍ଲୀ: ସୈଫ୍ ଅଲୀ ଖାନ୍‌ଙ୍କ ଅପକମିଂ ଫିଲ୍ମ'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଯାଇଛି। ଟ୍ରେଲର ଆରମ୍ଭରୁ ଦୀପକ ଡୋବରିୟାଲଙ୍କୁ ଦେଖିବାକୁ ମିଳିଛି। ଦୀପକଙ୍କ ଲୁକ୍ ମଧ୍ୟ ସୈଫ୍‌ଙ୍କ ଭଳି ହିଁ ଦମ୍‌ଦାର ଜଣାପଡୁଛି। ୧ମିନିଟ୍ ୨୯ ସେକେଣ୍ଡର ଏହି ଟ୍ରେଲରରେ ସୈଫ୍, ଦୀପକ ଓ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଛି। ଦୀପକ ଦୁଇଟି କୁକୁରଙ୍କୁ ଇଙ୍ଗିତ କରି ସୁଖୀରାମ୍ ଓ ଦୁଃଖୀରାମ ଡାଏଲଗ୍ କହୁଛନ୍ତି। ଜଣାପଡୁଛି ଫିଲ୍ମରେ ସେ ସୁଖୀରାମ ଚରିତ୍ରରେ ଅଭିନୟ କରିଛନ୍ତି। ସେହିପରି ଟ୍ରେଲରରେ ସୋନାକ୍ଷୀ ସିହ୍ନାଙ୍କ ଝଲକ୍ ଦେଖିବାକୁ ମିଳିଛି, କିନ୍ତୁ ତାଙ୍କ ପୂରା ଚେହେରା ଦେଖାଯାଉନାହିଁ। ଏହାସହ ପ୍ରଥମ ଟ୍ରେଲର ଭଳି ୨ୟ ଟ୍ରେଲରରେ ସୈଫ୍‌ଙ୍କ ଦମ୍‌ଦାର ଲୁକ୍ ସହ ଡାଏଲଗ୍ ମଧ୍ୟ ରହିଛି। ସେ ଶିକାରକୁ ଯାଉଥିବା ଜଣାପଡୁଛି। ଫିଲ୍ମଟି ଅକ୍ଟୋବର ୧୮ରେ ରିଲିଜ୍ ହେବ। ମୁହଁରେ ଭସ୍ମ ଓ ଆଖିରେ କଜଳ ଲଗାଇ ନାଗା ସାଧୁଙ୍କ ଚରିତ୍ରରେ ଏକ ଭୟଙ୍କର ରୂପରେ 'ଲାଲ୍ କପ୍ତାନ୍'ରେ ସୈଫ୍ ନଜରକୁ ଆସିବେ।

# ଭଗବାନଙ୍କୁ ଚିଠି ଲେଖି ମନ୍ଦିରରୁ ଲୁଟିନେଲେ

**ଭୋପାଳ:** ଜଣେ ଚୋର ଅଭିନବ ଉପାୟରେ ଚୋରି କରିଛନ୍ତି। ତାହା ପୁଣି ମନ୍ଦିରରେ ଠାକୁରଙ୍କ ମୂର୍ତ୍ତିଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇ ଚୋରି କରିଛନ୍ତି। ମଧ୍ୟପ୍ରଦେଶର ବୈତୁଲ ଜିଲାରେ ଏପରି ଭିନ୍ନ ଧରଣର ଚୋରି ନଜରକୁ ଆସିଛି। ମନ୍ଦିର ଭିତରରେ ପ୍ରବେଶ କରି ଚୋର ଭଗବାନଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି ଦାନବାକ୍ସରୁ ନଗଦ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ବୈତୁଲ ଜିଲାର ସାରଣୀସ୍ଥିତ ରାଧାକୃଷ୍ଣ ୱାର୍ଡର ସିଦ୍ଧେଶ୍ୱର ହନୁମାନ ମନ୍ଦିରରେ ଚୋର ହନୁମାନଜୀଙ୍କୁ ଚିଠି ଲେଖି ଦାନବାକ୍ସରୁ ନଗଦ ୫୦ ହଜାର ଟଙ୍କା ନେଇ ପଳାଇଛନ୍ତି।







# ହାପି ବାର୍ଥଡେ'



**ନୂଆଦିଲ୍ଲୀ:** ସଂଗୀତ ସମ୍ରାଜ୍ଞୀ ଲତା ମଙ୍ଗେସକର, ଅଭିନେତା ରଣବୀର କପୁର ଓ ଅଭିନେତ୍ରୀ ମୌନି ରୟ ସେପ୍ଟେମ୍ବର ୨୮ରେ ପାଳିଛନ୍ତି ନିଜ ନିଜର ଜନ୍ମଦିନ। ଲତା ନିଜର ୯୦ତମ ଜନ୍ମଦିବସ ପାଳନ କରିଥିବାବେଳେ ରଣବୀର ୩୭ତମ ଓ ମୌନି ୩୪ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ତିନି ଲୋକପ୍ରିୟ ତାରକାଙ୍କ ଜନ୍ମଦିନ ଅବସରରେ ପୂରା ବଲିଉଡ୍ ଓ ପ୍ରଶଂସକଙ୍କ ପକ୍ଷରୁ ଶୁଭକାମନାର ସୁଅ ଛୁଟିଛି।

## ୯୦ବର୍ଷରେ ଲତା

ଶନିବାର ନିଜର ୯୦ତମ ଜନ୍ମଦିନ ପାଳିଛନ୍ତି ସୁନାମଧନ୍ୟା ଗାୟିକା ଭାରତ ରତ୍ନ ଲତା ମଙ୍ଗେସକର। ୧୯୨୯ ସେପ୍ଟେମ୍ବର ୨୮ରେ ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଏକ ମରାଠୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଲତା। ତାଙ୍କ ଜନ୍ମଦିନ ଅବସରରେ ସୋସିଆଲ ମିଡିଆରେ ଶୁଭେଚ୍ଛାର ସୁଅ ଛୁଟିଛି। ସଚିନ ତେନ୍ଦୁଲକରଙ୍କଠାରୁ ବିଗ୍ ବି ଅମିତାଭ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଲତାଙ୍କୁ ଦୀର୍ଘାୟୁ ଓ ସୁସ୍ଥ ଜୀବନର କାମନା ପୂର୍ବକ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି। ଭାରତ ରତ୍ନ ସମ୍ମାନ ସମେତ ଲତାଙ୍କୁ ପଦ୍ମବିଭୂଷଣ, ପଦ୍ମଭୂଷଣ, ଦାଦା ସାହେବ ଫାଲ୍‌କେ ଆୱାର୍ଡ ଭଳି ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ କୁଇନ୍ ଅଫ୍ ମେଲୋଡି, ଡଟର୍ ଅଫ୍ ନେଶନ୍, ଭଏସ୍ ଅଫ୍ ନେଶନ୍ ଓ ଭଏସ୍ ଅଫ୍ ମିଲେନିୟମ୍ ବୋଲି ମଧ୍ୟ କୁହାଯାଏ।

## ୩୭ରେ ରଣବୀର



ଶନିବାର ନିଜର ୩୭ତମ ଜନ୍ମଦିନ ପାଳିଛନ୍ତି ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ରଣବୀର କପୁର। ତାଙ୍କର ଏହି ଖୁସିର ଦିନରେ ପୂରା ବଲିଉଡ୍ ସମେତ ପ୍ରଶଂସକମାନେ ଶୁଭକାମନା ଜଣାଉଛନ୍ତି। ରଣବୀରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆରେ ଆଲିୟା ଶେୟାର କରିଛନ୍ତି କେନିଆ ଟ୍ରିପ୍‌ର ଫଟୋ। ନିକଟରେ ଦୁହେଁ ଛୁଟି କାଟିବାକୁ କେନିଆ ଯାଇଥିଲେ। ସେହି ସ୍ମୃତିକୁ ସୋସିଆଲ ମିଡିଆରେ ଶେୟାର କରି ଆଲିୟା ସ୍ପେଶାଲ ୱିଶ୍ କରିଛନ୍ତି ରଣବୀରଙ୍କୁ, ଯେଉଁଥିରେ ରଣବୀରଙ୍କ ମା' ନିତୁ ମଧ୍ୟ କମେଣ୍ଟ ଦେଇଛନ୍ତି। ରଣବୀରଙ୍କ ବାର୍ଥ ଡେ' ସେଲିବ୍ରେଶନ ପାର୍ଟିରେ ଶାହରୁଖ ଖାନ, ଗୌରୀ ଖାନ, ଦୀପିକା ପାଦୁକୋନ, ଆକାଶ ଅମ୍ବାନୀ, ଆଦିତ୍ୟ ରୟ କପୁର, ଜୋୟା ଅଖତର୍‌ଙ୍କ ଭଳି ତାରକାମାନେ ଯୋଗ ଦେଇଥିଲେ। ଅନ୍ୟପଟେ ଫ୍ୟାମିଲି ସେଲିବ୍ରେଶନରେ ଆଲିୟା ସାମିଲ ଥିଲେ।

## ନାଗୀନ୍‌ଙ୍କୁ ଛୁଇଁଲା ୩୪



ଟିଭି ପରଦାର ଲୋକପ୍ରିୟ ନାଗୀନ୍ ନିଜର ୩୪ତମ ଜନ୍ମଦିନ ପାଳିଛନ୍ତି। ଆଜ୍ଞା ଆମେ କହୁଛୁ ମୌନି ରୟଙ୍କ କଥା, ଯିଏ ଟିଭିରେ ପପୁଲାର ନାଗୀନ୍ କ୍ୟାରେକ୍ଟରରୁ ବଲିଉଡର ହଟ୍ ଆକ୍ଟ୍ରେସ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଏକତା କପୁରଙ୍କ ସିରିୟଲ 'କ୍ୟୁଁ କି ଶାଶ୍ ଭି କଭି ବହୂ ଥି'ରୁ ଅଭିନୟ ଦୁନିଆରେ ପାଦ ଦେଇଥିବା ମୌନି ଅକ୍ଷୟ କୁମାରଙ୍କ ସୁପରହିଟ୍ ଫିଲ୍ମ 'ଗୋଲ୍ଡ'ରୁ ବଲିଉଡ୍ ଏଣ୍ଟ୍ରୀ କରିଥିଲେ। ଏବେ ରାଜକୁମାର ରାଓଙ୍କ ସହ ଅପକମିଂ ଫିଲ୍ମ 'ମେଡ୍ ଇନ୍ ଚାଇନା'ରେ ମୌନି ପୁଣି ନଜରକୁ ଆସିବେ। ଟିଭି ଦୁନିଆର ଏହି ନାଗୀନ୍ ନିଜ ଅପକମିଂ ଫିଲ୍ମର 'ଓଢ଼ନୀ ଓଢ଼ୁଁ...' ଗୀତ ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି।

**ସମ୍ବଲପୁରୀ ବସ୍ତ୍ରାଳୟ**

ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା.୨୩।୦୯।୨୦୧୯ ରୁ ତା.୧୩।୧୦।୨୦୧୯ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ, ସୁଟ ସେଟ ଇତ୍ୟାଦି। ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।

| ସ୍ଥାନ | ଅବଧି |
|---|---|
| ୧. ବରଗଡ ପ୍ରଦର୍ଶନୀ, ବ୍ଲକ ଅଫିସ ସାମ୍ନା, ବରଗଡ | ତା.୨୩।୦୯।୨୦୧୯ ରୁ ତା.୧୩।୧୦।୨୦୧୯ |
| ୨. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୩. ସୋହେଲା ପ୍ରଦର୍ଶନୀ, ପଦ୍ମପୁର ରୋଡ, ସୋହେଲା | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୪. ଭଟଲି ପ୍ରଦର୍ଶନୀ, ମେନ ରୋଡ, ଭଟଲି | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୫. ବରପାଲି ପ୍ରଦର୍ଶନୀ, ସିନେମା ହଲ ରୋଡ, ବରପାଲି | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୬. ଏମ.ସି.ଏଲ. ପ୍ରଦର୍ଶନୀ, ଆନନ୍ଦବିହାର କ୍ଲବ (ନିଶିଗନ୍ଧା), ଆନନ୍ଦବିହାର, ଏମ.ସି.ଏଲ. | ୨୬।୦୯।୨୦୧୯ ରୁ ତା.୦୫।୧୦।୨୦୧୯ |
| ୭. ଲୋଇସିଂଘା, ପ୍ରଦର୍ଶନୀ ବସଷ୍ଟାଣ୍ଡ ପାଖ, ଲୋଇସିଂଘା | ୨୮।୦୯।୨୦୧୯ ରୁ ତା.୦୭।୧୦।୨୦୧୯ |



## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା



ବୁଗୁଡ଼ା,୨୮।୯(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ମାଣିତରା ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଅନୁପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଦିଲୀପ କୁମାର ଆଚାର୍ଯ୍ୟ, କାହ୍ନୁ ଚରଣ ଦାଶ, ସନ୍ତୋଷ କୁମାର ସ୍ୱାଇଁ, ପ୍ରଜ୍ଞା ପାରମିତା ସାହୁ, ଶଙ୍କର ଆଶିଷ ପାତ୍ର, ସନ୍ତୋଷ କୁମାର ଗୌଡ଼, ଡ. ପ୍ରିୟବ୍ରତ ପ୍ରଧାନ, ସୁଚିତ୍ରା ପଣ୍ଡା ପ୍ରମୁଖ ଅଧ୍ୟାପିକା ଓ ଅଧ୍ୟାପକମାନେ ଦାୟିତ୍ୱ ନିର୍ବାହ କରିଥିଲେ । ଆସନ୍ତା ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି ।

### ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର

ବୁଗୁଡ଼ା,୨୮।୯(ଡି.ଏନ.ଏ.): ସ୍ଥାନୀୟ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠଚକ୍ରକୁ ବିଇଓ ରସାନନ୍ଦ କର ଉଦ୍‌ଘାଟନ କରିଥିଲେ। ଏଥିରେ ୧୧ ଜଣ ଛାତ୍ରୀଛାତ୍ର ଭାଗ ନେଇ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ବିରଞ୍ଚିପୁର ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଦିଗଦର୍ଶନ ପାମୀ ପ୍ରଥମ, ଡାକରଡ଼ା ଉଚ୍ଚ ବିଦ୍ୟାଳୟର ସିମରନ ଦାଶ ଦ୍ୱିତୀୟ ଓ ମାଣିତରା ହାଇସ୍କୁଲର କେ. ମନସ୍ୱିନୀ ପାତ୍ର ତୃତୀୟ ସ୍ଥାନ ରଖି ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ପିପୁଲସ କଲେଜର ଅଧ୍ୟାପକ ମନୋଜ କୁମାର ଦାଶ, ଅନିତା ଦେବୀ ଦାୟିତ୍ୱ ସମ୍ପାଦନ କରିଥିଲେ ।

### ମଦ ଜବତ, ଅଭିଯୁକ୍ତ ଗିରଫ

ଆସିକା,୨୮।୯(ଡି.ଏନ୍.ଏ.): ଆସିକା ଥାନା ଜୟପୁର ଗ୍ରାମରୁ ଶନିବାର ପୋଲିସ ୫୦ ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ଗ୍ରାମର ମନୋଜ କୁମାର ସାହୁଙ୍କୁ ଗିରଫ କରାଯାଇଛି। ନଂ.୩୩୨/୧୯ରେ ଏକ ମାମଲା ରୁଜୁ କରାଯାଇ ଶନିବାର ଅପରାହ୍ନରେ ମନୋଜଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ପୁଣି ଖଟିଆରେ ବୁହାହେଲେ ଗର୍ଭବତୀ

କୋଟଗଡ,୨୮।୯(ଡି.ଏନ୍.ଏ.)

ସରକାର ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ବହୁ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଭଲ ରାସ୍ତା ନ ଥିବାରୁ ଆଜି ବି ବହୁ ଆଦିବାସୀ ଅଞ୍ଚଳରେ ରୋଗୀ ଦୋଳାରେ ବୁହା ହୋଇ ମେଡିକାଲ ଆସୁଛନ୍ତି। ଏପରି ଏକ ଘଟଣା ଶନିବାର କନ୍ଧମାଳ ଜିଲା କୋଟଗଡ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, କୋଟଗଡ ବ୍ଲକ ସାରତୁଲ ପଞ୍ଚାୟତର ଏକ ଗ୍ରାମ ହେଉଛି ପାଙ୍ଗାଲିପଦର। ସଦରମହକୁମାରୁ ଏହା ୧୩ କିମି ଦୂର। ଗତ ଲଗାଣ ବର୍ଷାରେ ପାଙ୍ଗାଲିପଦର ଯାଇଥିବା ରାସ୍ତା ବିଭିନ୍ନ ସ୍ଥାନରେ ଧୋଇଯିବା ସହ ମାଟି ଅତଡା ଧସି ରାସ୍ତାରେ ପଡିରହିଛି। ଫଳରେ ଯାତାୟାତରେ ବହୁ ଅସୁବିଧା ହେଉଛି। ବର୍ଷା ଛାଡିବାର ଅନେକ ଦିନ ବିତିଯାଇଥିଲେ ସୁଦ୍ଧା ରାସ୍ତା ମରାମତି ହେଉନାହିଁ। ଫଳରେ ଗାଁ ଲୋକେ ଶ୍ରମଦାନ କରି ପାଦଚଲାରାସ୍ତା ନିର୍ମାଣ କରିଛନ୍ତି। କିଛିଦିନ ହେଲା ଏହି ରାସ୍ତାରେ ହିଁ ଯିବାଆସିବା କରୁଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଗ୍ରାମର ଅଞ୍ଜନା ବେହେରାମାଝି (୨୦) ଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା। ଗାଁକୁ ଆମ୍ବୁଲାନ୍ସ ଯିବାକୁ ରାସ୍ତା ନ ଥିବାରୁ ଅଞ୍ଚଳବାସୀ ଏକ ଖଟିଆରେ ବୋହି କୋଟଗଡ ଡାକ୍ତରଖାନାକୁ ଆଣିଥିଲେ। ପ୍ରାୟ ୮କିମି ରାସ୍ତା ଆସିବା ପରେ ଗୁଳିମରା ଘାଟିରେ ପ୍ରସବ ହୋଇଥିଲା। ସାଙ୍ଗରେ ଆସିଥିବା ଆଶାକର୍ମୀ ପ୍ରସବ କରାଇଥିଲେ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଜିଲା ଓ ବ୍ଲକ ପ୍ରଶାସନକୁ ରାସ୍ତା ନିର୍ମାଣ ପାଇଁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ନାଏବ ସରପଞ୍ଚ ସାମସନ ରୂପାମାଝୀ କହିଛନ୍ତି। ତୁରନ୍ତ ରାସ୍ତା ମରାମତି ସହ ପକ୍କାରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଜଣେ ଗର୍ଭବତୀଙ୍କୁ ଖଟିଆରେ ବୋହି ନିଆଯାଉଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଢ଼ିଲା ଝିଅ
ପୁରୁଣା ଘିଅ ।**

ସାଧାରଣତଃ ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଏପରି ରଖିବା ଦ୍ୱାରା ପଛରେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ। ସେହିପରି ଘିଅ ପୁରୁଣା ହୋଇଗଲେ ବା ଅଧିକ ଦିନ ଘରେ ରଖିଲେ ତାହା ରହଣିଆ ଲାଗିଥାଏ ଓ ଏହା ଖାଦ୍ୟୋପଯୋଗୀ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବାଇଗଣ ପରିବା
ଦି' ସଉତୁଣୀ କଜିଆ କଲେ
ଘଇତାକୁ ମାରିବା ।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖି ସହି ପାରି ନ ଥାନ୍ତି। ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ସାଜିଥାଏ। ଯେଉଁ ଘରେ ଦୁଇ ସଉତୁଣୀ ରହିଥାନ୍ତି ସେହି ଘରେ ନାନାପ୍ରକାର ବିଶୃଙ୍ଖଳା ଘଟିବା ଥୟ। ଦୁଇ ସଉତୁଣୀ ମଧ୍ୟରେ କଳିକଜିଆ ଲାଗିଲେ ସବୁ ରାଗ ସ୍ୱାମୀ ଉପରେ ଶୁଝା ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ଲକସ୍ତରୀୟ ପୁରସ୍କାର ବିତରଣ ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଦିଗପହଣ୍ଡି,୨୮।୯(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ବଡ଼ ଖେମୁଣ୍ଡି ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦିଗପହଣ୍ଡି ବ୍ଲକର ସରକାରୀ ବେସରକାରୀ, ଇଂଲିଶ ଓ ଓଡ଼ିଆ ମାଧ୍ୟମ ପ୍ରାଥମିକ, ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧ୍ୟକ୍ଷତାରେ ସିଆର୍‌ସିସି ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇନଜୀବୀ ହରପ୍ରସାଦ ରଥ, ଏବିଇଓ ବିଶ୍ୱବା ପାଇକ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଉଦ୍‌ଗାତା, ସୁଦାମ ଦାସ, ରାଜେନ୍ଦ୍ର କୁମାର ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ପୋଲସରା,୨୮।୯

ପୋଲସରା ବ୍ଲକସ୍ଥିତ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଆୟୋଜିତ ହୋଇଯାଇଛି। ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଚିରିକିପଡ଼ା ସରପଞ୍ଚ ସୁଜାତା ସାହୁ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚନ୍ଦ୍ରଭାନୁ ସାହୁ, ସତ୍ୟ ନାରାୟଣ ସାହୁ ଓ ବ୍ଲକର ୧୩ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗାଇଡ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଚାରପତି ଭାବେ ପୋଲସରା ଆଞ୍ଚଳିକ ମହିଳା ମହାବିଦ୍ୟାଳୟର ୨ ବିଜ୍ଞାନ ଅଧ୍ୟାପିକା କେ. ଶ୍ରୀଦେବୀ ପାତ୍ର ଓ ସାରଦା କୁମାରୀ ପାତ୍ର ଦାୟିତ୍ୱ ସମ୍ପାଦନ କରିଥିଲେ। କୃତୀ ଛାତ୍ର ସାଗର ସାହୁଙ୍କୁ ଜିଲାସ୍ତରୀୟ ବିଜ୍ଞାନ ସେମିନାର ପାଇଁ ଚୟନ କରାଯାଇଥିଲା।

## ଏବିଭିପିର ଅଭ୍ୟାସ ବର୍ଗ ଉଦ୍‌ଘାଟିତ

ଆସିକା,୨୮।୯(ଡି.ଏନ୍.ଏ.)

ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଗଞ୍ଜାମ ବିଭାଗ ଅଭ୍ୟାସ ବର୍ଗର ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆରଏସ୍‌ଏସ୍ ଜିଲା ପ୍ରମୁଖ ବିଚିତ୍ରାନନ୍ଦ ପୋଲାଇ, ମୁଖ୍ୟବକ୍ତା ଏବିଭିପିର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଗୋବିନ୍ଦ ନାୟକ, ଶିବ ପ୍ରସାଦ ତ୍ରିପାଠୀ, ଶଶିକାନ୍ତ ମିଶ୍ର, ସ୍ୱାଗତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏବିଭିପିର ଆଦର୍ଶ ଓ ବିଦ୍ୟାର୍ଥୀମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗଞ୍ଜାମ, ଘୁମୁସର ଓ କନ୍ଧମାଳ ଜିଲାର ୪୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ନେଉଛନ୍ତି। ଦୁଇଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ, ଆଦର୍ଶ, ଧାରା ୩୭୦, ଏନ୍‌ଆର୍‌ସି ସମ୍ପର୍କରେ ଆଲୋଚନା ସହ କ୍ୟାମ୍ପସରେ ଏବିଭିପିର ରଚନାତ୍ମକ ଓ ଆନ୍ଦୋଳନାତ୍ମକ କାର୍ଯ୍ୟ ସମ୍ପର୍କରେ ଆଲୋଚନାଚକ୍ରମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଆସିକା ନଗର ପ୍ରମୁଖ କୁମାର ବଳରାମ ପ୍ରଧାନ, ହିମାଂଶୁ ଶେଖର ତ୍ରିପାଠୀ, ସୁଧାଂଶୁ ପ୍ରଧାନ, ଆଦିତ୍ୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅହିଂସା ରଥକୁ ସ୍ୱାଗତ

ହିଞ୍ଜିଳିକାଟୁ, ୨୮।୯(ଡି.ଏନ୍.ଏ)

ହିଞ୍ଜିଳିକାଟୁ ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ମାନବ ବେଶଧାରୀ ଗାନ୍ଧୀ ଓ ଅହଂସା ରଥକୁ ସ୍ୱାଗତ କରାଯାଇଛି। ଶେରଗଡ଼ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା ପରେ ରଥ ହିଞ୍ଜିଳିକାଟୁରେ ପହଞ୍ଚିଥିଲା। ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରଥକୁ ବହୁ ବ୍ୟକ୍ତି ସ୍ୱାଗତ କରିଥିଲେ। ସେଠାରୁ ଆଙ୍କୋରଡ଼ା ଗ୍ରାମରେ ରଥକୁ ମହିଳା ଓ ପୁରୁଷ ହୁଳହୁଳି ଓ ଶଙ୍ଖ ନାଦରେ ସ୍ୱାଗତ କରିଥିଲେ। ରଥ ସହ ଆସିଥିବା କଳାକାରଙ୍କ ଦ୍ୱାରା ଏକ ପ୍ରଥପ୍ରାନ୍ତ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ପରେ ରଥ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଦେଇ ହିଞ୍ଜିଳି ପହଞ୍ଚିଥିଲା। ସେଠାରେ ଉପସ୍ଥିତ ମହିଳା ଓ ପୁରୁଷଙ୍କୁ ଅହିଂସା ମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଶପଥପାଠ ହୋଇଥିଲା। ପରେ ବ୍ଲକର ଶିକିରି, ବେଲଗାଁ, କଞ୍ଚୁରୁ ଦେଇ ମକରଝୋଳ ପଞ୍ଚାୟତର ପଲ୍ଲୀ ପଦ୍ମନାଭପୁରରେ ପ୍ରଥପ୍ରାନ୍ତ ନାଟକ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ପ୍ରସନ୍ନ କୁମାର ପାତ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ କୁମାର ମହାପାତ୍ର, ସଞ୍ଜୟ ପଣ୍ଡା, ବିଜେଡି ସଭାପତି ଭୀମସେନ ବେହେରା, ସୁବାସ ପଲେଇ, ଶିବରାମ ଗଉଡ଼, ନୀଳମଣି ପଟ୍ଟନାୟକ ପ୍ରମୁଖଙ୍କ ସହ ଗାନ୍ଧୀପ୍ରେମୀ, ବିଜେଡି ଦଳର ବହୁ ନେତା,କର୍ମୀ ଉପସ୍ଥିତ ଥିଲେ।



ଆଙ୍କୋରଡ଼ାରେ ଅହିଂସା ନାଟକ ମଞ୍ଚସ୍ଥ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ପ୍ରସ୍ତୁତି ସଭା

ଦିଗପହଣ୍ଡି,୨୮।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗୁପ୍ତେଶ୍ୱର ଶୈବପୀଠରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ସଭାରେ ଦିଗପହଣ୍ଡି ବ୍ଲକର ୨୫ ପଞ୍ଚାୟତ ଓ ଏନ୍‌ଏସି ସହରାଞ୍ଚଳର ସମସ୍ତ ବିଜେଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ସିଏଚ୍.ସୀମାଦ୍ରି, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ବ୍ଲକ ସରପଞ୍ଚ ସଂଘ ସଭାପତି କେ.ହରିବନ୍ଧୁ ରେଡ୍ଡୀ, ବିଜେଡି ଜିଲା ସମ୍ପାଦକ ବି .କ୍ରିଷ୍ଣାରାଓ ସୁବୁଦ୍ଧି, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ହୃଦୟ ରଞ୍ଜନ ମେକାପ, ଅଧ୍ୟକ୍ଷା ସୁନୀତା ସେଠୀଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଧାରା ୩୭୦ ଉଚ୍ଛେଦ ସମ୍ପର୍କିତ ପାଠଚକ୍ର

ଦିଗପହଣ୍ଡି,୨୮।୯(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପରିସରରେ ଶୁକ୍ରବାର ରାଜନୈତିକ ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପ୍ରଣତି ପାତ୍ରଙ୍କ ସଭାପତିତ୍ୱ କରିଥିଲେ। ପାଠଚକ୍ରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ରାଜନୈତିକ ବିଜ୍ଞାନ ବିଭାଗ ଅଧ୍ୟାପିକା ସୌଦାମିନୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡ.ସନ୍ତୋଷ କୁମାର ସାହୁ, ଉଜ୍ଜ୍ୱଳ ପଣ୍ଡା, ଅନୀତା କୁମାରୀ ପାଣି, ଆଶୁତୋଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଜମ୍ମୁ ଏବଂ କଶ୍ମୀରରେ ସମ୍ବିଧାନର ଧାରା ୩୭୦ ଓ ୩୫ (କ) ଉଚ୍ଛେଦ ବିଷୟ ବସ୍ତୁକୁ ଆଧାର କରି ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଏହି ଅବସରରେ ଯୁକ୍ତ ୩ ଛାତ୍ର ଶିବ କୁମାର ରେଡ୍ଡୀ, ଗଣେଶ ରାଉତ, ଛାତ୍ରୀ ଅଞ୍ଜଳି ବାଡତ୍ୟା, ଲିଜା କୁମାରୀ ପଣ୍ଡା, ମୀନାକ୍ଷୀ ପଣ୍ଡା ପ୍ରମୁଖ ନିଜର ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ।



ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ଗହଣରେ ମୁଖ୍ୟ ଅତିଥି।

CLASSIFIED DISPLAY
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ,
ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ
ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

FINANCE
FINANCE

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ,
ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ,
ରାଶନ କାର୍ଡ, ଆଧାର କାର୍ଡ,
ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ
ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର,
ମାର୍କଶିଟ୍, ପର୍ସନାଲ,
ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର
ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍
ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି
ଟାୱାର ଲଗାନ୍ତୁ, ଅଗ୍ରିମ ୨0 ଲକ୍ଷ,
ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE
PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର,
ମାର୍କଶିଟ୍, ପର୍ସନାଲ,
ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି ।
ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BUSINESS
BUSINESS

ASTROLOGY
ASTROLOGY

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା
ନିଜର ମାର୍କସିଟ, ଆଧାରକାର୍ଡ,
କୃଷି, ସମ୍ପତି, ବ୍ୟକ୍ତିଗତ
ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ
ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ
ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

Shinghania Tower
ନିଜର ଛାତ, ଜମି, କ୍ଷେତ,
ଫ୍ଲାଟ୍ ଉପରେ ଡିଜିଟାଲ
ଟାୱାର ଲଗାନ୍ତୁ। ଘରେ
ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା
45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram,
Mysore, Karnataka-
Pin Code 570008

ଆମଠାରୁ ଆଗେ କାମ କରିଥିବା
ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ
ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସହ ବାଇକ୍ ଜବତ: ୩ ଗିରଫ



ଫିରିଙ୍ଗିଆ,୨୮।୯: କନ୍ଧମାଳ ଜିଲା ଗୋଛାପଡା ପୋଲିସ ଫିରିଙ୍ଗିଆ ଅଞ୍ଚଳର ୩ ଜଣଙ୍କୁ ବିଦ୍ୟୁତ୍ ତାର ଏବଂ ବିଭିନ୍ନ ବିଦ୍ୟୁତ ସାମଗ୍ରୀ ଚୋରିକରି ଚାଲାଣ କରୁଥିବା ଅଭିଯୋଗରେ ଗିରଫ କରିଛି। ସେମାନେ ହେଲେ ଫିରିଙ୍ଗିଆ ବ୍ଲକ ପଲାବୁଡି ପଞ୍ଚାୟତ ମୁସିଲିପଙ୍ଗା ଗ୍ରାମର ସୁଶାନ୍ତ ବଗର୍ତ୍ତି, ପ୍ରଭାସ ବଗର୍ତ୍ତି କେଲାପଡା ଗ୍ରାମର ହେମନ୍ତ ନନ୍ଦା। ସେମାନଙ୍କ ଠାରୁ ୧୦୦ ମିଟର ବିଦ୍ୟୁତ ତାର ଏବଂ ୧୦କେଜି ତମ୍ବା ପାତିଆ ଜବତ ହୋଇଛି। ଘଟଣାରେ ବ୍ୟବହୃତ ଗୋଟିଏ ସ୍କୁଟି ଓ ଏକ ବାଇକ ମଧ ଜବତ ହୋଇଥିବା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି। ନଂ.୬୦/୧୯ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଏମାନେ ନୂତନ ବିଦ୍ୟୁତ୍ ଲାଇନ ଟଣା ଯାଉଥିବା ବେଳେ ଚୋରି କରିଥାନ୍ତି। ଫଳରେ ଗ୍ରାମାଞ୍ଚଳରେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ବହୁ ବିଭ୍ରାଟ ସୃଷ୍ଟି ହେଉଥିବା ପୋଲିସ କହିଛି।

### ଯୁବକଙ୍କ ଆତ୍ମହତ୍ୟା

ଜି.ଉଦୟଗିରି,୨୮।୯(ଡି.ଏନ.ଏ.): ଜି.ଉଦୟଗିରି ସହରର ହାତିବାଲି ସାହିରେ ଜଣେ ବ୍ୟକ୍ତି କୌଣସି କାରଣକୁ ନେଇ ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅନିଲ କୁମାର ସାହୁ (୩୨)। ତାଙ୍କ ସ୍ତ୍ରୀଙ୍କ ଏତଲା କ୍ରମେ ଜି.ଉଦୟଗିରି ପୋଲିସ (ନଂ. ୧୩/୧୯) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଏଏସ୍ଆଇ ସୁବାସ ଚନ୍ଦ୍ର ପ୍ରଧାନ କହିଛନ୍ତି। ସକାଳେ ଅନିଲ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖି ପରିବାର ଲୋକେ ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଉଁ କାରଣରୁ ଅନିଲ ଆତ୍ମହତ୍ୟା କଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି ।

### ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ବାଲିଗୁଡ଼ା,୨୮।୯-ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି।ଏଥିରେ ଅଧକ୍ଷ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶ୍ୱ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅଭିବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଅଧାପକ କାର୍ତ୍ତିକ ଚନ୍ଦ୍ର ସି, ସମ୍ମାନିତ ଅତିଥି ରୂପେ ଅଧାପକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି କାଯ୍ୟକ୍ରମରେ ଭୋକେଶନାଲ ଟ୍ରେନର ପବନ ପଟ୍ଟନାୟକ, କାର୍ତ୍ତିକ ସାମଲ, ଟୁରିଷ୍ଟ ଗାଇଡ ହିମାଂଶୁ ସାହୁ ଯୋଗଦେଇ ପର୍ଯ୍ୟଟନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ।




# ମଜୁରି ବାବଦକୁ ହିତାଧିକାରୀଙ୍କୁ ମିଳିଲା ପ୍ରାପ୍ୟ

## ଶ୍ରୀନିକେତା ପଞ୍ଚାୟତ

### ଆବାସ ଯୋଜନାରେ ଅଭିଯୋଗ ଘଟଣା

ଦାରିଙ୍ଗବାଡ଼ି,୨୮।୯(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଶ୍ରୀନିକେତା ପଞ୍ଚାୟତରେ ଆବାସ ଯୋଜନାରେ ହିତାଧିକାରୀଙ୍କୁ ପ୍ରାପ୍ୟ ଦିଆଯାଇ ନ ଥିବା ସ୍ଥାନୀୟ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହା ଦଣ୍ଡିମାହା ଗ୍ରାମର ରୋଜୀ ପ୍ରଧାନ କରିଥିଲେ । ଏନେଇ ପ୍ରଥମେ ଧରିତ୍ରୀରେ ଗତ ୧୦ ତାରିଖରେ ଖବର ପ୍ରକାଶିତ ହୋଇଥିଲା। ପରେ ପ୍ରଶାସନ ଖୋଳତାଡ଼ ଆରମ୍ଭ କରିଥିଲା। ତେବେ ରୋଜୀଙ୍କ ଉକ୍ତ ଘର ନିର୍ମାଣ ବେଳେ ଏମ୍ଜିଏନ୍ଆରଇଜିଏସ୍ ବାବଦକୁ ଯେଉଁ ୧୬ ହଜାର ୫ଶହ ଟଙ୍କା ମିଳି ନ ଥିବା ଜଣାପଡିଥିଲା ଉକ୍ତ ମଜୁରି ଅନ୍ୟ ଆକାଉଣ୍ଟକୁ ଯାଇଥିଲା। ଯେଉଁ ହିତାଧିକାରୀ କାମ କରି ନ ଥିଲେ ସେମାନଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଯାଇଥିଲା। ସେମାନେ ଏହି ଟଙ୍କା ରୋଜୀଙ୍କ ଆକାଉଣ୍ଟକୁ ଫେରାଇ ଦେଇଥିବା ପ୍ରଶାସନକୁ ସେମାନେ ଜଣାଇଛନ୍ତି। ଏହି ଅଭିଯୋଗ ତତ୍କାଳୀନ ଗ୍ରାମରୋଜଗାର ସେବକ ବିଜୟ କୁମାର ସାହୁଙ୍କ ନାମରେ ରୋଜୀ କରିଥିଲେ। ସେ ସମୟରେ ବିଜୟଙ୍କର ଅନ୍ୟସ୍ଥାନକୁ ବଦଳି ହୋଇସାରିଥିଲା। ରୋଜୀ ନିର୍ଦ୍ଦିଷ୍ଟ ଭାବେ ତାଙ୍କୁ ଏଥି ପାଇଁ ଦାୟୀ କରିବାକୁ ନେଇ ସାହୁ କହିଛନ୍ତି, ରୋଜୀ ତାଙ୍କଠାରୁ ଆବାସ ଯୋଜନାରେ ଘର କାର୍ଯ୍ୟପାଇଁ ସିମେଣ୍ଟ ନେଇଥିଲେ । ସେ ଉକ୍ତ ଅର୍ଥ ବିଲ୍ ହେବା ପରେ ଫେରେଇ ଦେବେ ବୋଲି କହିଥିଲେ । କିନ୍ତୁ ବିଲ୍ ମିଳିବା ପରେ ସେ ମୋତେ ଫେରେଇ ନ ଥିଲେ । ଉକ୍ତ ଅର୍ଥ ମଗାଯିବାରୁ ସେ ମୋ ବିରୋଧରେ ମିଥ୍ୟା ଅଭିଯୋଗ ଜିଲା ପ୍ରଶାସନ ନିକଟରେ କରିଥିଲେ। ଏନେଇ ରୋଜୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ ତାଙ୍କର ଟଙ୍କା ଫେରି ପାଇଥିବା କହିଛନ୍ତି ।

# ମାଣ୍ଡିଆ ଖାଦ୍ୟ ସଚେତନତା, ଜାତୀୟ ପୋଷଣ ମାସ ପାଳିତ



ସଭାରେ ଉପସ୍ଥିତ ମହିଳା ପୁରୁଷ।

ଫୁଲବାଣୀ ଅଫିସ,୨୮।୯

ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତର ଶିଶପଙ୍ଗା ଗ୍ରାମଠାରେ ମାଣ୍ଡିଆ ଖାଦ୍ୟ ସଚେତନତା ଓ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଶତାଧିକ ମହିଳା, ପୁରୁଷ, ୱାର୍ଡ ସଭ୍ୟ/ସଭ୍ୟା, ଅଙ୍ଗନୱାଡ଼ି କର୍ମୀ ଯୋଗଦେଇ ମାଣ୍ଡିଆ ଖାଦ୍ୟର ଉପାଦେୟତା ଓ ଆବଶ୍ୟକତା ସମ୍ବନ୍ଧରେ ସଚେତନ ହୋଇଥିଲେ। ଏହି ସଭାରେ ସ୍ୱାତୀ ପକ୍ଷରୁ ଓଡ଼ିଶା ମିଲେଟ ମିଶନର ପ୍ରକଳ୍ପ ସଂଯୋଜକ ଗିରୀଶ ଚନ୍ଦ୍ର ସାମଲ ମାଣ୍ଡିଆ ଖାଦ୍ୟର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ସମ୍ପ୍ରତି ଗତ ୩ ବର୍ଷ ଧରି ରାଜ୍ୟ ସରକାରଙ୍କ କ୍ଷୁଦ୍ରଦାନା ଶସ୍ୟ ମାଣ୍ଡିଆ ଚାଷର ପୁନରୁଦ୍ଧାର ନିମନ୍ତେ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକାରୀ ହେଉଅଛି। କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ବିଭିନ୍ନ ସମୟରେ ତାଲିମ୍ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟରେ ଦୈନିକ ଖାଦ୍ୟରେ ମାଣ୍ଡିଆକୁ ପୁନର୍ବାର ସାମିଲ୍ କରିବା ସହ କୁପୋଷଣକୁ ଦୂର କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିବା ସହ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏହି ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା।

# ବିଜେଡିର ସକ୍ରିୟ ସଭ୍ୟ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ସଭ୍ୟାସଭ୍ୟ।

ତୁମୁଡ଼ିବନ୍ଧ,୨୮।୯ (ଡି.ଏନ୍.ଏ)

ତୁମୁଡ଼ିବନ୍ଧ ବ୍ଲକରେ ବିଜେଡି ପକ୍ଷରୁ ୫ ପଞ୍ଚାୟତକୁ ନେଇ ପୃଥକ୍ ଭାବରେ ତୁମୁଡ଼ିବନ୍ଧ ପୂର୍ତ୍ତବିଭାଗ ଡାକ ବଙ୍ଗଳା ଓ ବେଲଘର ବନବିଭାଗର କାଠବଙ୍ଗଳାଠାରେ ସକ୍ରିୟ ସଭ୍ୟାସଭ୍ୟ କର୍ମଶାଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡିର ସଭାପତି ତଥା ଏମ୍ପି ପ୍ରତିନିଧି ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ରାଜୀବ ପାତ୍ର ଯୋଗଦେଇଥିଲେ। ପ୍ରତ୍ୟେକ ୱାର୍ଡରେ ୪ଜଣ ସକ୍ରିୟ ସଭ୍ୟାସଭ୍ୟ ରହିବେ ଓ ପ୍ରତ୍ୟେକ ସକ୍ରିୟ ସଭ୍ୟାସଭ୍ୟ ୨୫ଜଣ ପ୍ରାଥମିକ ସଭ୍ୟ ସଂଗ୍ରହ କରିବେ। ପ୍ରାଥମିକ ସଭ୍ୟ ବାବଦରେ ୫ ଟଙ୍କା ଦେଇ ସଭ୍ୟ ହେବାକୁ ନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ତୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ଜିଲା ବିଜୁ କୃଷକ ଜନତା ଦଳର ସଭାପତି କୁନା ଦଣ୍ଡସେନା, ଜିଲା ବିଜେଡି ଏସ୍ସି ସେଲର ଉପସଭାପତି, ଅମୀୟ କୁମାର ପରାସେଟ, ସାଧାରଣ ସମ୍ପାଦକ ବଙ୍ଗାଳୀ ବଡ଼ସେଟ୍, ତୁମୁଡ଼ିବନ୍ଧ ବ୍ଲକ ସଂଖ୍ୟାଲଘୁ ସେଲର ସଭାପତି ଅରୁଣ କୁମାର ପରାସେଟ, ବରିଷ୍ଠ କର୍ମୀ ଉମେଶ ଚନ୍ଦ୍ର ଦଣ୍ଡସେନା ଓ ତୁମୁଡ଼ିବନ୍ଧ, ମୁଣ୍ଡିଗଡ଼, ବେଲଘର, ବିଲାମାଳ ଓ ଗୁମା ପଞ୍ଚାୟତ ସଭାପତି ଓ ସମସ୍ତ ୱାର୍ଡର ସକ୍ରିୟ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# ସାଧାରଣ ଜ୍ଞାନ ପ୍ରତିଯୋଗିତା

ଜି.ଉଦୟଗିରି,୨୮।୯(ଡି.ଏନ.ଏ.)

୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବ୍ୟାପକ ପ୍ରସ୍ତୁତି ପୂର୍ବକ ଶୁକ୍ରବାର ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ମଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ସ୍ଥାନୀୟ ଥାନାଧିକାରୀ ଚିତ୍ତରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ, ଥାନା ଏସ୍ଆଇ କୌଶଲ୍ୟା ବେହେରା ମୁଖ୍ୟବକ୍ତା ଭାବେ, ଜି.ଉଦୟଗିରି ଏନ୍ଏସି ସିଆର୍ସିସି ରାଣିମା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ୧୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ଶ୍ରେଣୀର ୨୪ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ଅନୀତା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ପ୍ରଧାନାଚାର୍ଯ୍ୟ ଷ୍ଟେନି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛତା ହିଁ ସେବା କର୍ମଶାଳା

ଜି.ଉଦୟଗିରି,୨୮।୯(ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଶିବରାମ ସାହୁ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଶିଶିର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜକୁ ସ୍ୱଚ୍ଛ ରଖିବା ସହ ପରିବେଶକୁ ସଫା ସୁତୁରା ରଖିବାକୁ ପରାମର୍ଶ ଦେଇଥିଲେ। ଭାରତ ମିଶନର କ୍ଲବ ସଂଯୋଜକ ମାନୁଏଲ ନାଏକ ଛାତ୍ରୀମାନଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା, ପାଇଖାନା ବ୍ୟବହାର ସମ୍ପର୍କରେ ସଚେତନ କରାଇବା ସହ ହାତଧୁଆ ଶୈଳୀ ଶିଖାଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପିକା ଡ. ବବିତାରାଣୀ ପଟ୍ଟନାୟକ, ମିନତୀ ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶ ପ୍ରମୁଖ ଯୋଗଦେଇଥିଲେ ।




ମଞ୍ଚାସୀନ ଅତିଥିବୃନ୍ଦ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ବାଲିଗୁଡ଼ା,୨୮।୯(ଡି.ଏନ୍.ଏ.)

ବାଲିଗୁଡ଼ା ବ୍ଲକ ସ୍ତରୀୟ ୧୫୦ତମ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥୀ ଉପଲକ୍ଷେ ସରକାରୀସ୍ତରରେ ଶିକ୍ଷା ବିଭାଗ ପକ୍ଷରୁ ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସାଧାରଣଜ୍ଞାନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଚିତ୍ତରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ସହ ଗୋଷ୍ଠୀ ଅଧିକାରୀ ବଳରାମ ବେହେରା, ସାମ୍ସନ ନାୟକ, ନୂଆସାହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରି ନିବେଦିତା ନାୟକ ଏବଂ ମୁଖ୍ୟବକ୍ତା ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ମହେଶ୍ୱର ମାଝୀ ଯୋଗ ଦେଇ ଗାନ୍ଧିଜୀଙ୍କ ଉସମ୍ପର୍କରେ କହିଥିଲେ। ଶିକ୍ଷକ ପବିତ୍ର ମୋହନ ପାଢୀ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନ ତରଫରୁ ସ୍ୱଚ୍ଛଭାରତକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଶିଶିରକାନ୍ତ ପଣ୍ଡା, ସିଆର୍ସିସି ଗୌରୀଶଙ୍କର ପାଢୀ, ଅମୂଲ୍ୟ ନାୟକ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

# ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ସ୍ଥାନୀୟ ପିପୁଲସ ହାଇସ୍କୁଲରେ ଶୁକ୍ରବାର ବୁଗୁଡ଼ା ବ୍ଲକ ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ମେଳାକୁ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପିପୁଲସ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଓ ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ପିତାମ୍ବର ବିଷୋୟୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏଥିରେ ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ। ମେଳାରେ ବ୍ଲକର ୧୧ଟି କ୍ଲଷ୍ଟରରୁ ୪୬ଟି ବିଦ୍ୟାଳୟରୁ ୨୫୦ଟି ଶିକ୍ଷଣ ସାମଗ୍ରୀ ସ୍ଥାନ ପାଇଥିଲା। ଏଥିରୁ ୧୧୦ଟି ଶିକ୍ଷଣ ସାମଗ୍ରୀ ଜିଲାସ୍ତରୀୟ ପ୍ରଦର୍ଶନୀକୁ ମନୋନିତ ହୋଇଥିବା ଜଣାପଡ଼ିଛି।

# ଓଡ଼ିଆ ବିଭାଗର ପାଠଚକ୍ର

ବାଲିଗୁଡା,୨୮।୯(ଡି.ଏନ.ଏ.)

ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ 'ଲୋକ ସାହିତ୍ୟରେ ଲୋକ ଜୀବନ' ଏକ ପାଠଚକ୍ର ବିଭାଗୀୟ ମୁଖ୍ୟ ଅଧାପକ ଡ଼. ବିଭୁତି ଭୂଷଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ଦଳପତି, କାର୍ତ୍ତିକ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧାପିକା ସୁଲୋଚନା କହଁର, ସ୍ନେହଲତା ମାଝୀ, ପାଠଚକ୍ର ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରି ଛାତ୍ରୀଛାତ୍ର ମାନଙ୍କର ପାଠଚକ୍ର ସମ୍ପର୍କିତ ସମସ୍ତ ସନ୍ଦେହ ମୋଚନ କରିଥିଲେ। ବିଭାଗୀୟ ଛାତ୍ର ସୁଶୀଲ କୁମାର ଦିଗାଲ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ନୀଳାମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷାଣୀନୂଆଗାଁରେ କାଳୁଆ ଯାତ୍ରା ଆରମ୍ଭ



ମନ୍ଦିରରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ବ୍ରହ୍ମପୁର ଅଫିସ,୨୮।୯

ବ୍ରହ୍ମପୁର ଗୋଷାଣୀନୂଆଗାଁର ପ୍ରସିଦ୍ଧ କାଳୁଆ ଯାତ୍ରା ଶନିବାର ତଥା ପବିତ୍ର ମହାଳୟା ଅମାବାସ୍ୟା ରାତିରୁ ଆରମ୍ଭ ହୋଇଛି। ଏହା କୁମାର ପୂର୍ଣ୍ଣିମା ରାତିରେ ଉଦ୍‌ଯାପିତ ହେବାର ପରମ୍ପରା ରହିଛି। ଯାତ୍ରା ପାଇଁ ଗୋଷାଣୀନୂଆଗାଁ ଉତ୍ସବମୁଖର ହୋଇଛି। ନିୟମିତ ସଫେଇ ଏବଂ ପରିମଳ ସୁରକ୍ଷା ନିମନ୍ତେ ବିଏମସି, ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ଶାନ୍ତି ଶୃଙ୍ଖଳା ଲାଗି ପୋଲିସ ଓ ପ୍ରଶାସନ ସମେତ ଦମକଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅସ୍ଥାୟୀ ପୀଠ ବା ମଣ୍ଡପ ପାଖରେ ମହିଳା ଓ ପୁରୁଷଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ଶନିବାର ସନ୍ଧ୍ୟାରେ କାଳୁଆ ମଣ୍ଡପରେ ମା'ଙ୍କୁ ନିମନ୍ତ୍ରଣ କରିବା ପାଇଁ ଫୁଲ ଚାଙ୍ଗୁଡ଼ିକୁ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ସେଠାରୁ ଶହ ଶହ ମହିଳା ଓ ପୁରୁଷ ବିଶାଳ ପଟୁଆରରେ କାଳୁଆଙ୍କ ନିଜସ୍ୱ ମନ୍ଦିର ଅଭିମୁଖେ ବାହାରିଥିଲେ। ପଟୁଆର ମନ୍ଦିରରେ ପହଞ୍ଚିବା ପରେ ମା' ବଡ଼ ସାହି ମଣ୍ଡପକୁ ବିଜେ କରିବା ପାଇଁ ପୂଜାର୍ଚ୍ଚନା, ତନ୍ତ୍ରମନ୍ତ୍ର, ଚଣ୍ଡୀପାଠ ଓ ହୋମ ଆଦି କରାଯାଇଥିଲା। ଚାଙ୍ଗୁଡ଼ିରେ ନିଆଯାଇ ଥିବା ଫୁଲମାଳ ମା'ଙ୍କ ମସ୍ତକରେ ସ୍ଥାପନ କରାଯାଇଥିଲା। ଫୁଲମାଳ ଆପେ ଖସିବାରୁ କାଳୁଆ ଠାକୁରାଣୀ ଗାଁ ଦାଣ୍ଡକୁ ବିଜେ କରିବାର ସଂକେତ ମିଳିଥିଲା।

ଏହି ପର୍ବ ସରିବା ପରେ ପୁଣି ମନ୍ଦିର ପାଖରୁ ପଟୁଆର ବାହାରିଥିଲା। ମହିଳାଙ୍କ ହୁଳହୁଳି ଓ ବାଦ୍ୟ ବାଜଣା ସହ ପଟୁଆର ପରିକ୍ରମା କରିଥିଲା ଗୋସାଣି ନୂଆଗାଁର ସମସ୍ତ ସାହି। ସବୁ ଘରର ଦାଣ୍ଡ ଦୁଆରେ ପୂର୍ଣ୍ଣକୁମ୍ଭ ରଖାଯାଇଥିଲା। କାଳୁଆଙ୍କ ପ୍ରିୟ ଗଇଁଠା (ଖିରି) ସମସ୍ତେ ଭୋଗ ଲଗାଇଥିଲେ। ସବୁ ସାହି ପରିକ୍ରମା ଶେଷରେ କାଳୁଆ ମଣ୍ଡପରେ ମା'ଙ୍କୁ ବିଜେ କରାଯାଇଥିଲା। କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କେବଳ ମଣ୍ଡପରେ ଦର୍ଶନର ବ୍ୟବସ୍ଥା ହୋଇଛି। ପ୍ରତ୍ୟହ ରାତିରେ ବିଭିନ୍ନ ସାହିରେ ଚିତ୍ତାକର୍ଷକ ଆଧୁନିକ ଓ ପୌରାଣିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ଗାନ୍ଧୀ ଜୟନ୍ତୀ, ଶୀତ ଉତ୍ସବ ପ୍ରସ୍ତୁତି ବୈଠକ

ଦାରିଙ୍ଗବାଡ଼ି,୨୮।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ସଭାଗୃହଠାରେ ଶନିବାର ଅପରାହ୍ନରେ ଗାନ୍ଧୀ ଜୟନ୍ତୀ ଏବଂ ଶୀତ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଶିକ୍ଷକ ବିଦେଶୀ ନାୟକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବ୍ଲକ ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀ, ଥାନା ଭାରପ୍ରାପ୍ତ ଅଧିକାରୀ ଗୋପାଳକୃଷ୍ଣ ଆଗୁପାତ୍ର, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଆସନ୍ତା ଗାନ୍ଧୀ ଜୟନ୍ତୀ ଅବସରରେ ସକାଳ ୮ଟାରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଭିନ୍ନ ସ୍ଥାନ ସଫେଇ କରାଯିବା ସହିତ ଅପରାହ୍ନ ସାଢ଼େ ୧ଟାରେ ସାରିଙ୍ଗିଇର୍ପିଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ସନ୍ଧ୍ୟାରେ ଜାଗୃତିଠାରେ ଗାନ୍ଧୀ ଜୟନ୍ତୀ ପାଳନ ସହ ଶୀତ ଉତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ୨୦୧୫ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାରିଙ୍ଗବାଡିରେ ରାଜ୍ୟସ୍ତରୀୟ ଶୀତ ଉତ୍ସବ ପାଳନ ହୋଇଥିଲା। ଚଳିତବର୍ଷ ପୁଣି ରାଜ୍ୟ ସ୍ତରୀୟ ଶୀତ ଉତ୍ସବ ଏଠାରେ କରାଯିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଚଳିତବର୍ଷ ମନ୍ତ୍ରୀ ପରିଷଦ ଯୋଗଦେବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓକିଲ ହରେନ କୁମାର ସାହ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ତଥା ବହୁମୁଖୀ ସମବାୟ ସମିତି ସଭାପତି ଧର୍ମେନ୍ଦ୍ର ପ୍ରଧାନ, ଏମ୍ପିଙ୍କ ପ୍ରତିନିଧି କ୍ଷେତ୍ରୀବଳ ନାୟକ, କ୍ଳେଶ ପ୍ରଧାନ, ଦୀପକ କୁମାର ସାହୁ, ଜ୍ୟୋତିରାଜ ପ୍ରଧାନ, ଶିକ୍ଷକ ସଞ୍ଜୟ ସାହୁ, ହରିହର ନାୟକ ପ୍ରଦୀପ କୁମାର ସାହୁ, ବୁଲୁ ଦିଗାଳ, ଦିଲିପ ପ୍ରଧାନ,ପରମାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଆଇନଜୀବୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

# ୩ ଦିନରେ ଧରାହେଲେଣି ୧୫୪ ଦଲାଲ

- ଶନିବାର ହସ୍ପିଟାଲରୁ ୯, ଆର୍‌ଟିଓରୁ ୨୨ ଦଲାଲ ଗିରଫ
- ଥାନା, ତହସିଲ ଅଫିସକୁ ଦଲାଲମୁକ୍ତ ପାଇଁ ଦାବି

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ସ୍ୱଚ୍ଛତା ଓ ଲୋକଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ଦଲାଲ ଧରା ଅଭିଯାନକୁ ଜୋର୍‌ଦାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୋଲିସ ବିଭିନ୍ନ ହସ୍ପିଟାଲ ଓ ଆର୍‌ଟିଓରେ ଚଢ଼ାଉ କରି ଦଲାଲଙ୍କୁ ଧରୁଛି। ତିନି ଦିନରେ ୧୫୪ ଦଲାଲଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ହସ୍ପିଟାଲ ପରିସରରୁ ୭୫ ଓ ଆର୍‌ଟିଓ ସମ୍ମୁଖରୁ ୭୯ଜଣ ରହିଛନ୍ତି। ପ୍ରଥମ ଦିନ ୨୬ ତାରିଖରେ ହସ୍ପିଟାଲରୁ ୩୫ଜଣ ଓ ଆର୍‌ଟିଓ ସମ୍ମୁଖରୁ ୧୩ଜଣ ଏବଂ ଦ୍ୱିତୀୟ ଦିନରେ ହସ୍ପିଟାଲରୁ ୩୧ ଓ ଆର୍‌ଟିଓରୁ ୪୪ଜଣ ଗିରଫ ହୋଇଥିଲେ। ତେବେ ଶନିବାର ତୃତୀୟ ଦିନରେ ରାଜ୍ୟର ବିଭିନ୍ନ ହସ୍ପିଟାଲ ଓ ଆର୍‌ଟିଓରୁ ୩୧ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଯାଜପୁର ଆର୍‌ଟିଓରୁ ୯ଜଣ, ଜଗତସିଂହପୁରରୁ ୧, ପୁରୀରୁ ୧, ଖୋର୍ଦ୍ଧାରୁ ୩, କନ୍ଧମାଳରୁ ୪, କୋରାପୁଟରୁ ୨, ଝାରସୁଗୁଡା ଆର୍‌ଟିଓରୁ ୨ଜଣ ଦଲାଲ ଗିରଫ ହୋଇଥିବାବେଳେ ଖୋର୍ଦ୍ଧା ହସ୍ପିଟାଲରୁ ୧, କଳାହାଣ୍ଡି ମେଡିକାଲରୁ ୩, ଭଦ୍ରକରୁ ୨ ଓ ଭୁବନେଶ୍ୱର ଏମ୍ସରୁ ୩ଜଣ ଦଲାଲଙ୍କୁ ଗିରଫ କରିଛି ପୋଲିସ। ଏହି ଦଲାଲମାନଙ୍କ ସହ ନର୍ସିଂହୋମ୍ ମାଲିକ, ରୋଗ ନିରୂପଣ କେନ୍ଦ୍ର, ସ୍ୱାସ୍ଥ୍ୟ ଅଧିକାରୀ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପରିବହନ ଅଧିକାରୀଙ୍କ ସହ ସମ୍ପର୍କ ଅଛି କି ନାହିଁ ତାହାର ତଦନ୍ତ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଡିଜି ବି.କେ. ଶର୍ମା କହିଛନ୍ତି। ଏସବୁ ସ୍ଥାନରୁ ଯେପର୍ଯ୍ୟନ୍ତ ଦଲାଲ ନ ହଟିଛନ୍ତି ସେପର୍ଯ୍ୟନ୍ତ ଚଢ଼ାଉ ଜୋର୍‌ଦାର ଜାରି ରହିବ ବୋଲି ଶର୍ମା ଜଣାଇଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ଆଇନଜୀବୀ ଚିତ୍ତରଞ୍ଜନ ଦାସ ସ୍ୱାଗତ କରିଛନ୍ତି। ସେ କୁହନ୍ତି, ପରିବହନ ସଂସ୍ଥା ଓ ଡାକ୍ତରଖାନାରେ ଦଲାଲ ଗିରଫ କଲେ ସମାଧାନ ହେବନି। କର୍ମଚାରୀମାନେ ବି ଦଲାଲଙ୍କ ସହ ଜଡ଼ିତ ଅଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଏହାଛଡା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନାଗୁଡ଼ିକରେ ସବୁବେଳେ ଦଲାଲ ବୁଲୁଛନ୍ତି। କୌଣସି ମକଦ୍ଦମା ଥାନାକୁ ଆସିଲେ ଖାକି ବାବୁମାନେ ସିଧାସଳଖ ଅର୍ଥ ନ ମାଗି ଦଲାଲଙ୍କ ଜରିଆରେ ଡିଲ୍ କରି ମାମଲାକୁ ରଫାଦଫା କରିଥାନ୍ତି। ଏପରିକି ଲାଞ୍ଚ କାରବାର ବେଳେ ଧରାପଡ଼ିବା ଭୟ ଥିବାରୁ ଦଲାଲ ହିଁ ମଧ୍ୟସ୍ଥ ସାଜି ପୋଲିସ ପକେଟ ଗରମ କରିଥାନ୍ତି। ଥାନା ଭଳି ତହସିଲ, ଜବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ, ମ୍ୟୁନିସିପାଲିଟି, ବ୍ଲକ, ପଞ୍ଚାୟତ ଆଦି ସରକାରୀ ସ୍ଥାନରେ ଦଲାଲ ରାଜ୍‌କୁ ବି ହଟାଯିବା ଜରୁରୀ। ଏଥିପାଇଁ ନିୟମିତ ଚଢ଼ାଉ କରାଯାଇ ଦଲାଲଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି।

# ରାଜଭବନରେ ଓଡ଼ିଆ ଖାଦ୍ୟ ଖାଇଲେ, ଗଛ ଲଗାଇଲେ

ଭୁବନେଶ୍ୱର,୨୮।୯(ବ୍ୟୁରୋ)



ରାଜଭବନ ପରିସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗଛ ଲଗାଉଛନ୍ତି।

## ଫେରିଗଲେ ରାଷ୍ଟ୍ରପତି

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଅପରାହ୍ନ ୪ଟା ୨୦ରେ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯାଇଛନ୍ତି। ସକାଳେ ରାଷ୍ଟ୍ରପତି ଗୋପାଳପୁର ଆର୍ମି ଏୟାର ଡିଫେନ୍ସ କଲେଜର ପାସିଂଆଉଟ୍ ସେରିମନିରେ ଯୋଗଦେଇଥିଲେ। ସେଠାରୁ ହେଲିକପ୍ଟର ଯୋଗେ ତାଙ୍କ ଧର୍ମପତ୍ନୀଙ୍କ ସହ ଆସି ପୂର୍ବାହ୍ନ ୧୧ଟା ୪୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ କଡ଼ା ସୁରକ୍ଷା ବଳୟରେ କାର୍‌କେଡ୍‌ରେ ରାଜଭବନକୁ ନିଆଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ସେମାନଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ପାଇଁ ସେଠାରେ ମଧ୍ୟାହ୍ନଭୋଜନରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ରାଷ୍ଟ୍ରପତି ଓ ତାଙ୍କ ଧର୍ମପତ୍ନୀ ଓଡ଼ିଆ ଖାଦ୍ୟର ଭୂରିଭୂରି ପ୍ରଶଂସା କରିଥିଲେ। ଏହାପରେ ସେମାନେ ରାଜଭବନ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ତାରକସିରେ ନିର୍ମିତ ଗଣେଶ ମୂର୍ତ୍ତି ଉପହାର ଦେଇଥିଲେ, ଯାହାକୁ ରାଷ୍ଟ୍ରପତି ଦିଲ୍ଲୀ ଫେରିବା ସମୟରେ ସାଥିରେ ନେଇଥିଲେ। ରାଷ୍ଟ୍ରପତି ରାଜଭବନରେ କିଛି ସମୟ ଭ୍ରମଣ କରିଥିଲେ। ପ୍ରାୟ ୪ ଘଣ୍ଟା ବିତାଇବା ପରେ ରାଜଭବନ ଛାଡ଼ି ବିମାନବନ୍ଦର ଅଭିମୁଖେ ଯାଇଥିଲେ। ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ବିଦାୟ ଦେବା ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ, ପୋଲିସ ଡିଜି ବି.କେ. ଶର୍ମା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବିମାନବନ୍ଦର ସହ ରାଜଭବନ ପର୍ଯ୍ୟନ୍ତ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୫୦ଜଣ ଅଫିସର ମୁତୟନ ଥିଲେ। ରାଷ୍ଟ୍ରପତିଙ୍କ ସହ ଅନ୍ୟ ଏକ ବିମାନରେ ସେନାମୁଖ୍ୟ ବିପିନ ରାୱତ୍ ଆସିଥିଲେ। ସମସ୍ତ ଗସ୍ତ କାର୍ଯ୍ୟକ୍ରମବେଳେ ରାଷ୍ଟ୍ରପତିଙ୍କ ପାଖେ ପାଖେ ରହିଥିଲେ।

# ରକ୍ତମୁଖା ସାଜିଛି ଶାସକ ବିଜେଡି: ଭାଜପା

ଭୁବନେଶ୍ୱର,୨୮।୯(ବ୍ୟୁରୋ)


ସିଇଓଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ଭାଜପା ପ୍ରତିନିଧି।

## ସିଇଓଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ବିଜେପୁର ଉପନିର୍ବାଚନ ପୂର୍ବରୁ ଶାସକ ବିଜେଡି ବିରୋଧୀଙ୍କୁ ଆକ୍ରମଣ କରି ଭୟର ଆତଙ୍କ ସୃଷ୍ଟି କରୁଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଭାଜପା ଯୁବନେତା ମନୋରଞ୍ଜନ ମେହେରଙ୍କୁ ଛୁରାମାଡ କରି ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେଡିକୁ ସିଧାସଳଖ ଦାୟୀ କରିଛି ଦଳ । ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଦାବି ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ୨୦୧୮ ଉପନିର୍ବାଚନରେ ଅନୁରୂପଭାବେ ଗୁଳିମାଡ କରାଯାଇଥିଲା। ଶାସକ ବିଜେଡି ବିରୋଧୀଙ୍କୁ ଭୟଭୀତ କରି ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଇଙ୍ଗିତରେ ଏପରି ଆକ୍ରମଣ କରାଯାଇଛି। ସେହିଭଳି ଶାସକ ଦଳ ନିର୍ଦ୍ଦେଶରେ ପୋଲିସ କାମ କରୁଥିବାରୁ ଅପରାଧୀ ଖୁଲମଖୁଲା ଅପରାଧ ଘଟାଇ ଚାଲିଛନ୍ତି। ବିଜେପୁରରେ ଭୟର ବାତାବରଣ ସୃଷ୍ଟି କରିଥିବା ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ସହ ଏହି ଉପନିର୍ବାଚନକୁ ମୁକ୍ତ ଅବାଧ ଏବଂ ନିରପେକ୍ଷ କରାଯାଉ ବୋଲି ସମୀର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ସତ୍ୟ ପଣ୍ଡା, ହିତେଶ ମହାପାତ୍ର ଏବଂ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ହେଟା ଆକ୍ରମଣରେ ଜଣେ ଗୁରୁତର

**ବନ୍ତଲା/ ଛେଣ୍ଡିପଦା/ ଅନୁଗୋଳ, ୨୮।୯ (ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଲିଆ ଫରେଷ୍ଟ ବିଟ୍ ଅଧୀନରେ ଥିବା କମ୍ପାଟମେଣ୍ଟ ୩ କୁରୁଟାପ ଜଙ୍ଗଲକୁ ଶନିବାର ସକାଳେ ଛତୁ ତୋଳିବାକୁ ଯାଇଥିବା ଅନ୍ତୁଲିଆ ଗ୍ରାମର ଚିତ୍ତ ଦଳବେହେରା(୫୫) ହେଟା ବାଘ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ଖବରପାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ସେହିପରି ଅନୁଗୋଳ ଡିଏଫ୍‌ଓ ଭି. କର୍ତ୍ତିକ ମଧ୍ୟ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବିଭାଗ ପକ୍ଷରୁ ଏକଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଘୋଷଣା କରିବା ସହ କ୍ଷତ ଚିହ୍ନରୁ ଏହା ହେଟା ବାଘ ଆକ୍ରମଣ ବୋଲି ଜଣାପଡୁଥିବା କହିଛନ୍ତି।

■ ଡ୍ୟାନ୍ସ ବାର୍ ଖୋଲିବା ପ୍ରସଙ୍ଗ: ଭାଜପାର ଅଭିଯୋଗ

# ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୨୮।୯(ବ୍ୟୁରୋ):** ୨୦୧୮ରେ ରାଜ୍ୟ ସରକାର ଶପିଂମଲଗୁଡିକରେ ମଦ ବିକ୍ରିକୁ ବନ୍ଦ କରିବା ସହ ଏହା ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବିରୋଧୀ ବୋଲି ଦର୍ଶାଇଥିଲେ। ହେଲେ ସେହି ରାଜ୍ୟ ସରକାର ନିକଟରେ ଡ୍ୟାନ୍ସ ବାର୍ ଖୋଲିବାକୁ ଅନୁମତି ଦେଉଛନ୍ତି। ତେଣୁ ସଂସ୍କୃତି କଥା କହୁଥିବା ସରକାର ପ୍ରକୃତରେ ଡ୍ୟାନ୍ସ ବାର୍ ଖୋଲି ଦୋମୁହାଁ ନୀତି ଅବଲମ୍ବନ କରିଥିବା ଭାଜପା ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଶନିବାର ଅଭିଯୋଗ କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ୨୦୧୮ରେ ହାଇକୋର୍ଟର ସତ୍ୟପାଠରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ପରମ୍ପରା ଦିଲ୍ଲୀ, ଗୁର୍‌ଗାଁଓ ଭଳି ଅଞ୍ଚଳରୁ ସମ୍ପୂର୍ଣ୍ଣ ଅଲଗା । ଶପିଂମଲରେ ମଦ ଦୋକାନ ଖୋଲିବାକୁ ଅନୁମତି ଦେବୁ ନାହୁଁ । ମଦ ବିକି ରାଜସ୍ୱ କମାଇବା ଜନକଲ୍ୟାଣ କାମ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ହେଲେ ସରକାର ନିକଟରେ ୭ଟି ଡ୍ୟାନ୍ସ ବାର୍ ପାଇଁ ଅନୁମତି ଦେବା ନିନ୍ଦନୀୟ ଘଟଣା ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ଓଡ଼ିଶାର ସଂସ୍କୃତି ସମ୍ବନ୍ଧରେ ଅବଗତ ନ ଥିବା ଅଣଓଡ଼ିଆ ଅଫିସରମାନେ ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି। ଓଡ଼ିଶା ସଂସ୍କୃତିରେ ଡ୍ୟାନ୍ସ ବାରର ପରିକଳ୍ପନା ନାହିଁ । ଓଡ଼ିଆ ସଂସ୍କୃତିରେ ମହିଳାମାନଙ୍କୁ ସର୍ବୋଚ୍ଚ ସ୍ଥାନରେ ରଖାଯାଇଥାଏ । ହେଲେ ଡ୍ୟାନ୍ସ ବାର୍ ଖୋଲିବା ଭଳି ନିଷ୍ପତ୍ତି ମହିଳା ବିରୋଧୀ ମାନସିକତାର ପରିଚୟ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

# ଏମ୍ସ ଡାକ୍ତରୀ ଟିମ୍ ଆସିବାକୁ ଚିଠି ଲେଖିଲେ କର୍ତ୍ତୃପକ୍ଷ

## ଏସ୍‌ସିବି ଭେଣ୍ଟିଲେଟରରେ କାଳିଆ

**କଟକ ଅଫିସ,୨୮।୯:** କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କାଳିଆର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦିଲ୍ଲୀ ଏମ୍ସର ଡାକ୍ତରୀ ଟିମ୍ ସହ କଥାହୋଇ କାର୍ଯ୍ୟ କରୁଛନ୍ତି। ନିମୋନିଆ ସହ ଛାତିରେ ସଂକ୍ରମଣ ହେବାରୁ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଥିବା ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ନିମୋନିଆ କାଳିଆ ପାଇଁ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କାଳିଆ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହୋଇଛି। କିନ୍ତୁ ଭେଣ୍ଟିଲେଟରରେ ରଖିବା ପରଠାରୁ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏମ୍ସ ଡାକ୍ତରଙ୍କ ପରାମର୍ଶକ୍ରମେ କାଳିଆଙ୍କ ବିଭିନ୍ନ ପରୀକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ଏମ୍ସକୁ ଜଣାଇବ ଏସ୍‌ସିବି ଡାକ୍ତରୀ ଟିମ୍। ଡା. ଦୀପକ ଗୁପ୍ତା ଓ ପେଡିଆଟିକ ଆଇସିୟୁ କେୟାର ମୁଖ୍ୟ ରାକେଶ ଲୋଧାଙ୍କୁ ପଠାଇବା ନିମନ୍ତେ ଏମ୍ସକୁ ଚିଠି ଲେଖିଛନ୍ତି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ। କାଳିଆର ଚିକିତ୍ସା ଦାୟିତ୍ୱରେ ଥିବା ପ୍ରଫେସର ସୁଧାଂଶୁ ମିଶ୍ର, ସଞ୍ଜୀବ ମିଶ୍ର, ଜ୍ଞାନ ବେହେରାଙ୍କ ସହ ତାଙ୍କର ଟିମ ଏମ୍ସ ଡାକ୍ତରୀ ଟିମ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥା ହୋଇଛନ୍ତି।

■ ଜୁନାଗଡ଼ ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣା

# ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଗିରଫ

ଜୁନାଗଡ଼/ଭବାନୀପାଟଣା,୨୮।୯(ଡି.ଏନ୍.ଏ.)


ବସ୍ ଡ୍ରାଇଭର ଲଳିନ୍ଦ୍ର ଶବର।

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବନମାଳୀପୁର ନିକଟ ଘନ ସଂରକ୍ଷିତ ଜଙ୍ଗଲରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହାର ଭିଡ଼ିଓ ଭାଇରାଲ ହୋଇଥିଲା । ଏହି ଘଟଣାରେ ସଂପୃକ୍ତା ଛାତ୍ରୀଙ୍କୁ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ତଥା ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ଲଳିନ୍ଦ୍ର ଶବରଙ୍କୁ ପୋଲିସ ଗିରଫ କରିଛି । ଶନିବାର ପୀଡ଼ିତାଙ୍କ ବୟାନ ନିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡାକ୍ତରମାଇନା ପରେ ଲଳିନ୍ଦ୍ରଙ୍କୁ ଜୁନାଗଡ଼ ଜେଏମ୍ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ତାଙ୍କ ଜାମିନ ଆବେଦନ ହୋଇପାରି ନ ଥିଲା । ଫଳରେ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ, ଗୁରୁବାର ପୀଡ଼ିତା ଏକ ୱେବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଥିଲେ, ଏହି ଘଟଣାରେ ତାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଲଳିନ୍ଦ୍ର ମୁଖ୍ୟ ଖଳନାୟକ । ସେ ମଧ ତାଙ୍କୁ ବଳାତ୍କାର କରିଥିଲେ। ତାଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ। ନଚେତ୍ ସେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ଏହି ଘଟଣାରେ ନାବାଳକଙ୍କୁ ଛାଡ଼ି ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଜୁନାଗଡ଼ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ସମସ୍ତଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଯାଇଥିଲା। ସେହିପରି ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ବୋର୍ଡରେ ହାଜର କରାଯାଇଥିଲା। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ କଳାହାଣ୍ଡିରେ ରାଜନୀତି ଜୋର ଧରିଛି। ଭାଜପା ଏହି ଘଟଣାରେ ବିଜେଡିର ଲିଙ୍କ୍ ଥିବା କହୁଥିବା ବେଳେ ବିଜେଡି ଏହାକୁ ଖଣ୍ଡନ କରିଛି।

# ହଷ୍ଟେଲ ଛାଡ଼ିଲେ ୧୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ

**ଗୁଣପୁର, ୨୮।୯ (ଡି.ଏନ.ଏ):** ରାୟଗଡା ଜିଲା ଚିନାସାରି ପଞ୍ଚାୟତ ଗାଡିଆବାଙ୍ଗ ପ୍ରାଥମିକ ସେବାଶ୍ରମର ୧୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ହଷ୍ଟେଲ ଛାଡିଛନ୍ତି । ପ୍ରଧାନ ସେବିକା ଏବଂ ସହକାରୀ ଶିକ୍ଷକଙ୍କ ମଧ୍ୟରେ ବିବାଦ ଯୋଗୁଁ ପିଲାମାନେ ହଷ୍ଟେଲ ଛାଡିଥିବା ଶୁଣିବାକୁ ମିଳିଛି । ସେବାଶ୍ରମରେ ପଢୁଥିବା ୨୦୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮୦ ଜଣ ହଷ୍ଟେଲରେ ରହୁଛନ୍ତି । ଶୁକ୍ରବାର ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଶିକ୍ଷକଙ୍କ ମଧ୍ୟରେ ବିବାଦ ଯୋଗୁଁ କେତେଜଣ ଅଭିଭାବକ ନିଜ ପିଲାଙ୍କୁ ନେଇ ଚାଲିଯାଇଛନ୍ତି ।

**OFFICE OF THE NOTIFIED AREA COUNCIL, KASHINAGAR, GAJAPATI**
**Ph & Fax No.06815-284215, e-Mail : kasinagarn.hud@nic.in**

**No.2029/NAC, Dated: 27.09.2019, TENDER CALL NOTICE** :- Sealed tenders are invited from the registered firms / Agencies having adequate experience in sanitation activities like door to door collection of Garbage/Waste (Dry and Wet Waste Separately), Street sweeping, Cleaning of Drains, Bush Cutting, Transportation of Waste to MCC / MRF / Dumping Yard etc. to undertake the job of sanitation services at 13 no. of wards of N.A.C., Kashinagar. The agency should have executed similar nature of works in other Municipality / NAC / Hospital / Govt. Sectors of the state. The intending agency should have minimum 3 years experience in the above sector of having solvency in STCC / GST ITCC) EPF / Labour license may quote their rate in the prescribed schedule which is available in the office of NAC Kashinagar from 09.10.2019 to 15.10.2019 up to 04.00 PM during office hours (except Govt. Holidays) on cash / DD payment of Rs. 10,000/- only. The filled in schedule along with the EMD of Rs 52,000/- only in shape of Bank Draft drawn on any Bank in favour of the undersigned will be received in the sealed cover on or before 16.10.2019 and will be opened on 17.10.2019 at 11.00 AM in presence of the agency or their authorized representatives if any. The bids will be received only speed / registered post only. The office is not responsible for any postal delay. The successful bidder should deposit the Bank Guarantee of Rs. 1.50 Lakh. If the last date of receipt and opening of tender happens to be a Govt. holiday, then the next working day will be treated as last date of receipt and opening date at the same time. The tender received beyond the scheduled date will be rejected. The authority reserves the right to reject any or all quotation call without assigning any reason thereof. **Sd./- Executive Officer, NAC, Kashinagar, Gajapati**

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୬୧ | | ୨୩୬୯ | ୦.୧୩ | ୦.୦୬ | ସନ୍ଧ୍ୟା ମିଶ୍ର, ପିତା- ହୃଷୀକେଶ ମିଶ୍ର ଓଗେର | |
| ୨୬୨ | | ୨୫୯୦ | ୦.୪୩ | ୦.୦୩ | ସନ୍ଧ୍ୟା ମିଶ୍ର, ପିତା- ହୃଷୀକେଶ ମିଶ୍ର ଓଗେର | |
| ୨୬୩ | | ୨୮୪୩ | ୦.୧୦ | ୦.୦୪ | ସନ୍ଧ୍ୟା ମିଶ୍ର, ପିତା- ହୃଷୀକେଶ ମିଶ୍ର ଓଗେର | |
| ୨୬୪ | | ୨୯୦୬ | ୦.୨୮ | ୦.୦୬ | ସନ୍ଧ୍ୟା ମିଶ୍ର, ପିତା- ହୃଷୀକେଶ ମିଶ୍ର ଓଗେର | |
| ୨୬୫ | ୩୧୫ | ୬୭୦ | ୦.୧୫ | ୦.୦୯ | ସାବିତ୍ରୀ ପାଣି, ସ୍ୱାମୀ- ଲଳିତ କୁମାର ପାଣି | |
| ୨୬୬ | ୩୧୬ | ୨୮୩୭ | ୦.୦୮ | ୦.୦୫ | ସାରଙ୍ଗଧର ଖଟୁଆ, ପିତା- ବୈଷ୍ଣବ ଓଗେର | |
| ୨୬୭ | ୩୧୬ | ୨୮୯୫ | ୦.୨୫ | ୦.୦୬ | ସାରଙ୍ଗଧର ଖଟୁଆ, ପିତା- ବୈଷ୍ଣବ ଓଗେର | |
| ୨୬୮ | ୩୧୮ | ୮୯୮ | ୦.୦୫ | ୦.୦୫ | ଶ୍ରୀହରି ଦାସ, ପିତା- ବାଞ୍ଛାନିଧି ଓଗେର | |
| ୨୬୯ | ୩୨୧ | ୬୫୧ | ୦.୨୭ | ୦.୧୭ | ସୁକ ଶତପଥି, ପିତା- ଗୁନ | |
| ୨୭୦ | | ୭୩୦ | ୦.୦୮ | ୦.୦୪ | ସୁକ ଶତପଥି, ପିତା- ଗୁନ | |
| ୨୭୧ | | ୭୫୩ | ୦.୦୫ | ୦.୦୫ | ସୁକ ଶତପଥି, ପିତା- ଗୁନ | |
| ୨୭୨ | | ୭୫୫ | ୦.୧୬ | ୦.୧୬ | ସୁକ ଶତପଥି, ପିତା- ଗୁନ | |
| ୨୭୩ | | ୭୬୦ | ୦.୧୧ | ୦.୦୧ | ସୁକ ଶତପଥି, ପିତା- ଗୁନ | |
| ୨୭୪ | | ୨୭୪୭ | ୦.୦୭ | ୦.୦୧ | ସୁକ ଶତପଥି, ପିତା- ଗୁନ | |
| ୨୭୫ | | ୪୨୯ | ୦.୨୬ | ୦.୦୨ | ସୁକ ଶତପଥି, ପିତା- ଗୁନ | |
| ୨୭୬ | ୩୨୫ | ୬୫୪ | ୦.୪୯ | ୦.୩୦ | ସୁନାକର ମାହୁନ୍ତ, ପିତା- ଭୋବନି ଓଗେର | |
| ୨୭୭ | | ୭୨୬ | ୦.୦୫ | ୦.୦୨ | ସୁନାକର ମାହୁନ୍ତ, ପିତା- ଭୋବନି ଓଗେର | |
| ୨୭୮ | | ୭୭୧ | ୦.୯୫ | ୦.୦୧ | ସୁନାକର ମାହୁନ୍ତ, ପିତା- ଭୋବନି ଓଗେର | |
| ୨୭୯ | ୩୨୭ | ୬୫୮ | ୦.୧୫ | ୦.୦୬ | ସୁରେନ୍ଦ୍ର ନାୟକ, ପିତା- ଗୁଣନିଧି | |
| ୨୮୦ | ୩୨୭ | ୬୫୭/୩୬୬୨ | ୦.୦୭ | ୦.୦୪ | ସୁରେନ୍ଦ୍ର ନାୟକ, ପିତା- ଗୁଣନିଧି | |
| ୨୮୧ | ୩୩୧ | ୨୧୯ | ୦.୧୯ | ୦.୦୮ | ହରିହର ଦାସ, ପିତା- ମାଟିଆ | |
| ୨୮୨ | ୩୪୦/୧ | ୧୦୫୯ | ୦.୧୫ | ୦.୦୯ | ନୃସିଂହ ଚରଣ ଦାସ, ପିତା- ବୃନ୍ଦାବନ | |
| ୨୮୩ | ୩୪୦/୨ | ୭୩୭ | ୦.୦୬ | ୦.୦୬ | ମୀନକେତନ ପାଢ଼ୀ, ପିତା- ଗୋବିନ୍ଦ ପାଢ଼ୀ | |
| ୨୮୪ | ୩୪୦/୧୧ | ୨୧୪୫/୩୮୮୭ | ୦.୦୯ | ୦.୦୯ | ନରହରି ମାହୁନ୍ତ, ପିତା- ନରେନ୍ଦ୍ର | |
| ୨୮୫ | ୩୪୦/୧୬ | ୭୫୬ | ୦.୦୬ | ୦.୦୬ | ବଟକୃଷ୍ଣ ପଣ୍ଡା, ପିତା- ଗୁଣନିଧି ଓଗେର | |
| ୨୮୬ | | ୭୫୭ | ୦.୧୦ | ୦.୧୦ | ବଟକୃଷ୍ଣ ପଣ୍ଡା, ପିତା- ଗୁଣନିଧି ଓଗେର | |
| ୨୮୭ | | ୭୫୮ | ୦.୦୪ | ୦.୦୪ | ବଟକୃଷ୍ଣ ପଣ୍ଡା, ପିତା- ଗୁଣନିଧି ଓଗେର | |
| ୨୮୮ | ୩୪୦/୨୬ | ୨୧୫୦/୩୯୦୧ | ୦.୦୫ | ୦.୦୫ | ବାଇଧର ନାୟକ, ପିତା- ଭିକାରୀ ଓଗେର | |
| ୨୮୯ | ୩୪୦/୩୭ | ୭୩୬ | ୦.୦୬ | ୦.୦୬ | ରାମଚନ୍ଦ୍ର ହୋତା, ପିତା- ଭିକାରୀ ଓଗେର | |
| ୨୯୦ | ୩୪୦/୮୫ | ୭୨୪ | ୦.୧୧ | ୦.୦୩ | ଗଗନ ବିହାରୀ ଦାସ, ପିତା- ସନାତନ ଓଗେର | |
| ୨୯୧ | ୩୪୦/୯୫ | ୪୨୧ | ୦.୧୧ | ୦.୦୮ | ଅକ୍ଷୟ କୁମାର ଦାସ, ପିତା- ରଘୁନାଥ | |
| ୨୯୨ | ୩୪୦/୧୦୧ | ୨୧୩୮ | ୦.୦୯ | ୦.୦୧ | ଭୀମସେନ ନାୟକ, ପିତା- ପୁରୁଷୋତ୍ତମ ଓଗେର | |
| ୨୯୩ | ୩୪୦/୧୦୭ | ୩୯ | ୦.୨୫ | ୦.୦୫ | ପ୍ରଭାତୀ ବେହେରା, ସ୍ୱାମୀ- ଭରତ ଚନ୍ଦ୍ର ବେହେରା | |
| ୨୯୪ | | ୨୮ | ୦.୧୦ | ୦.୦୪ | ପ୍ରଭାତୀ ବେହେରା, ସ୍ୱାମୀ- ଭରତ ଚନ୍ଦ୍ର ବେହେରା | |
| ୨୯୫ | | ୩୯/୩୭୯୨ | ୦.୨୯ | ୦.୦୪ | ପ୍ରଭାତୀ ବେହେରା, ସ୍ୱାମୀ- ଭରତ ଚନ୍ଦ୍ର ବେହେରା | |
| ୨୯୬ | ୩୪୦/୧୩୦ | ୨୯ | ୧.୦୩ | ୦.୪୭ | ପାଣ୍ଡୁ ମହାରଣା, ପିତା- ପଦନ | |
| ୨୯୭ | ୩୪୦/୧୩୩ | ୬୫୮/୩୭୯୩ | ୦.୩୫ | ୦.୩୫ | ସନାତନ ଦାସ, ପିତା- ମନୁ | |
| ୨୯୮ | ୩୪୦/୧୩୬ | ୫୦୯ | ୦.୧୫ | ୦.୦୭ | ପୁରୁଷ୍ତମ ମଲିକ, ପିତା- ଫଉଜ | |
| ୨୯୯ | | ୫୧୦ | ୦.୦୬ | ୦.୦୬ | ପୁରୁଷ୍ତମ ମଲିକ, ପିତା- ଫଉଜ | |
| ୩୦୦ | ୩୪୦/୧୩୭ | ୨୧୪୬ | ୦.୦୮ | ୦.୦୬ | ହୃଷୀକେଶ ନାୟକ, ପିତା- କାମଦେବ | |
| ୩୦୧ | | ୨୧୪୭ | ୦.୧୬ | ୦.୦୭ | ହୃଷୀକେଶ ନାୟକ, ପିତା- କାମଦେବ | |
| ୩୦୨ | ୩୪୦/୧୭୬ | ୮୪୬ | ୦.୦୭ | ୦.୦୭ | ଶୁଭେନ୍ଦୁ ମିଶ୍ର, ପିତା- କୁମ୍ଭ | |
| ୩୦୩ | ୩୪୦/୧୮୨ | ୧୦୫୫ | ୦.୧୩ | ୦.୧୩ | କୃତ୍ତିବାସ ସାହୁ, ପିତା- ନାଥ | |
| ୩୦୪ | ୩୪୦/୧୮୫ | ୨୧୨୮ | ୦.୪୬ | ୦.୩୨ | ପ୍ରହଲ୍ଲାଦ ମାହୁନ୍ତ, ପିତା- ଗଙ୍ଗାଧର ଓଗେର | |
| ୩୦୫ | | ୨୧୨୯ | ୦.୧୫ | ୦.୦୫ | ପ୍ରହଲ୍ଲାଦ ମାହୁନ୍ତ, ପିତା- ଗଙ୍ଗାଧର ଓଗେର | |
| ୩୦୬ | ୩୪୦/୧୯୫ | ୫୧୯ | ୦.୧୭ | ୦.୧୫ | ନିଗମ ପ୍ରସାଦ ପାଣି, ପିତା- ଲଳିତ ମୋହନ ଓଗେର | |
| ୩୦୭ | ୩୪୦/୨୧୧ | ୧୮୪୧ | ୦.୧୪ | ୦.୧୪ | ନିର୍ମଳ ଦାସ, ପିତା- ବୀରବର ଓଗେର | |
| ୩୦୮ | ୩୪୦/୨୧୪ | ୪୦୭ | ୦.୧୧ | ୦.୦୬ | କାର୍ତ୍ତିକ ପଣ୍ଡା, ପିତା- ଚୈତନ୍ୟ ଓଗେର | |
| ୩୦୯ | ୩୪୦/୨୨୭ | ୩୯୩ | ୦.୧୧ | ୦.୦୫ | ସନ୍ତୋଷ କୁମାର ପଣ୍ଡା, ପିତା- ଅନନ୍ତ ଚରଣ ଓଗେର | |
| ୩୧୦ | ୩୪୦/୨୫୩ | ୬୫୯ | ୦.୨୫ | ୦.୦୬ | କୁନା ମାହୁନ୍ତ, ପିତା- ହାଡ଼ିବନ୍ଧୁ | |
| ୩୧୧ | | ୬୬୦ | ୦.୨୧ | ୦.୧୨ | କୁନା ମାହୁନ୍ତ, ପିତା- ହାଡ଼ିବନ୍ଧୁ | |
| ୩୧୨ | ୩୪୦/୨୬୪ | ୩୯୨ | ୦.୧୨ | ୦.୦୫ | ମନମୋହନ ମାହୁନ୍ତ, ପିତା- ଭରତ ଚନ୍ଦ୍ର | |
| ୩୧୩ | ୩୪୦/୨୬୯ | ୨୪୭ | ୦.୦୭ | ୦.୦୧ | ମହେଶ୍ୱର ଦାସ, ପିତା- ବିଦ୍ୟାଧର ଓଗେର | |
| ୩୧୪ | | ୨୩୨ | ୦.୩୦ | ୦.୦୫ | ମହେଶ୍ୱର ଦାସ, ପିତା- ବିଦ୍ୟାଧର ଓଗେର | |
| ୩୧୫ | | ୨୩୪ | ୦.୨୦ | ୦.୦୪ | ମହେଶ୍ୱର ଦାସ, ପିତା- ବିଦ୍ୟାଧର ଓଗେର | |
| ୩୧୬ | ୩୪୦/୨୬୯ | ୭୪୯ | ୦.୧୪ | ୦.୧୨ | ମହେଶ୍ୱର ଦାସ, ପିତା- ବିଦ୍ୟାଧର ଓଗେର | |
| ୩୧୭ | | ୭୫୦ | ୦.୦୫ | ୦.୦୫ | ମହେଶ୍ୱର ଦାସ, ପିତା- ବିଦ୍ୟାଧର ଓଗେର | |
| ୩୧୮ | | ୭୩୫/୩୮୯୬ | ୦.୦୮ | ୦.୦୮ | ମହେଶ୍ୱର ଦାସ, ପିତା- ବିଦ୍ୟାଧର ଓଗେର | |
| ୩୧୯ | ୩୪୦/୨୯୦ | ୪୦୫ | ୦.୨୪ | ୦.୧୭ | ବ୍ରହ୍ମାନନ୍ଦ ଦାସ, ପିତା- ନାରାୟଣ ଓଗେର | |
| ୩୨୦ | ୩୪୦/୩୦୪ | ୨୨୧ | ୦.୨୧ | ୦.୦୭ | ରଞ୍ଜନ କୁମାର ଦାସ, ପିତା- ହରିହର | |
| ୩୨୧ | | ୪୦୨ | ୦.୩୬ | ୦.୧୩ | ରଞ୍ଜନ କୁମାର ଦାସ, ପିତା- ହରିହର | |
| ୩୨୨ | ୩୪୦/୩୦୭ | ୨୬ | ୦.୦୭ | ୦.୦୨ | ବ୍ରହ୍ମାନନ୍ଦ ଦାସ, ପିତା- ନାରାୟଣ | |
| ୩୨୩ | ୩୪୦/୩୨୧ | ୨୨୭ | ୦.୨୫ | ୦.୧୨ | ପ୍ରେମାନନ୍ଦ ଦାସ, ପିତା- ଦୁର୍ଯ୍ୟୋଧନ ଓଗେର | |
| ୩୨୪ | ୩୪୦/୩୨୯ | ୪୦୧ | ୦.୩୬ | ୦.୧୫ | ଗୋପୀନାଥ ମିଶ୍ର, ପିତା- ଚୈତନ୍ୟ | |
| ୩୨୫ | ୩୪୦/୩୬୬ | ୪୨୦ | ୦.୧୫ | ୦.୧୧ | ପ୍ରିୟବ୍ରତ ଦାସ, ପିତା- ଅକ୍ଷୟ | |
| ୩୨୬ | ୩୪୦/୩୮୦ | ୪୦୬ | ୦.୧୧ | ୦.୧୧ | ପ୍ରଶାନ୍ତ କୁମାର ପଣ୍ଡା, ପିତା- ଚୈତନ୍ୟ | |
| ୩୨୭ | ୩୪୦/୩୯୮ | ୮୪୧ | ୦.୧୧ | ୦.୦୬ | ରଘୁନାଥ ବାରିକ, ପିତା- ଦୁର୍ଗାଚରଣ | |
| ୩୨୮ | | ୮୪୩ | ୦.୦୫ | ୦.୦୩ | ରଘୁନାଥ ବାରିକ, ପିତା- ଦୁର୍ଗାଚରଣ | |
| ୩୨୯ | ୩୪୦/୩୯୮ | ୮୫୦ | ୦.୧୩ | ୦.୦୭ | ରଘୁନାଥ ବାରିକ, ପିତା- ଦୁର୍ଗାଚରଣ | |
| ୩୩୦ | ୩୪୦/୪୦୧ | ୪୧ | ୦.୮୬ | ୦.୩୨ | ଜୟଦେବ ଜଟ, ପିତା- ନବୀନ ଓଗେର | |
| | | | ମୋଟ | ୨୫.୪୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୩୩୦ (ତିନିଶହ ତିରିଶ) ମୋଟ ଅଧିଗ୍ରହୀତ ଜମି: ୨୫.୪୦ ଏକର

24034/14/0023/1920

ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ



ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜରେ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିଭାଷଣ ଦେଉଛନ୍ତି।



ଯବାନ୍‌ମାନେ ପରେଡ୍ ପ୍ରଦର୍ଶନ କରୁଛନ୍ତି।

# ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୮।୯**

ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା କନଷ୍ଟ୍ରକସନ୍ ୱାର୍କର୍ସ ୟୁନିୟନ (ଓସିଡବ୍ଲ୍ୟୁୟୁ) ଗଞ୍ଜାମ ଶାଖା ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରସ୍ଥ ଜିଲା ଶ୍ରମ ଅଫିସ ଆଗରେ ବିକ୍ଷୋଭ ସମାବେଶ ହୋଇଥିଲା। ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଏବଂ ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ ଓ ସହାୟତା ପ୍ରଦାନରେ ଅହେତୁକ ବିଳମ୍ବ ପ୍ରତିବାଦରେ ଆନ୍ଦୋଳନ କରାଯାଇଥିଲା। ସିଟୁ ନେତା ଯୁଧିଷ୍ଠିର ବେହେରା ନେତୃତ୍ୱ ନେଇଥିଲେ। ଶ୍ରମିକ

## ସିଆଇଟିୟୁର ନେତୃତ୍ୱ

ନେତା ପ୍ରତାପ ଚୌଧୁରୀ, ଗୋପାଳ ପାଣିଗ୍ରାହୀ, ଲକ୍ଷ୍ମଣ ପାଢ଼ୀ, ଶିବ ପ୍ରସାଦ ମହାପାତ୍ର, ପଞ୍ଚାନନ ଜେନା, ବିଦ୍ୟାଧର ଜେନା, ଶଶୀ ରଥ, ହରି ନାହାକ, କୁରେଶୁ ପଣ୍ଡା ଓ ଆଦିକନ୍ଦ ବେହେରା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ନିର୍ମାଣ ଶ୍ରମିକ ଏଥିରେ ସାମିଲ ହୋଇଥିଲେ।

ଆନ୍ଦୋଳନସ୍ଥଳରେ ଯୁଧିଷ୍ଠିର ଓ ଅନ୍ୟ ନେତାମାନେ କହିଥିଲେ, ହଜାର ହଜାର ନିର୍ମାଣ ଶ୍ରମିକଙ୍କ ନାମ ଠିକଣା ସମୟରେ ପଞ୍ଜୀକରଣ କରାଯାଉ ନ ଥିବାରୁ ସେମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ବହୁବାର ଦାବି ସତ୍ତ୍ୱେ ଶ୍ରମ ଅଧିକାରୀ ଓ କର୍ମଚାରୀ ସମସ୍ୟାର ସମାଧାନ କରୁନାହାନ୍ତି। ଆସିକା, ଭଞ୍ଜନଗର ସହକାରୀ ଶ୍ରମ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ନ ଥିବାରୁ ସେହି ଅଞ୍ଚଳର ଶ୍ରମିକମାନେ ହୀନସ୍ତା ହେଉଛନ୍ତି। ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ପୁଣି ଆନ୍ଦୋଳନକୁ ଜୋରଦାର କରାଯିବ ଏବଂ ଜିଲା ଶ୍ରମ ଅଫିସ ଅଚଳ କରିଦେବାର ନେତାମାନେ ଚେତାବନୀ ଦେଇଛନ୍ତି।

ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ନିକଟରେ ନିର୍ମାଣ ଶ୍ରମିକମାନେ ଏକାଠି ହୋଇ ସେଠାରୁ ବିଶାଳ ଶୋଭାଯାତ୍ରାରେ ଶ୍ରମ ଅଫିସ ପାଖରେ ପହଞ୍ଚିଥିଲେ। ବିକ୍ଷୋଭ ପରେ ଦାବି ସମ୍ବଳିତ ସ୍ମାରକପତ୍ର ଶ୍ରମ ଅଧିକାରୀଙ୍କୁ ପ୍ରଦାନ ସହ ନେତାମାନେ ଆଲୋଚନା କରିଥିଲେ। ପଞ୍ଜୀକରଣକୁ ସରଳୀକରଣ ଏବଂ ସହାୟତା ପ୍ରଦାନରେ ଅଧିକ ବିଳମ୍ବ ହେଲେ ପରିସ୍ଥିତି ବିସ୍ଫୋରକ କରାଯିବାର ସତର୍କ କରି ଦିଆଯାଇଥିଲା। ଆନ୍ଦୋଳନରେ ଅନେକ ମହିଳା ଶ୍ରମିକ ସାମିଲ ହୋଇଥିଲେ।



ଶ୍ରମ ଅଫିସ ଆଗରେ ନିର୍ମାଣ ଶ୍ରମିକଙ୍କ ଆନ୍ଦୋଳନ।

## ସଂକ୍ଷେପରେ

### ଶାଶୁଙ୍କୁ ଆକ୍ରମଣ, ଜ୍ୱାଇଁ ଅଟକ

**ବୁଗୁଡା,୨୮।୯(ଡି.ଏନ୍.ଏ.):** ବୁଗୁଡା ଥାନା ଜଗତପାଟଣାରେ ଶନିବାର ରାତିରେ ଜ୍ୱାଇଁ ତାଙ୍କ ଶାଶୁଙ୍କ ହାତ ପନିକିରେ ହାଣିବା ସହ ଶ୍ୱଶୁରଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଜ୍ୱାଇଁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଆହତମାନେ ହେଲେ ଜଗତ ପାଟଣାର କବିରାଜ ପ୍ରଧାନ ଓ ସ୍ତ୍ରୀ ରେଣୁକା। ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଚାଲିଛି। ପ୍ରକାଶ ଯେ, କବିରାଜଙ୍କ ଝିଅ ୩ ବର୍ଷ ତଳେ ଘୋଡାପଡା ଗ୍ରାମରେ ବିବାହ କରିଥିଲେ। ଶନିବାର ଅପରାହ୍ନରେ ପାରିବାରିକ କଳହକୁ ନେଇ ଜ୍ୱାଇଁ ଝିଅଙ୍କୁ ଆଣି ତାଙ୍କ ଘରେ ଛାଡି ଦେଇଥିଲେ। ପରେ ପୁଣି ସନ୍ଧ୍ୟାରେ ପହଞ୍ଚି ନେବାକୁ ଜିଦ୍ ଧରିଥିଲେ। ମା' କିନ୍ତୁ ଝିଅକୁ ମାରିଦେବେ ବୋଲି ଆଶଙ୍କା କରି ଛାଡି ନ ଥିଲେ। ଫଳରେ ରାଗିଯାଇ ଜ୍ୱାଇଁ ଶାଶୁ ରେଣୁକାଙ୍କୁ ନିକଟରେ ଥିବା ପନିକିରେ ହାତକୁ ଚୋଟ ପକାଇଥିଲେ। ଶ୍ୱଶୁର କବିରାଜ ଧରିବାକୁ ଆସିଥିବାବେଳେ ସେ ମଧ ଆହତ ହୋଇଛନ୍ତି। ପୋଲିସ ଜ୍ୱାଇଁଙ୍କୁ ଥାନାରେ ଅଟକ ରଖିଛି।

### ରାମକୃଷ୍ଣ ସାରଦା ସେବା ସଂଘ ବୈଠକ ସ୍ୱାମୀ ବିବେକାନନ୍ଦ ଛାତ୍ରାବାସକୁ ସରକାରୀ ସହାୟତା ଦାବି

**ବ୍ରହ୍ମପୁର ଅଫିସ, ୨୮।୯:** ବ୍ରହ୍ମପୁର ଆମ୍ବପୁଆ ଶ୍ରୀରାମକୃଷ୍ଣ ସାରଦା ସେବା ସଂଘ ତଥା ରାମକୃଷ୍ଣ ଆଶ୍ରମ ପକ୍ଷରୁ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରବି ରଥଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆଶ୍ରମରେ ଥିବା ସ୍ୱାମୀ ବିବେକାନନ୍ଦ ଛାତ୍ରାବାସ ଆଦିବାସୀ ଛାତ୍ରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସରକାର ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ଗରିବ, ଆଦିବାସୀ ଏବଂ ଦଳିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ବ୍ୟାପକ ବ୍ୟବସ୍ଥା କରୁଛନ୍ତି। ଏଥିରେ ଆଶ୍ରମରେ ଥିବା ୪୦ ଆଦିବାସୀ ଛାତ୍ରଙ୍କୁ ମଧ ସାମିଲ କରିବାକୁ ଦାବି କରାଯାଇଥିଲା। ଆଶ୍ରମ ସମ୍ପାଦକ ପଦ୍ମନାଭ ମହାରଣା ବୈଠକର ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିବାସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଯୁଗ୍ମ ସମ୍ପାଦକ ଅଜିତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା, ସୁଜାତା ମୁଖାର୍ଜୀ, ଉପସଭାପତି ପ୍ରଫେସର ନାରାୟଣ ପଣ୍ଡା, ଶ୍ୟାମଘନ ବେହେରା, ଉପସଭାପତି ସୁଶାନ୍ତ ମହାନ୍ତି, ପଦ୍ମଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାମ କୁମାର, ଅନିଲ କୁମାର ବିଷୋୟୀ ଓ ରଞ୍ଜିତ ବିଷୋୟୀଙ୍କ ସମେତ ଛାତ୍ରୀଛାତ୍ରଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଦୀପକ କୁମାର ଧନ୍ୟବାଦ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଗଞ୍ଜାମର ବାଳିକା, ବାଳକ ମନୋନୀତ



ଖେଳାଳିଙ୍କ ସହ ସଂଘର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ, ୨୮।୯:** ନାଗପୁରରେ ଅକ୍ଟୋବର ୨ ରୁ ୫ ତାରିଖ ପର୍ଯ୍ୟନ୍ତ ୨୭ ତମ ଜୁନିୟର ଜାତୀୟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଦଳ ଚୟନ ଶେଷ ହୋଇଛି। ଦଳ ଚୟନ ପାଇଁ ଗଞ୍ଜାମ ଜିଲା ଟେନିସ ବଲ କ୍ରିକେଟ ଆସୋସିଏଶନ ପକ୍ଷରୁ ଦୁଇ ଦିନଧରି ଖଲ୍ଲିକୋଟ କଲେଜ ଖେଳପଡିଆରେ ଶିବିର ଆୟୋଜିତ ହୋଇଥିଲା। ଗଞ୍ଜାମ, ଗଜପତି, କନ୍ଧମାଳ ଜିଲାରୁ ୫୦ ବାଳିକା ଓ ବାଳକ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୬ ଜଣ ବାଳିକା, ୩ ବାଳକ ଗଞ୍ଜାମ ଜିଲାରୁ ଜାତୀୟସ୍ତରୀୟ ପ୍ରତିଯୋଗିତା ଚୟନ ହୋଇଛନ୍ତି। ବାଳକ ବର୍ଗରେ ବ୍ରହ୍ମପୁରର ପ୍ରୟାସ ପରିଡା, ବିକାଶ ବେହେରା, ସତ୍ୟ ଶୁଭମ ସାହୁ ଚୟନ ହୋଇଥିବା ବେଳେ ବାଳିକା ବର୍ଗରେ ଗଞ୍ଜାମ ଜିଲାରୁ ରୀତିକା ଦିଗଲ, ସଂଘମିତ୍ରା ସାହୁ, ପ୍ରୀତି ସେଠୀ, ପଲ୍ଲବୀ କୁମାରୀ, ନନ୍ଦିନୀ ନାହାକ ଓ ସ୍ମୃତି ନାହାକ ପ୍ରମୁଖ ଚୟନ ହୋଇଛନ୍ତି। ଚୟନ ଶିବିରରେ ଦେବବ୍ରତ ଦେଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ସମ୍ପାଦକ ସଞ୍ଜୟ କୁମାର ବିଷୋୟୀ, ସଭାପତି ଡ. ସମରେନ୍ଦ୍ର ସାହୁ, ଉପଦେଷ୍ଟା ରବି ମିଶ୍ର, ଦୁଷ୍ମନ୍ତ ପାଢୀ, ପିଣ୍ଟୁ ବେହେରା, ଆରାଧୀ ତେଜସ୍ୱୀ, ମଧୁସ୍ମିତା ସାହୁ ଓ ଡ. ବାବୁଜୀ ସାମଲ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଟ୍ରାକ୍ଟରରୁ ଜରିମାନା ଆଦାୟ

**ପାରଳାଖେମୁଣ୍ଡି, ୨୮।୯(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ୩ ଟ୍ରାକ୍ଟରରୁ ୧୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରେ ଏକ ବାଲି ଟ୍ରାକ୍ଟର ଏବଂ ୨ ପଥର ବୋଝେଇ ଟ୍ରାକ୍ଟର ରହିଛି। ବାଲି ବୋଝେଇ ଟ୍ରାକ୍ଟର ନଂ- (ଓଡି୨୦-୬୧୧୯)ଟି ଦୀର୍ଘ ସମୟ ଧରି ମୁଖ୍ୟ ରାସ୍ତା ଅବରୋଧ କରିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ଏହାଠାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସହର ଉପକଣ୍ଠସ୍ଥ ବେତାଗୁଡ଼ାଠାରେ ୨ ପଥର ବୋଝେଇ ଟ୍ରାକ୍ଟର୍ ବେନିୟମଭାବେ ପଥର ଚାଲାଣ ଘଟଣାରେ ୩ହଜାର ଓ ୫ହଜାର ଟଙ୍କା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ସୂଚନା ଦେଇଛନ୍ତି।

# ଥାନାରେ ଖତ ଖାଉଛି ଜବତ ଗାଡ଼ି

**ବ୍ରହ୍ମପୁର ଅଫିସ,୨୮।୯**

ଏବେ ସବୁ ଥାନାର ଅବସ୍ଥା ଏକାପରି ଜବତ ହେଉଥିବା ଗାଡିରେ ଭର୍ତ୍ତି ହେଲାଣି ଥାନା କ୍ୟାମ୍ପସ। ଦୀର୍ଘ ବର୍ଷ ଧରି ପଡି ରହିଥିବା ଗାଡିଗୁଡିକ ମାଟି ଖାଇ ନଷ୍ଟ ହେବାକୁ ବସିଲାଣି। ଆଗରୁ ଥାନାରେ ସିଜ୍ ହୋଇ ରହିଥିବା ଜିନିଷ ଓ ଗାଡିଗୁଡିକ ନିଲାମ ହେଉଯାଉଥିଲା। ଫଳରେ କ୍ୟାମ୍ପସରେ ଆଉ ଏପରି ଅଳିଆ ଆବର୍ଜନା ହୋଇ ଏଗୁଡ଼ାକ ଦୀର୍ଘଦିନ ଧରି ପଡି ରହୁ ନ ଥିଲା। କିନ୍ତୁ ୨୦୦୯ରେ ଆଇନରେ ପରିବର୍ତ୍ତନ କରାଯାଇ ଏହି ଜବତ ଗାଡିଗୁଡିକ ଥାନାରୁ ବାହାର କରିବା ପାଇଁ ଆବଶ୍ୟକ କାଗଜପତ୍ର ଏବଂ ଏ ସଂକ୍ରାନ୍ତୀୟ କେସ୍‌ର ସମାଧାନ ନ ହେବା ଯାଏ ତାହା ପଡି ରହୁଛି। ସେପଟେ କୋର୍ଟରେ କେସ୍ ସମାଧାନ ହେବା ବେଳକୁ ଗାଡି ଖରାବର୍ଷା ଖାଇ ନଷ୍ଟ ହୋଇଯାଉଛି। ୫ ବର୍ଷ ମଧରେ ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଥାନା ସମେତ ବ୍ରହ୍ମପୁର ସହରର ଟାଉନ ଥାନା, ବୈଦ୍ୟନାଥପୁର, ଗୋଷାଣୀନୂଆଗାଁ ଓ ବଡବଜାର ଥାନାଗୁଡିକରେ ଏହି ଜବତ ଗାଡି ସଂଖ୍ୟା ବୃଦ୍ଧି ପାଉଛି। ବିଶେଷ କରି ଚୋରି ଓ ଲୁଟ ମାମଲାରେ ବ୍ୟବହୃତ ବହୁତ ନମ୍ବର ବିହୀନ ବାଇକ୍ ରହିଛି। ଏଣୁ ଲୁଟେରାମାନେ କୋର୍ଟ କଚେରି ଧନ୍ଦାରେ ନ ପଶି ଅନ୍ୟତ୍ର ଗାଡି ଚୋରି କରି ବ୍ୟବହାର କରୁଛନ୍ତି। ବିଭିନ୍ନ ସମୟରେ ଗଞ୍ଜେଇ ଚୋରା ଚାଲାଣ, ଚୋରି ଓ ଲୁଟ ଗାଡି ଯାଞ୍ଚ ବେଳେ ପୋଲିସ ହାତରେ ଧରା ହେଉଥିବା ବେଳେ ସେହି ଗାଡିଗୁଡିକ ନେବାକୁ ଲୁଟେରାମାନେ ପସନ୍ଦ କରୁନାହାନ୍ତି। ଏହି ସବୁ ଜବତ ଗାଡିଗୁଡିକ ବର୍ଷ ବର୍ଷ ଧରି ପଡିରହୁଛି। ଫଳରେ ଥାନାରେ ଅଳିଆ ଆବର୍ଜନା ଜମା ହୋଇ ରହିବା ସହ ଅପରିଷ୍କାର ହେଉଛି। ଥାନା କ୍ୟାମ୍ପସର ଅର୍ଦ୍ଧାଧିକ ଜାଗା ମାଡି ବସିଥିବା ଏହି ଗାଡି ଗୋଦାମ ପାଇଁ ଅନ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବାରେ ମଧ ବାଧା ଉପୁଜୁଛି। ଏନେଇ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର କୁହନ୍ତି, ଯାଞ୍ଚ ବେଳେ ଯେଉଁସବୁ ଗାଡି ପୋଲିସ ଧରୁଛି ସେତେବେଳେ ଆବଶ୍ୟକ କାଗଜପତ୍ର ପୋଲିସ ନିକଟରେ ଦାଖଲ କରି ମାଲିକ ଗାଡି ନେଇଯାଉଛନ୍ତି। ବେଆଇନ ଭାବେ ଗଞ୍ଜେଇ ଚାଲାଣ ଓ ଲୁଟରେ ବ୍ୟବହାର ଗାଡିଗୁଡିକ ପୋଲିସ ସିଜ୍ କରୁଛି। ସେଗୁଡିକ ରିଲିଜ କରିବା ପାଇଁ କୋର୍ଟ ଅନୁମତିର ଆବଶ୍ୟକତା ରହିଛି। ଏବେ କେବଳ ସେହି ଗାଡିଗୁଡିକ ରିଲିଜ ନ ହୋଇ ଥାନାରେ ପଡିରହିଛି। ପୋଲିସ ଯଥାସମ୍ଭବ ସେ ସବୁ ଜବତ ଗାଡିକୁ ରଖୁଛି। ଥାନା ପରିସର ଯଥାସମ୍ଭବ ପରିଷ୍କାର ରଖିବାକୁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ଅତିରିକ୍ତ ଏସ୍‌ପି ମିଶ୍ର କହିଛନ୍ତି।



ଥାନାରେ ସମ୍ମୁଖରେ ଥିବା ଜବତ ଗାଡି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୯।୯।୨୦୧୯ (ରବିବାର)**

- ଅପରାଧ ନିୟନ୍ତ୍ରଣ କର୍ମଶାଳା ଉଦ୍‌ଘାଟନ। ସ୍ଥାନ- ଗୁଡ଼ନ୍ୟୁସ୍ ଚର୍ଚ୍ଚ ପରିସର, ଡୁଗୁଡି ଜି.ଉଦୟଗିରି, ସମୟ- ସନ୍ଧ୍ୟା ୬ଟା ୩୦ ମିନିଟ୍।
- ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଶୁଭାରମ୍ଭ। ସ୍ଥାନ- ପଦ୍ମନାଭପୁର ନୋଡ଼ାଲ ହାଇସ୍କୁଲ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା।
- ମା' ଦୁର୍ଗାଙ୍କ ନବ ଦିନାତ୍ମକ ପୂଜା ଶୁଭାରମ୍ଭ। ସ୍ଥାନ- ଗଡ଼ ଚୈତନ୍ୟପୁର ଶାସନ ସାହି, ବଡ଼ବ୍ରାହ୍ମଣ ସାହି ଓ ପୁଞ୍ଜିକୟାଁ ଛକ, ଦିଗପହଣ୍ଡି, ସମୟ- ଅପରାହ୍ନ ୪ଟା।
- ୩୫ତମ ସର୍ବଭାରତୀୟ ଭାରତୋଳନ, ଶକ୍ତି ଉତ୍ତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ହିଲପାଟଣା, ସମୟ- ଅପରାହ୍ନ ୩ଟା।
- ପ୍ରବାସୀ ଅଷ୍ଟଦୁର୍ଗ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ। ସ୍ଥାନ-ଉତ୍କଳ ଆଶ୍ରମ, ସମୟ-ପୂର୍ବାହ୍ନ ୧୧ଟା।
- ବିଶ୍ୱ ହୃତ୍‌ପିଣ୍ଡ ଦିବସ ସଚେତନତା ଶିବିର। ସ୍ଥାନ-ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ-ଅପରାହ୍ନ ୧ଟା।
- ୱାର୍କ ଫର ୟୋର ହାର୍ଟ ମାରାଥନ। ସ୍ଥାନ-ଏମ୍‌କେସିଜି ମେଡିକାଲ ମୁଖ୍ୟ ଫାଟକ ଆଗରେ, ସମୟ-ସକାଳ ୬ଟା ୩୦ ମିନିଟ୍।
- ୱାଏଡିର ଆଲୋଚନା ଚକ୍ର। ସ୍ଥାନ- ଇକୋସ ଚକ୍ଷୁ ଚିକିତ୍ସାଳୟ, ସମୟ- ପୂର୍ବାହ୍ନ ୧୧ଟା।
- ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ। ସ୍ଥାନ- ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଶିକିରି, ହିଞ୍ଜିଳିକାଟୁ, ସମୟ- ସକାଳ ୮ଟା। ।

**୩୦।୯।୨୦୧୯ (ସୋମବାର)**

- ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ। ସ୍ଥାନ- ପଞ୍ଚାୟତ ସମିତି ସଭାଗୃହ, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ବର୍ଜ୍ୟବସ୍ତୁ ପରିଚାଳନା ୱାର୍ଡ ସଚେତନତା ସଭା। ସ୍ଥାନ- ଦିଗପହଣ୍ଡି ଏନ୍‌ଏସି, ସମୟ- ପୂର୍ବାହ୍ନ ୧୧ଟା
- ସ୍ୱାସ୍ଥ୍ୟ ସୁପରଭାଇଜରମାନଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।
- ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ- ଖମାରି ଗାଁ ଓ କୈଁଠଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଏସିଡ୍ ଆକ୍ରମଣ ପୀଡ଼ିତାଙ୍କ ସମ୍ପର୍କରେ ଆଇନ ସଚେତନତା ସଭା।, ସ୍ଥାନ- ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା ୩୦ ମିନିଟ୍।
- ଶିଶୁ ବିଜ୍ଞାନ କଂଗ୍ରେସ। ସ୍ଥାନ- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

**୧।୧୦।୨୦୧୯ (ମଙ୍ଗଳବାର)**

- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୪ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।

**୨।୧୦।୨୦୧୯ (ବୁଧବାର)**

- ଗାନ୍ଧୀ ଜୟନ୍ତୀ ପାଳନ। ସ୍ଥାନ- ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ, ସମୟ- ସକାଳ ୮ଟା।
- ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବରେ ସଭା ଓ ଶୋଭାଯାତ୍ରା। ସ୍ଥାନ- ଦିଗପହଣ୍ଡି ଏନ୍‌ଏସି, ସମୟ- ସକାଳ ୮ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ-ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ ପାଳନ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ। ସ୍ଥାନ- ଲକ୍ଷ୍ମୀ ନୃସିଂହ କଳା ମନ୍ଦିର, ହିଞ୍ଜିଳିକାଟୁ, ସମୟ- ଅପରାହ୍ନ ୪ଟା।

**୩।୧୦।୨୦୧୯ (ଗୁରୁବାର)**

- ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକ ମୁକ୍ତ ସଚେତନତା ସଭା। ସ୍ଥାନ- ବଡ଼ଖେମୁଣ୍ଡି ହାଇସ୍କୁଲ, ଦିଗପହଣ୍ଡି, ସମୟ- ମଧ୍ୟାହ୍ନ ୧୨ଟା।
- ଅଣ ସଂକ୍ରାମକ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୯ଟା।
- ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟାବଳୀ ସମୀକ୍ଷା। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ପୂର୍ବାହ୍ନ ୧୧ଟା।

**୪।୧୦।୨୦୧୯ (ଶୁକ୍ରବାର)**

- ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ଶୁଭାରମ୍ଭ। ସ୍ଥାନ- ଦିଗପହଣ୍ଡି ବଜାର ଗାନ୍ଧୀଛକ, ସମୟ- ରାତି ୧୦ଟା ୩୦ ମିନିଟ୍।
- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୭୦ ଅଙ୍ଗନୱାଡ଼ି କେନ୍ଦ୍ର, ସମୟ- ସକାଳ ୯ଟା।

**୫।୧୦।୨୦୧୯ (ଶନିବାର)**

- ମହାସପ୍ତମୀ ପୂଜା ଉତ୍ସବ। ସ୍ଥାନ- ମହୁରୀକାଳୁଆ ଶକ୍ତିପୀଠ/ ମା' ବୁଢ଼ୀ ଠାକୁରାଣୀ ଯାତ୍ରାପୀଠ ଓ ଗଡ଼ଚୈତନ୍ୟପୁର ଶାସନ ସାହି, ବସ୍‌ଷ୍ଟାଣ୍ଡ ପୂଜାମଣ୍ଡପ, ବଡ଼ ବ୍ରାହ୍ମଣସାହି, ସାନ ବ୍ରାହ୍ମଣସାହି, ପୁଞ୍ଜିକୟାଁ ଛକ, ରାଣୀ ସାହି, ବିଦ୍ୟୁତ୍ କାର୍ଯ୍ୟାଳୟ ଦୁର୍ଗାପୂଜା ମଣ୍ଡପ, ସମୟ- ଅପରାହ୍ନ ୫ଟା।

## ବ୍ଲକ, ମହାନଗରସ୍ତରୀୟ ବିଜ୍ଞାନ ସେମିନାର

**ବ୍ରହ୍ମପୁର ଅଫିସ, ୨୮।୯**

ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରଙ୍ଗେଇଲୁଣ୍ଡା ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷୟିତ୍ରୀ ଡ. ସବିତାରାଣୀ ଦାଶ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର, ଜିଲା ବିଜ୍ଞାନ ନିରୀକ୍ଷକ ପର୍ଣ୍ଣଗ ଭୂଷଣ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଡ. ମହାପାତ୍ର ସେମିନାରର ଆଭିମୁଖ୍ୟ ଓ ପର୍ଯ୍ୟାୟ ସାରଣୀ, ମୌଳିକ ପଦାର୍ଥଗୁଡିକର ମନୁଷ୍ୟ ସମାଜ ଉପରେ ପ୍ରଭାବ ଉପରେ ପ୍ରତିଯୋଗୀଙ୍କୁ ବୁଝାଇଥିଲେ। ବରିଷ୍ଠ ଶିକ୍ଷକ ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହିମାଂଶୁ ଶେଖର ଗୌଡ, ସୁଦାମ ଚରଣ ବିଷୋୟୀ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜ୍ୟୋତିପ୍ରଭା ମାରାଣ୍ଡି ପ୍ରଥମ, ଶ୍ରୀକାନ୍ତ ପାଣିଗ୍ରାହୀ ଦ୍ୱିତୀୟ, ଶ୍ରୀମନ ଦାଶ ତୃତୀୟ ହୋଇଛନ୍ତି। ବରିଷ୍ଠ ଶିକ୍ଷୟିତ୍ରୀ ଚାରୁସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜାତୀୟ ପୁଷ୍ଟିକର ମାସ ପାଳିତ

ଚନ୍ଦ୍ରଗିରି,୨୮।୯(ଡି.ଏନ.ଏ.)-ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ହରିଜନ ଆଦିବାସୀ ବିଭାଗର ନିର୍ଦ୍ଦେଶକ୍ରମେ ଚନ୍ଦ୍ରଗିରି ଏକଲବ୍ୟ ଆଦର୍ଶ ଆବସିକ ବିଦ୍ୟାଳୟରେ ବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ଷଡଙ୍ଗୀଙ୍କ ନେତୃତ୍ୱରେ ଜାତୀୟ ପୁଷ୍ଟିକର ମାସ ସେପ୍ଟେମ୍ବର ୨୧ରୁ୨୮ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ହାତଧୁଆ ଉପରେ ସଚେତନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ସଜନା ଏବଂ ଅମୃତଭଣ୍ଡା ଚାରା ରୋପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ଉଚ୍ଚତା, ଓଜନ ଓ ରକ୍ତହୀନତା ପରୀକ୍ଷା କରାଯାଇଥିଲା। ଆଇରନ ବଟିକା ବଣ୍ଟନ କରାଯିବା ସହ ଛାତ୍ରୀମାନଙ୍କୁ ନାପ୍‌କିନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଜଗନ୍ନାଥପ୍ରସାଦ,୨୮।୯(ଡି.ଏନ୍.ଏ.)- ଜଗନ୍ନାଥପ୍ରସାଦ ବ୍ଲକ ନେହେରୁ ଉଚ୍ଚ ବିଦ୍ୟାଳୟ ପଞ୍ଚଭୂତିଠାରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବ୍ଲକର ୮ ଉଚ୍ଚ ବିଦ୍ୟାଳୟରୁ ୧୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆଲୋଚନାଚକ୍ରର ଶୀର୍ଷକ ଥିଲା 'ରାସାୟନିକ ମୌଳିକ ଗୁଡ଼ିକର ପର୍ଯ୍ୟାୟ ସାରଣୀ-ମାନବ କଲ୍ୟାଣ ଉପରେ ପ୍ରଭାବ'। ବିଚାରକ ଭାବେ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ ପ୍ରଧାନ, ପ୍ରାଣୀ ବିଜ୍ଞାନ ଅଧାପକ ଭାସ୍କର ଚନ୍ଦ୍ର ଗୌଡ଼ ଯୋଗ ଦେଇଥିଲେ। ଯୁଧିଷ୍ଠିର ବିଦ୍ୟାପୀଠର ଛାତ୍ର ଜ୍ୟୋତିରଞ୍ଜନ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

### ବିକ୍ରମଙ୍କ ଜନ୍ମଦିନରେ ଶୁଭେଚ୍ଛୁଙ୍କ ଭିଡ଼

ଭଞ୍ଜନଗର,୨୮।୯(ଡି.ଏନ.ଏ) ଭଞ୍ଜନଗର ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶନିବାର ୫୭ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ଅଗଝୋଳସ୍ଥିତ ବାସଭବନରେ ଶୁଭେଚ୍ଛୁଙ୍କ ଭିଡ ଜମିଥିଲା। ବିକ୍ରମ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସେ ସଭାପତି ଥିଲେ। ଏହାପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସଭାପତି ଓ ପରେ ଭଞ୍ଜନଗର ପଞ୍ଚାୟତ ସମିତି ଅଧକ୍ଷ ହୋଇଥିଲେ। ଏହାପରେ ୧୯୯୫ ସାଧାରଣ ନିର୍ବାଚନରେ ଜନତା ଦଳରୁ ଟିକେଟ ପାଇ ବିଧାୟକ ଭାବେ ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ କମ୍ ବୟସରେ ନିର୍ବାଚିତ ହୋଇଥିଲେ। ଲଗାତର ୬ଥର ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ବିକ୍ରମ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବା ସହ ବିଭିନ୍ନ ସମୟରେ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଛନ୍ତି।

### ବନମାଳୀଙ୍କ ଶୋକସଭା

ଭଞ୍ଜନଗର,୨୮।୯(ଡି.ଏନ.ଏ)- ଭଞ୍ଜନଗର ସହର ଲଣ୍ଡେଇସାହି ବାସିନ୍ଦା ବିଶିଷ୍ଟ ଶିକ୍ଷାବିତ୍ ବନମାଳୀ ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ସ୍ଥାନୀୟ ବେଲେଶ୍ୱର ପୀଠରେ ଶନିବାର ଏକ ଶୋକସଭା ହୋଇଥିଲା। ଶୋକସଭାରେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ ଅଧକ୍ଷତା କରିଥିଲେ। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ରଘୁବୀର ସାଂସ୍କୃତିକ ପରିଷଦର ସଭାପତି ଗଫୁର ପ୍ରଧାନ, ସମ୍ପାଦକ ସୁରେନ୍ଦ୍ର ନାଥ ଗୌଡ, ଉଦୟନାଥ ପଣ୍ଡା, ବିଭୁ ନନ୍ଦନ ମିଶ୍ର, ଖଲ୍ଲିକୋଟ କଲେଜର ବରିଷ୍ଠ ଅଧାପକ ପଞ୍ଚାନନ ଗୌଡ, ଅନୁପମ ବାନାର୍ଜି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ୪ ଲୁଟ୍ ମାମଲାରେ ସମ୍ପୃକ୍ତଙ୍କୁ ଧରିଲା ପୋଲିସ

# ୭.୨ କି.ଗ୍ରା. ରୁପା, ୪୯ ହଜାର ଟଙ୍କା ଜବତ

ଛତ୍ରପୁର,୨୮।୯(ଡି.ଏନ.ଏ.)

ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ୪ ଲୁଟ୍ ମାମଲାରେ ସମ୍ପୃକ୍ତଙ୍କୁ ପୋଲିସ ଗିରଫ କରିଛି। ୩ ସ୍ଥାନରୁ ରୁପା ଅଳଙ୍କାର ଏବଂ ଗୋଟିଏ ସ୍ଥାନରୁ ଟଙ୍କା ଲୁଟ୍ ଘଟଣାରେ ଜଣଙ୍କର ସମ୍ପୃକ୍ତି ଅଛି । ସେ ହେଲେ ଆସିକା ଥାନା ବରଗାଁର ଏ. ଶେଖର (୨୯)। ତା ଠାରୁ ୭.୨କି.ଗ୍ରା. ରୁପା ଅଳଙ୍କାର, ୪୯ ହଜାର ଟଙ୍କା ଓ ଗୋଟିଏ ମୋଟରସାଇକଲେ ଜବତ କରାଯାଇଛି। ଶନିବାର ଅପରାହ୍ନରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବ୍ରିଜେଶ କୁମାର ରଏ ଉପରୋକ୍ତ ସୂଚନା ଦେଇଛନ୍ତି। ଉକ୍ତ ଲୁଟ୍ ମାମଲାଗୁଡିକରେ ଆସିକା ଥାନା ଅଞ୍ଚଳର ଆଉ ୩ ଜଣଙ୍କ ସମ୍ପୃକ୍ତି ରହିଛି । ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଏସ୍‌ପି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବେଲଗୁଣ୍ଠା ଫାଣ୍ଡି ଅଞ୍ଚଳରେ ହୋଇଥିବା ରୁପା ଅଳଙ୍କାର ଲୁଟ୍ ମାମଲାର ତଦନ୍ତ କରୁଥିବାବେଳେ ଏଥିରେ ସମ୍ପୃକ୍ତ ଶେଖର ଧରାପଡିଥିଲେ । ପରେ ଛତ୍ରପୁର ଥାନା ଅଞ୍ଚଳରେ ହୋଇଥିବା ୨ ରୁପା ଅଳଙ୍କାର



ଏସ୍‌ପି ସୂଚନା ଦେଉଛନ୍ତି।

ଲୁଟ୍ ଏବଂ ରମ୍ଭା ଥାନା ଅଞ୍ଚଳରେ ହୋଇଥିବା ଟଙ୍କା ଲୁଟ୍ ମାମଲାରେ ଶେଖର ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅନ୍ୟ କୌଣସି ମାମଲାରେ ଶେଖର ସମ୍ପୃକ୍ତ ଅଛି ତାର ଖୋଳତାଡ଼ ଚାଲିଛି।

ପ୍ରକାଶଯେ, ଚଳିତ ମାସ ୧୪ ତାରିଖରେ ଉତ୍ତ୍ରାର ବ୍ୟବସାୟୀ ଲକ୍ଷ୍ମଣ ଦାସଙ୍କଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରୁପା ଅଳଙ୍କାର ଲୁଟ୍ ହୋଇଥିଲା । ଏନେଇ ଲକ୍ଷ୍ମଣଙ୍କ ଏତଲାକୁ ଭିତ୍ତିକରି ବେଲଗୁଣ୍ଠା ଫାଣ୍ଡି ପକ୍ଷରୁ ଏକ ମାମଲା (ନଂ-୨୯୦/୧୯) ରୁଜୁ କରି ତଦନ୍ତ କରାଯାଇଥିଲା। ଏହି ମାମଲାରେ ୬.୭ କି.ଗ୍ରା ରୁପା ଅଳଙ୍କାର ଜବତ ହୋଇଛି । ସେହିପରି ଚଳିତ ମାସ ୬ ତାରିଖରେ ରମ୍ଭା ଥାନା ସାବୁଳିଆ ଗାଁର ଇନ୍ଦ୍ରମଣି ଦଳାଇ ବ୍ୟାଙ୍କରୁ ୪୯ ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ସାଇକେଲରେ ଗାଁକୁ ଫେରୁଥିଲେ। ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଇନ୍ଦ୍ରଙ୍କ ଉପରେ ଛେପ ପକାଇଥିଲେ । ପରେ ଇନ୍ଦ୍ର ଛେପ ପଡିଥିବା ସ୍ଥାନକୁ ଧୋଉଥିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗ ଦୁର୍ବୃତ୍ତମାନେ ତାଙ୍କ ଠାରୁ ଛଡାଇ ନେଇ ଯାଇଥିଲେ । ଏନେଇ ଇନ୍ଦ୍ରଙ୍କ ଏତଲାକୁ ଭିତ୍ତିକରି ରମ୍ଭା ପୋଲିସ ଏକ ମାମଲା (ନଂ-୧୭୭/୧୯) ରୁଜୁ କରିଥିଲା। ଏହି ୪୯ ହଜାର ଟଙ୍କା ଜବତ ହୋଇଛି । ଅଗଷ୍ଟ ୨୮ ରେ ଛତ୍ରପୁର ଥାନା ମୁନିସିପେଣ୍ଟ ଗାଁରେ ଲଣ୍ଡାବାଉଁଶ ଗାଁର ବ୍ୟବସାୟୀ ସୀମାଞ୍ଚଳ ସାହୁଙ୍କଠାରୁ ରୁପା ଅଳଙ୍କାର ବ୍ୟାଗ୍ ଲୁଟ୍ ହୋଇଥିଲା । ଏଥିରେ ୪.୮ କି.ଗ୍ରା ଅଳଙ୍କାର ଥିଲା । ସୀମାଞ୍ଚଳଙ୍କ ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ମାମଲା (୨୦୬/୧୯) ରୁଜୁ କରିଥିଲା। ଏହି ଲୁଟ୍‌ରେ ଗିରଫ ଶେଖରଙ୍କଠାରୁ ୧୦୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି । ସେହିପରି ମାର୍ଚ୍ଚ ୬ ରେ ଗଞ୍ଜାମ ଥାନା ଦାମୋଦରପୁରର କଣ୍ଟୁରୁ ନାୟକ ନାମକ ବ୍ୟବସାୟୀଙ୍କଠାରୁ ଛତ୍ରପୁର ରାମନଗର ପ୍ରଥମ ଲେନ୍‌ରେ ୪ କି.ଗ୍ରା. ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ତାଙ୍କ ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ଏକ ମାମଲା (ନଂ-୪୦/୧୯) ରୁଜୁ କରିଥିଲା । ଏହି ମାମଲାରେ ଶେଖରଙ୍କଠାରୁ ୪୦୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଭଞ୍ଜନଗର ଆଇଆଇସି ସୁଦୀପ୍ତ କୁମାର ସାହୁ, ରମ୍ଭା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ, ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଏନ୍ଏସି

# ସହର ଉନ୍ନତି ପାଇଁ ଭାଜପାର ଦାବିପତ୍ର



ଭାଜପା ପକ୍ଷରୁ ଇଓଙ୍କୁ ଦାବିପତ୍ର ପ୍ରଦାନ।

ଗଞ୍ଜାମ,୨୮।୯(ଡି.ଏନ.ଏ.)

ଦୀର୍ଘ ୧୦ ବର୍ଷ ଧରି ଗଞ୍ଜାମ ସହରର ବିକାଶ ହୋଇ ନ ଥିବା ଗଞ୍ଜାମ ବ୍ଲକ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ସହରରେଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ଭାଜପା ଏନ୍‌ଏସି ମଣ୍ଡଳ ତରଫରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ସୁନୀଲ କୁମାର ଗୁଡୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ମୁଖ୍ୟ ନାଳର ପୁନରୁଦ୍ଧାର, ନାଳ ଉପରୁ ଜବରଦଖଲ ଉଚ୍ଛେଦ, ବିଭିନ୍ନ ୱାର୍ଡର ଅଳିଆ ଆବର୍ଜନା ପାଇଁ ଡମ୍ପିଂୟାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ ଦିଆଯାଉଥିବା ବେଳେ କିଛି କର୍ମଚାରୀ ଅନିୟମିତତା କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜାତୀୟ ରାଜପଥ ରାସ୍ତା ସମ୍ପ୍ରସାରଣ ହେବାକୁ ଥିବାବେଳେ ଉଠା ଦୋକାନୀଙ୍କୁ ଥଇଥାନ, ରଷିକୁଲ୍ୟା ନୂତନ ପୋଲ ନିର୍ମାଣ, ଯାତ୍ରୀ ବିଶ୍ରାମାଗାର ଏବଂ ଶୌଚାଳୟ ଆଦି ବ୍ୟବସ୍ଥା କରିବାପାଇଁ ଭାଜପା ଦାବିପତ୍ରରେ ଦର୍ଶାଇଛି। ଦାବିପତ୍ର ପ୍ରଦାନବେଳେ ଏନ୍‌ଏସି ମଣ୍ଡଳ ସଭାପତି କାନ୍ତାରୀ ଦଳାଇ, ସୁଦାମ ଜେନା, ଭଗବାନ ପ୍ରଧାନ, ଗୁରୁ ରାଉଳ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ପୂର୍ବତନ କାଉନ୍‌ସିଲର ଧନୁର୍ଦ୍ଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅହିଂସା ରଥକୁ ସ୍ୱାଗତ



ଶେରଗଡ଼,୨୮।୯(ଡି.ଏନ୍.ଏ.)

ଶେରଗଡ଼ ବିଜେଡି ପକ୍ଷରୁ ଅହିଂସା ରଥକୁ ବ୍ଲକର ୪ ପଞ୍ଚାୟତରେ ସମ୍ବର୍ଦ୍ଧନା ଦିଆଯାଇଛି। ମହୁପଦର ପଞ୍ଚାୟତରେ ସରପଞ୍ଚ ଟୋକିଆ ପ୍ରଧାନ ଓ କାଳୁ ଗୌଡ଼, ଶେରଗଡ଼ ଚାରିଛକରେ ବିଜୁ ଯୁବବାହିନୀ ସଦସ୍ୟମାନେ ରଥକୁ ପାଛୋଟି ନେଇଥିଲେ। ଚାରିଛକରେ ଅହିଂସା ଉପରେ ଏକ ସାମାଜିକ ନାଟକ ପରିବେଷଣ କରିଥିଲେ। ଏହାପରେ ରଥ ଧନନ୍ତର ଓ ଗୋବିନ୍ଦପୁର ପଞ୍ଚାୟତ ହୋଇ ହିଞ୍ଜିଳି ଅଭିମୁଖେ ଯାତ୍ରା କରିଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୋଧୁରୀ, ହୃଷୀକେଶ ପାଢ଼ୀ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ସାମାଜିକକର୍ମୀ ଦୁର୍ଗାମାଧବ ବିଷୋୟୀ, ଅନୀଲ କୁମାର ମହାପାତ୍ର, ମେଘନାଦ ଦାସ ଉପସ୍ଥିତ ଥିଲେ।

# କେଏସ୍‌ୟୁବି କଲେଜରେ ଅଭିଭାବକ ସମ୍ମିଳନୀ



ପ୍ରାଧ୍ୟାପକ ଏସ୍.କେ.ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୨୮।୯(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ଶୁକ୍ରବାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ଏସ୍. କେ. ମିଶ୍ର, ଡ. ବିନୋଦ ଦାସ, ଡ. ରବୀନ୍ଦ୍ର ନାଥ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗନେଇ ସରକାରଙ୍କ ନୂଆ ଶିକ୍ଷାନୀତି, ଅଭିଭାବକ ସମ୍ମିଳନୀ ସମ୍ପର୍କରେ କହିଥିଲେ। ସେହିଭଳି ଗାଲେରୀ ଦଣ୍ଡପାଣି ମହାର୍ଥା କଲେଜରେ ମଧ୍ୟ ଶୁକ୍ରବାର ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସହ ଅଭିଭାବକ ସମ୍ମିଳନୀ ହୋଇଥିଲା। ଅଧକ୍ଷ ସୁଶାନ୍ତ କୁମାର ନାୟକ ବୈଠକରେ ସଭାପତିତ୍ୱ କରିଥିବାବେଳେ ଛାତ୍ରୀ ମମତା ରାଉଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ଲିଜାରାଣୀ ସଭା ସଂଯୋଜନା କରିଥିବାବେଳେ ମୁକୁଶ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆଁମଡ଼ା ଯାତ୍ରା ଉଦ୍‌ଯାପିତ

ରାମଗିରି,୨୮।୯(ଡି.ଏନ.ଏ.)

ଗଜପତି ଜିଲା ରାମଗିରିସ୍ଥିତ ପ୍ରସିଦ୍ଧ ମା' କୁରେଇଶୁଣିଙ୍କ ନିଆଁମଡ଼ା ଯାତ୍ରା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଦିନ ତମାମ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସାଢେ ୮ଟାରେ ବେଜୁ (ଯାହାଙ୍କ ଦେହରେ ମା' ପ୍ରସନ୍ନ ହୁଅନ୍ତି) ପନିକି ପଟା ଉପରେ ବସି କିଛି ବ୍ୟକ୍ତିଙ୍କର ମୁଠି ଦେଖିଥିଲେ। ପରେ ରାତି ୯ଟାରେ ସିଧା ଯାତ୍ରା ପଡ଼ିଆର ନିଆଁ ମହାସ୍ଥଳକୁ ଯାଇଥିଲେ। ସେଠାରେ ଅପେକ୍ଷା କରି ରହିଥିବା ମାନସିକଧାରୀ ବେଜୁଙ୍କୁ ବନ୍ଦାପନା କରିଥିଲେ। ପରେ ଲୁହାରେ ନିର୍ମିତ କଣ୍ଟା ଦୋଳି ଉପରେକୁ ଯାଇ ବସିବା ପରେ ସେଠି ମଧ ପ୍ରଥମେ ମୁଠି ଦେଖା କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଏକ ପୋଢ଼ ବଳି ଦିଆଯାଇଥିଲା। ପରେ ବେଜୁ କଣ୍ଟା ଦୋଳିରୁ ଓହ୍ଲାଇ ସିଧା ନିଆଁମଡ଼ା ସ୍ଥଳକୁ ଯାଇଥିଲେ। ପ୍ରଥମେ ବେଜୁ ନିଆଁ ଉପରେ ଚାଲିବାପରେ ଉପସ୍ଥିତଥିବା ଲୋକମାନଙ୍କୁ ସେହି ନିଆଁରେ ଚାଲିବାକୁ ସୁଯୋଗ ଦିଆଯାଇଥିଲା। ମା'ଙ୍କର ଏହି ଅଲୌକିକ ଶକ୍ତି ଦେଖିବା ପାଇଁ ଜିଲା ତଥା ଜିଲା ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ୍ୟ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥାନାଧିକାରୀ ବିକାଶ ସେଠି ସହଯୋଗ କରିଥିଲେ।

# ବିଧାୟିକା, ଏମ୍‌ପିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ଏମ୍‌ପି ଓ ବିଧାୟିକା।

ଚିକିଟି,୨୮।୯(ଡି.ଏନ.ଏ.)

ଚିକିଟି ବିଧାୟିକା ଉଷା ଦେବୀ ଓ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଶନିବାର ମଧ୍ୟାହ୍ନରେ ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ୨୪ କୋଟି ଟଙ୍କାରେ ନିର୍ମିତ ବାହିନୀପତି ଗ୍ରାମସ୍ଥିତ ପୂର୍ତ୍ତ ବିଭାଗ ରାସ୍ତାଠାରୁ ମା' ବାଳକୁମାରୀ ପୀଠ ପର୍ଯ୍ୟନ୍ତ ପ୍ରାୟ ୧୨ କିମି ରାସ୍ତାର ଉଦ୍‌ଘାଟନ କରିଥିଲେ। ଏଥିସହିତ ମା'ଙ୍କ ପାଦ ଦେଶଠାରୁ ପୀଠ ପର୍ଯ୍ୟନ୍ତ ୨୫ ଲକ୍ଷ ଟଙ୍କା ବିନିମୟରେ ଲଗାଯାଇଥିବା ୯୦ଗୋଟି ସୋଲାର ଆଟୋମେଟିକ୍ ଷ୍ଟ୍ରିଟ୍‌ଲାଇଟ୍‌କୁ ଲୋକାର୍ପିତ ସହ ପୀଠରେ ନିର୍ମିତ ହୋଇଥିବା ବିଶ୍ରାମାଗାର ଓ ରୋଶେଇଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ପୀଠକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ମନ୍ଦିର ପରିଚାଳନା କମିଟି ମୁଖ୍ୟ ଟ୍ରଷ୍ଟି ସୁରେନ୍ଦ୍ର ମଣ୍ଡଳ ଦାବି ଜଣାଇଛନ୍ତି। ପାହାଡ ପାଦଦେଶରୁ ମା'ଙ୍କ ପୀଠ ଯାଏ ରୋପ୍‌ୱେ ପ୍ରତିଷ୍ଠା ପାଇଁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହରିଣ ପାର୍କ କରିବା ପାଇଁ ମଧ କେନ୍ଦ୍ର ସରକାରଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଚିକିଟି ବିଡିଓ ଫାଲ୍‌ଗୁନୀ ମାଝି, ପୂର୍ତ୍ତ ବିଭାଗର ଉପନିର୍ବାହି ଯନ୍ତ୍ରୀ ଉପେନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ ରବି ପ୍ରସାଦ ଶର୍ମା, ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ, ଅଧୀକ୍ଷଣ ଯନ୍ତ୍ରୀ ବିନୋଦ କୁମାର ପାଢୀ, ବ୍ଲକ୍ ଅଧ୍ୟକ୍ଷା ଏମ୍ ପଦ୍ମା, ପୂର୍ବତନ ଅଧକ୍ଷ ଏମ୍. ନାଗରାଜ୍, ଜିଲା ପରିଷଦ ସଭ୍ୟ ଏ. ଗୁନାମା, ବ୍ଲକ୍ ବିଜେଡି ସଭାପତି ହାରମ୍ଭ ରେଡ୍ଡୀ, ବ୍ଲକ ବିଜେଡି ଯୁବ ସଭାପତି ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା

ଭଣ୍ଡାରିପୋଖରୀ, ୨୮।୯ (ଡି.ଏନ.ଏ.):

ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ପରିସରରେ ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୩ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ପାଇଁ ୧ମ ବର୍ଗ, ଚତୁର୍ଥ ଓ ପଞ୍ଚମ ୨ୟ ବର୍ଗ, ଷଷ୍ଠ ଓ ସପ୍ତମ ୩ୟ ବର୍ଗ ଚିତ୍ରାଙ୍କନ ପ୍ରତିଯୋଗିତରେ ମୋଟ ୫୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରବନ୍ଧ ପ୍ରତିଯୋଗିତାରେ ୨୮ ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଲାଗି ବିଷୟବସ୍ତୁ ଥିଲା 'ସ୍ୱଚ୍ଛତା ହିଁ ସେବା'। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ ବୋଲି ସହକାରୀ ଯନ୍ତ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ସୁସ୍ମିତା ସ୍ୱାଇଁ, ଦମୟନ୍ତୀ ଦାସ, ପ୍ରତିଭା ନାୟକ, ବିଶ୍ୱପ୍ରଭା ପଲେଇ, ସୁଶାନ୍ତ ସେନାପତି, କେଶବ ଚନ୍ଦ୍ର ସେଠୀ, ଦିଲୀପ ଜେନା, ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବି.ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ର: ରୋଗୀ କଲ୍ୟାଣ ସମିତି ବୈଠକ

ଆର.ଉଦୟଗିରି, ୨୮।୯(ଡି.ଏନ.ଏ.)- ଗଜପତି ଜିଲା ନୂଆଗଡ ବ୍ଲକର ବି.ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଅଧକ୍ଷତା କରିଥିଲେ। ସଭା ସମ୍ପାଦକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଯୋଗଦେଇ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନୂଆଗଡ ବ୍ଲକ ଅଧକ୍ଷା ଗୁଡୁବାଇ ମଣ୍ଡଳ, ବିଡିଓ ପ୍ରଫୁଲ୍ଲ କୁମାର କୁଜୁମ୍, ନୂଆଗଡ ସରପଞ୍ଚ ମୀନ ମଣ୍ଡଳ, ଲିବିନ ରଇତ ଏବଂ ଅନ୍ୟାନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧାନ ସହ ରୋଗୀ ମାନଙ୍କ ନିମନ୍ତେ ଉନ୍ନତ ଧରଣର ଉପଚାର ପାଇଁ ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥା କରିବା ସହ ଡ୍ରେନେଜ ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିର୍ମାଣ ହୋଇଥିବା ପାଣିଟାଙ୍କି ଅସମ୍ପୂର୍ଣ୍ଣ ରହିଛି, ତାହାକୁ ସମ୍ପୂର୍ଣ୍ଣ କରିବାକୁ ବିଧାୟକଙ୍କୁ ସ୍ୱାସ୍ଥ୍ୟ ଅଧିକାରୀ ଅନୁରୋଧ କରିଥିଲେ। ତୁରନ୍ତ ଶେଷ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବୈଠକରେ ନୂଆଗଡ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକକୁ ଅଞ୍ଚଳର ଖବରଦାତାଙ୍କୁ ଡ଼କା ଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା।

## ୧୧ନଂ. ୱାର୍ଡ କାର୍ଜିସାହି

# ଡ୍ରେନ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସି ଗଠନ ହେବା ଦିନଠାରୁ ଅର୍ଥାତ୍ ବର୍ଷବର୍ଷ ବିତିଗଲେ ମଧ ସ୍ଥାନୀୟ ଏନ୍‌ଏସି ୧୧ନଂ. ୱାର୍ଡ କାର୍ଜି ସାହିରେ ଅଦ୍ୟାବଧି ଡ୍ରେନଟିଏ ହୋଇପାରିଲା ନାହିଁ। ତେଣୁ ଉକ୍ତ ସାହିବାସିନ୍ଦା ଏନେଇ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଗଞ୍ଜାମ ଜିଲାପାଳଙ୍କ ନିକଟରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଏନ୍‌ଏସିରେ ବର୍ତ୍ତମାନ ବିଭିନ୍ନ କାମ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଟେଣ୍ଡର ହେଉଛି। କିନ୍ତୁ କାର୍ଜିସାହିରେ ଡ୍ରେନ ନିର୍ମାଣ ପାଇଁ ଟେଣ୍ଡର ନ ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଅଞ୍ଚଳବାସୀ। ଏ ସମ୍ପର୍କରେ ସାହିବାସିନ୍ଦା ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ଶୁଣୁନଥିବା ଅଭିଯୋଗ କରିଛନ୍ତି। ସାହିରେ ଡ୍ରେନ ନଥିବାରୁ ଅସରାଏ ବର୍ଷା ହେଲେ ନାଳପାଣି ରାସ୍ତାରେ ଭାସୁଛି। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଗୋଟିଏ ପଟେ ଏନ୍‌ଏସି ପ୍ରଶାସନ ସ୍ୱଚ୍ଛ ଭାରତ, ସ୍ୱଚ୍ଛ ବୁଗୁଡ଼ା ପାଇଁ ପ୍ରଚାର କରୁଥିବାବେଳେ ଡ୍ରେନଟିଏ ନିର୍ମାଣ ନ କରିବା ଆନ୍ତରିକତା ଅଭାବ ବୋଲି ଅଭିଯୋଗ ହେଉଛି। ମେ'ମାସରୁ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ମାପଚୁପ କରିଥିଲେ ମଧ ତାହା କେବଳ କାର୍ଯ୍ୟାଳୟରେ ପଡ଼ି ରହିଛି। ତୁରନ୍ତ ଏହି ସାହିର ଡ୍ରେନ ନିର୍ମାଣ କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ରୋଶନ ପ୍ରଧାନଙ୍କୁ ପଚାରିବାରୁ ଆଗାମୀ ଦିନରେ ଏହାର ଟେଣ୍ଡର କରାଯିବ ବୋଲି କହିଛନ୍ତି।

# ମା' ଚାମୁଣ୍ଡାଦେବୀ, କାଳୁଆ ପୀଠ ଚଳଚଞ୍ଚଳ

## ଦିଗପହଣ୍ଡିରେ ନବରାତ୍ର ପୂଜା ମହୋତ୍ସବ

ଦିଗପହଣ୍ଡି,୨୮।୯(ଡି.ଏନ.ଏ.)

ଦିଗପହଣ୍ଡି ସହରସ୍ଥିତ ଶ୍ରୀ ଗଡ ଚୈତନ୍ୟପୁର ଶାସନ ସାହି, ବଡ଼ ବ୍ରାହ୍ମଣ ସାହି, ପୁଞ୍ଜିକିଁୟା ଛକ, ଦୁର୍ଗା ପୂଜା ମଣ୍ଡପ ମାନଙ୍କରେ ମା'ଙ୍କ ନବରାତ୍ର ପୂଜା ମହୋତ୍ସବ ନିମନ୍ତେ ଶନିବାର ସମସ୍ତ ପ୍ରସ୍ତୁତି ସରିଛି। ରବିବାର ପୂଜାପାଇଁ ଗଙ୍ଗା ଆବାହନ, ବିଲ୍ୱ ବରଣ, ଶାଳା ସଂସ୍କାର, ଦେବୀଙ୍କ ନେତ୍ରୋତ୍ସବ, ପୂଜା ବନ୍ଦାପନା କରାଯିବ। ପୂଜା କମିଟି ପକ୍ଷରୁ ମଣ୍ଡପ ଗୁଡ଼ିକୁ ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗ ବେରଙ୍ଗ ଆଲୋକମାଳାରେ ସମସ୍ତ ସାହି ବସ୍ତି ଝଲସି ଉଠିଛି। ବଡ଼ ବ୍ରାହ୍ମଣ ସାହି ବାସିନ୍ଦାଙ୍କ ପକ୍ଷରୁ ଚଳିତବର୍ଷ ମା' ଦୁର୍ଗାଙ୍କ ୫୪ତମ ଶାରଦୀୟ ପୂଜା ଉତ୍ସବ ମହାସମାରୋହରେ କରାଯିବ ବୋଲି କମିଟି ସଭାପତି କାଳୁ ଚରଣ ପାଣିଗ୍ରାହୀ, ସମ୍ପାଦକ ଗିରିଜା ନନ୍ଦନ ମେକାପ, ବିତ୍ତ ଅଧିକାରୀ ପ୍ରଶାନ୍ତ ପୂଜାରୀ ଓ ଉପଦେଷ୍ଟା ବିଘ୍ନରାଜ ମେକାପ କହିଛନ୍ତି। ସେହିପରି ଦିଗପହଣ୍ଡି ସହର ଉପକଣ୍ଠ ଟାଙ୍ଗୁଡିଦେଇ ପର୍ବତ ଶିଖରରେ ଅବସ୍ଥାପିତ ଥିବା ମା' ଚାମୁଣ୍ଡା ଦେବୀ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଶାରଦୀୟ ନବରାତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ହେବ। ଲଗାଣ ବର୍ଷାରେ ଦେବୀ ପୀଠକୁ ଯାଇଥିବା ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ହୋଇଯାଇଛି। ନବରାତ୍ର ପୂଜା ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସୀତାରାମ ପାଣିଗ୍ରାହୀ, ପ୍ରହଲ୍ଲାଦ ସ୍ୱାଇଁ, ରଘୁନାଥ ପାଣିଗ୍ରାହୀ, ମିଲନ କୁମାର ପାଣିଗ୍ରାହୀ, ବିଘ୍ନରାଜ ପାଣିଗ୍ରାହୀ, ଶଙ୍କର୍ଷଣ ରଥ, ଅମରଦୀପ ପଣ୍ଡା, ରାକେଶ ପଶୁପାଳକ, ସୁରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ପରିଚାଳନା କରୁଥିବା ଜଣାପଡିଛି। ସେହିପରି ମହୁରି ରାଜବଂଶର ଇଷ୍ଟ ଦେବୀ ମା' କାଳୁଆଙ୍କ ପୀଠରେ ନବ ଦିନାତ୍ମକ ପୂଜା ପାଇଁ ମହାସମାରୋହରେ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଶନିବାର ଠାରୁ ପୀଠ ପରିସରରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଗହଳ ଚହଳ ଲାଗି ରହିଥିବାରୁ ଦେବୀ ପୀଠ ଚଳଚଞ୍ଚଳ ହୋଇଉଠିଛି।



# ଅଳ୍ପ ବୟସରୁ ମେଦବହୁଳତା ଓ ହୃଦ୍‌ରୋଗ







ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ

**ସମସ୍ତଙ୍କର ଧାରଣା ଯେ, ପାଶ୍ଚାତ୍ୟ ଦେଶରେ ବେଶି ମୋଟାପଣିଆ ଦେଖାଯାଏ। କିନ୍ତୁ ବର୍ତ୍ତମାନ ଭାରତ ମୋଟାପଣିଆର ଗନ୍ତାଘର ପାଲଟିଯାଇଛି। ବିଶେଷଭାବରେ ସାରା ବିଶ୍ୱର ସବୁ ଦେଶ ଅପେକ୍ଷା ଭାରତରେ ହିଁ ଅଳ୍ପ ବୟସରେ ମେଦବହୁଳଙ୍କ ସଂଖ୍ୟା ବଢ଼ିଚାଲିଛି- ଯାହାକି ହୃଦ୍‌ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟଜନିତ ଜଟିଳତା ସୃଷ୍ଟି କରୁଛି...**

ବର୍ତ୍ତମାନ ଶାରୀରିକ ପରିଶ୍ରମର ଅଭାବ, ଅସନ୍ତୁଳିତ ଖାଦ୍ୟାଭ୍ୟାସଠାରୁ ଆରମ୍ଭ କରି ଅନେକ କାରଣରୁ ଆମ ଦେଶରେ ଅଳ୍ପ ବୟସରୁ ଅନେକଙ୍କଠାରେ ମେଦବହୁଳତା ରୋଗ ଦେଖିବାକୁ ମିଳୁଛି। ଓଜନ ବେଶି ହେବାରୁ ଭବିଷ୍ୟତରେ ମଧୁମେହ ରୋଗ, ଉଚ୍ଚ ରକ୍ତଚାପ ଏବଂ ରକ୍ତରେ ଚର୍ବିର ଆଧିକ୍ୟ ବା ହାଇ କୋଲେଷ୍ଟରଲ ରୋଗର ଆଶଙ୍କା ବୃଦ୍ଧି ପାଉଛି। ବେଳେବେଳେ ଏସବୁ ରୋଗ ଅଳ୍ପ ବୟସ୍କଙ୍କଠାରେ ବି ଦେଖିବାକୁ ମିଳୁଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗର କାରଣ ସାଜୁଛି।

ଅନେକଙ୍କର ଓଜନ କିଛି କେ.ଜି. ବଢ଼ିଗଲେ ମଧ ସେମାନେ ବେଶି ମୋଟା ହୁଅନ୍ତି ନାହିଁ। କେତେଙ୍କର ଶରୀର ସାଧାରଣ ଫ୍ରେମ୍‌ଠାରୁ ବଡ଼ ଫ୍ରେମ୍‌ର ଥାଏ। ଏହାଛଡ଼ା ବର୍ଦ୍ଧନଶୀଳ ବୟସ ସହ ବିଭିନ୍ନ ପର୍ଯ୍ୟାୟରେ ଶରୀରରେ ଅଲଗା ଅଲଗା ଚର୍ବି ଗଚ୍ଛିତ ହୋଇଥାଏ। ତେଣୁ ବଢୁଥିବା ଓଜନ କେତେ କ୍ଷତିକାରକ, ତାହା ସହଜରେ ଜାଣିହୁଏ ନାହିଁ ଏବଂ କେବେକେବେ ଏହା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଏହାକୁ ଜାଣିବା ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ନିଆଯାଇ ରକ୍ତ ପରୀକ୍ଷା କରାଯାଏ।

**କାରଣ :**

**୧- ଜୀବନଶୈଳୀ :** ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ହିଁ ସେମାନଙ୍କଠାରେ ବିଭିନ୍ନ ରୋଗର ମୁଖ୍ୟ କାରଣ। ବ୍ୟାୟାମ ନ କରି ଅଳ୍ପ ପରିଶ୍ରମ କରିବା ସହ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଦ୍ୱାରା ମେଦ ବୃଦ୍ଧି ହେଉଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି।

**୨- ଖାଦ୍ୟ :** ଘରୋଇ ସନ୍ତୁଳିତ ଆହାର ଗ୍ରହଣ ନ କରି ବର୍ତ୍ତମାନ ଅଧିକାଂଶ ନିୟମିତ ଭାବରେ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା- ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ଖାଇବାକୁ ବେଶି ପସନ୍ଦ କରୁଛନ୍ତି, ଯାହା ଓଜନ ବୃଦ୍ଧି ସହ ବିଭିନ୍ନ ରୋଗର ମୁଖ୍ୟ କାରଣ।

**୩- ବ୍ୟାୟାମର ଅଭାବ :** ଦିନ ଥିଲା ଫାଙ୍କା ସମୟ ମିଳିବାମାତ୍ରେ ପିଲାମାନେ ବାହାରେ ଖେଳକୁଦ କରୁଥିଲେ। ହେଲେ ବର୍ତ୍ତମାନ ଭିଡିଓ ଗେମ୍‌ଠୁ ଆରମ୍ଭ କରି ବିଭିନ୍ନ ଇନ୍‌ଡୋର ଗେମ୍ ଖେଳିବା ସହ ଖାଉଛନ୍ତି। ଫଳରେ ଶାରୀରିକ ବ୍ୟାୟାମ ଆଦୌ ହେଉନାହିଁ। ଏଣୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ।

**୪- ପରିବାରରେ ମୋଟାପଣିଆ :** ଯାହାର ପରିବାରରେ ମା'ବାପା, ଜେଜେବାପା, ଜେଜେମା, ଅଜା, ଆଈ ବା ଅନ୍ୟ ଭାଇଭଉଣୀମାନେ ମୋଟା ଥା'ନ୍ତି, ସେମାନଙ୍କଠାରେ ବଂଶଗତ ମୋଟାପଣିଆ ଦେଖାଯାଏ।

**୫- ମାନସିକ କାରଣ :** ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ।

**ଜଟିଳତା :** ଏମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ଅନେକ ଜଟିଳତା ଦେଖାଦେଇଥାଏ।

**ଶାରୀରିକ ଜଟିଳତା :**

୧- **ଟାଇପ୍-୨ ମଧୁମେହ ରୋଗ:** ଆଦୌ କାମ ନ କରି କେବଳ ବସି ବସି ପାଠ ପଢ଼ିବା, ଭିଡିଓ ଗେମ୍ ଖେଳିବା, କମ୍ପ୍ୟୁଟର, ଟିଭି ଦେଖିବା ଯୋଗୁଁ ଟାଇପ୍-୨ ମଧୁମେହ ରୋଗ ହେବାର ଆଶଙ୍କା ବଢ଼ିଯାଏ।

**୨- ମେଟାବୋଲିକ୍ ସିଣ୍ଡ୍ରୋମ୍:** ମୋଟା ହେବା ଯୋଗୁ ଅଳସୁଆ ହେଲେ, ଭବିଷ୍ୟତରେ ହୃଦ୍‌ରୋଗ, ମଧୁମେହ ରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ, ରକ୍ତରେ ଶର୍କରା ଓ ଚର୍ବିର ଆଧିକ୍ୟ ବିଶେଷ ଭାବରେ (ଏଲଡିଏଲ) କୋଲେଷ୍ଟରଲ ହେଲେ ଏହାର କମ୍ ଅନୁପାତ (କମ୍ ଏଚ୍‌ଡିଏଲ) ତଥା ପେଟରେ ଚର୍ବି ଜମିଯିବା ଭଳି ଜଟିଳତା ଦେଖାଦେଇଥାଏ।

**୩- ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲର ଆଧିକ୍ୟ:** ଯଦି ଖାଦ୍ୟ ପଦାର୍ଥ ସ୍ୱାସ୍ଥ୍ୟକର ହୋଇ ନ ଥାଏ, ତେବେ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲ ବଢ଼ିଯିବା ଭଳି ଅସୁବିଧା ହୋଇଥାଏ। ଏହାଦ୍ୱାରା ଧମନୀର ଭିତରପଟ କାନ୍ଥରେ ଚର୍ବିଅଂଶ ଜମିଯିବାରୁ ଧମନୀ ସରୁ ଓ ଟାଣ ହୋଇଯାଏ। ଏଥିପାଇଁ ହୃଦ୍‌ଘାତ ଓ ମସ୍ତିଷ୍କାଘାତ ହୋଇଥାଏ।

**୪- ଶ୍ୱାସରୋଗ:** ମେଦବୃଦ୍ଧି ହେଲେ ଶ୍ୱାସରୋଗର ଆଶଙ୍କା ବଢ଼ିଥାଏ।

**୫- ନିଦ୍ରାଗତ ବିଶୃଙ୍ଖଳା:** ପ୍ରତିରୋଧକ ନିଦ୍ରାଗତ ବିଶୃଙ୍ଖଳା ହୋଇ ଶ୍ୱାସରୁଦ୍ଧ ହେବା (ଅବଷ୍ଟ୍ରକଟିଭ୍ ସ୍ଲିପ୍ ଆପିଆ) ଗୋଟିଏ ଗୁରୁତର ରୋଗ, ଯେଉଁଥିରେ ଶ୍ୱାସନଳୀ ବାରମ୍ବାର ବନ୍ଦ ହୋଇଯାଏ ଏବଂ ନିଦରେ ଶୋଇଥିବା ବେଳେ ଏହା ଖୋଲିଯାଏ।

**୬- ନନ୍ ଆଲ୍‌କୋହଲିକ୍ ଫ୍ୟାଟି ଲିଭର ଡିଜିଜ୍:** ଏହି ରୋଗର କୌଣସି ଲକ୍ଷଣ ନଥିଲେ ମଧ ଏହା ଯକୃତରେ ଚର୍ବି ଜମିବାରେ ସାହାଯ୍ୟ କରେ। ଜମାଟବନ୍ଧା ଚର୍ବି ଯକୃତ ବା ଲିଭରରେ କ୍ଷତ ସୃଷ୍ଟିକରି ଲିଭରକୁ ନଷ୍ଟ କରିଦିଏ।

**ସାମାଜିକ ଓ ମାନସିକ ଜଟିଳତା :** ଅନେକଙ୍କୁ ମୋଟାପଣ ପାଇଁ ବେଶୀ ଥଟ୍ଟା ଓ ଟାହିଟାପରାର ସମ୍ମୁଖୀନ ହେବାକୁ ପଡିଥାଏ। ଫଳରେ ସେମାନେ ନିଜ ଉପରୁ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହରାଇବା ସହ ସବୁବେଳେ ଉଦ୍‌ବେଗ ଜନିତ ଅବସ୍ଥାରେ ରହିଥାନ୍ତି। କେବେକେବେ ଏଥିପାଇଁ ସେମାନେ ଅବସାଦ ଗ୍ରସ୍ତ ହୋପଡନ୍ତି ଏବଂ ସେମାନଙ୍କଠାରେ ହୃଦ୍‌ରୋଗ ଆଙ୍କା ବଢ଼ିଥାଏ।

**ପ୍ରତିଷେଧକ ବ୍ୟବସ୍ଥା:**

- ଅଧିକ ମିଠା, ତେଲମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ନ ଖାଇ ସନ୍ତୁଳିତ ଖାଦ୍ୟାଭ୍ୟାସ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ।
- ଖାଇବା ସମୟରେ ମୋବାଇଲ, ଟିଭି ଆଦି ଦେଖନ୍ତୁ ନାହିଁ।
- ଶାରୀରିକ ବ୍ୟାୟାମ କରନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଶୋଇବାକୁ ଚେଷ୍ଟା କରନ୍ତୁ।
- ଅଳ୍ପ ବୟସରେ ମେଦବୃଦ୍ଧି ହେଉଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ।

-ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ
ମୋ- ୯୪୩୭୦୫୫୦୦୭

## ଏ ସପ୍ତାହର ପ୍ରଶ୍ନ

୧- 'ଗାର୍ଲ ପାୱାର: ଇଣ୍ଡିଆନ୍ ଓମେନ୍ ହୁ ବ୍ରୋକ୍ ଦ ରୁଲ୍‌ସ' ପୁସ୍ତକ ........... ଲେଖିଛନ୍ତି ?
୨- ମେନ୍ସ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନ୍‌ଶିପ୍‌ର ଫାଇନାଲ୍‌କୁ ଯାଇଥିବା ପ୍ରଥମ ଭାରତୀୟ ବକ୍ସର୍......... ?
୩- ଇଣ୍ଟରନ୍ୟାଶନାଲ୍ ଡେ ଅଫ୍ ସାଇନ୍ ଲାଙ୍ଗୁଏଜ୍ ୨୦୧୯ର ଥିମ୍ ...............?
୪- ପୃଥିବୀର ପ୍ରଥମ ଓଟ ଚିକିତ୍ସାଳୟ......... ଠାରେ ପ୍ରତିଷ୍ଠା କରାଯାଇଛି ?
୫- ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ଭାବେ.......... ଯୋଗ ଦେଇଛନ୍ତି ?

## ଗତ ଥରର ଉତ୍ତର

୧ ଏ ସଙ୍ଗ୍ ଅଫ୍ ଆଇସ୍ ଆଣ୍ଡ ଫାୟାର
୨ ସାଗରମଥା
୩ ତାମିଲନାଡୁ
୪ ଦିଲ୍ଲୀ
୫ ଡା. ଖ୍ରୀଷ୍ଟିଆନ୍ ବର୍ନାର୍ଡ୍।

## ଉତ୍ତର ଦାତା



ସହିଦ କୁମାର ବେହେରା
ଢେଙ୍କାନାଳ



ରୋହିତ କୁମାର ଦାସ
ଯାଜପୁର



ସୁପ୍ରିୟା ବେହେରା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

**ପୃଥିବୀର ସବୁଠୁ ଦାମୀ ଘର-୨୦୧୯**

| | |
|---|---|
| ୧- ଆଣ୍ଟିଲା | ୧ ବିଲିଅନ୍ ଡଲାର |
| ୨- ଭିଲା ଲିଓପୋଲ୍ଡା | ୭୩୬ ମିଲିଅନ୍ ଡଲାର |
| ୩- ଫାୟାରଫିଲ୍ଡ ପଣ୍ଡ୍ | ୧୯୮ ମିଲିଅନ୍ ଡଲାର |
| ୪- ଦି ହାର୍ଷ୍ଟ ମାନସନ୍ | ୧୬୫ ମିଲିଅନ୍ ଡଲାର |
| ୫- ଫ୍ରାଞ୍ଚକ୍ ଭିଲା | ୧୬୧ ମିଲିଅନ୍ ଡଲାର |
| ୬- ଦି ପିନାକ୍ଲ | ୧୫୫ ମିଲିଅନ୍ ଡଲାର |
| ୭- ଦି ମାନର୍ | ୧୫୦ ମିଲିଅନ୍ ଡଲାର |
| ୮-ଫ୍ଲର୍ ଡି ଲିସ୍ | ୧୨୫ ମିଲିଅନ୍ ଡଲାର |
| ୯- ସିଲିକନ୍ ଭ୍ୟାଲି ମାନସନ୍ | ୧୦୦ ମିଲିଅନ୍ ଡଲାର |
| ୧୦- ରିବୋଲୋଭେଭ୍ ଇଷ୍ଟେଟ୍ | ୯୫ ମିଲିଅନ୍ ଡଲାର |

### ଅଭୁଲା ଅନୁଭୂତି

## କେମିତି ଦେହରେ ଜୋସ୍ ଆସିଲା ଜାଣିନି



ଅମରେନ୍ଦ୍ର ନାରାୟଣ ଷଡ଼ଙ୍ଗୀ
ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ

ପିଲାଦିନ ସତରେ କେଡ଼େ ସୁନ୍ଦର! ମନେପଡୁଛି, ସେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥାଏ। ଖରାଦିନ ସକାଳୁଆ କ୍ଲାସ୍ ସାରି ଘରକୁ ଚାଲିଆସେ ଏବଂ ପୁଣିଥରେ ୨ଟା ବେଳେ ସ୍କୁଲକୁ ଯାଏ। କାରଣ ପ୍ରଧାନଶିକ୍ଷକ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଲାଗି ଆମ କେତେଜଣଙ୍କୁ ବାଛି ଥାଆନ୍ତି ଏବଂ ସ୍କୁଲ୍ ଛୁଟି ପରେ ଆମକୁ ପୁନର୍ବାର ପଢ଼ାଇଥାନ୍ତି। ପ୍ରତିଦିନ ଆମେ ସ୍କୁଲ୍ ଛୁଟି ପରେ ଘରୁ ଖାଇପିଇ ପୁଣି ଆସିବା ବେଳକୁ ସାର୍ ନିଘୋଡ଼ ଦିନରେ ଶୋଇ ଘୁଙ୍ଗୁଡି ମାରୁଥା'ନ୍ତି। ତେଣୁ ସେ ଉଠିବା ପର୍ଯ୍ୟନ୍ତ ପାଖାପାଖି ଏକ ଘଣ୍ଟା ଆମକୁ ଖେଳକୁଦ କରିବାକୁ ସମୟ ମିଳିଯାଏ। ଥରେ ଏଇ ଖେଳକୁଦ ଭିତରେ ହଠାତ୍ ଅଭିନୟ କରିବା ପାଇଁ ମନ ବଳିଲା। ଗାଁରେ ଅପେରାଦେଖା ଅନୁଭୂତିରୁ ପିଲାଳିଆ ଭାବନାରେ ଛୋଟିଆ ନାଟକଟିଏ ଲେଖିଲି। ଆଉ ପ୍ରତିଦିନ ଏହି ଫାଙ୍କା ସମୟରେ ନ ଖେଳି ସାଙ୍ଗମାନଙ୍କୁ ଶିଖାଇ ଧୁମ୍ ରିହର୍ସାଲ କଲୁ। ଯଦିଓ ସେହି ନାଟକ କେଉଁଠି ମଞ୍ଚସ୍ଥ ହେବାର ସମ୍ଭାବନା ନ ଥିଲା, ତଥାପି ସାଙ୍ଗମାନଙ୍କ କରତାଳିରେ ନିଜକୁ ବଡ଼ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଭାବି ୫ମ ଶ୍ରେଣୀ ଛାତ୍ରଟିର ଛାତି ଫୁଲି ଉଠୁଥିଲା। ନାଟକ କରିବାର ସେଇ ପ୍ରଥମ ପିଲାଳିଆ ନିଶାର ପୁଲକ ହିଁ ମୋତେ ପରବର୍ତ୍ତୀ ଜୀବନରେ ମଞ୍ଚଶିଳ୍ପୀ ହେବା ପାଇଁ ପ୍ରେରିତ କରିଥିଲା। ଇତିମଧ୍ୟରେ କିଛି ବର୍ଷ ବିତିଗଲା। କଲେଜ ଜୀବନରେ ଅନେକ ମଞ୍ଚରେ ଅଭିନୟ କରିବାର ସୁଯୋଗ ମିଳିଲା। ଅନେକ ପୁରସ୍କାର ମଧ ପାଇଲି। ଥରେ ଜଣେ ନାଟୁଆ ସାଙ୍ଗର ଅକାଳ ମୃତ୍ୟୁଖବର ମିଳିଲା ଏବଂ ତା' ସ୍ମୃତିରେ 'କୃଷ୍ଣଚନ୍ଦ୍ର ମେମୋରିଆଲ୍ କ୍ଲବ୍' କରି ଅନେକ ନାଟକ ପରିବେଷଣ କଲି। ହେଲେ 'ସଂଗୀତା' ନାଟ୍ୟ ସଂସ୍ଥାରେ ଯୋଗ ଦେବା ପରେ ମୋତେ ଅଭିନୟ ଜୀବନର ବାସ୍ତବ ସନ୍ତୋଷ ମିଳିଲା।

ଦିନକର ଘଟଣା। ତାଳଚେରରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ନାଟକ 'ଈଶ୍ୱର ଫେରିଯାଅ' ମଞ୍ଚସ୍ଥ ହେବାର ଥାଏ। ମୋର ଏଥିରେ ମୁଖ୍ୟ ଚରିତ୍ର, ଏଣେ ମୋତେ ୧୦୪ ଜ୍ୱର। ଦେହ ଥରୁଥାଏ। ନିର୍ଦ୍ଦେଶକ ଗୋପାଳ ଦେ' ମୋତେ ପଚାରିଲେ- ଅଭିନୟ କରିପାରିବ ତ? ମାନସିକ ସ୍ତରରେ ଦୃଢ଼ ହୋଇ 'ହଁ' କହି ମଞ୍ଚକୁ ଓହ୍ଲାଇଲି। ଏକାଥରେ ମଞ୍ଚରେ ୧ ଘଣ୍ଟା ୧୫ ମିନିଟ୍‌ର ଅଭିନୟ। କେମିତି ଦେହରେ ଜୋସ୍ ଆସିଲା ଜାଣିନି। ନାଟକ ସରି ପରଦା ପଡ଼ିବା ବେଳକୁ ମୁଁ ଏକରକମ ମୂର୍ଚ୍ଛା ଯିବା ଉପରେ। ହେଲେ ଉଦ୍ୟମ ବ୍ୟର୍ଥ ଗଲାନି, ଆମ ନାଟକ ଶ୍ରେଷ୍ଠ ବିବେଚିତ ହେଲା ଏବଂ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହେଲି। ଅଭିନୟ, ନିର୍ଦ୍ଦେଶନା ପାଇଁ ବହୁ ପୁରସ୍କାର ଓ ପ୍ରଶଂସା ପାଇଛି, ହେଲେ ସେଦିନ ପୁରସ୍କାର ପାଇବାର ମୁହୂର୍ତ୍ତ ମୋ' ଜୀବନର ଅଭୁଲା ସ୍ମୃତି।

### ଯୁ|ଥ|ଆ|ଲ|ର୍ଟ

# ମୋବାଇଲ ଧରୁଥିଲେ..




**ବର୍ତ୍ତମାନ ସମୟରେ ମୋବାଇଲ ସମସ୍ତଙ୍କ ଲାଗି ଏକ ଅତ୍ୟାବଶ୍ୟକ ଉପକରଣ ପାଲଟିଯାଇଛି। କେବଳ ଯୋଗାଯୋଗ ଲାଗି ନୁହେଁ ନିଜର ଫଟୋ, ଭିଡିଓ, ସାର୍ଟିଫିକେଟ୍, ବ୍ୟାଙ୍କ ଡିଟେଲ୍ ଭଳି ବିଭିନ୍ନ ପର୍ସନାଲ୍ ଡାଟା ଠାରୁ ଆରମ୍ଭ କରି ଅଫିସିଆଲ ଡାଟା ପର୍ଯ୍ୟନ୍ତ ସବୁକିଛି ଷ୍ଟୋର କରି ରଖି ହେଉଛି। ହେଲେ କେବେ କେବେ ଫୋନ୍ ହଜିବା କିମ୍ବା ଚୋରି ହେବା ଆଶଙ୍କା ବି ଥାଏ। ତେଣୁ କେତେକ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ...**



- ପ୍ରଥମ କଥା ହେଉଛି ମୋବାଇଲ ଫୋନ ନ ହଜିବା କିମ୍ବା ଚୋରି ନ ହେବା ଲାଗି ବାହାରକୁ ଯିବା ବେଳେ ଏହାକୁ ବ୍ୟାଗ୍ କିମ୍ବା ପକେଟ୍‌ରେ ଏପରି ରଖନ୍ତୁ ଯେପରି ହଠାତ୍ କାହା ନଜରକୁ ନ ଆସେ।
- ଦ୍ୱିତୀୟ କଥା ହେଉଛି ଫୋନ୍ ଆପଣଙ୍କର ଯେତେ ପର୍ସନାଲ୍ ହେଉ ନା କାହିଁକି, ଏଥିରେ ଏଭଳି କିଛି ଡାଟା ଷ୍ଟୋର କରି ରଖନ୍ତୁ ନାହିଁ ଯାହାକି ଅନ୍ୟ ହାତରେ ଲାଗିଲେ ତାହାର ଅପବ୍ୟବହାର ଆପଣଙ୍କୁ ଅସୁବିଧାରେ ପକାଇପାରିବ।
- ମୋବାଇଲ ଫୋନ୍‌କୁ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଏଥିପାଇଁ ଆପଣ ସିକ୍ୟୁରିଟି କୋଡ୍, ପାଟର୍ନ ହେଉ କିମ୍ବା ଫିଙ୍ଗର୍‌ପ୍ରିଣ୍ଟ ଲକ୍ ସିଷ୍ଟମର ସୁବିଧା ନେଇପାରିବେ।
- ଫୋନ୍‌ରେ କ୍ରେଡିଟ୍ କାର୍ଡ, ପାସ୍‌ୱାର୍ଡ, ଫଟୋ କିମ୍ବା ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଡାଟା ରଖିବା ନିହାତି ଜରୁରି ଥିଲେ ପାସ୍‌ୱାର୍ଡ ମ୍ୟାନେଜମେଣ୍ଟ ସଫ୍ଟୱେର୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ।
- ଫୋନ୍‌ରେ ଅପ୍‌ଲୋଡିଂ ଏବଂ ଡାଉନ୍‌ଲୋଡିଂରେ ଲକ୍ ସିଷ୍ଟମ୍ ବ୍ୟବହାର କରନ୍ତୁ। ଯାହାଦ୍ୱାରା ଆପଣଙ୍କ ବ୍ୟତୀତ ଅନ୍ୟ କେହି ଚାହିଁଲେ ଫୋନ୍‌ରୁ କୌଣସି ଡାଟା କପି କିମ୍ବା ଫର୍‌ୱାର୍ଡ କରିପାରିବେ ନାହିଁ।
- ଯଦି ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ତେବେ ସିକ୍ୟୁରିଟି ସିଷ୍ଟମ୍ ରଖନ୍ତୁ। ତଥାପି ଫୋନ୍ ହଜିବା ମାତ୍ରେ ପ୍ରଥମେ ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିଦିଅନ୍ତୁ।
- ଲାପ୍‌ଟପ୍ କିମ୍ବା ଡେସ୍କଟପ୍‌ରେ ଫୋନ୍‌ରେ ଥିବା ସମସ୍ତ ଡାଟାର ବ୍ୟାକ୍‌ଅପ୍ ରଖନ୍ତୁ।
- ଯଦି କେବେ ଫୋନ୍ ହଜେ ବା ଚୋରି ହୋଇଯାଏ ତେବେ ତୁରନ୍ତ ସିମ୍ କନେକ୍ସନ୍‌କୁ ବ୍ଲକ କରିଦିଅନ୍ତୁ ଏବଂ ନିକଟସ୍ଥ ଥାନାରେ ଏକ କମ୍ପ୍ଲେନ୍ ଲେଖାଇଦିଅନ୍ତୁ। ନଚେତ୍ ଆପଣଙ୍କ ଫୋନ୍‌ର ଅପବ୍ୟବହାର କରି କେହି କୌଣସି ଆପରାଧିକ କାର୍ଯ୍ୟ କରି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରେ ଯାତ୍ରୀ ଛାଡିଥିବା ବ୍ୟାଗ୍ ଦେଲା ଆର୍‌ପିଏଫ୍



ଛତ୍ରପୁର,୨୮।୯(ଡି.ଏନ.ଏ.): ଟ୍ରେନ୍‌ରେ ଜଣେ ଯାତ୍ରୀ ଛାଡି ଯାଇଥିବା ବ୍ୟାଗକୁ ଛତ୍ରପୁର ଆରପିଏଫ୍ ଆଉଟପୋଷ୍ଟ ପକ୍ଷରୁ ତାଙ୍କୁ ହସ୍ତାନ୍ତର କରାଯାଇଛି । ଶନିବାର ୧୮୪୩୮ ନଂ. ଏକ୍ସପ୍ରେସ୍ ଟ୍ରେନ୍‌ରେ ଭବାନୀପାଟଣାରୁ ଭୁବନେଶ୍ୱରକୁ କଟକ ନିଆଳିର ଅମିତ କୁମାର ସାହୁ ଯାଉଥିଲେ। ବ୍ରହ୍ମପୁର ଷ୍ଟେଶନରେ ଗାଡି ଅଟକିବାରୁ ପାଣି ଆଣିବାକୁ ଅମିତ ଓହ୍ଲାଇଥିଲେ । ଏହି ସମୟରେ ଟ୍ରେନ୍‌ଟି ଛାଡିଥିଲା । ଫଳରେ ଅମିତଙ୍କ ବ୍ୟାଗ୍ ଟ୍ରେନ୍‌ରେ ରହିଯାଇଥିଲା। ଏ ସମ୍ପର୍କରେ ଅମିତ ବ୍ରହ୍ମପୁର ଆରପିଫ୍ ପୋଷ୍ଟ ଏଏସ୍‌ଆଇ ବି.ଆର୍.ରାଓଙ୍କୁ ଜଣାଇଥିଲେ । ପରେ ଆରପିଏଫ୍‌ର ଏଏସ୍‌ଆଇ ଏ ସମ୍ପର୍କରେ ଛତ୍ରପୁର ଆରପିଏଫ୍ ଆଉଟପୋଷ୍ଟରେ ଡ୍ୟୁଟିରେ ଥିବା ହେଡ୍ କନଷ୍ଟେବଲ ଏଚ୍.ଏସ୍.ପଟ୍ଟନାୟକଙ୍କୁ ଜଣାଇଥିଲେ । ଛତ୍ରପୁର ଷ୍ଟେଶନରେ ପହଞ୍ଚିବା ପରେ ଉକ୍ତ ଟ୍ରେନ୍‌ରୁ ଅମିତଙ୍କ ବ୍ୟାଗକୁ ସେ ପାଇଥିଲେ । ପରେ ଅମିତ ଛତ୍ରପୁର ଆରପିଏଫ୍ ଆଉଟପୋଷ୍ଟକୁ ଆସିଥିଲେ । ଆରପିଏଫ୍ ପକ୍ଷରୁ ବ୍ୟାଗ ତାଙ୍କୁ ହସ୍ତାନ୍ତର କରାଯାଇଥିଲା ।

### ଗଞ୍ଜାମ ଏନ୍‌ଏସି
### ଆବାସ ଯୋଜନାରୁ ବଞ୍ଚିତ କୁନମୁନ



ଗଞ୍ଜାମ,୨୮।୯(ଡି.ଏନ.ଏ.): ସରକାର ଗରିବ ଲୋକମାନଙ୍କ ଲାଗି ପକ୍କାଘର ଯୋଗାଇଦେବା ପାଇଁ ଆବାସ ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନା କିଛି ସ୍ଥାନରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ଏହା ଦେଖିବାକୁ ମିଳିଛି ୱାର୍ଡ ନଂ. ୩ ବଜାର ଗୌଡ଼ ସାହି କୁନମୁନଙ୍କ ପରିବାର କ୍ଷେତ୍ରରେ। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ କୁନମୁନଙ୍କ ପରିବାର ଉକ୍ତ ସ୍ଥାନରେ ମାଟି ଘର ନିର୍ମାଣ କରି ରହୁଛନ୍ତି। ଉପରେ ଛିଣ୍ଡା ଜରିପାଲ ପକାଇ ଦିନ କାଟୁଛନ୍ତି । ଲଗାଣ ବର୍ଷାରେ ଗୋଟିଏ ମାଟି କାନ୍ଥ ଗୁରୁବାର ଭାଙ୍ଗି ଯାଇଛି। କୁନମୁନଙ୍କ ପରିବାର କହିଲେ ସ୍ତ୍ରୀ ଗୀତାଞ୍ଜଳି ଓ ଝିଅ ଲକ୍ଷ୍ମୀ। କୁନମୁନ କଲର ମିସ୍ତ୍ରି ଭାବେ କାମ କରନ୍ତି। ମୂଲ ଲାଗିଲେ ପରିବାର ଚଳେ। ଏମିତି ପରିସ୍ଥିତିରେ ଆବାସ ଯୋଜନାରେ ଘରଟିଏ ମିଳିନି। ବର୍ଷାଦିନ ହେଲେ ପିଲାଙ୍କୁ ନେଇ ଯେକୌଣସି ସରକାରୀ ପିଣ୍ଡାରେ ରୋଷେଇ କରି ଖାଇ ପିଇ ରାତି ଉଜାଗର ରହନ୍ତି ବୋଲି କୁନମୁନଙ୍କ ସ୍ତ୍ରୀ ଗୀତାଞ୍ଜଳି କହିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁଙ୍କୁ ପଚାରିବାରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଠାଇ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ■ ସୁଲୁବା ବିଦ୍ୟାଳୟ
# ମଧ୍ୟାହ୍ନଭୋଜନ ପରେ ସ୍କୁଲରେ ଝୁଲୁଛି ତାଲା

ଚନ୍ଦ୍ରଗିରି, ୨୮।୯

ଶିକ୍ଷାର ବିକାଶ ପାଇଁ ସରକାର ଗାଁ ଗାଁରେ ବିଦ୍ୟାଳୟ ଖୋଲିଛନ୍ତି। ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କରିବା ଏବଂ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ସ୍କୁଲରେ ସକାଳ ୯ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିବା ପାଇଁ କଡ଼ା ନିର୍ଦ୍ଦେଶ ମଧ୍ୟ ଜାରି କରାଯାଇଛି। କିନ୍ତୁ କେତେକ ସ୍ଥାନରେ ସରକାରୀ ନିର୍ଦ୍ଦେଶକୁ ବେଖାତିର କରାଯାଉଛି। ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟରେ ଝୁଲୁଛି ତାଲା। ଏହା ଦେଖିବାକୁ ମିଳିଛି ମୋହନା ବ୍ଲକ ସୁଲୁବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ମୋହନା ବ୍ଲକରୁ ୨୫ କିମି ଦୂର ଏହି ବିଦ୍ୟାଳୟ। ଶୁକ୍ରବାର ସାଢେ ୨ଟାରେ ଉକ୍ତ ବିଦ୍ୟାଳୟର ଶ୍ରେଣୀ ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ସ୍କୁଲରେ କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ ନଥିବା ବେଳେ ପଢ଼ିବା ସମୟରେ




ସୁଲୁବା ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ସହ ସ୍ଥାନୀୟ ଯୁବକ।

### ପଢା ସମୟରେ ଖେଳୁଛନ୍ତି ପିଲା

କିଛି ପିଲା ପଡ଼ିଆରେ ଖେଳୁଥିଲେ। ତାଙ୍କ ପାଖରେ ବହିବସ୍ତାନି ନ ଥିବା ଦେଖିବାକୁ ମଳିଥିଲା। ବିଦ୍ୟାଳୟର ଫଳକ ପ୍ରକାରେ, ୧୯୫୩ରେ ସାଲୁବା ବିଦ୍ୟାଳୟ ସ୍ଥାପିତ ହୋଇଥିଲା। କିନ୍ତୁ ଶୁକ୍ରବାର ସ୍କୁଲ କାହିଁକି ବନ୍ଦ ରହିଛି ବୋଲି ଛାତ୍ରୀଛାତ୍ରଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକ ଭାବେ ଲକ୍ଷ୍ମୀକାନ୍ତ ପାଳ, ଅନ୍ୟ ୨ ସହକାରୀ ଶିକ୍ଷକ ସନ୍ନ୍ୟାସୀ ଭୂୟାଁ ଓ ପୂର୍ଣ୍ଣଚନ୍ଦ୍ର ମାଳି ମୋଟ ୩ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ଆସି ମଧ୍ୟାହ୍ନ ଭୋଜନ ଦେବା ପରେ କୌଣସି କାମ ଅଛି ବୋଲି କହି ବିଦ୍ୟାଳୟରେ ତାଲା ପକାଇ ଚାଲିଗଲେ ଏବଂ ଅନ୍ୟ ଦୁଇଜଣ ଶିକ୍ଷକ ଆସିନାହାନ୍ତି ବୋଲି ସେମାନେ କହିଥିଲେ।

ଏ ନେଇ ସ୍ଥାନୀୟ ଲୋକେ କହିଛନ୍ତି, ସ୍କୁଲର ଦୁଇଟି କକ୍ଷରେ ୩୦ ରୁ ୪୦ ପିଲା ପାଠ ପଢୁଛନ୍ତି। ଆଉ ଗୋଟିଏ ଗୃହରେ ଜଣେ ଶିକ୍ଷକ ବେଳେ ବେଳେ ରହୁଛନ୍ତି ବୋଲି କହିଥିଲେ। ବିଦ୍ୟାଳୟକୁ ୭୦ ବର୍ଷ ପୂରଣ ହେବାକୁ ଗଲାଣି। କିନ୍ତୁ ଏଠାକୁ ବିଭାଗୀୟ ଅଧିକାରୀ ବା ଜନପ୍ରତିନିଧିଙ୍କ ଅଣଦେଖା କାରଣରୁ ଚାରିପଟେ ପାଚେରି ନିର୍ମାଣ ହୋଇପାରୁନି। ବିଦ୍ୟାଳୟକୁ ଭଲ ରାସ୍ତାଟି ନାହିଁ କି ଅତିରିକ୍ତ ଶ୍ରେଣୀ ଗୃହ ମଧ୍ୟ ନିର୍ମାଣ ହୋଇପାରୁନି। ଛାତ୍ରୀଛାତ୍ରଙ୍କୁ ପାଠ ନ ପଢାଇ ମଧ୍ୟାହ୍ନ ଭୋଜନ ଦେବା ପରେ ବିଦ୍ୟାଳୟରେ ତାଲା ପକାଇ ଶିକ୍ଷକ ଚାଲିଯାଉଛନ୍ତି। ଏହାକୁ ତୀବ୍ର ନିନ୍ଦା କରିବା ସହ ଅନୁପସ୍ଥିତ ରହୁଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏ ନେଇ ମୋହନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୁଧିଷ୍ଠିର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବିଦ୍ୟାଳୟକୁ ସିଆର୍‌ସିସିଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ। ସମ୍ପୃକ୍ତ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ଆହତ

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ବୁଗୁଡ଼ା ସହର ଯାଦବ ସାହିର ଜଣେ ବ୍ୟକ୍ତି ଶନିବାର ସକାଳ ୯ଟାରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଯାଦବ ସାହିର ସୋମନାଥ ପାତ୍ର (୫୨)। ସେ ବୁଗୁଡ଼ା ସନ୍ତୋଷୀ ମା' ମନ୍ଦିର ପଛପଟେ ଥିବା ତାଙ୍କ ଚାଷ ଜମିରେ ଶନିବାର ସକାଳେ କାମ କରୁଥିବା ବେଳେ କୌଣସି କାରଣରୁ ସେ ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେଠାରେ ସେ ଆହତ ହୋଇ ପଡିଥିଲେ । ଖବର ପାଇ ତାଙ୍କର ସାହି ଲୋକେ ସୋମନାଥଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

### ବିଷପାନ କରି ଯୁବକ ଗୁରୁତର

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ହରିଶରଣପୁର ଗ୍ରାମର ଜଣେ ଯୁବକ ଶନିବାର ବିଷପାନ କରି ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଉକ୍ତ ଗ୍ରାମର କାହ୍ନା ସ୍ୱାଇଁ। ପାରିବାରିକ ଅଶାନ୍ତିରୁ ଯୁବକ ଜଣକ ଅଚେତ ହୋଇ ଯାଇଥିଲେ। ତାଙ୍କୁ ସଂଗେ ସଂଗେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ। ତେବେ ଅବସ୍ଥା ଗୁରୁତର ହେବା ଯୋଗୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି ।

## ■ ଖୋଜାପଲ୍ଲୀ ଗୁଳିକାଣ୍ଡ ଘଟଣା, ୪ ଗିରଫ
# ଗୋଟିଏ ବନ୍ଧୁକ, ୬ ମୋବାଇଲ, ୨ ବାଇକ୍ ଜବତ

ଖଲ୍ଲିକୋଟ,୨୮।୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଖୋଜାପଲ୍ଲୀ ଗ୍ରାମର ନୀଳକଣ୍ଠ ପରିଡ଼ା (୪୫)ଙ୍କୁ ଗତ ୭ ତାରିଖ ସନ୍ଧ୍ୟାରେ ଗୁଳି କରାଯାଇଥିଲା। ଏଥିରେ ସେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲାରେ ଶନିବାର ସ୍ଥାନୀୟ ପୋଲିସ ୪ ଜଣଙ୍କୁ କୋର୍ଟଚାଲାଣ କରିଛି। ଗିରଫ ମାନେ ହେଲେ ନୀଳକଣ୍ଠ ଶବର (କଣ୍ଟିଆ), ନିରଞ୍ଜନ ସେଠୀ, ଗଣେଶ ପ୍ରଧାନ ଓ ଶାନ୍ତନୁ ତାରିଣୀ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଗୁଳି, ୬ ମୋବାଇଲ, ୨ ବାଇକ୍ ଜବତ ହୋଇଛି। ନୀଳକଣ୍ଠଙ୍କ ଦାଦା ପ୍ରଫୁଲ୍ଲ ଚନ୍ଦ୍ରଙ୍କ ଏତଲା କ୍ରମେ ଖଲ୍ଲିକୋଟ ପୋଲିସ ନଂ. ୨୨୪/୧୯ ରେ ମାମଲା ରୁଜୁ କରିଥିଲା । ପୂର୍ବ ରାଜନୈତିକ ଶତ୍ରୁତା ଏହାର ମୁଖ୍ୟ କାରଣ ଜାଣି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା ।




ଗିରଫ ୪ ଅଭିଯୁକ୍ତ

ପୂର୍ବରୁ ନିରଞ୍ଜନଙ୍କ ମା' ସରପଞ୍ଚ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ନୀଳକଣ୍ଠ ପରିଡ଼ାଙ୍କ ଖୋଜାପଲିର ନିରଞ୍ଜନଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ନୀଳକଣ୍ଠ ଜେଲ ଯାଇଥିଲେ। ପରେ ନୀଳକଣ୍ଠଙ୍କ ସମର୍ଥକ ନିର୍ବାଚନରେ ଜିତିଥିଲେ। ନିରଞ୍ଜନ ଫର୍ଜରି ସାର୍ଟିଫିକେଟରେ ଚାକିରି କରୁଥିବା ନେଇ ନୀଳକଣ୍ଠ ପଦାରେ ପକାଇ ଦେବା ପାଇଁ କହିଥିଲେ। ଏହି ଶତ୍ରୁତାରୁ ନୀଳକଣ୍ଠଙ୍କୁ ମାରିବା ପାଇଁ ନିରଞ୍ଜନ ଯୋଜନା କରିଥିଲେ। ଯୋଜନା ପ୍ରକାରେ, ଖଲ୍ଲିକୋଟ ଥାନା ଡି.ନୂଆପଲ୍ଲୀର କଣ୍ଟିଆ, ଖୋଜାପଲ୍ଲୀର ଗଣେଶ, କୋଦଳା ଥାନା କୁମାରପାରିର ଶାନ୍ତନୁ ଏହି କାଣ୍ଡ କରିଥିଲେ। ଆଉ ଜଣେ ଅଭିଯୁକ୍ତ ଫେରାର ଥିବାର ପୋଲିସ ପ୍ରକାଶ କରିଛି। ଶୀଘ୍ର ତାଙ୍କୁ ଧରାଯିବ ବୋଲି ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ପ୍ରକାଶ କରିଥିଲେ। ଆଇଓ ସିଲୁ ଧଳ ଥିବା ବେଳେ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ପ୍ରୋବେଶନ ଡିଏସ୍‌ପି ସଞ୍ଜୟ କୁମାର ମହାପାତ୍ର ସମ୍ମିଳନୀରେ ଉପସ୍ଥିତ ଥିଲେ।

### ପୋଲସରାଠାରେ ମୋ ନିବେଦନ କାର୍ଯ୍ୟକ୍ରମ

ପୋଲସରା,୨୮।୯

ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତ କାର୍ଯ୍ୟାଳୟରେ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇଥିବା ବେଳେ ହାତୀଓଟ, କଳମ୍ବ, ଜକର, ଘୋଡ଼ାପଲାଣ ପଞ୍ଚାୟତ ଜନସାଧାରଣ ମୋଟ ୩୦୬ ଅଭିଯୋଗ କରିଥିଲେ। ସେଥିରୁ ୧୯୪ ଶୁଣାରି କରି ୧୧୨ ବିଭିନ୍ନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି ବିଡିଓ କହିଥିଲେ । ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ କାର୍ଡ ଆଦି ରହିଥିଲା । କାର୍ଯ୍ୟକ୍ରମରେ ଜିପିଓ ଗୋପବନ୍ଧୁ ବେହେରା, ହାତୀଓଟ ସରପଞ୍ଚ ନାରାୟଣ ସେଠୀ, କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସମିତିସଭ୍ୟ ସୁଶୀତ ପ୍ରଧାନ, ସୁପରଭାଇଜର ସଚଳା ପଣ୍ଡା, ଅଙ୍ଗନୱାଡ଼ି କର୍ମୀ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ମୋ ନିବେଦନ ଅଭିଯୋଗ ଶୁଣାଣି

ଧରାକୋଟ,୨୮।୯(ଡି.ଏନ.ଏ.)

ଧରାକୋଟ ବ୍ଲକ ଶରଧାପୁର ପଞ୍ଚାୟତରେ ମୋ ନିବେଦନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ବିଡିଓ ଅଜୟ କୁମାର ପ୍ରଧାନ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପଞ୍ଚାୟତ ଅଧିକାରୀ ଡି. ନରସିଂହ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ୩ ଗ୍ରାମ ପଞ୍ଚାୟତ ଯଥା ଶରଧାପୁର, ଡଉଗାଁ ଓ ଗୋଲାଦାମଦରପଲ୍ଲୀ ପଞ୍ଚାୟତର ୪୯୮ ହିତାଧିକାରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ମୁଖ୍ୟତଃ ବିଜୁ ପକ୍କାଘର, ରାଶନ କାର୍ଡ ଓ ଭତ୍ତା ପ୍ରଦାନ ନେଇ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବହୁ ପଦାଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶରଧାପୁର ସରପଞ୍ଚ ପୁଷ୍ପାଞ୍ଜଳି ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ମଲିକ ଓ ବାପୁଜୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ଅଭିଯୋଗ ଶୁଣାଣି ଚାଲିଛି।

# ଆମ ପୋଲିସ, ସ୍ୱୟଂସିଦ୍ଧ, ବରିଷ୍ଠ ନାଗରିକଙ୍କ ବୈଠକ

କବିସୂର୍ଯ୍ୟନଗର,୨୮।୯

କବିସୂର୍ଯ୍ୟନଗର ଥାନା ଆମ ପୋଲିସ ସମିତି, ସ୍ୱୟଂସିଦ୍ଧ ଓ ବରିଷ୍ଠ ନାଗରିକଙ୍କ ସଚେତନ ବୈଠକ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଥାନାଧିକାରୀ ତପନ କୁମାର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମାଜିକକର୍ମୀ ଜି.ଶମ୍ଭୁଲିଙ୍ଗମ ଆଚାରୀ, ଶରତ ଚନ୍ଦ୍ର ଦାଶ, ନିରଞ୍ଜନ ଗୌଡ଼, ଭଗବାନ ସ୍ୱାଇଁ, ରାମେଶ୍ୱର ପାତ୍ର, ପୃଥ୍ୱୀରାଜ ବିଷୋୟୀ, ରାଜେନ୍ଦ୍ର ପାତ୍ର,



ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସତ୍ୟବାନ ସାହୁ, ଶାନ୍ତନୁ ଆଚାରୀ ଓ ବ୍ଲକ ଉପାଧ୍ୟକ୍ଷା ସଂଗୀତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ରାସ୍ତାରେ ବୁଲା ଗୋରୁଙ୍କୁ ନ ଛାଡ଼ିବା, ଟ୍ରାଫିକ ନିୟମ ମାନିବା, ଏଟିଏମ୍‌ର ସତର୍କତା ବ୍ୟବହାର କରିବା ଆଦି ବିଷୟରେ ଆଲୋକପାତ କରାଯାଇଥିଲା । ସେହିପରି ଝଡ଼ାଫୁଙ୍କା, ଗୁଣିଗାରେଡ଼ି ଆଦି ଅନ୍ଧବିଶ୍ୱାସରୁ ଦୂରେଇ ରହିବା, ପୋଲିସ ଜନତା ସୁସମ୍ପର୍କ ସ୍ଥାପନ, ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିବା ଓ ସାପ କାମୁଡ଼ାରେ ମୃତ୍ୟୁବରଣ କଲେ ତୁରନ୍ତ ପୋଲିସକୁ ଜଣାଇବା ସହ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଏସ୍‌ଆଇ ଅର୍ଜୁନ କଅଁର ଧନ୍ୟବାଦ ଅର୍ପଣ କରିଥିଲେ । ଆଖପାଖ ଅଞ୍ଚଳର ବହୁ ଏସ୍‌ଏଚ୍‌ଜି ଗ୍ରୁପ, ଅଙ୍ଗନୱାଡି କର୍ମୀ ଓ ବହୁ ମହିଳା ଯୋଗ ଦେଇଥିଲେ ।

### ଜିଲାପାଳ, ଏସ୍‌ପିଙ୍କ ଛତୁଆ ପ୍ରସ୍ତୁତି ଯାଞ୍ଚ

ଆର.ଉଦୟଗିରି, ୨୮।୯(ଡି.ଏନ.ଏ.)

ନୂଆଗଡ ବ୍ଲକ ଖଜୁରିପଦାଠାରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଗଜପତି ଜିଲାପାଳ ଅନୁପମ ସାହା ଏବଂ ଏସ୍‌ପି ସାରା ଶର୍ମା ଗସ୍ତକରି ପ୍ରସ୍ତୁତି ପ୍ରଣାଳୀ ଅନୁଧ୍ୟାନ କରିଥିଲେ। ମୁଖ୍ୟତଃ ଛତୁଆ କିପରି ଭାବେ ପ୍ରସ୍ତୁତ ହେଉଛି ଓ ଏଥିରେ ଠିକ୍‌ପରିମାଣରେ ସମସ୍ତ ସାମଗ୍ରୀ ମିଶ୍ରଣ କରାଯାଉଛି କି ନାହିଁ ସେ ବିଷୟରେ ସମସ୍ତ ପ୍ରକାର ଯାଞ୍ଚ କରାଯାଇଥିଲା। ଜିଲାପାଳ ସିଡିପିଓଙ୍କ ସହ ଆଲୋଚନା କରି ଏହି ପ୍ରସ୍ତୁତି ପ୍ରକ୍ରିୟା ବିଷୟରେ ପଚାରି ବୁଝିଥିଲେ। ସେହିପରି ଏସ୍‌ପି ସାରା ଶର୍ମା ମଧ୍ୟ ଏହି ଛତୁଆ ପ୍ରସ୍ତୁତି ପ୍ରଣାଳୀର ସମସ୍ତ ବିଷୟ ଯାଞ୍ଚ କରିଥିଲେ।



ଛତୁଆ ପ୍ରସ୍ତୁତି ଯାଞ୍ଚ କରାଯାଉଛି।

# ବୁଗୁଡ଼ା ପୂର୍ତ୍ତ ବିଭାଗର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବୁଗୁଡ଼ା,୨୮।୯(ଡି.ଏନ.ଏ.)

ବୁଗୁଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱଚ୍ଛ ଭାରତକୁ ସାକାର କରିବା ଓ ପଲିଥିନମୁକ୍ତ କରିବା ସହ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ବିଭାଗୀୟ ଯନ୍ତ୍ରୀମାନେ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ତ୍ତ ବିଭାଗ ସହ ନିର୍ବାହୀଯନ୍ତ୍ରୀ ସତୀଶ କୁମାର ପଟ୍ଟନାୟକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରମେଶ କୁମାର ଚୌଧୁରୀ, ରବୀନ୍ଦ୍ର କୁମାର ପଣ୍ଡା, ପ୍ରମୋଦ କୁମାର ପଣ୍ଡା ଓ ପୂର୍ତ୍ତ ବିଭାଗର କର୍ମଚାରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ମାଇକ ଯୋଗେ ସହରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଚେତନ କରାଇଥିଲେ । ଏଥିସହ ରାସ୍ତାରେ ପଡ଼ିଥିବା ପଲିଥିନ ଓ ପ୍ଲାଷ୍ଟିକ ପଦାର୍ଥକୁ ମଧ୍ୟ ସଫା କରାଯାଇଥିଲା ।




ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ■ ନିଷ୍କାସନ ହେଉନି ବର୍ଷାଜଳ
# ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ହିଞ୍ଜିଳିକାଟୁ, ୨୮।୯(ଡି.ଏନ୍.ଏ)

ଚଳିତବର୍ଷ ବିଭିନ୍ନ ସମୟରେ ପ୍ରବଳ ବର୍ଷା ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ବର୍ଷାଜଳ ନଦୀରେ ଠିକ ଭାବରେ ନିଷ୍କାସନ ନ ହେବାରୁ ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ବ୍ଲକର ଗଣ୍ଡଳା, ବେଲଗାଁ, ଧୋବାଡ଼ି, ସାହାପୁର, ପୁଟିଆପଦର, ନନ୍ଦିକ, ରାଳବ, ଶାସନଆମ୍ବଗାଁ, ଶିକିରି, ସାରୁ ସମେତ ସ୍ଥାନୀୟ ମ୍ୟୁନିସିପାଲଟି ଅଞ୍ଚଳର ବ୍ୟାପକ ଚାଷ ଜମି ପ୍ରଭାବିତ ହୋଇଛି। ଚାଷ ଜମିକୁ ଜମି ମାଫିଆ ମାନେ କବଜା କରି ପ୍ଲଟ କରିବା ଏବଂ ଏଥିପାଇଁ ବିଭିନ୍ନ ସ୍ଥାନରେ କେନାଲ ଓ ନାଳକୁ ବନ୍ଦ କରିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ଓ ଜଳସେଚନ ବିଭାଗ ଅଧିକାରୀଙ୍କ ଦ୍ୱାରା ଅଞ୍ଚଳରେ ଜମି ରହୁଥିବା ବର୍ଷାଜଳ ନିଷ୍କାସନ କରାଯାଉ ନାହିଁ। ରାସ୍ତା ସଂପ୍ରସାରଣ ବେଳେ କେନାଲର ପୁନରୁଦ୍ଧାର ହେଉନାହିଁ। ୨ ବିଭାଗର ସମନ୍ୱୟ ଅଭାବରୁ ନିର୍ମାଣ କରାଯାଉଥିବା ରାସ୍ତା ଓ କେନାଲ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି। ହିଞ୍ଜିଳି ବ୍ଲକ ସହ ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, କୁକୁଡ଼ାଖଣ୍ଡି ଆଦି ବ୍ଲକର ବିଭିନ୍ନ ଅଞ୍ଚଳର ବର୍ଷାଜଳ ତରାତାରିଣୀ ଛକ ନିକଟ ଦେଇ ଋଷିକୂଲ୍ୟାରେ ପ୍ରବେଶ କରୁଛି। ବର୍ଷା ଜଳ ପ୍ରବେଶ ପାଇଁ ବହୁ ସମୟ ନେଉ ଥିବାରୁ ଚାଷ ଜମିରେ ପାଣି ଜମି ରହି ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ବ୍ଲକ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ଏହାର ସମାଧାନ ପନ୍ଥା ଗ୍ରହଣ ନ କଲେ କଂଗେସ ପକ୍ଷରୁ ଚାଷୀ ଆନ୍ଦୋଳନ କରାଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ପଦ୍ମଚରଣ ସାହୁ କହିଛନ୍ତି। ଏ ନେଇ ବିଭିନ୍ନ ଅଧିକାରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିବା ସାହୁ କହିଛନ୍ତି।



ବ୍ଲକର ଗଣ୍ଡଳା ନିକଟ ଚାଷଜମିରେ ପାଣି ଜମି ରହିଛି।



ସରକାରୀ ଏଜେନ୍ସି ନିକଟରେ ପର୍ଯ୍ୟାପ୍ତ ଡାଟା ଥିବା ସତ୍ତ୍ୱେ ସେମାନେ ଅଯଥାରେ ବାଣିଜ୍ୟ ଗୋଷ୍ଠୀଙ୍କୁ ହଇରାଣ କରୁଥିବା ଅତ୍ୟନ୍ତ ଉଦ୍‌ବେଗଜନକ।
– ଅଜୟ ପିରାମଲ, ଅଧ୍ୟକ୍ଷ, ପିରାମଲ ଗ୍ରୁପ



ଦେଶର ୩ ପ୍ରମୁଖ ବନ୍ଦରରୁ ପବନ ଶକ୍ତି ଉତ୍ପାଦନ ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି।
– ନୀତିନ ଗଡକରୀ, କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ପାନ୍-ଆଧାର ଲିଙ୍କ୍ ଅବଧି ୩୧ ଡିସେମ୍ବର ଯାଏ ବୃଦ୍ଧି



ନୂଆଦିଲ୍ଲୀ,୨୮-୯: ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଆଧାର ସଂଯୋଗ କରାଇବା ଅବଧିକୁ ଚଳିତ ବର୍ଷ ୩୧ ଡିସେମ୍ବର ଯାଏ ବଢାଯାଇଛି। ଏହାର ଲିଙ୍କ କରାଇବା ନେଇ ଶେଷ ସୀମା ସେପ୍ଟେମ୍ବର ୩୦ ଥିବା ବେଳେ ଏହାକୁ ବଢାଯାଇଥିବା ଶନିବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୦ ସଂଖ୍ୟା ବିଶିଷ୍ଟ ପାନ୍‌କୁ ଆୟକର ବିଭାଗ(ଆଇଟି) ଏବଂ ୧୨ ସଂଖ୍ୟା ବିଶିଷ୍ଟ ଆଧାର କାର୍ଡ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଜାରି କରିଥାଏ। ଯେଉଁମାନେ ବର୍ତ୍ତମାନ ସୁଦ୍ଧା ପାନ୍-ଆଧାର ଲିଙ୍କ୍ କରାଇବା କାମ ଶେଷ କରି ନାହାନ୍ତି ସେମାନେ ଆଇଟି ୱେବସାଇଟକୁ ଯାଇ କିମ୍ବା ଏସ୍‌ଏମ୍‌ଏସ୍ ଦ୍ୱାରା କରାଇପାରିବେ। ଲିଙ୍କ୍ ବେଳେ ନାମ, ଜନ୍ମ ତାରିଖ ଏବଂ ଲିଙ୍ଗ କ୍ଷେତ୍ରରେ ଯେଭଳି କୌଣସି ଅସଙ୍ଗତି ନ ରହେ ତାହା ଦେଖିବାକୁ କୁହାଯାଇଛି। ୨ କାର୍ଡ ମଧ୍ୟରୁ ଯେକୌଣସିଟିରେ ଭୁଲ ରହିଥିଲେ ଏହାକୁ ସୁଧାରିବାକୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ପାନ୍ ସହ ଆଧାର ଲିଙ୍କ ନ ହେଲେ ଲୋକମାନେ ଏହାକୁ ଆର୍ଥିକ ନେଣଦେଣ କ୍ଷେତ୍ରରେ ବ୍ୟବହାର କରିପାରିବେ ନାହିଁ। ଏଣୁ ବିଭିନ୍ନ ପ୍ରସଙ୍ଗକୁ ଭଲ ଭାବେ ବିଚାର କରିବାକୁ ପରାମର୍ଶ ଦିଆଯାଇଛି। ଆୟକର ବିଭାଗ ଇ-ଫାଇଲିଂ ତଥ୍ୟ ମୁତାବକ ମୋଟ ୮.୪୭ କୋଟି ପଞ୍ଜୀକୃତ ୟୁଜରଙ୍କ ମଧ୍ୟରୁ ୬.୭୭ କୋଟି ସେମାନଙ୍କ ପାନ୍ ଆଧାର ସହ ଲିଙ୍କ୍ କରାଇ ସାରିଛନ୍ତି। ମାର୍ଚ୍ଚ ୩୧ର ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତି ମୁତାବକ, ଆୟକର ବିଭାଗ ଲାଗି ନୀତି ନିର୍ଦ୍ଧାରଣ କରୁଥିବା ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପାନ-ଆଧାର ସଂଯୋଗ ନେଇ ସ୍ପଷ୍ଟୀକରଣ ଦେଇଥିଲା। ସୂଚନାଯୋଗ୍ୟ ପୂର୍ବରୁ ମଧ୍ୟ ଲିଙ୍କ ଅବଧିକୁ ଅର୍ଥମନ୍ତ୍ରଣାଳୟ ବୃଦ୍ଧି କରିଛି।

### ଡାଇକିନର ନୂଆ ସ୍ପ୍ଲିଟ୍ ଏସି

ଭୁବନେଶ୍ୱର,୨୮-୯: ଡାଇକିନ ଏୟାର କଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ସ୍ପ୍ଲିଟ୍ ଏସି ବଜାରକୁ ଆସିଛି। ଏହାର ବଜାର ଦର ୧୬,୪୦୦ ଟଙ୍କା ରହିଛି। ନୂଆ ଜିଟିଏଲ୍ ୨୮-୩ ଷ୍ଟାର୍ଟ ଅଣ ଇନଭର୍ଟର ଏସି ଭାରତୀୟ ବଜାରରେ ବଡ ଧରଣର ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। କମ୍ ବିଜୁଳି ଶକ୍ତିରେ ଏହି ଏସି କାମ କରିବ। ୧୦୦ ବର୍ଗଫୁଟ ପରିମିତ ସ୍ଥାନକୁ ନେଇ ଏହି ଏସିକୁ ଡିଜାଇନ କରାଯାଇଛି। ସବୁ ବର୍ଗର ଗ୍ରାହକ ଏହି ଏସିକୁ କିଣି ନିଜ ଘରେ ଲଗାଇ ପାରିବେ। ଏଥିରେ ଏଚ୍‌ଏଫ୍‌ସି ରେଫ୍ରିଜରାଣ୍ଟ ରହିଛି। ଗ୍ରାହକ ଏଥିରେ ୱେୟାରଲେସ ରିମୋଟ ପାଇପାରିବେ। ଏଥିରେ ପାୱାର ଚିଲ୍ ବଟନ ମଧ୍ୟ ସାମିଲ କରାଯାଇଛି। ମେକ୍ ଇନ୍ ଇଣ୍ଡିଆରେ ପ୍ରଡକ୍ଟ ଉତ୍ପାଦନ ଲାଗି ନିଷ୍ପତ୍ତି ହୋଇଥିବା ଡାଇକିନ ଇଣ୍ଡିଆର ସିଇଓ କେ.ଜେ.ଜାୱା କହିଛନ୍ତି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ଏହା ସହାୟକ ହୋଇ ପାରିବ ବୋଲି ସେ କହିଛନ୍ତି।

### ଆଲ୍ଲାହାବାଦ ବ୍ୟାଙ୍କର ନୂଆ ଏଟିଏମ୍

ଭୁବନେଶ୍ୱର,୨୮-୯: ଆଲ୍ଲାହାବାଦ ବ୍ୟାଙ୍କର ନୂଆ ଏଟିଏମ୍ ସ୍ଥାନୀୟ ନୂଆପଲ୍ଲୀସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ମଣ୍ଡଳ ମୁଖ୍ୟ ସନ୍ଦୀପ କୁମାର ଘୋଷାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ଇ-ସେବା ପହଞ୍ଚାଇବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ କର୍ମଚାରୀ ଏବଂ ଗ୍ରାହକମାନେ ଉପସ୍ଥିତ ଥିଲେ। ଘୋଷାଲ ଏଟିଏମ୍‌ର ବହୁଳ ବ୍ୟବହାର ପ୍ରଚାର ପ୍ରସାର ଉପରେ ଏଥିରେ ଗୁରୁତ୍ୱାରୋପ କରିଥିଲେ।

### ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ୱାକାଥନ

ଭୁବନେଶ୍ୱର,୨୮-୯: ଆନ୍ଧ୍ର ବ୍ୟାଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ମଧୁସୂଦନ ନଗର ଶାଖାଠାରୁ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ କାର୍ଯ୍ୟାଳୟ, ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବିଭିନ୍ନ ଶାଖାର ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ପ୍ଲାକାର୍ଡ ଧରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଆଞ୍ଚଳିକ ମହାପ୍ରବନ୍ଧକ କେ.ବି.ବି.ଏନ୍.ଏସ୍. ରାମମୂର୍ତ୍ତି ଏଥିରେ ଯୋଗ ଦେଇଥିଲେ। ଅକ୍ଟୋବର ୨ରେ ଖଣ୍ଡଗିରି ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ଭେଣ୍ଡର ବକେୟା ଶୀଘ୍ର ପ୍ରଦାନ ନେଇ ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮-୯

**ଅଭିବୃଦ୍ଧି ଲାଗି କେନ୍ଦ୍ରର ପଦକ୍ଷେପ**
- ଅକ୍ଟୋବର ୧୫ ସୁଦ୍ଧା ବକେୟା ପୈଠ ନେଇ କୁହାଗଲା
- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁଖ୍ୟଙ୍କୁ ଭେଟିଲେ ସୀତାରାମନ
- ଭେଣ୍ଡରଙ୍କ ଲାଗି ଶୀଘ୍ର ପୋର୍ଟାଲ ବ୍ୟବସ୍ଥା
- ପେମେଣ୍ଟ ଏବଂ ବିଲ୍ ଟ୍ରାକ କରିବା ହେବ ସହଜ
- ୪ ତ୍ରୈମାସର ଖର୍ଚ୍ଚ ଯୋଜନା ତଥ୍ୟ ମଗାଗଲା



ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ଏହି ଧାରାରେ ଆସନ୍ତା ମାସ ୧୫ ସୁଦ୍ଧା ଭେଣ୍ଡର ଏବଂ କଣ୍ଟ୍ରାକ୍ଟରଙ୍କ ସମସ୍ତ ବକେୟା ପ୍ରଦାନ କରିବା ଲାଗି ସରକାର ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଶର ଅଭିବୃଦ୍ଧି ସର୍ବନିମ୍ନ ସ୍ତରରେ ରହିଛି। ଏହା ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଭିନ୍ନ କ୍ଷେତ୍ରର ଖର୍ଚ୍ଚ ବୃଦ୍ଧି ଦ୍ୱାରା ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ସରକାର ଏଭଳି ଏକ ପ୍ରୟାସ କରିଥିବା ଜଣାପଡିଛି। ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁଖ୍ୟମାନଙ୍କ ସହ ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୈଠକ କରିବା ସହ ସଂସ୍ଥାଗୁଡିକର ପୁଞ୍ଜି ବିନିଯୋଗ କାର୍ଯ୍ୟକ୍ରମକୁ ସମୀକ୍ଷା କରିଛନ୍ତି।

ଏହି ଅବସରରେ ନିର୍ମଳା କହିଛନ୍ତି ଯେ, ଅକ୍ଟୋବର ୧୫ ସୁଦ୍ଧା ଏକ ପୋର୍ଟାଲ ବ୍ୟବସ୍ଥା କରିବାକୁ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକୁ କୁହାଯାଇଛି। ଏଠାରେ ସେବା ଯୋଗାଣକାରୀ, ଭେଣ୍ଡର ଏବଂ କଣ୍ଟ୍ରାକ୍ଟରମାନେ ସେମାନଙ୍କ ପେମେଣ୍ଟ ଏବଂ ବିଲ୍‌କୁ ଟ୍ରାକ କରିବାକୁ ସକ୍ଷମ ହେବେ। ଏହା ଦ୍ୱାରା ନଗଦ ସମସ୍ୟା ହ୍ରାସ କରାଯାଇ ପାରିବ ବୋଲି ନିର୍ମଳା ସ୍ପଷ୍ଟ କରିଛନ୍ତି। ସେହିଭଳି ଭେଣ୍ଡର ଏବଂ କଣ୍ଟ୍ରାକ୍ଟରଙ୍କ ସହ ଦ୍ୱନ୍ଦ୍ୱ ଯୋଗୁ ଫଇସଲା ହୋଇ ପାରି ନ ଥିବା ପେମେଣ୍ଟ ସମ୍ପର୍କିତ ବୁଝାମଣାରେ କେତେ ସମୟ ଲାଗୁଛି ତା'ର ବିସ୍ତୃତ ତଥ୍ୟ ଉପରେ ସଂସ୍ଥାଗୁଡିକର ପକ୍ଷ ଲୋଡା ଯାଇଛି।

ଆଗାମୀ ୪ ତ୍ରୈମାସ ଲାଗି ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକ ସେମାନଙ୍କ ଖର୍ଚ୍ଚ ସଂକ୍ରାନ୍ତ ଯୋଜନା ପ୍ରଦାନ କରିବାକୁ କୁହାଯାଇଛି। ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି, ୩୪ କେନ୍ଦ୍ରୀୟ ସଂସ୍ଥା ଅଗଷ୍ଟ ମାସ ଶେଷ ସୁଦ୍ଧା ୪୮,୦୭୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କମ୍ପାନୀଗୁଡିକ ଆଉ ୫୦,୧୫୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ସେହିଭଳି ଜାନୁୟାରୀ ମାର୍ଚ୍ଚ ତ୍ରୈମାସରେ କମ୍ପାନୀଗୁଡିକ ୫୪,୭୦୦ କୋଟି ଟଙ୍କା ବିନିଯୋଗ କରିବେ। ଏଥିରେ ବ୍ୟୟ ସଚିବ ଗିରିଶ ଚନ୍ଦ୍ର ମୁର୍ମୁ କହିଛନ୍ତି ଯେ, ୨୪୨ ରାଷ୍ଟ୍ରାୟତ୍ତ ସଂସ୍ଥାର ମୋଟ ଖର୍ଚ୍ଚ ମିଶିଲେ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ହେବ।




## ଅରୁନ୍ଧତୀର ଲକ୍ଷପତି ଲକି ଡ୍ର ବିଜେତା

ଭୁବନେଶ୍ୱର,୨୮-୯

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଲକ୍ଷପତି ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡର ସ୍ୱୟଂସିଦ୍ଧା ମଣ୍ଡପଠାରେ ଲକ୍ଷପତି ଚୟନ କରାଯାଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ଫେଷ୍ଟିଭ ଅଫର ଶୁଭାରମ୍ଭ ହୋଇଛି। ୨୦ ବର୍ଷ ଧରି ଏଭଳି ଅଫର ପ୍ରଦାନ କରାଯାଉଛି। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ୫୦ ଜଣ ଲକ୍ଷପତି ହେବାର ସୁଯୋଗ ପାଇପାରିବେ ବୋଲି ସୂଚନା ରହିଛି। ଲକିଡ୍ରରେ ଭାଗ୍ୟଶାଳୀ ବିଜେତା ହୋଇ ଲକ୍ଷପତି ହୋଇଥିବା ଗ୍ରାହକଙ୍କ ମଧ୍ୟରେ ଭୁବନେଶ୍ୱର ଶାଖାର ୬, ବଲାଙ୍ଗୀର ଶାଖାର ୪, ସମ୍ବଲପୁର ଶାଖାର ୪ ଏବଂ ଭବାନୀପାଟଣାରୁ ୨ ଗ୍ରାହକ ଅଛନ୍ତି। କାର୍ଯ୍ୟକ୍ରମରେ ଅରୁନ୍ଧତୀର ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ବିଶ୍ୱାସ ଯୋଗୁ ଗୁଣବତ୍ତା ସେବା ଯୋଗାଣରେ ସହାୟତା କରିଛି ବୋଲି ଏମ୍‌ଡି ମେହେର କହିଛନ୍ତି। କାର୍ଯ୍ୟକ୍ରମରେ ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଅଭିନେତା ରାଇମୋହନ, ସାମାଜିକ କର୍ମୀ ଲଳିତ ନାୟକ, ହରିନାରାୟଣ ପୂଜାରୀ, କିଶୋର ରଥ ପ୍ରମୁଖ ଯୋଗ ଦେଇଥିଲେ।

## ଏଲ୍‌ଆଇସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା

ଭୁବନେଶ୍ୱର,୨୮-୯(ବ୍ୟୁରୋ)

ଭାରତୀୟ ଜୀବନ ବୀମା ନିଗମ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ମଣ୍ଡଳ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୂର୍ଯ୍ୟ ନଗରସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକକ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ଯାଏ ଚାଲିବ। ସଂଗୃହୀତ ପ୍ଲାଷ୍ଟିକଗୁଡିକୁ ପ୍ରକ୍ରିୟାକରଣ ନେଇ ବ୍ୟବସ୍ଥା କରାଯିବ ବୋଲି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସାହୁ କହିଛନ୍ତି। ଏହି ଅବସରରେ ବିପଣନ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଏବଂ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।




## ଜେଡ୍‌ଟିଇ-ଆମିଟି ୟୁନିଭର୍ସିଟି ମଧ୍ୟରେ ସହଭାଗିତା

ନୂଆଦିଲ୍ଲୀ,୨୮-୯

ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଜେଡ୍‌ଟିଇ କର୍ପୋରେଶନ ଏବଂ ଆମିଟି ୟୁନିଭର୍ସିଟି ଷ୍ଟ୍ରାଟେଜିକ ସହଭାଗିତାରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ଉଭୟେ ସ୍କଲାରଶିପ ପ୍ରୋଗ୍ରାମ, ତାଲିମ ଏବଂ ଉନ୍ନତୀକରଣ, ନିଯୁକ୍ତି ଏବଂ ଛାତ୍ରୀଛାତ୍ର ବିକାଶ ନେଇ ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରିବେ। ଜେଡ୍‌ଟିଇ ଗତ ୨୦ ବର୍ଷ ଧରି ଭାରତୀୟ ବଜାରରେ ନିଜର ଉପସ୍ଥିତି ଜାହିର କରିଛି। ୫-ଜି ଇନୋଭେଶନ ସହ ଅତ୍ୟାଧୁନିକ ଟେଲିକମ୍ୟୁନିକେଶନ ସିଷ୍ଟମ, ମୋବାଇଲ ଡିଭାଇସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି ସଲ୍ୟୁଶନ ପ୍ରଦାନ କ୍ଷେତ୍ରରେ ଜେଡ୍‌ଟିଇ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଛାତ୍ରୀଛାତ୍ରଙ୍କ ସଶକ୍ତୀକରଣ ଦିଗରେ ଏହି ଚୁକ୍ତି ସହାୟକ ହେବ ବୋଲି ଜେଡ୍‌ଟିଇ ଇଣ୍ଡିଆର ସିଇଓ ଡେଜିଗନେଟ୍ ୟାନ ଜିଓ କହିଛନ୍ତି। ଏହି ଚୁକ୍ତି ଛାତ୍ରୀଛାତ୍ରଙ୍କ ଟେକ୍ନୋଲୋଜି ଦକ୍ଷତା ବୃଦ୍ଧିରେ କାମ କରିବ ବୋଲି ଆମିଟି ସ୍କୁଲ ଅଫ ଫିଲ୍ମ ଆଣ୍ଡ ଡ୍ରାମାର ଅଧ୍ୟକ୍ଷା ପୂଜା ଚୌହାନ କହିଛନ୍ତି।

## ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସର କ୍ଷେତ୍ରୀୟ ପ୍ରଶିକ୍ଷଣ କେନ୍ଦ୍ର

ଭୁବନେଶ୍ୱର,୨୮-୯

ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ପକ୍ଷରୁ କ୍ଷେତ୍ରୀୟ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମୋଟର ଓନ୍ ଡ୍ୟାମେଜ କ୍ଲେମ ହବ ଖାରବେଳ ନଗର, ଜନପଥ ଏସିଏଚ୍‌ସି ବିଲ୍ଡିଂରେ ଆରମ୍ଭ ହୋଇଛି। କମ୍ପାନୀର ପ୍ରବନ୍ଧକ ୱା.କେ. ସିମରାୟ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଏଲ୍.ଜ୍ୟୋତି ପ୍ରସାଦ ସଭାପତିତ୍ୱ କରିଥିଲେ। କ୍ଷେତ୍ରୀୟ ପ୍ରବନ୍ଧକ ଅଞ୍ଜନ ସିହ୍ନା, ଅଭୟ କୁମାର ପଢିଆରୀ ଗୁଣବତ୍ତା ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନୀରଦ କାନ୍ତ ଦୀକ୍ଷିତ ଏବଂ ଦୁର୍ଗା ମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ବିଳାସ ବ୍ୟାଙ୍କ ବିରୋଧରେ ପିସିଏ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୮-୯

ରିଜର୍ଭ ବ୍ୟାଙ୍କ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ବିରୋଧରେ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ)କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ୟାଙ୍କର ନିର୍ଦ୍ଦେଶକଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏହା ଷ୍ଟକ ଏକ୍ସଚେଞ୍ଜକୁ ଶନିବାର ସୂଚନା ଦେଇଛି। ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଉକ୍ତ ଅଭିଯୋଗ ଉପରେ ତଦନ୍ତ କରୁଛି। ବୃହତ୍ ପରିମାଣର ଏନ୍‌ପିଏ, ବିପଦ ପରିଚାଳନା ଲାଗି ପର୍ଯ୍ୟାପ୍ତ ପୁଞ୍ଜି




ଅଭାବ ଏବଂ ଲଗାତର ୨ ବର୍ଷ ଧରି ଆସେଟ ଉପରେ ନକାରାତ୍ମକ ରିଟର୍ନ ଭଳି ଅସୁବିଧାକୁ ବିଚାର କରି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ବ୍ୟାଙ୍କ ବୋର୍ଡ ବିରୋଧରେ ଠକେଇ ଏବଂ ଅର୍ଥ ହେରଫେର ନେଇ ଗୁରୁତର ଅଭିଯୋଗ ଆସିଛି। ଇଣ୍ଡିଆ ବୁଲ୍‌ସ ହାଉସିଂ ଫାଇନାନ୍ସ ଏବଂ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ମିଶ୍ରଣ ନେଇ ପ୍ରସ୍ତାବ ରହିଥିବା ବେଳେ ଏଭଳି କାର୍ଯ୍ୟାନୁଷ୍ଠାନ ଉକ୍ତ ବ୍ୟାଙ୍କ ଲାଗି ସମସ୍ୟା ସୃଷ୍ଟି କରିବା ନେଇ ଆଶଙ୍କା କରାଯାଉଛି। ମିଶ୍ରଣ ପ୍ରସ୍ତାବ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ମଞ୍ଜୁରୀ ଅପେକ୍ଷାରେ ରହିଛି।

ଆର୍ଥିକ ବର୍ଷ ୨୦୧୯ରେ ବ୍ୟାଙ୍କର ନେଟ୍‌ଏନ୍‌ପିଏ ୭.୪୯% ରହିଛି। ସେହିଭଳି ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ ୭.୭୨% ଏବଂ ସମ୍ପତ୍ତିରୁ ରିଟର୍ନ (-)୨.୩୨% ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୯୪.୧୦ କୋଟି କ୍ଷତି ସହିଛି। ପିସିଏ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବ୍ୟାଙ୍କର ପର୍‌ଫରମାନ୍ସ ବୃଦ୍ଧି, ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ଦକ୍ଷତା, ଜମା ଗ୍ରହଣ ଏବଂ ପୁନଃ ନେଣଦେଣରେ ସୁଧାର ଆସିବା ନେଇ ବ୍ୟାଙ୍କ ଆଶାବାଦି ରହିଛି। କେବଳ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ନୁହେଁ ରାଷ୍ଟ୍ରାୟତ୍ତ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ ଏବଂ ୟୁକୋ ବ୍ୟାଙ୍କ ମଧ୍ୟ ପିସିଏ ପରିସରରେ ଅଛନ୍ତି। ଏହି ମାମଲାରେ ତଦନ୍ତକାରୀ ଏଜେନ୍ସିଗୁଡିକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।



## ରାଜଧାନୀରେ କ୍ୟାରେଟ୍‌ଲେନର ଦ୍ୱିତୀୟ ଷ୍ଟୋର

ଭୁବନେଶ୍ୱର,୨୮-୯(ବ୍ୟୁରୋ)

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କର ପାର୍ଟନରଶିପ ଷ୍ଟୋର କ୍ୟାରେଟଲେନର ଦ୍ୱିତୀୟ ଶୋ'ରୁମ ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଖୋଲିଛି। ତନିଷ୍କ ଷ୍ଟୋର ନିକଟରେ ଏହା ଖୋଲିଥିବା ବେଳେ କ୍ୟାରେଟ୍‌ଲେନର ୭୧ତମ ଷ୍ଟୋର। ଏହାକୁ କ୍ୟାରେଟ୍‌ଲେନର ଫ୍ରାଞ୍ଚାଇଜି ଓନର ମାନିକ ହଂସ, ଯୋଗେନ୍ଦ୍ର ହଂସ, ଲିପ୍‌ସା ନାୟକ ହଂସ, ଲେଖିକା ଇତିସାମନ୍ତ ଶୁଭାରମ୍ଭ କରିଛନ୍ତି। ୨୦୦୦ ବର୍ଗଫୁଟ ସ୍ଥାନରେ ଶୋ'ରୁମଟି ଅବସ୍ଥିତ। ଗ୍ରାହକଙ୍କୁ ଗହଣା କ୍ରୟର ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବାରେ ଏହା ସହାୟକ ହେବ। କ୍ୟାରେଟ୍‌ଲେନର ସଦ୍ୟତମ ଡିଜାଇନଯୁକ୍ତ ଗହଣା ପକେଟକୁ ସୁହାଇଲା ଭଳି ମୂଲ୍ୟରେ ଗ୍ରାହକ ଏଠାରେ ଲାଭ କରିପାରିବେ। ୨୦୦୮ରେ ମିଥୁନ ସାଚେଟି ଏବଂ ଶ୍ରୀନିବାସନ ଗୋପାଳନଙ୍କ ଦ୍ୱାରା କ୍ୟାରେଟ୍‌ଲେନ ପ୍ରତିଷ୍ଠା କରାଯାଇଥିଲା। ଗ୍ରାହକଙ୍କୁ ସହଜରେ ଉପଲବ୍ଧ ହେଲା ଭଳି ଗହଣା ଏହା ପ୍ରସ୍ତୁତ କରିଥାଏ। ଏହା ଦେଶର ପ୍ରମୁଖ ଅନ୍‌ଲାଇନ ଗହଣା ବ୍ରାଣ୍ଡ ଭାବେ ମଧ୍ୟ ଲୋକପ୍ରିୟତା ହାସଲ କରିଛି। କ୍ୟାରେଟ୍‌ଲେନ ଡଟ୍ କମ୍ ଦ୍ୱାରା ଗ୍ରାହକ କମ୍ପାନୀରୁ ଶପିଂ କରିଥାନ୍ତି। ମାତ୍ର ଅଫ୍‌ଲାଇନରେ ଉପସ୍ଥିତି ବଢାଇବା ଲାଗି ଏକାଧିକ ଚ୍ୟାନେଲକୁ କ୍ୟାରେଟ୍‌ଲେନ ଗୁରୁତ୍ୱ ଦେଇଛି। ୨୦୧୬ରେ ତନିଷ୍କ ଏବଂ କ୍ୟାରେଟ୍‌ଲେନ ଚୁକ୍ତିରେ ସାମିଲ ହୋଇଥିଲେ। କ୍ୟାରେଟ୍‌ଲେନର ଗୁଣବତ୍ତା ଜରିଆରେ ଗ୍ରାହକଙ୍କୁ ଗହଣା ଯୋଗାଣ ଏହାର ଲକ୍ଷ୍ୟ ଥିଲା ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।




## ଆଇଫୋନର ୩ ନୂଆ ମଡେଲ ଶୁଭାରମ୍ଭ

ଭୁବନେଶ୍ୱର,୨୮-୯(ବ୍ୟୁରୋ)

ଆପଲ୍ କମ୍ପାନୀ ପକ୍ଷରୁ ଆଇଫୋନର ୩ ନୂଆ ମଡେଲ ବଜାରକୁ ଆସିଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଲକ୍ଷ୍ମୀ ମୋବାଇଲଠାରେ ଆଇଫୋନ ୧୧, ୧୧ ପ୍ରୋ ଏବଂ ୧୧ ପ୍ରୋ ମାକ୍ସକୁ ବଜାର ପ୍ରବେଶ କରାଯାଇଛି। ଷ୍ଟୋର ଓନର ନକୁଳ ସୁବୁଦ୍ଧି, ବିତରକ ଅଭିଷେକ ପୋଦ୍ଦାର, ବିତରଣ ପ୍ରବନ୍ଧକ ପୀୟୂଷ କୁମାର ଏହି ମଡେଲଗୁଡିକୁ ଉନ୍ମୋଚନ କରିଥିଲେ। ଆଇଫୋନ ୧୧ର ମୂଲ୍ୟ ୬୪,୯୦୦ ଟଙ୍କାରୁ ୭୯,୯୦୦ ଟଙ୍କା ରହିଥିବା ପୋଦ୍ଦାର କହିଛନ୍ତି। ଏହା ୬୪ ଜିବି, ୧୨୮ ଜିବି ଏବଂ ୨୫୬ ଜିବି ବର୍ଗରେ ଆସୁଛି। ଆଇଫୋନ ୧୧ ଉପରେ ଏଚ୍‌ଡିଏଫ୍‌ସି କାର୍ଡରେ ୬ ହଜାର ଟଙ୍କାର କ୍ୟାଶବ୍ୟାକ ଏବଂ ଆଇଫୋନ ୧୧ ପ୍ରୋ ଉପରେ ୭ ହଜାର ଟଙ୍କାର କ୍ୟାଶବ୍ୟାକ ମିଳୁଛି। ମଡେଲ ବଜାର ପ୍ରବେଶ ଅବସରରେ ଗ୍ରାହକଙ୍କଠାରୁ ଏହା ଭଲ ରେସପନ୍ସ ଲାଭ କରିଛି। ପ୍ରଥମ ଦିନରେ ରାଜଧାନୀରେ ୨୫୦ ପ୍ରିବୁକ ଅର୍ଡର କମ୍ପାନୀ ଲାଭ କରିଛି। ଏହା ସହ ଆଇଫୋନ ସିରିଜ ୫ ଘଣ୍ଟା ମଧ୍ୟ ଏହି ଅବସରରେ ବଜାର ପ୍ରବେଶ କରାଯାଇଥିଲା। କ୍ୟାଶବ୍ୟାକ ସ୍କିମ ପରେ ଏହା ୩୭ ହଜାର ଟଙ୍କାରେ ଉପଲବ୍ଧ ହେବ। ଏହି ମଡେଲଗୁଡିକ ଦ୍ୱାରା ବ୍ୟବସାୟ ୩ ଗୁଣ ଅଭିବୃଦ୍ଧି ହେବା ନେଇ ବିତରକ ଆଶା ରଖିଛନ୍ତି। ଏହାବାଦ ମଡେଲଗୁଡିକ ଟେକ୍‌ଜୋନ, ଟେକ୍ ଆଡ୍ଡା, ସିଷ୍ଟମ ମୋବାଇଲ, ୟୁନିକର୍ନ ଭଳି ଷ୍ଟୋର ଗୁଡିକରେ ବଜାର ପ୍ରବେଶ କରାଯାଇଛି।

## ଡ୍ୟୁକ୍ ଅଧ୍ୟକ୍ଷ କମଲ କୁମାର ଜୈନ ସମ୍ମାନିତ



ସିମ୍‌ଲା,୨୮-୯

ଦେଶର ବୟନ ତଥା ଫ୍ୟାଶନ ଶିଳ୍ପକୁ ଉଲ୍ଲେଖନୀୟ ଯୋଗଦାନ ଲାଗି ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ କମଲ କୁମାର ଜୈନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଚଳ ରତ୍ନ କଫି ଟେବୁଲ ବୁକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, କମଲ କୁମାର ଜୈନ ଏବଂ ତାଙ୍କ ସ୍ତ୍ରୀ କାଞ୍ଚଲ ଜୈନଙ୍କୁ ସମ୍ମାନିତ କରିଥିଲେ। ଏହି ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି ଅଧ୍ୟକ୍ଷ ଜୈନ କହିଛନ୍ତି। ଲୋକଙ୍କ ଭଲ ପାଇବା ସହ ଡ୍ୟୁକ୍ ଏତେ ଆଗକୁ ଯାଇ ପାରିଛି। ଗ୍ରାହକଙ୍କୁ ସର୍ବଦା ଗୁଣବତ୍ତା ଏବଂ ନୂତନତ୍ୱ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସୁଲଭ ମୂଲ୍ୟର ଅନ୍ତର୍ଜାତୀୟ ସ୍ତରର ଡିଜାଇନ ଏବଂ ଷ୍ଟାଇଲ ପ୍ରଦାନକୁ କମ୍ପାନୀ ଗୁରୁତ୍ୱ ଦେଉଛି। ଦେଶର ଅର୍ଥନୀତି ବିକାଶ କ୍ଷେତ୍ରରେ ବୟନ ଶିଳ୍ପର ଯୋଗଦାନ ଗୁରୁତ୍ୱ ବୋଲି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କହିଛନ୍ତି।



“ଅଭିଜ୍ଞତା ସତ୍ତ୍ୱେ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌କୁ ନେଇ ନର୍ଭସ ରହିଛି। ସମୟ ଉପରେ ସବୁ ନିର୍ଭର କରେ। ମୁଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି କିନ୍ତୁ ପଦକ ଜିତିବା ଉପରେ ଗ୍ୟାରେଣ୍ଟି ଦେବିନି। – ଏମ୍.ସି. ମେରୀକମ୍, ଅଭିଜ୍ଞ ଭାରତୀୟ ବକ୍ସର



“‘ଅଲିମ୍ପିକ୍ସରେ ପଦକ ଜିତିବା ପାଇଁ କେବଳ ବକ୍ସିଂ ଜାରି ରଖିଛି। ଆଜି ପର୍ଯ୍ୟନ୍ତ ଯେଉଁସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି ସବୁଥିରେ ପଦକ ଜିତିଛି। –ସରିତା ଦେବୀ, ଷ୍ଟାର୍ ଭାରତୀୟ ବକ୍ସର

## ସଂକ୍ଷେପରେ

### ଚାଇନା ପାରା-ବ୍ୟାଡ୍‌ମିଣ୍ଟନ
## ଦୁଇଟି ପଦକ ନିଶ୍ଚିତ କଲେ ପ୍ରମୋଦ



**ଭୁବନେଶ୍ୱର, ୨୮।୯(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଷ୍ଟାର୍ ଶଟ୍‌ଲର ପ୍ରମୋଦ ଭଗତ ଚାଇନାର ୟୁହାଙ୍ଗ ଝାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେ ୨ଟି ପଦକ ନିଶ୍ଚିତ କରିଛନ୍ତି। ଶନିବାର ଖେଳାଯାଇଥିବା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦ ୨୧-୧୫, ୧୯-୨୧, ୨୧-୧୦ ଗେମ୍‌ରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ପରାସ୍ତ କରିଛନ୍ତି। ପ୍ରମୋଦ ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କୁ ଭେଟିବେ। ସେହିଭଳି ଡବଲ୍ସରେ ପ୍ରମୋଦ ଓ ତାଙ୍କ ସାଥୀ ଖେଳାଳି ମନୋଜ ସରକାର ସେମିଫାଇନାଲରେ ସହଜ ବିଜୟ ଲାଭ କରିଛନ୍ତି। ପ୍ରମୋଦ ଓ ମନୋଜ ଯୋଡ଼ି ୨୪-୨୨, ୨୧-୧୪ ଗେମ୍‌ରେ ଚାଇନା ଯୋଡ଼ି ଜିଆଓୟୁ ଚେନ୍ ଓ ୟୁୟାଙ୍ଗ୍ ଗାଓଙ୍କୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ଫାଇନାଲରେ ଅଲ୍‌ଇଣ୍ଡିଆ ମୁକାବିଲା ଦେଖିବାକୁ ମିଳିବ। ପ୍ରମୋଦ-ମନୋଜ ଯୋଡ଼ି ଏବଂ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ କୁମାର ଓ ସୁହାସ ଲି ମଧ୍ୟରେ ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହେବ।

## କ୍ରୀଡ଼ାମନ୍ତ୍ରୀଙ୍କ ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଶନିବାର ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ କରି କର୍ମକର୍ତ୍ତାଙ୍କୁ ଚକିତ କରିଦେଇଛନ୍ତି। ସେଠାରେ ଭିତ୍ତିଭୂମି ଏବଂ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ୨୦୨୦ରେ ଏଠାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ହେବ। ସେଥିନେଇ ଏବେ ପଡ଼ିଆ ପ୍ରସ୍ତୁତି, ଷ୍ଟାଡିୟମର ଆଧୁନିକୀକରଣ ଏବଂ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି। କ୍ରୀଡ଼ାମନ୍ତ୍ରୀ ଏହି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଗୋପୀଚାନ୍ଦ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଏକାଡେମୀ ପାଇଁ ଥିବା ୩ ଏକର ଜମି ବୁଲି ଦେଖିବା ସହ ଗଗନ ନାରଙ୍ଗ ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟର, ଗେଟ୍ ନଂ-୧ ସ୍ଥିତ ହାଇ ପର୍ମାନ୍ସ ହଷ୍ଟେଲ ନିର୍ମାଣ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ଅବସରରେ ଶାସନ ସଚିବ ରଞ୍ଜିତ ପରିଡ଼ା ଓ କଳିଙ୍ଗ ଷ୍ଟାଡିୟମ୍‌ର ଅଫିସର ଇନ୍‌ଚାର୍ଜ୍ୟ ବାରିଜ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍
# ନିରାଶ କଲେ ଦୂତୀ

**ଦୋହା,୨୮।୯(ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣ ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରଥମ ଦିନ ଭଳି ଦ୍ୱିତୀୟ ଦିବସରେ ମଧ୍ୟ ଭାରତୀୟ ଆଥଲେଟମାନେ ବିଫଳ ପ୍ରଦର୍ଶନ କରିଛନ୍ତି। ଦେଶର ଦ୍ରୁତତମ ଧାବିକା ଦୂତୀ ଚାନ୍ଦ ୧୦୦ମିଟର ହିଟ୍‌ରେ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି। ଅର୍ଥାତ ଦୂତୀ ଏହି ହିଟକୁ ଅତିକ୍ରମ କରିପାରିନାହାନ୍ତି। ଶନିବାର ରାତି ୭ଟା ୩୦ରେ ଦୂତୀ ହିଟ୍ ନମ୍ବର ୩ରେ ଅଂଶଗ୍ରହଣ କରିଥିଲେ। ଏହି ହିଟ୍‌ରେ ସେ ୧୧.୪୮ ସେକେଣ୍ଡ ସମୟ ନେଇ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଦୌଡ଼ରେ





ଦୂତୀ ବେଶ୍ ଭଲ ଆରମ୍ଭ କରିଥିଲେ। ତାଙ୍କର ରିଆକ୍ସନ ଟାଇମ ମଧ୍ୟ ସବୁଠାରୁ ଦ୍ରୁତ ଥିଲା। ତାଙ୍କର ରିଆକ୍ସନ ଟାଇମ୍ ୦.୧୬୮ ସେକେଣ୍ଡ ରହିଥିଲା। ଏପରିକି ସେ ଅଧା ଦୂରତାକୁ ଅତିକ୍ରମ କରିବାରେ ସବୁଠାରୁ ଆଗରେ



**୧୦୦ମି. ହିଟ୍‌ରେ କ୍ୱାଲିଫାଏ କରିବାରେ ବିଫଳ**

ଥିଲେ। ତେବେ ସେ ଏହାର ଫାଇଦା ଉଠାଇପାରି ନ ଥିଲେ ଓ ଏହାପରେ କଥା ଅଲଗା ହୋଇଥିଲା ଏବଂ ସେ ଅନ୍ୟମାନଙ୍କ ପଛରେ ପଡିଯାଇଥିଲେ। ଚଳିତ ସେସନରେ ଦୂତୀଙ୍କର ଏହା ସବୁଠାରୁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ମୋଟ ଉପରେ ୪୭ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଦୂତୀ ୩୭ତମ ସ୍ଥାନରେ ରହି ଚାମ୍ପିୟନଶିପ୍‌ରୁ ବାଦ୍ ପଡିଛନ୍ତି। ଏହା ପୂର୍ବରୁ ଫେଡେରେଶନ କପ୍ ଅବସରରେ ଦୂତୀ ଗତ ଫେବୃୟାରୀରେ ୧୧.୫୧ ଓ ମାର୍ଚ୍ଚରେ ୧୧.୬୧ ସେକେଣ୍ଡ ସମୟ ନେଇଥିଲେ। ସେମିଫାଇନାଲ ପାଇଁ ଶେଷ କ୍ୱାଲିଫାୟର ଟାଇମିଂ ୧୧.୩୧ ସେକେଣ୍ଡ ରହିଥିଲା। ଏହା ମଧ୍ୟ ଦୂତୀଙ୍କ ଦକ୍ଷତା ତଥା ପହଞ୍ଚ ମଧ୍ୟରେ ଥିଲା। ତେବେ ସେ ଏହି ଟାଇମିଂ ମଧ୍ୟ ହାସଲ କରିପାରି ନ ଥିଲେ। ଏଥିସହିତ ଦୂତୀ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସ କୋଟା ହାସଲ କରିଥାନ୍ତେ। ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ଷ୍ଟାଣ୍ଡାର୍ଡ ୧୧.୧୫ ସେକେଣ୍ଡ ରହିଛି।

ହିଟ୍ ନମ୍ବର ୩ରେ ଅଲିମ୍ପିକ ଚାମ୍ପିୟନ ଜାମାଇକାର ଏଲାଇନ ଥମ୍ପସନ ୧୧.୧୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି କ୍ୱାଲିଫାଏ କରିଛନ୍ତି। ସେହିପରି ତ୍ରିନିଦାଦ ଓ ଟବାଗୋର କେଲି-ଆନ ବାପ୍ଟିଷ୍ଟ ୧୧.୨୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ କ୍ୱାଲିଫାଏ କରିଛନ୍ତି। ସେହିପରି ଆମେରିକାର ମୋରୋଲେକ ଅକିନୋସୁନ ୧୧.୨୩ ସେକେଣ୍ଡ ସମୟ ନେଇ କ୍ୱାଲିଫାଏ କରିଛନ୍ତି। ସେହିପରି ଏହି ହିଟ୍‌ରେ ଚାଇନାର ଜି ମାନକି ୧୧.୨୮, ଫ୍ରାନ୍ସର ଓର୍ଲାନ ଓମ୍ପିସା ଡିଜାନଗୁ ୧୧.୩୪, ବ୍ରିଟେନର ଆଶା ଫିଲିପ୍ ୧୧.୩୫ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। କେବଳ ନର୍ଦର୍ନ ମାରିନା ଆଇଲାଣ୍ଡର ଜାରିନାଏ ସାପୋଙ୍ଗ ୧୩. ୧୪ ସେକେଣ୍ଡ ନେଇ ଦୂତୀଙ୍କ ପଛକୁ ରହିଥିଲେ। ୬ଟି ହିଟ୍‌ର ପ୍ରଥମ ୩ଜଣ ପ୍ରତିଯୋଗୀ ଓ ପରବର୍ତ୍ତୀ ୬ଜଣ ଦ୍ରୁତତମ ପ୍ରତିଯୋଗୀ ସେମିଫାଇନାଲ ପାଇଁ କ୍ୱାଲିଫାଏ କରିଛନ୍ତି। ଉଲ୍ଲେଖଥାଉ କି, ଗତ ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଦୂତୀ ୧୦୦ ମିଟର ହିଟ୍‌ରେ ୧୨.୦୭ ସେକେଣ୍ଡ ସମୟ ନେଇଥିଲେ ଓ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ। ତେବେ ଚଳିତ ବର୍ଷ ଏପ୍ରିଲରେ ୨୩ ବର୍ଷୀୟା ଦୂତୀ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହି ପ୍ରଦର୍ଶନକୁ ମଧ୍ୟ ସେ ଦୋହରାଇବାରେ ବିଫଳ ହୋଇଛନ୍ତି।

## ରୁଥ୍ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଦୋହା, ୨୮।୯:** ଦୋହାରେ ଚାଲିଥିବା ଆଇଏଏଏଫ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଆଥ୍‌ଲେଟ୍ ଭାବେ କେନିଆର ଧାବିକା ରୁଥ୍ ଚେପନଗେଟିଚ୍ ସ୍ୱର୍ଣ୍ଣ ପଦକ ଜିତିବାର କୃତୀତ୍ୱ ହାସଲ କରିଛନ୍ତି। ମହିଳା ବିଭାଗ ମାରାଥନ (୪୨.୧୯୫ କି.ମି.)ରେ ୨୫ ବର୍ଷୀୟା ରୁଥ୍ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମହିଳା ମାରାଥନରେ ଶୀର୍ଷ ମାନ୍ୟତା ରୁଥ୍ ଟାଇଟଲ୍ ଫେଭରାଇଟ୍ ରହିଥିଲେ। ସେ ଏହି ଦୂରତାକୁ ୨ ଘଣ୍ଟା ୩୨ ମିନିଟ୍ ଓ ୪୩ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସ୍ଥାନୀୟ ସମୟ ଶୁକ୍ରବାର ରାତି ୧୧ଟା ୫୯ରେ ଏହି ମାରାଥନ ଆରମ୍ଭ ହୋଇଥିଲା। ରାତି ପାଖାପାଖି ୨ଟା ୩୦ରେ ରୁଥ୍ ଫିନିଶିଂ ଲାଇନ୍ ଅତିକ୍ରମ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ବାହାରିନର ଧାବିକା ରୋଜ୍ ଚେଲିମୋ (୨:୩୩:୪୬) ଓ ନାମ୍ବିଆର ହେଲାଲିଆ ଜୋହାନ୍ସ (୨:୩୪:୧୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମୋଟ୍ ୬୮ ପ୍ରତିଯୋଗୀ ରନିଂ ଆରମ୍ଭ କରିଥିଲେ ମଧ୍ୟ ପ୍ରବଳ ଗରମ କାରଣରୁ ୨୩ଜଣ ଫିନିଶ୍ କରିବାରେ ବିଫଳ ରହିଥିଲେ। ଏହାକୁ ନେଇ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା।





## ଜବିର ସେମିରୁ ବାଦ୍



ବିଶ୍ୱ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଦୂତୀ ଚାନ୍ଦଙ୍କ ପରେ ଅନ୍ୟତମ ଭାରତୀୟ ଆଥଲେଟ ଏମ୍‌ପି ଜବିର ମଧ୍ୟ ବାଦ୍ ପଡିଛନ୍ତି। ପୁରୁଷ ୪୦୦ମିଟର ହର୍ଡଲ୍ସ ରେସ୍‌ରେ ଜବିର କିଛି କରି ଦେଖାଇବେ ବୋଲି ଆଶା କରାଯାଉଥିଲା। ତେବେ ଶେଷରେ ସେ ନିରାଶ କରିଛନ୍ତି। ସେ ୪୦୦ମି. ହର୍ଡଲ୍ସ ରେସ୍‌ର ସେମିଫାଇନାଲରେ ୪୯.୭୧ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ। ଏଥିସହିତ ସେ ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି। ୩ଟି ସେମିଫାଇନାଲର ଶ୍ରେଷ୍ଠ ୨ଜଣ ଖେଳାଳି ଓ ଏହାପରେ ଦ୍ରୁତତମ ୨ଜଣ ଖେଳାଳି ଫାଇନାଲରେ ପ୍ରବେଶ କରିବାର ନିୟମ ରହିଛି। ସେମିଫାଇନାଲ ଅଷ୍ଟମ ଦ୍ରୁତତମ ଟାଇମିଂ ଥିଲା ୪୮.୯୩ ସେକେଣ୍ଡ। ଏହା ଜବିରଙ୍କ ଟାଇମିଂଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଥିଲା।





ବିଜୁ ପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନ କାର୍ଯ୍ୟକ୍ରମ ଅନୁଯାୟୀ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ (୨୦.୧୨୭ ଫୁଟ୍) ଯାତ୍ରା କରିଥିବା ଗଣେଶ ଜେନାଙ୍କ ନେତୃତ୍ୱାଧୀନ ୧୫ଜଣିଆ ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରୁଛନ୍ତି।

## ପାର୍ବତୀଙ୍କ ଭଳି ପ୍ରତିଭା ବିରଳ

**କଟକ ଅଫିସ,୨୮।୯**

ଖୋର୍ଦ୍ଧା ଜଟଣୀସ୍ଥିତ ରେଳବାଇ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ତାରକା ପାର୍ବତୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ଅଗଷ୍ଟରେ ଇଟାଲୀର ଟୋରିନୋ ସହରରେ ଅନୁଷ୍ଠିତ ୟୁରୋପିଆନ ମାଷ୍ଟର୍ସ ଗେମରେ ଭାରତ ପାଇଁ ପାର୍ବତୀ ଡବଲ ପଦକ ବିଜୟୀ ହୋଇ ଫେରିଥିଲେ। ସଟ୍‌ପୁଟରେ ବ୍ରୋଞ୍ଜ ଓ ଡିସକସ୍‌ରେ ପାର୍ବତୀ ରୌପ୍ୟ ପଦକ ଜିତିଥିଲେ। ଡିଭିଜନାଲ ରେଲୱେ ମ୍ୟାନେଜର(ଡିଆର୍‌ଏମ୍) ଶଶିକାନ୍ତ ସିଂ ପାର୍ବତୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଭଳି ପ୍ରତିଭା ଓଡ଼ିଶାରେ ବିରଳ ବୋଲି ମତବ୍ୟକ୍ତ କରିଥିଲେ। ‘ପାର୍ବତୀ ପଦକ ଜିତି ଓଡ଼ିଶା ପାଇଁ ଅନେକ ଗୌରବ ଆଣି ସାରିଲେଣି। ଆହୁରି ଅନେକ ବାକି ଅଛି। ଜାପାନଠାରେ ହେବାକୁ ଥିବା ଆଗାମୀ ବିଶ୍ୱ ମାଷ୍ଟର୍ସ ଚାମ୍ପିୟନଶିପ ନିମନ୍ତେ ତାଙ୍କୁ ଏବେଠାରୁ ଶୁଭେଚ୍ଛା ଜଣାଇବା ସହ ପ୍ରସ୍ତୁତି ନିମନ୍ତେ ରେଲୱେ ତରଫରୁ ସମସ୍ତ ସହଯୋଗ କରାଯିବ’ ବୋଲି ଡିସିଏମ୍ ସିଂ କହିଥିଲେ। ବରିଷ୍ଠ ଡିସିଏମ୍ ପି.କେ. ସାମଲ, ଏସିଏମ୍ ଦୀନବନ୍ଧୁ ସାହୁ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ସୂଚନାଥାଉକି, କଟକର ପାର୍ବତୀ ଗତ କିଛିବର୍ଷରେ ବିଭିନ୍ନ ଅନ୍ତର୍ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଲଗାତର ଭାବେ ପଦକ ଜିତି ଆସୁଛନ୍ତି। ୟୁରୋପିଆନ ମାଷ୍ଟର୍ସ ଗେମରେ ସେ ପଦକ ଜିତିବା ପରେ ସର୍ବଭାରତୀୟସ୍ତରରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ ଯୋଗେ ପାର୍ବତୀଙ୍କୁ ପ୍ରଶଂସା କରିଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ପାର୍ବତୀ ସେଠୀ।

### ଗୁରୁକୁଳ ଏଆଇଟିଏ-ଓଟିଏ ଟେନିସ
# ଅଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଏକ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଗୁରୁକୁଳ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସୋର୍ଟ ଟେନିସ କମ୍ପ୍ଲେକ୍ସ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଅଂଶୁ କୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଏକ ନମ୍ବର ସିଡ୍ ମାନ୍ୟତାପ୍ରାପ୍ତ ଅଂଶୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ୩ୟ ସିଡ୍ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସଙ୍କୁ ହରାଇଛନ୍ତି। ଏକ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଟୁର୍ନାମେଣ୍ଟରେ ଅଂଶୁ କୁମାରଙ୍କ ଏହା କ୍ରମାଗତ ୨ୟ ଟାଇଟଲ୍ ଥିଲା। ପୂର୍ବରୁ ସେ ଏଠାରେ ଅନୁଷ୍ଠିତ ଅନ୍ୟ ଏକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ।

ଚାମ୍ପିୟନ ଅଂଶୁ ଓ ରନର୍ସଅପ୍ ଅର୍ଘ୍ୟଙ୍କୁ ଯଥାକ୍ରମେ ୧୨,୫୦୦ ଓ ୮,୪୦୦ ଟଙ୍କା ପୁରସ୍କାର ରାଶି ମିଳିଥିଲା। ସେହିଭଳି ଟୁର୍ନାମେଣ୍ଟରୁ ଅଂଶୁଙ୍କୁ ୨୦ ଓ ଅର୍ଘ୍ୟଙ୍କୁ ୧୫ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯତୀନ ବସ୍ୟ (ଟୁର୍ନାମେଣ୍ଟ ରେଫରି), ଚିନ୍ମୟ ପ୍ରଧାନ (ଗୁରୁକୁଳ ରିସୋର୍ଟ ନିର୍ଦ୍ଦେଶକ) ଓ ପ୍ରକାଶ ପଟ୍ଟନାୟକ (ଓଟିଏ ମ୍ୟାନେଜର) ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ତାମିଲନାଡୁ, ତେଲେଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଆୟୋଜକ ଓଡ଼ିଶାକୁ ମିଶାଇ ୧୧ଟି ରାଜ୍ୟର ୪୭ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଅଂଶୁ ଓ ଅର୍ଘ୍ୟ।

### ବାରବାଟୀ ଷ୍ଟାଡିୟମ: ସୁଧୁରିନି ଫନୀ ପ୍ରକୋପ
# ଅନିଶ୍ଚିତତାରେ ଭାରତ-ୱେଷ୍ଟଇଣ୍ଡିଜ ମ୍ୟାଚ୍

**କଟକ ଅଫିସ,୨୮।୯**

ବାରବାଟୀ ଷ୍ଟାଡିୟମରେ ନ ହୋଇପାରେ ଆସନ୍ତା ଭାରତ-ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍। ଏବେ ସୁଦ୍ଧା ଫନୀ ପ୍ରଭାବର କ୍ଷୟକ୍ଷତି ପୂରଣ ହୋଇନି। ଭଙ୍ଗାରୁଜା ଅବସ୍ଥାରେ ପଡ଼ିଛି ରାଜ୍ୟର ଏହି ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ କ୍ରିକେଟ ଷ୍ଟାଡିୟମ। ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ଭଳି ପରିସ୍ଥିତି ମଧ୍ୟ ନାହିଁ। ଏଣୁ ଓଡ଼ିଶାର କ୍ରୀଡ଼ାପ୍ରେମୀ ନିରାଶ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଅନ୍ୟପକ୍ଷରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପଠାଯାଇଥିଲେ ମଧ୍ୟ ଏଯାଏଁ ଉତ୍ତର ଆସିନି। ବିସିସିଆଇ ନିର୍ବାଚନ ହେବା ପରେ ବୋଧହୁଏ ବାରବାଟୀର କ୍ଷୟକ୍ଷତି ପ୍ରତି ଦୃଷ୍ଟି ଦିଆଯିବ। ସେତେବେଳକୁ ନେଡ଼ିଗୁଡ଼ କହୁଣ୍ଡିକୁ ବୋହି ଯାଇଥିବା ଭଳି ସ୍ଥିତି ଉପୁଜି ସାରିଥିବ। ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମ୍ୟାଚ୍ ଆୟୋଜନ କରିବାକୁ ହେଲେ ଆଉ କିଛିଦିନ ମଧ୍ୟରେ ମରାମତି କାମ ଆରମ୍ଭ କରିବାକୁ ହେବ। ବିସିସିଆଇ ନିର୍ବାଚନ ପରେ କାମ ଆରମ୍ଭ ହେଲେ ମ୍ୟାଚ ପୂର୍ବରୁ ସରିବା ମୁସ୍କିଲ। ଏଣୁ ଅନିଶ୍ଚିତତା ମଧ୍ୟରେ ରହିଛି ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ।

ଆସନ୍ତା ଡିସେମ୍ବର ୬ ତାରିଖରୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ଭାରତରେ ୩ଟି ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ଏକଦିବସୀୟ ସିରିଜର ଚୂଡ଼ାନ୍ତ ତଥା ୩ୟ ମ୍ୟାଚ୍‌ଟି ବାରବାଟୀ ଷ୍ଟାଡିୟମରେ ଖେଳାଯିବ ବୋଲି ନିଷ୍ପତ୍ତି ହୋଇଛି। ୪୫ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମ ଏବେ ଭଙ୍ଗାରୁଜା ଅବସ୍ଥାରେ ଅଛି। ଗତ ମେ ୩ରେ ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ସମ୍ପୂର୍ଣ୍ଣ ରାଜ୍ୟ ପ୍ରଭାବିତ ହୋଇଥିବା ବେଳେ ଏଥିରୁ ବାରବାଟୀ ଷ୍ଟାଡିୟମ ମଧ୍ୟ ବାଦ୍ ପଡ଼ି ନ ଥିଲା। ଫନୀ ପ୍ରଭାବରେ ପ୍ରାୟ ୨୦ କୋଟି ଟଙ୍କାର କ୍ଷତି ହୋଇଥିଲା। ସମସ୍ତ ଫ୍ଲଡ ଲାଇଟ୍‌ର ବଲବ ଭାଙ୍ଗିଯାଇଥିବା ବେଳେ କର୍ପୋରେଟ ବକ୍ସ, ମିଡ଼ିଆ ଗ୍ୟାଲେରି, ସ୍ପେଶାଲ ଏନ୍‌କ୍ଲୋଜର, ସମ୍ମିଳନୀ କକ୍ଷ ସମେତ ବିଭିନ୍ନ ପାର୍ଶ୍ୱ ଭାଙ୍ଗି ନଷ୍ଟ ହୋଇଯାଇଛି। ଏହାଛଡ଼ା ଗତ ମାସରେ କିଛି ଗ୍ୟାଲେରିରୁ ପ୍ଲାଷ୍ଟର ମଧ୍ୟ ଖସୁଥିବା ଦେଖିବାକୁ ମିଳିଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଏ) ପକ୍ଷରୁ ଏହି ସ୍ଥାନ ଗୁଡ଼ିକରେ ଜାଲ ବାନ୍ଧି ଦିଆଯାଇଥିଲା। ଗତ ଅଗଷ୍ଟ ୭ ତାରିଖରେ କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ ‘ଦେବ ମସ୍କୋ’ ବାରବାଟୀ ଷ୍ଟାଡିୟମର କ୍ଷୟକ୍ଷତି ଆକଳନ କରି ଫେରିଥିଲା। କମ୍ପାନୀର ୨ଜଣ ବରିଷ୍ଠ ଅଧିକାରୀ ଆକଳନ ଦାୟିତ୍ୱରେ ଆସିଥିଲେ। ବର୍ଷା ଯୋଗୁ ଏମାନେ ଷ୍ଟାଡିୟମର ସମସ୍ତ ଭାଗ ବୁଲିପାରି ନ ଥିବାବେଳେ ଆକଳନ ଶେଷ କରିଥିଲେ ବୋଲି ସୂଚନା ଦେଇଥିଲେ। ତେବେ କ୍ଷୟକ୍ଷତି କେତେ ଘଟିଛି ସେ ରିପୋର୍ଟ ସେମାନେ ଫେରିବା ପରେ ମେଲ୍ ଯୋଗେ ଓଡିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଜଣାଇଥିଲେ। ‘ଦେବ ମସ୍କୋ’ କମ୍ପାନୀ କେବଳ ଫ୍ଲଡ ଲାଇଟ ମରାମତି କାର୍ଯ୍ୟ ହାତକୁ ନେବ। ଏହି କମ୍ପାନୀ ଏକଥା ବି ସ୍ପଷ୍ଟ କରିଥିଲା ଯେ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅତିବେଶିରେ ଏକ ମାସ ସମୟ ଲାଗିବ। ଯଦି କେବଳ ଫ୍ଲଡ ଲାଇଟ ମରାମତିକୁ ଏକମାସ ସମୟ ଆବଶ୍ୟକ ତେବେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ସଜାଡିବାକୁ କେତେ ସମୟ ଲାଗିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ଶୁକ୍ରବାର ଶେଷ ହୋଇଛି ଓସିଏର କର୍ମକର୍ତ୍ତା ନିର୍ବାଚନ। ଏହାପରେ ଆସନ୍ତା ଅକ୍ଟୋବର ୨୨ରେ ବିସିସିଆଇ ନିର୍ବାଚନ ଦିନ ଧାର୍ଯ୍ୟ ହୋଇଛି। ବିସିସିଆଇ ନିର୍ବାଚନ ସରିଲେ ହିଁ ଓସିଏକୁ ପାଣ୍ଠି ଦିଆଯିବ ବୋଲି ଓସିଏର ଜଣେ ଅଧିକାରୀ କହିଛନ୍ତି। ଯଦି ଏପରି ହୁଏ ତାହେଲେ ବାରବାଟୀକୁ ମରାମତି କରାଯାଇ ମ୍ୟାଚ କରାଯିବା କାଠିକର ପାଠ ହେବ।



### ୱେଷ୍ଟଇଣ୍ଡିଜର ୪ର୍ଥ ଗସ୍ତ

ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ ବାରବାଟୀରେ ହେଲେ ଏହାହେବ ୱେଷ୍ଟଇଣ୍ଡିଜ ଦଳ ନିମନ୍ତେ ଓଡ଼ିଶାକୁ ୪ର୍ଥ ଗସ୍ତ। ପ୍ରଥମଥର ନିମନ୍ତେ ୧୯୯୪ ନଭେମ୍ବର ୯ରେ ଭାରତ ବିପକ୍ଷରେ ଏଠାରେ ଏକ ଏକଦିବସୀୟ ମ୍ୟାଚ୍ ୱେଷ୍ଟଇଣ୍ଡିଜ ଖେଳିଥିଲା। ପରେ ୨୦୦୭ ମସିହା ଜାନୁୟାରୀ ୨୪ ଓ ୨୦୧୧ ମସିହା ନଭେମ୍ବର ୨୯ ତାରିଖରେ ମଧ୍ୟ ୱେଷ୍ଟଇଣ୍ଡିଜ ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳିଛି। ଅନ୍ୟପକ୍ଷରେ ବାରବାଟୀ ଷ୍ଟାଡିୟମରେ ଏହା ହେବ ୨୧ତମ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍।



“ମହେନ୍ଦ୍ର ସିଂ ଧୋନୀ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଅବସର କେବେ ନେବାକୁ ହେବ ସେ ଭଲ ଭାବରେ ବୁଝନ୍ତି।

– ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ।



“ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ମହେନ୍ଦ୍ର ସିଂ ଧୋନୀ ଆଉଟ୍ ହେବା ପରେ ମୋ ଆଖି ଛଳଛଳ ହୋଇଯାଇଥିଲା।

–ଭାରତୀୟ ସ୍ପିନର ଯୁଜବେନ୍ଦ୍ର ଚହଲ

## ସଂକ୍ଷେପରେ

### କୋରିଆ ଓପନରେ ଭାରତ ଅଭିଯାନ ଶେଷ

**ଇଞ୍ଚିଅନ,୨୮।୯(ପିଟି):** ଏଠାରେ ଚାଲିଥିବା କୋରିଆ ଓପନ ୫୦୦ ଟୁର୍ନାମେଣ୍ଟରେ ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପଙ୍କ ଜବରଦସ୍ତ ଅଭିଯାନ ଶନିବାର ଶେଷ ହୋଇଛି। ତାଙ୍କ ପରାଜୟ ସହ ଭାରତର ଅଭିଯାନ ଚଳିତ ପ୍ରତିଯୋଗିତାରେ ଶେଷ ହୋଇଯାଇଛି। ସେ ସେମିଫାଇନାଲରେ ବିଶ୍ୱର ନଂ ୧ କେଣ୍ଟୋ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ବିଶ୍ୱ ମାନ୍ୟତାର ପୂର୍ବତନ ୬ଷ୍ଠ ର୍ୟାଙ୍କଧାରୀ ଖେଳାଳି କାଶ୍ୟପ ୧୩-୨୧, ୧୫-୨୧ ଗେମ୍‌ରେ ଦୁଇଥର ଚାମ୍ପିୟନ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ୨୦୧୪ ରାଜ୍ୟଗୋଷ୍ଠୀ ଚାମ୍ପିୟନ ଚଳିତ ପ୍ରତିଯୋଗିତାରେ ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲେ।

### ପାକିସ୍ତାନ-ଶ୍ରୀଲଙ୍କା ଦ୍ୱିତୀୟ ମ୍ୟାଚ୍ ଘୁଞ୍ଚିଲା

**କରାଚୀ,୨୮।୯:** ଦୀର୍ଘ ୧୦ ବର୍ଷ ପରେ ଏଠାକୁ ଅନ୍ତର୍ଜାତୀୟ କ୍ରିକେଟ ଫେରିଛି। ହେଲେ ଟସ୍ ପଡ଼ିବା ପୂର୍ବରୁ ମ୍ୟାଚ୍ ବାତିଲ ହୋଇଛି। ଅତ୍ୟଧିକ ବର୍ଷା ଯୋଗୁ କେବଳ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍ ବାତିଲ ହୋଇ ନାହିଁ। ସିରିଜ୍ ଦ୍ୱିତୀୟର ମ୍ୟାଚ୍‌କୁ ମଧ ଘୁଞ୍ଚାଇ ଦିଆଯାଇଛି। ତେବେ ଏଭଳି ଘଟଣା କ୍ରିକେଟ ଇତିହାସରେ ଘଟିଥିବା ନଜରରେ ଆସିନାହିଁ। ପାକିସ୍ତାନ-ଶ୍ରୀଲଙ୍କା ୨ୟ ମ୍ୟାଚ୍ ସମାନ ଭେନ୍ୟୁରେ ରବିବାର ଖେଳାଯିବାର କାର୍ଯ୍ୟସୂଚୀ ଥିଲା। କିନ୍ତୁ ଏବେ ତାକୁ ସୋମବାରକୁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲସି) ସହ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ପିସିବି ପକ୍ଷରୁ କୁହାଯାଇଛି। ଏଥିଯୋଗୁ ଗ୍ରାଉଣ୍ଡ ଷ୍ଟାଫ କରାଚୀ ଜାତୀୟ ଷ୍ଟାଡିୟମର ଆଉଟ୍ ଫିଲ୍ଡକୁ ପ୍ରସ୍ତୁତ କରିବା ପାଇଁ ଯଥେଷ୍ଟ ସମୟ ପାଇବେ। ଚଳିତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁ ଆମକୁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ପଡ଼ିଲା। ଆମେ ଏସ୍‌ଏଲସି ନିକଟରେ କୃତଜ୍ଞ ବୋଲି ପିସିବି ଡାଇରେକ୍ଟର ଜାକିର ଖାନ କହିଛନ୍ତି।

### ଜିସିଏ ସଭାପତି ପଦରୁ ଅମିତ ଶାହାଙ୍କ ଇସ୍ତଫା

**ମୁମ୍ବାଇ,୨୮।୯:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ଜିସିଏ ସଭାପତି ପଦ ଖାଲି ହୋଇଛି। ତେବେ ଏହି ପଦ ପାଇଁ ନିକଟ ଭବିଷ୍ୟତରେ ନିର୍ବାଚନ ହେବାର ନାହିଁ। ୨୦୧୪ରେ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଜିସିଏ ସଭାପତି ପଦ ଛାଡ଼ିବା ପରେ ଶାହ ଦାୟିତ୍ୱ ଗ୍ରହଣ କରିଥିଲେ। ଉପ ସଭାପତି ପାରିମଲ ନାଥୱାନି ମଧ ପଦ ଛାଡ଼ିଛନ୍ତି। ଜିସିଏରେ ନାଥୱାନିଙ୍କ ନେତୃତ୍ୱରେ ମୋଟେରା ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଯୁଗ୍ମ ସମ୍ପାଦକ ପଦରେ ଥିବା ଶାହଙ୍କ ପୁଅ ନିଜ ଦାୟିତ୍ୱ ଜାରି ରଖିବେ।

# ରୋହିତ ବିଫଳ: ଅଭ୍ୟାସ ମ୍ୟାଚ ଡ୍ର

**ବିଜୟନଗରମ,୨୮।୯(ପି.ଟି.)**



ରୋହିତ ଶର୍ମା

ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଓପନର ହିସାବରେ ନୂଆ ଭୂମିକାରେ ଅଧିନାୟକ ରୋହିତ ଶର୍ମା ବିଫଳ ହୋଇଛନ୍ତି। ମାତ୍ର ଦୁଇଟି ବଲ୍ ଖେଳି ସେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି। ତେବେ ମିଡଲ ଅର୍ଡରରେ ପ୍ରିୟଙ୍କ ପଞ୍ଚାଲ, ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ଓ ସିଦ୍ଧେଶ ଲାଡ ଅର୍ଦ୍ଧଶତକ ହାସଲ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଛନ୍ତି।

ସ୍ଥାନୀୟ ଡ. ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ବାତିଲ ହୋଇଥିଲା। ଦ୍ୱିତୀୟ ଦିବସରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ଓପନର ଏଡେନ ମାର୍କ୍ରାମଙ୍କ ଶତକ ସହାୟତାରେ ୬୪ ଓଭରରେ ୬ ଉଇକେଟ ହରାଇ ୨୭୯ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ମ୍ୟାଚ ଶେଷହେବା ବେଳକୁ ୬୪ ଓଭରରେ ୮ ଉଇକେଟ ହରାଇ ୨୬୫ ରନ ସଂଗ୍ରହ କରିଛି।

ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଭର୍ନନ ଫିଲାଣ୍ଡରଙ୍କ ବଲ୍‌ରେ ବଦଳ ଖେଳାଳି ତଥା ଉଇକେଟ କିପର ହେନେରିଚ କ୍ଲାସେନଙ୍କୁ କ୍ୟାଚ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ବଲ୍ ରୋହିତଙ୍କ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସେ ଚକ୍‌ମା ଖାଇଥିଲେ। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ୯୨ଟି ବଲ ଖେଳି ୬ ଚୌକା ସହ ୩୯ ରନ ସଂଗ୍ରହ କରି ସ୍ପିନର କେଶବ ମହାରାଜାଙ୍କ ବଲ୍‌ରେ ଫିଲାଣ୍ଡରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ବେଙ୍ଗଲ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନ ମାତ୍ର ୧୩ ରନ କରି କାଗିସୋ ରାବାଡ଼ାଙ୍କ ବଲ୍‌ରେ ମାରକ୍ରାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

### ପଞ୍ଚାଲ, ସିଦ୍ଧେଶ, ଭରତଙ୍କ ଅର୍ଦ୍ଧଶତକ

ପଞ୍ଚାଲ ୬୦ ରନର ଉପଯୋଗୀ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ୭୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ପଞ୍ଚାଲ ଫିଲାଣ୍ଡରଙ୍କ ବଲ୍‌ରେ ଡୁପ୍ଲେସିଙ୍କୁ କ୍ୟାଚ ଦେଇଥିଲେ। ଅଭିଜ୍ଞ କରୁନ ନାୟାର ମହାରାଜଙ୍କ ବଲ୍‌ରେ କ୍ଲାସେନଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୧୯ ରନ ସଂଗ୍ରହ କରିଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ଦ୍ରୁତଗତିରେ ରନ୍ ସଂଗ୍ରହ କରି ୫୭ଟି ବଲ୍‌ରୁ ୭ ଚୌକା ଓ ୫ଟି ଛକା ସହ ୭୧ ରନ କରି ମହାରାଜଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଜଲାଜ ସାକସେନା ୨ରନ କରି ଆଉଟ ହୋଇଥିବା ବେଳେ ଧର୍ମେନ୍ଦ୍ର ସିନ୍ ଜାଡେଜା ଖାତା ଖୋଲିପାରି ନ ଥିଲେ। ତେବେ ମୁମ୍ବାଇ ବ୍ୟାଟ୍ସମ୍ୟାନ ସିଦ୍ଧେଶ ଲାଡ ୮୯ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଷଷ୍ଠ ଉଇକେଟ ଯୋଡିରେ ଭରତ ଓ ଲାଡ ୨୦ ଓଭରରେ ୧୦୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ମହାରାଜ ସର୍ବାଧିକ ୩, ଫିଲାଣ୍ଡର ୨, ରାବାଡ଼ା, ଡେନ ପିଟ୍ ଓ ସେନୁରାନ ମୁଥୁସାମି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୯୯/୫ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଟେମ୍ବା ବଭୁମା ୫୫ ରନରୁ ଖେଳ ଆରମ୍ଭ କରି ୮୭ ରନର ଉପଯୋଗୀ ଇନିଂସ ଖେଳି ଅପରାଜିତ ରହିଥିଲେ। ଫିଲାଣ୍ଡର ୪୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ ଓ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୨୭୯ ରନ କରି ଇନିଂସ ଘୋଷଣା କରିଥିଲା। ବୋଲିଂରେ ବୋର୍ଡ ସଭାପତି ଏକାଦଶ ତରଫରୁ ସ୍ପିନର ଧର୍ମେନ୍ଦ୍ରସିନ୍ ଜାଡେଜା ୩, ଉମେଶ ଯାଦବ ଓ ଇଶାନ ପୋରେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ୱେଷ୍ଟଇଣ୍ଡିଜ୍ ଗସ୍ତ

## ଜୁନିୟର ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ୱେଷ୍ଟଇଣ୍ଡିଜ ଗସ୍ତ ଅବସରରେ ଭାରତୀୟ କ୍ରିକେଟର ଦଳରେ ଜଣେ ଜୁନିୟର ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆସିଥିଲା। ଆଣ୍ଟିଗୁଆରେ ଜଣେ ମହିଳା ହୋଟେଲ କର୍ମଚାରୀଙ୍କୁ ସମ୍ପୃକ୍ତ ସଦସ୍ୟ ଜଣକ ଦୁର୍ବ୍ୟବହାର କରିଥିଲେ। ଆଣ୍ଟିଗୁଆରେ ଅଗଷ୍ଟ ୨୨ରୁ ୨୬ ତାରିଖ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଏହି ଘଟଣା ସାମ୍ନାକୁ ଆସିଥିଲା। ତେବେ ଚିହ୍ନି ନ ପାରିବା କାରଣରୁ ଏଭଳି ଘଟଣା ଘଟିଥିଲା ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି । ପୂର୍ବତନ ଟିମ୍ ମ୍ୟାନେଜର ସୁନୀଲ ସୁବ୍ରମନିୟମ ସେପ୍ଟେମ୍ବର ୨୫ ତାରିଖରେ ଏ ସଂକ୍ରାନ୍ତରେ ପ୍ରଶାସକ କମିଟି (ସିଓଏ)କୁ ଇମେଲ୍ ଜରିଆରେ ପ୍ରଥମେ ଅଭିଯୋଗ ଆଣିଥିଲେ। ପରେ ସୁନୀଲ ତାଙ୍କର ଏହି ଅଭିଯୋଗକୁ ପ୍ରତ୍ୟାହାର କରିନେଇଥିଲେ। ସମ୍ପୃକ୍ତ ସଦସ୍ୟାଙ୍କୁ ଏ ନେଇ ପଚରାଉଚାର କରାଯିବା ଉଚିତ ବୋଲି ସେ କହିଥିଲେ।

# ‘ରୋହିତ ମୋ ଭୁଲ ଦୋହରାଇବା ଉଚିତ ନୁହଁ’

**ନୂଆଦିଲ୍ଲୀ,୨୮।୯(ପି.ଟି.)**



ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କୁ ଏବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଇନିଂସ ଓପନ କରାଇବାକୁ ସୁଯୋଗ ଦେଇଛି। ତେବେ ଏ ସଂକ୍ରାନ୍ତରେ ପୂର୍ବତନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ତାଙ୍କୁ କେତୋଟି ପରାମର୍ଶ ଦେଇଛନ୍ତି। ରୋହିତ ମୋ ଭୁଲ ଦୋହରାଇବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଖେଳିବା ସମୟରେ ମୋତେ ମଧ ଇନିଂସ ଓପନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ଟେକ୍‌ନିକ୍‌ରେ ପରିବର୍ତ୍ତନ ଆଣିଥିଲି। ତେବେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ଏବେ ସେ ଭୁଲ ନ ଦୋହରାନ୍ତୁ ବୋଲି ଲକ୍ଷ୍ମଣ କହିଛନ୍ତି।

୧୯୯୬ରୁ ୯୮ ମଧ୍ୟରେ ଲକ୍ଷ୍ମଣଙ୍କୁ ଇନିଂସ ଓପନ କରିବାକୁ ଏକପ୍ରକାର ବାଧ କରାଯାଇଥିଲା। ଯଦିଓ ସେ ଜଣେ ସ୍ପେଶାଲିଷ୍ଟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ରୂପେ ସଫଳତା ପାଇଥିଲେ। ତେବେ ଏହା କାମ ଦେଇ ନ ଥିଲା। ତେବେ ରୋହିତଙ୍କ ପାଖରେ ଯଥେଷ୍ଟ ଅଭିଜ୍ଞତା ରହିଛି। କିନ୍ତୁ ସେତେବେଳେ ମୋ ପାଖରେ ଅଭିଜ୍ଞତା ନ ଥିଲା। ମାତ୍ର ୪ଟି ଟେଷ୍ଟ ଖେଳିବା ପରେ ମୋତେ ଇନିଂସ ଓପନ୍ କରିବାକୁ କୁହାଯାଇଥିଲା। କିନ୍ତୁ ରୋହିତ ଏବେ ସୁଦ୍ଧା ୧୨ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ ଖେଳିସାରିଲେଣି। ସେ ଏବେ ପରିପକ୍ୱ ହେବା ସହ ବେଶ୍ ଅଭିଜ୍ଞତା ମଧ ହାସଲ କରି ସାରିଛନ୍ତି। ସେ ମଧ ଭଲ ଫର୍ମରେ ରହିଛନ୍ତି ବୋଲି ଲକ୍ଷ୍ମଣ ପୂର୍ବତନ କ୍ରିକେଟର ଦୀପ ଦାସଗୁପ୍ତାଙ୍କୁ ସାକ୍ଷାତକାର ଦେବା ସମୟରେ କହିଛନ୍ତି। ଦୀପଙ୍କ ୟୁଟ୍ୟୁବ୍ ଚ୍ୟାନେଲ ‘ଡିପ୍ ପଏଣ୍ଟ’କୁ ସେ ସାକ୍ଷାତକାର ଦେବା ଅବସରରେ ରୋହିତଙ୍କୁ ଲକ୍ଷ୍ମଣ ଏହି ପରାମର୍ଶ ଦେଇଛନ୍ତି। ଇନିଂସ ଓପନ୍ କଲାବେଳେ ଟେକନିକ୍‌ରେ ପରିବର୍ତ୍ତନ ଆଣିଥିଲି। ତେବେ ଏହା ଦ୍ୱାରା ଲୟ ହରାଇଥିଲି ବୋଲି ଲକ୍ଷ୍ମଣ କହିଛନ୍ତି। ତେବେ ମିଡଲ ଅର୍ଡରରେ ବ୍ୟାଟିଂ କରି ବେଶ୍ ସଫଳ ହୋଇଥିଲି। ୩ ହେଉ କି ୪ ନମ୍ବରରେ ବହୁତ ରନ୍ ସଂଗ୍ରହ କରିଥିଲି। ଲକ୍ଷ୍ମଣ ୧୩୪ଟି ଟେଷ୍ଟ ଖେଳି ୮୭୮୧ ରନ ସଂଗ୍ରହ କରିଥିଲେ।

ଜଣେ ବ୍ୟାଟ୍ସମ୍ୟାନ ତାଙ୍କ ସ୍ୱାଭାବିକ ଖେଳରେ ପରିବର୍ତ୍ତନ ଆଣିବା ଉଚିତ ନୁହଁ। ଏପରି କଲେ ବ୍ୟାଟ୍ସମ୍ୟାନ ଲୟ ହରାଇଥାନ୍ତି ଓ ଆଶାନୁରୂପ ସଫଳତା ପାଇ ନ ଥାନ୍ତି। ରୋହିତ ରିଦିମ ବା ତାଳରେ ଖେଳିଥାନ୍ତି। ଯଦି ସେ ଟଚ୍ ହରାନ୍ତି ତାହାଲେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଲକ୍ଷ୍ମଣ କହିଛନ୍ତି। ମନୋଭାବ ବା ମାଇଣ୍ଡସେଟ୍‌ରେ ସାମାନ୍ୟ ପରିବର୍ତ୍ତନ ହେଲେ ଅବଶ୍ୟ ଚଳିବ। କିନ୍ତୁ ମୌଳିକ ଟେକ୍‌ନିକ୍‌ରେ କୌଣସି ପରିବର୍ତ୍ତନ ହେବା ଉଚିତ ନୁହଁ। ଅଫ୍ ଷ୍ଟମ୍ପ ବାହାରର ବଲକୁ ଖେଳିବା ଅନାବଶ୍ୟକ। ଦେହଠାରୁ ଦୂରରେ ଯାଉଥିବା ବଲ୍‌କୁ ମଧ ଖେଳିବା ଉଚିତ ନୁହଁ। ପୁଣି ବାଉନ୍ସର ବଲ୍‌ଗୁଡିକୁ ଛାଡି ଦେବା ମଧ ଦରକାର। ମାନସିକ ଭାବେ ଶୃଙ୍ଖଳିତ ହେବା ମଧ ଜରୁରୀ।

ଭାରତୀୟ ପରିବେଶ ଓ ପିଚ୍‌ରେ ଇନିଂସ ଓପନ କରିବାକୁ ଯାଉଥିବାରୁ ରୋହିତ ଫାଇଦାରେ ରହିବେ। ନୂଆ ଉଇକେଟ ଓ ବ୍ୟାଟିଂ ଉପଯୋଗୀ ଉଇକେଟରେ ଇନିଂସ ଓପନ କରିବା ସେତେଟା କଷ୍ଟକର ହୋଇ ନ ଥାଏ। ତେବେ ସମୟ ବଢିବା ଅନୁସାରେ ଉଇକେଟରେ ପରିବର୍ତ୍ତନ ଆସିଥାଏ ଓ ସେତେବେଳେ ରିଭର୍ସ ସୁଇଂ ଏବଂ ସ୍ପିନ୍ ହେଉଥିବା ବଲ୍‌କୁ ଖେଳିବା କଷ୍ଟକର ହୋଇଥାଏ। ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ଟି ଟେଷ୍ଟ ମ୍ୟାଚ୍‌ରେ ରୋହିତ ଇନିଂସ ଓପନ୍ କରିବେ ବୋଲି ଚୟନକର୍ତ୍ତା ଘୋଷଣା କରିଛନ୍ତି। ଏହା ଖୁସିର କଥା ବୋଲି ଲକ୍ଷ୍ମଣ କହିଛନ୍ତି।

କାଗିସୋ ରାବାଡ଼ାଙ୍କୁ ବାଦ୍ ଦେଲେ ଦକ୍ଷିଣ ଆଫ୍ରିକା ବୋଲିଂ ସେତେଟା ପ୍ରଭାବୀ ସାବ୍ୟସ୍ତ ହେବନାହିଁ । ଫଳରେ ରୋହିତଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ ଓ ସେ ଲମ୍ବା ଇନିଂସ ଖେଳିପାରିବେ। ଗତ ୬ କିମ୍ବା ୭ଟି ଟେଷ୍ଟରେ ରୋହିତଙ୍କ ହାରାହାରି ରନ୍ ସଂଗ୍ରହ ୫୦। ଟେଷ୍ଟରେ କ୍ୟାରିୟର ସ୍ଥିରତା ରହି ନ ଥିବାରୁ ରୋହିତ ନିଜର ଦକ୍ଷତା ଅନୁରୂପ ଖେଳିପାରି ନାହାନ୍ତି।

## ଖେଲୋ ଇଣ୍ଡିଆ ଆଥ୍‌ଲେଟଙ୍କ ଲାଗି ୭.୮୭ କୋଟି ଟଙ୍କା ମଞ୍ଜୁରୀ

**ନୂଆଦିଲ୍ଲୀ, ୨୮।୯ (ପିଟି)**

ଖେଲୋ ଇଣ୍ଡିଆର ୨,୬୨୫ ଆଥ୍‌ଲେଟଙ୍କ ଆଉଟ ଅଫ୍ ପକେଟ ଭତ୍ତା ବାବଦକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଶନିବାର ୭.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଖେଲୋ ଇଣ୍ଡିଆ ଟ୍ୟାଲେଣ୍ଟ ଡେଭଲପମେଣ୍ଟ ଯୋଜନା ଅନୁଯାୟୀ, ଚୟନ ହୋଇଥିବା ଆଥ୍‌ଲେଟଙ୍କୁ ଦେଶର ବିଭିନ୍ନ ଏକାଡେମୀ ଓ ବିଦେଶରେ ଟ୍ରେନିଂ ଦିଆଯିବ। ତୃଣମୂଳ ସ୍ତରରୁ ଚିହ୍ନଟ ହୋଇଥିବା ଟ୍ୟାଲେଣ୍ଟଙ୍କୁ ସରକାରଙ୍କ ସହାୟତାରେ ଉଚିତ ଟ୍ରେନିଂ ପ୍ରଦାନ କରାଯାଏ। ମଞ୍ଜୁର ହୋଇଥିବା ଅର୍ଥ ଚଳିତ ବର୍ଷ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ଆଥ୍‌ଲେଟ ୧୦ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯିବ। ମୋଟ ୨,୬୨୫ଙ୍କ ମଧ୍ୟରୁ ୧୩୧୨ ଆଥ୍‌ଲେଟ ଖେଲୋ ଇଣ୍ଡିଆ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଆଉଟ ଅଫ୍ ପକେଟ ଭତ୍ତା ଦେବା ବ୍ୟତୀତ ଚିହ୍ନଟ ହୋଇଥିବା ପ୍ରତିଭାସମ୍ପନ୍ନ ଆଥ୍‌ଲେଟଙ୍କୁ କୋଚିଂ, ଡାଏଟିଂ, ଲଜିଂ, ଶିକ୍ଷା, ଆହତ ସମସ୍ୟାରୁ ବର୍ତ୍ତିବାର ଉପାୟ ଜାଣିବାକୁ ସୁଯୋଗ ଦିଆଯାଉଛି। ଖେଲୋ ଇଣ୍ଡିଆ ଏକାଡେମୀର ପ୍ରତ୍ୟେକ ଆଥ୍‌ଲେଟଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍କଲାରଶିପ ମିଳେ। ଏଥିମଧ୍ୟରୁ ୧.୨ ଲକ୍ଷ ଆଥ୍‌ଲେଟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଏ।

# ମୁମ୍ବାଇକୁ ହରାଇଲା ଛତିଶଗଡ଼



ସୂର୍ଯ୍ୟକୁମାର ଯାଦବ

**ବେଙ୍ଗାଲୁରୁ,୨୮।୯ (ପିଟି)**

ଚଳିତ ବିଜୟ ହଜାରେ ଟ୍ରଫିରେ ଶନିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ଛତିଶଗଡ଼ ହରାଇ ଦେଇଛି। ଆଉ ଏକ ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କ ଶତକ ବଳରେ କର୍ଣ୍ଣାଟକ କେରଳକୁ ହରାଇ ଦେଇଛି। ଅଲୁର କ୍ରିକେଟ ଷ୍ଟାଡିୟମଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୫ ଉଇକେଟ ହରାଇ ୩୧୭ ରନ୍ କରିଥିଲା। ଦଳ ପାଇଁ ଆଦିତ୍ୟ ତାରେ ୯୦, ସୂର୍ଯ୍ୟକୁମାର ଯାଦବ ୮୧ ଓ ଅଧିନାୟକ ଶ୍ରେୟାସ ଆୟାର ୫୦ ରନ୍ କରିଥିଲେ। ଜବାବରେ ଅମନଦୀପ ଖାରେଙ୍କ ୧୦୭ ରନ୍‌ର ବିସ୍ଫୋରକ ଶତକ ବଳରେ ଛତିଶଗଡ଼ ଗୋଟିଏ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ଫଳରେ ଛତିଶଗଡ଼ ସମ୍ପୂର୍ଣ୍ଣ ୪ ପଏଣ୍ଟ ହାସଲ କରିଛି।

### ରାହୁଲଙ୍କ ଶତକ

ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ରାହୁଲଙ୍କ ୧୩୧ (୧୦ ଚୌକା, ୪ ଛକା)ରନ୍ ଯୋଗୁ କର୍ଣ୍ଣାଟକ ୨୯୪ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟକ ମନୀଷ ପାଣ୍ଡେ ୫୦ ରନ୍ କରିଥିଲେ। ୨୯୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା କେରଳ ବିଷ୍ଣୁ ବିନୋଦ ୧୦୪ ଓ ସଞ୍ଜୁ ସାମସନଙ୍କ ୬୭ ରନ୍‌ର ଇନିଂସ ସତ୍ତ୍ୱେ ୨୩୪ ରନ୍‌ରେ ସୀମିତ ରହିଥିଲା। ଫଳରେ କର୍ଣ୍ଣାଟକ ୬୦ ରନ୍‌ରେ ବିଜୟୀ ହୋଇ ୪ ପଏଣ୍ଟ ହାତେଇଛି। ଅନ୍ୟ ଏକ ମ୍ୟାଚରେ ହାଇଦ୍ରାବାଦ ୧୨୧ ରନ୍‌ର ବୃହତ୍ ବ୍ୟବଧାନରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଅମ୍ବାତି ରାୟୁଡୁଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ୍ ୫ ଉଇକେଟ ହରାଇ ୨୫୨ ରନ୍ କରିଥିଲା। ଜବାବରେ ସୌରାଷ୍ଟ୍ର ୧୩୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

# ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ନୟାପଲ୍ଲୀସ୍ଥିତ ମମତାଜ ଅଲି ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଶନିବାର ନରେନ୍ଦ୍ର ଜେନା ମେମୋରିଆଲ ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହେବ। ଏଥିରେ ପୁରୁଷ ବିଭାଗରେ ୬ ଓ ମହିଳା ବିଭାଗରେ ୪ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ସର୍ବଭାରତୀୟ ଫୁଟ୍‌ବଲ ଟେନିସର ସମ୍ପାଦକ ପି. ସୁଗୁମାରନ, ଉପସଭାପତି ସହଦେବ ରାଉତ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସିଟି କ୍ଲବର ସମ୍ପାଦକ ପ୍ରଦୀପ ରାଉତରାୟ, ଆନ୍ତର୍ଜାତିକ କ୍ରୀଡ଼ା ପରିଚାଳକ ସୁନିତା ପାତ୍ରଙ୍କ ସମେତ ବିଭିନ୍ନ ପ୍ରଦେଶରୁ ଆସିଥିବା ଅଫିସିଆଲମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ। ସୁଜିତ ପାତ୍ର, ପଞ୍ଚାନନ ବଳ, ଆନ୍ନା କେରକେଟା, ରଶ୍ମିତା ମହାନ୍ତି, ସୁଦାମ ଚରଣ ମିଶ୍ର ଓ ସଞ୍ଜୟ କୁମାର ମଲିକ ଖେଳ ପରିଚାଳନା କରିଥିଲେ। ମମତାଜ ଅଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଲିଲ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ ଅବସରରେ ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

# ଗୁରଜିତ୍‌ଙ୍କ ଗୋଲ ଭାରତକୁ ଜିତାଇଲା

**ମାରଲୋ,୨୮।୯**




ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଖେଳାଳିମାନେ।

ଏଠାରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଶନିବାର ଖେଳାଯାଇଥିବା ମହିଳା ହକି ମ୍ୟାଚ୍‌ରେ ଗୁରଜିତ୍ କୌରଙ୍କ ଗୋଲ ଭାରତୀୟ ଦଳକୁ ବିଜୟ ଆଣି ଦେଇଛି। ଏକଦା ଭାରତ ୦-୧ ଗୋଲରେ ପଛୁଆ ଥିଲା। ହେଲେ ଶର୍ମିଳା ଦେବୀ ଓ ଗୁରଜିତ୍‌ଙ୍କ ଗୋଲ ଯୋଗୁ ଭାରତ ମ୍ୟାଚ୍‌କୁ ୨-୧ ଗୋଲରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଭାରତ ନିୟନ୍ତ୍ରଣରେ ରହିଥିଲା। ପ୍ରଥମ ୫ ମିନିଟ୍‌ରେ ଟିମ୍ ଇଣ୍ଡିଆ ଦୁଇଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ଯାହା ବେକାର ଯାଇଥିଲା। ଏହାପରେ ଘରୋଇ ଗ୍ରେଟ୍ ବ୍ରିଟେନ ଖେଳାଳିମାନେ ଭାରତୀୟ ଗୋଲ ପୋଷ୍ଟ ଉପରେ ଘନ ଘନ ଆକ୍ରମଣ କରିଥିଲେ। ମାତ୍ର କିପର ସବିତା ପୁନିଆ ସଫଳତାର ସହ ବଲ ରୋକିଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ମ୍ୟାଚ୍‌ର ୪୬ତମ ମିନିଟ୍‌ରେ ଗ୍ରେଟ୍ ବ୍ରିଟେନ ପକ୍ଷରୁ ଇମିଲି ଡେଫ୍ରେଣ୍ଡ ଗୋଲ ସ୍କୋର କରିଥିଲେ। ଭାରତ ପାଇଁ ଶର୍ମିଳାଙ୍କ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଭାରତ ଏକ ଶର୍ଟ କର୍ଣ୍ଣର ପାଇଥିଲା। ଯାହାକୁ ଗୁରଜିତ୍ ଗୋଲରେ ପରିଣତ କରି ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରବିବାର ଖେଳାଯିବ।

# ଗିରଫ ହେଲେ ପିଏମ୍ଆର୍ୱାଇ ଉପଭୋକ୍ତା

**ଆସିକା,୨୮।୯(ଡି.ଏନ୍.ଏ.)**

ଆସିକା ପୋଲିସ ଶନିବାର ୫ଜଣ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋରଞ୍ଜନ ପଣ୍ଡା, ଏଲ୍. ପ୍ରସାଦ ରାଓ ଆଚାରୀ, ଦୁର୍ଗାପ୍ରସାଦ ପାଣିଗ୍ରାହୀ, କୁନା ସାହୁ ଓ ଚନ୍ଦ୍ର ଶେଖର ବେହେରା। ଗିରଫ ଅଭିଯୁକ୍ତମାନେ ସମସ୍ତେ ଆସିକା ଏନ୍ଏସି ଅଞ୍ଚଳର ବୋଲି ଜଣାପଡିଛି। ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା (ପିଏମ୍ଆର୍ୱାଇ)ରେ ଅଭିଯୁକ୍ତମାନେ ଋଣ ନେଇ ପରିଶୋଧ କରି ନ ଥିଲେ। ଏପରିକି ଏହି ଋଣ ଆଦାୟ ଲାଗି ନିଯୁକ୍ତ (ଓଡିଶା ପବ୍ଲିକ୍ ଡିମାଣ୍ଡ୍ ରିକଭର୍ ଆକ୍ଟ-୧୯୬୨) ବ୍ରହ୍ମପୁର ସ୍ୱତନ୍ତ୍ର ଅଦାଲତର ଅଧିକାରୀ ତଥା ବ୍ରହ୍ମପୁର ଉପଜିଲାପାଳଙ୍କ ପକ୍ଷରୁ ଅଭିଯୁକ୍ତମାନଙ୍କୁ ରୀତିମତ ନୋଟିସ୍ କରାଯାଉଥିଲେ ମଧ୍ୟ ସେମାନେ ସମ୍ପୃକ୍ତ ଅଦାଲତରେ ହାଜର ହେଉ ନ ଥିଲେ। ଅଦାଲତ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ ଲାଗି ଜାରି ଜାମିନ୍‌ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା ଏହାବଳରେ ପୋଲିସ ଗିରଫ କରି ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ବଜ୍ରପାତରେ ଛେଳି ଚରାଳିଙ୍କ ମୃତ୍ୟୁ

**ଭଞ୍ଜନଗର,୨୮।୯(ଡି.ଏନ୍.ଏ.)**

ଭଞ୍ଜନଗର ଥାନା ଡୁମାକୁମ୍ପାରେ ଶନିବାର ଅପରାହ୍ଣରେ ବଜ୍ରପାତରେ ଜଣେ ଛେଳିଚରାଳି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଅମୂଲ୍ୟ ଗୌଡ (୨୭)। ଏଥିସହ ଜୁରିଆ ଗୌଡ (୫୯) ଗୁରୁତର ଆହତ ହୋଇଛନ୍ତି। ଜୁରିଆଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଖବରପାଇ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅମୂଲ୍ୟଙ୍କ ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅମୂଲ୍ୟ ଓ ଜୁରିଆ ଗ୍ରାମ ନିକଟରେ ଛେଳି ଚରାଉଥିଲେ। ଅପରାହ୍ଣ ପ୍ରାୟ ୨ଟାବେଳେ ବଜ୍ରପାତ ହୋଇଥିଲା। ଏଥିରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ଆଣିଥିଲେ। ମେଡିକାଲରେ ଅମୂଲ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପୋଡ଼ିହୋଇ ୪ ବର୍ଷର ଶିଶୁ ଗୁରୁତର

**ଭଞ୍ଜନଗର,୨୮।୯(ଡି.ଏନ୍.ଏ.)**

ଭଞ୍ଜନଗର ଥାନା ଗୁରାବାଡିରେ ଶନିବାର ଚୁଲି ନିଆଁରେ ପୋଡି ହୋଇ ଜଣେ ୪ବର୍ଷର ଶିଶୁ ଗୁରୁତର ହୋଇଛନ୍ତି। ସେ ହେଲେ ପବିତ୍ର ଗୌଡ। ଦିନ ପ୍ରାୟ ୧୧ଟାରେ ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ନିଆଯାଇଛି। ପ୍ରକାଶ ଯେ, ରବୀନ୍ଦ୍ର ଗୌଡଙ୍କ ପୁଅ ପବିତ୍ର ଚୁଲି ନିକଟରେ ଏକୁଟିଆ ଖେଳୁଥିବାବେଳେ ହଠାତ୍ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଶିଶୁଟି କାନ୍ଦିବାରୁ ପରିବାର ଲୋକେ ଆସି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ଆଣିଥିଲେ। ଏଠାରେ ଆବଶ୍ୟକ ଚିକିତ୍ସା ସୁବିଧା ନ ଥିବା ଯୋଗୁ ତୁରନ୍ତ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ନିଆଯାଇଛି।

## ପୁରୀସ୍ଥିତ ଘୁମୁସର ମଠର ସୁରକ୍ଷା ପାଇଁ ଦାବି

**ଭଞ୍ଜନଗର,୨୮।୯(ଡି.ଏନ.ଏ)**

ଭଞ୍ଜ ରାଜବଂଶ ପକ୍ଷରୁ ପୁରୀରେ ସ୍ଥାପିତ ହୋଇଥିବା ଘୁମୁସର ମଠକୁ ବର୍ତ୍ତମାନ ସରକାର ହାତକୁ ନେବାପାଇଁ ଦାବି ଉଠିଛି। ଏନେଇ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ, ସାହିତ୍ୟିକ ପ୍ରମୁଖ ଓଡ଼ିଶା ସରକାରଙ୍କ ବିଧିବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। କବିସମ୍ରାଟ ସାହିତ୍ୟ ସଂସଦ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ଦସ୍ତଖତ ଅଭିଯାନ ହୋଇଛି। ସୂଚନାଯୋଗ୍ୟ ଯେ, ସରକାର ବର୍ତ୍ତମାନ ପୁରୀ ମନ୍ଦିର ଚାରିପାଖରୁ ଜବରଦଖଲ ଉଚ୍ଛେଦ କରୁଛନ୍ତି। ଏଥିରେ ଅନେକ ମଠ ମଧ୍ୟ ଉଚ୍ଛେଦ ହୋଇଛି। କିନ୍ତୁ ପୁରୀ ସହର ବେଷ୍ଟ ସାହିରେ ଥିବା ଘୁମୁସର ମଠ ଉଚ୍ଛେଦ ହେବ ନାହିଁ । ତେଣୁ ଭଞ୍ଜ ରାଜବଂଶର ସ୍ମୃତି ଭାବେ ଉକ୍ତ ମଠକୁ ସରକାର ହାତକୁ ନେଇ ତାହାର ସୁରକ୍ଷା ଓ ପୁନରୁଦ୍ଧାର କରିବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ